# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜାନୁୟାରୀ ୨୨/୨୦୧୯ (୨୦ ପୃଷ୍ଠା) | Bhubaneswar, Tuesday, January 22/ 2019 | ★★★★★★

୪୫ଶ ଭାଗ ୬୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**କ୍ୟାରିୟରକୁ ପ୍ରଭାବିତ କରେନାହିଁ ବୟସ**

ମହିଳାଙ୍କ ବୟସ ଅଥବା ଜୀବନର ପର୍ଯ୍ୟାୟ ସେମାନଙ୍କ କ୍ୟାରିୟରକୁ ପ୍ରଭାବିତ କରେନାହିଁ ବୋଲି ବଲିଉଡ୍ ଅଭିନେତ୍ରୀ କରିନା କପୁର ପ୍ରକାଶ କରିଛନ୍ତି।

୦୮

୧୯

**ଜୋକୋଭିଚ୍ କ୍ୱାର୍ଟରରେ**

ସର୍ବୋଚ୍ଚ ଖେଳାଳି ନୋଭାକ ଜୋକୋଭିଚ୍ ଅଷ୍ଟ୍ରେଲିଆନ ଓପନ୍ ଟେନିସ୍ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି।



# ଦୁର୍ଘଟଣାରେ ୯ଜଣଙ୍କ ମୃତ୍ୟୁ

## କୁହୁଡ଼ି ନେଲା ୭ ଜୀବନ

**ପାରାଦୀପ/ଡେରାବିଶ (ସ୍ୱ.ପ୍ର.)/ ରାଜନଗର/ ରଘୁନାଥପୁର,୨୧।୧( ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ପାଇଁ ଅଶୁଭ ପାଲଟିଛି ୨୦୧୯। ନୂଆବର୍ଷ ଆରମ୍ଭରୁ ହିଁ ଜିଲାରେ ଏକାଧିକ ଦୁର୍ଘଟଣା ଘଟି ୧୫ ଲୋକଙ୍କ ଜୀବନ ଯାଇଥିବା ବେଳେ ସୋମବାର ସକାଳୁ କୁହୁଡ଼ି ୭ଜଣଙ୍କ ଜୀବନ ନେଇଛି ଓ ୬ଜଣ ଗୁରୁତର ହୋଇଛନ୍ତି। କଟକ-ଚାନ୍ଦବାଲି ରାସ୍ତାର କାକଟିଆଠାରେ ବୋଲେରୋ ଓ ଟ୍ରକ୍ ମଧ୍ୟରେ ଧକ୍କା ହେବାରୁ ୪ଜଣଙ୍କ ଜୀବନ ଯାଇଥିବା ବେଳେ ୪ଜଣ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସେହିପରି ପାରାଦୀପ ଲକ୍ ଥାନା ଅନ୍ତର୍ଗତ ୫ନଂ.(କ) ଜାତୀୟ ରାଜପଥର ହାତୀ ତେଲଟାଙ୍କୀ ପାଖରେ ବାଇକ୍‌କୁ ଟ୍ରକ୍ ଧକ୍କା ଦେବାରୁ ୨ଜଣଙ୍କ ପ୍ରାଣହାନି ଘଟିଛି। ଅନୁରୂପ ଭାବେ ତିର୍ତ୍ତୋଲ ଥାନା ଜଇପୁର-ଜଗତ୍‌ସିଂହପୁର ରାସ୍ତାର ରାହାଡ଼ିଙ୍ଗା ବଜାର ନିକଟରେ ଗଛରେ ସ୍କୁଟି ପିଟି ହୋଇ ଜଣେ ଛାତ୍ରଙ୍କ ମୃତ୍ୟୁ ହୋଇଛି। ସେ ହେଲେ କୃଷ୍ଣାନନ୍ଦପୁର ପଞ୍ଚାୟତ ନଦାମହଲା ଦଣ୍ଡାସାହିର ମିର ଏବାର ଅହମ୍ମଦଙ୍କ ପୁଅ ମିର ଆରିଫ। ଏହି ଦୁର୍ଘଟଣାରେ ତାଙ୍କ ମା ସରଫୁନ୍ ବିବି ଓ ସାନଭାଇ ମିର ଆକିଫ୍ ଅହମ୍ମଦ(୧୫) ଗୁରୁତର ହୋଇଛନ୍ତି।

କାକଟିଆ ଦୁର୍ଘଟଣାର ମୃତକମାନେ ହେଲେ ରାଜନଗର ବ୍ଲକ ଓସ୍ତିଆ ପଞ୍ଚାୟତ ବାଲିକଣା ଗ୍ରାମର ଭଗବତୀ ରାଉତ (୪୦), ଭଗବାନପୁର ଗ୍ରାମର ସୁବ୍ରତ ବେହେରା (୨୨), ରାଜପୁର ଗ୍ରାମର ବିଭୂତି ଭୂଷଣ ରାଉତ (୨୫) ଏବଂ ବନ୍ଧପଡ଼ା ପଞ୍ଚାୟତ କଣ୍ଡିଆ ଗ୍ରାମର ଅମର କୁମାର ବଳ। ୪ଜଣ ଗୁରୁତରଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ ବାଲିକଣା ଗ୍ରାମର ସୁବାସ ଚନ୍ଦ୍ର ରାଉତ, ସୁଶାନ୍ତ ରାଉତ, ଟୁନି ରାଉତ ଓ ପଟ୍ଟାମୁଣ୍ଡାଇ ବ୍ଲକ ଚନ୍ଦନଗର ଅଞ୍ଚଳ ପ୍ରତାପ ମହାକୁଡ଼(୩୨)। ସେହିଭଳି ହାତୀ ତେଲଟାଙ୍କୀ ଦୁର୍ଘଟଣାରେ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଡିଖିରି ଗ୍ରାମର ତପନ ସାହୁ ଓ ଅଞ୍ଜନ ଦାସଙ୍କ ମୃତ୍ୟୁ ଘଟିଛି।

କଟକ ରେଲୱେ ଷ୍ଟେଶନରୁ ମୁମ୍ବାଇ ଯିବା ପାଇଁ ସୁବ୍ରତଙ୍କ ବୋଲେରୋ (ନଂ. ଓଡ଼ି-୨୯-ଡି-୫୩୮୮) ରେ ସୋମବାର ଭୋରରୁ ବିଭୂତି, ସୁବାସ, ☞ ପୃଷ୍ଠା-୪

## ଓଲଟିଲା ବସ୍: ୨ ମୃତ



- ୧୦ ଆହତ
- ମରାମତି ପାଇଁ ରାସ୍ତା ଉପରେ ଗଦା ହୋଇଥିବା ବାଲିରେ ଚଢ଼ିଯାଇଥିଲା ବସ୍
- ବାଲିଗଦା ଚିହ୍ନଟ ପାଇଁ ବ୍ୟବସ୍ଥା ହୋଇ ନ ଥିଲା

**କଟକ ଅଫିସ/ ଚୌଦ୍ୱାର,୨୧।୧(ଡି.ଏନ୍.ଏ.)**

୫୫ ନମ୍ବର ଜାତୀୟ ରାଜପଥ(ଏନ୍‌ଏଚ୍)ର ଚୌଦ୍ୱାର କଜଳକଣା ନିକଟରେ ସୋମବାର ଅପରାହ୍ନ ୫ଟାରେ ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏକ ଟ୍ରକକୁ ଓଭରଟେକ୍ କରିବାକୁ ଯାଇ ବସ୍‌ଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ବସ୍‌ର ହେଲ୍‌ପର ସମେତ ୨ ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ୧୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ଆହତମାନେ ଏସ୍‌ସିବି ମେଡିକାଲ ଓ କଟକର କେତେକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି।

ସୂଚନାଥାଉକି, ସୋମବାର ଅପରାହ୍ନରେ କଟକରୁ ୪୫ ଜଣ ଯାତ୍ରୀଙ୍କୁ ନେଇ ନୀଳକଣ୍ଠ (ଓଆର୍‌୦୫ବି-୮୪୫୯) ନାମକ ଘରୋଇ ବସ୍ ଅନୁଗୋଳ ଯାଉଥିଲା। କଜଳକଣା ନିକଟ ସିଙ୍ଗିଲ୍‌ଜୋର ପାଖରେ ଏକ ଟ୍ରକକୁ ଉକ୍ତ ବସ୍‌ଟି ଓଭରଟେକ୍ କରିଥିଲା। ହେଲେ ରାସ୍ତାର ଡାହାଣ ପାର୍ଶ୍ୱରେ ଜାତୀୟ ରାଜପଥ ପକ୍ଷରୁ ରାସ୍ତା ମରାମତି ନିମନ୍ତେ ବାଲି ଗଦା ହୋଇଥିଲା। ବାଲି ଉପରେ ବସ୍‌ଟି ଚଢିଯିବା ଫଳରେ ବସ୍‌ଟି ବାମପଟକୁ ଓଲଟି ପଡ଼ିଥିଲା। ବସ୍‌ର ବାମପାର୍ଶ୍ୱ ଡୋର ନିକଟରେ ଛିଡ଼ା ହୋଇଥିବା ହେଲ୍‌ପରଙ୍କର ☞ ପୃଷ୍ଠା-୪

## ■ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ

# ୫.୪୮ ଲକ୍ଷ ନୂଆ ଭୋଟର

**ଭୁବନେଶ୍ୱର,୨୧।୧(ବ୍ୟୁରୋ)**



**ରାଜ୍ୟର ମୋଟ ଭୋଟର ୩,୧୮,୦୦,୭୮୭**

- ପୁରୁଷ: ୧,୬୩,୩୭,୩୧୦
- ମହିଳା: ୧,୫୪,୬୦,୫୪୫
- ତୃତୀୟ ଲିଙ୍ଗ: ୨୯୩୨
- ■ନୂଆ: ୫,୪୮,୪୫୪
- ■୧୮ରୁ ୧୯ ବର୍ଷ ବୟସର ଭୋଟର: ୫, ୪୫,୪୦୧
- ■ଦିବ୍ୟାଙ୍ଗ: ୧,୯୦,୦୩୭

୨୦୧୯ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଭାରତର ନିର୍ବାଚନ କମିଶନ ଓଡ଼ିଶା ପାଇଁ ଚୂଡ଼ାନ୍ତ ଭୋଟର ତାଲିକା ଘୋଷଣା କରିଥିବା ସୋମବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର ସୂଚନା ଦେଇଛନ୍ତି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କୁମାର କହିଛନ୍ତି ଯେ, ଓଡ଼ିଶାରେ ୫ଲକ୍ଷ ୪୮ ହଜାର ୪୫୪ ନୂଆ ଭୋଟର ସାମିଲ ହୋଇଛନ୍ତି। ରାଜ୍ୟର ମୋଟ ଭୋଟର ସଂଖ୍ୟା ୩ କୋଟି ୧୮ ଲକ୍ଷ ୭୮୭କୁ ବୃଦ୍ଧି ପାଇଛି। ସେଥିରୁ ମହିଳା ଭୋଟରଙ୍କ ସଂଖ୍ୟା ୧ କୋଟି ୫୪ ଲକ୍ଷ ୬୦ ହଜାର ୫୪୫ ଥିବାବେଳେ ପୁରୁଷ ଭୋଟରଙ୍କ ସଂଖ୍ୟା ୧ କୋଟି ୬୩ ଲକ୍ଷ ୩୭ ହଜାର ୩୧୦। ସେହିପରି ତୃତୀୟ ଲିଙ୍ଗ ଭୋଟରଙ୍କ ସଂଖ୍ୟା ରହିଛି ୨ ହଜାର ୯୩୨। ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମରେ ନାମ ସାମିଲ କରିବାକୁ ୧୨ ଲକ୍ଷ ୮ ହଜାର ୩୯୬ ଜଣ ଆବେଦନ କରିଥିବା ବେଳେ ସେଥିରୁ ୧୧ ଲକ୍ଷ ୯୮ ହଜାର ୮୧୯ ଜଣଙ୍କୁ ପଞ୍ଜୀକୃତ କରାଯାଇଛି। ସେହିପରି ତାଲିକାରୁ ୬ ଲକ୍ଷ ୫୦ ହଜାର ୩୬୫ ଜଣଙ୍କ ନାମ ବାଦ ଦିଆଯାଇଛି। ଫର୍ମ-୮ ଜରିଆରେ ଭୋଟର ତାଲିକା ସଂଶୋଧନ ପାଇଁ ଆବେଦନ କରାଯାଇଥିବା ୪ ଲକ୍ଷ ୬୮ ହଜାର ୪୨୦ଟି ଆବେଦନ ମଧ୍ୟରୁ ୪ ଲକ୍ଷ ୫୦ ହଜାର ୩୫୩ ଜଣଙ୍କ ସଂଶୋଧନ କରାଯାଇଛି।

୧୮ରୁ ୧୯ ବର୍ଷ ବୟସର ଭୋଟରଙ୍କ ସଂଖ୍ୟାରେ ମଧ୍ୟ ବୃଦ୍ଧି ଘଟିଛି। ଏହି ବର୍ଗର ଭୋଟରଙ୍କ ସଂଖ୍ୟା ପୂର୍ବରୁ ୧ ଲକ୍ଷ ୩୩ ହଜାର ୮୯୬ ଥିବା ବେଳେ ଏହା ୫ ଲକ୍ଷ ୪୫ ହଜାର ୪୦୧କୁ ବୃଦ୍ଧି ପାଇଛି। ପ୍ରଥମ ଥର ପାଇଁ ୧ଲକ୍ଷ ୯୦ ହଜାର ୩୭ ଜଣ ଦିବ୍ୟାଙ୍ଗ ଭୋଟର ତାଲିକାରେ ଚିହ୍ନଟ ହୋଇଛନ୍ତି । ଆସନ୍ତା ନିର୍ବାଚନରେ ସେହି ଭୋଟରମାନଙ୍କୁ ବିଶେଷ ସୁବିଧା ଯୋଗାଇ ଦେବାକୁ ଯୋଜନା କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ଭୋଟର ତାଲିକାରେ ୨୦୧୮ରେ ଫଟୋଥିବା ଭୋଟର ସଂଖ୍ୟା ୯୭.୭୯ ପ୍ରତିଶତ ଥିବାବେଳେ ୨୦୧୯ରେ ୯୮.୦୧ ପ୍ରତିଶତ ରହିଛନ୍ତି। ସେହିପରି ଫଟୋ ପରିଚୟପତ୍ର ଥିବା ଭୋଟରଙ୍କ ସଂଖ୍ୟା ୯୮.୨୨ ପ୍ରତିଶତରୁ ୯୮.୩୮ ପ୍ରତିଶତକୁ ବୃଦ୍ଧି ପାଇଛି। ☞ ପୃଷ୍ଠା-୯

# ୨୦୧୪ରେ ଇଭିଏମ୍ ଜାଲିଆତି ହୋଇଥିଲା

**ଲଣ୍ଡନ/ନୂଆଦିଲ୍ଲୀ,୨୧।୧(ପିଟି.)**

**ସାଇବର ବିଶେଷଜ୍ଞଙ୍କ ଅଭିଯୋଗ**
- ମୁଣ୍ଡେ ଜାଣିଥିବାରୁ ତାଙ୍କୁ ହତ୍ୟା କରାଯାଇଥିଲା
- ଅଭିଯୋଗକୁ ଇସିଙ୍କ ଖଣ୍ଡନ

୨୦୧୪ ସାଧାରଣ ନିର୍ବାଚନ ବେଳେ ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ (ଇଭିଏମ୍)ରେ ଜାଲିଆତି ହୋଇଥିଲା ବୋଲି ଜଣେ ସାଇବର ବିଶେଷଜ୍ଞ ସୋମବାର ଗୁରୁତର ଅଭିଯୋଗ ଆଣିଛନ୍ତି। ଏହାକୁ ହ୍ୟାକିଂ କରାଯାଇପାରିବ ବୋଲି ସେ ଦାବି କରିବା ସହ ଏହା କରି ଦେଖାଇଛନ୍ତି। ତେବେ ଭାରତର ନିର୍ବାଚନ କମିଶନ ଏଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଆମେରିକାରେ ରହୁଥିବା ଭାରତୀୟ ସାଇବର ବିଶେଷଜ୍ଞ ସୟେଦ ଶୁଜା ସ୍କାଇପେ ମାଧ୍ୟମରେ ଲଣ୍ଡନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ଉପରୋକ୍ତ ଅଭିଯୋଗ ଆଣିଛନ୍ତି। ଇଣ୍ଡିଆନ ଜର୍ନାଲିଷ୍ଟ ଆସୋସିଏଶନ (ୟୁରୋପ) ପକ୍ଷରୁ ଆୟୋଜିତ ଉକ୍ତ ଖବରଦାତା ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା କପିଲ ଶିବଲ ଉପସ୍ଥିତ ଥିଲେ।

ଭାରତରେ ବ୍ୟବହୃତ ହେଉଥିବା ଇଭିଏମ୍‌ର ଡିଜାଇନ ସହ ସେ ସମ୍ପୃକ୍ତ ବୋଲି ଶୁଜା ଦାବି କରିଛନ୍ତି। ତାଙ୍କର କେତେଜଣ ଟିମ୍ ସଦସ୍ୟଙ୍କୁ ହତ୍ୟା କରାଯିବା ପରେ ସେ ୨୦୧୪ରେ ଭାରତରୁ ପଳାଇଯାଇଥିଲେ ବୋଲି କହିଛନ୍ତି। ସ୍କାଇପେ ମାଧ୍ୟମରେ ସେ ସ୍କ୍ରିନ୍‌ରେ ଦେଖାଦେଇଥିଲେ ହେଁ ମୁହଁକୁ ଘୋଡାଇ ରଖିଥିଲେ। ଆମେରିକାରେ ରାଜନୈତିକ ଆଶ୍ରୟ ଚାହୁଁଥିବା ଶୁଜା ଆହୁରି ଅଭିଯୋଗ କରିଛନ୍ତି, ରିଲାଏନ୍ସ ଜିଓ ଭାଜପାକୁ ଇଭିଏମ୍ ହ୍ୟାକିଂ ଲାଗି ନିମ୍ନ ଫ୍ରିକ୍ୱେନ୍ସି ସିଗ୍‌ନାଲ ପାଇବାରେ ସହଯୋଗ କରିଥିଲା।

ସୂଚନା ଦିଆଯାଇପାରେ ଯେ, ୨୦୧୪ରେ ଜିଓ ଟେଲିସେବା ଆରମ୍ଭ କରି ନ ଥିଲା। ୨୦୧୬ ସେପ୍ଟେମ୍ବରରେ ଜିଓ ସେବାର ଶୁଭାରମ୍ଭ ହୋଇଥିଲା। ତେବେ ଶୁଜାଙ୍କ ଅଭିଯୋଗର କୌଣସି ପ୍ରମାଣ ମଧ୍ୟ ତାଙ୍କ ପାଖରେ ନ ଥିବା ଜଣାପଡିଛି।

୨୦୧୪ରେ ଭାଜପା ଲୋକ ସଭା ନିର୍ବାଚନ ଜିତିବାର ୧୫ ଦିନ ପରେ ମହାରାଷ୍ଟ୍ରର ବରିଷ୍ଠ ଭାଜପା ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଗୋପୀନାଥ ମୁଣ୍ଡେଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ତେବେ ଇଭିଏମ୍ ଜାଲିଆତି ସମ୍ପର୍କରେ ମୁଣ୍ଡେ ଜାଣିଥିବାରୁ ତାଙ୍କୁ ହତ୍ୟା କରାଯାଇଥିଲା ବୋଲି ଶୁଜା ଅଭିଯୋଗ ଆଣିଛନ୍ତି। କେବଳ ଭାଜପା ନୁହେଁ, ଏସ୍‌ପି, ବିଏସ୍‌ପି, ଏଏପି ଏବଂ କଂଗ୍ରେସ ମଧ୍ୟ ଇଭିଏମ୍ ଜାଲିଆତିରେ ସମ୍ପୃକ୍ତ ବୋଲି ଶୁଜା ଅଭିଯୋଗ ଆଣିଛନ୍ତି। ସେ ଆହୁରି ଅଭିଯୋଗ କରିଛନ୍ତି ଯେ, ନିକଟରେ ଶେଷ ହୋଇଥିବା ରାଜସ୍ଥାନ, ଛତିଶଗଡ ଏବଂ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନରେ ଯଦି ତାଙ୍କ ଟିମ୍ ଭାଜପାର ହ୍ୟାକିଂ ଉଦ୍ୟମକୁ ପ୍ରତିରୋଧ କରି ନ ଥାନ୍ତା ତେବେ ଗୈରିକ ଦଳ ବିଜୟ ଲାଭ କରିପାରିଥାନ୍ତା। ତେବେ ଶୁଜାଙ୍କ ଅଭିଯୋଗ ପରେ କୌଣସି ରାଜନୈତିକ ଦଳ ପ୍ରତିକ୍ରିୟା ପ୍ରକାଶ କରିନାହାନ୍ତି।

ନିର୍ବାଚନ କମିଶନ ଉପରୋକ୍ତ ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିବା ସହ ଇଭିଏମ୍ ସମ୍ପୂର୍ଣ୍ଣ ଜାଲିଆତି ମୁକ୍ତ ଦାବିକୁ ଦୋହରାଇଛନ୍ତି। ଯଦି ଅଭିଯୋଗ ପ୍ରମାଣିତ ହୁଏ ତେବେ କ'ଣ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ତାହା ଅନୁଧ୍ୟାନ କରିଦେଖିବେ ବୋଲି ଇସି କହିଛନ୍ତି।

**ଆଜିର ସମ୍ପାଦକୀୟ**

**କୃଷି ଆଗ**

**ଆଜିର ମନ୍ତବ୍ୟ**

"ଜୀବନର ପ୍ରତି କ୍ଷେତ୍ରରେ ମୂଲ୍ୟବୋଧ ପ୍ରତି ପ୍ରତିବଦ୍ଧତା ଜରୁରୀ।
– ରାଜନାଥ ସିଂ, ସ୍ୱରାଷ୍ଟ୍ର ମନ୍ତ୍ରୀ

# ଶିଶୁକୁ ଝୁଣି ମାରିଲେ କୁକୁର

**ବାରିପଦା ଅଫିସ,୨୧।୧**

କୁକୁର ପଲଙ୍କ ଆକ୍ରମଣର ଶିକାର ହୋଇ ଜଣେ ୭ ବର୍ଷର ଶିଶୁଙ୍କ ସୋମବାର ମୃତ୍ୟୁ ଘଟିଛି। ମୟୂରଭଞ୍ଜ ଜିଲା ଯଶିପୁର ଥାନା ଅଧୀନ ରାହାନ୍ଦା ଅଞ୍ଚଳରେ ସୋମବାର ଏହି ଘଟଣା ଘଟିଛି। ମୃତକ ହେଲେ ବାଲିସୁଦୂରା ଗ୍ରାମର ଶରମା ମହାରଣାଙ୍କ ପୁଅ ରିଙ୍କୁ। ସେ ଏକୁଟିଆ ସ୍କୁଲ ଯାଉଥିବାବେଳେ କାମୁଡ଼ା କୁକୁରଙ୍କ ହାବୁଡରେ ପଡିଯାଇଥିବା ଜଣାପଡିଛି।

ପୋଲିସ ସୂଚନା ମୁତାବକ ରିଙ୍କୁ ରାହାନ୍ଦା ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ପଢ଼ନ୍ତି। ସେ ସୋମବାର ସକାଳେ ବିଲ ଭିତର ରାସ୍ତାରେ ଏକୁଟିଆ ସ୍କୁଲ ଯାଉଥିଲେ। ଏହି ସମୟରେ ପ୍ରାୟ ୪ ଟି କୁକୁର ତାଙ୍କୁ ଦଳବଦ୍ଧ ଆକ୍ରମଣ କରିଥିଲେ। ରିଙ୍କୁ ତଳେ ପଡିଯିବା ପରେ କୁକୁରପଲ ତାଙ୍କୁ କାମୁଡି ରକ୍ତାକ୍ତ କରି ଦେଇଥିଲେ। ଏହା ପରେ ଆହୁରି ଦୁଇ କୁକୁର ମଧ୍ୟ ରିଙ୍କୁଙ୍କ ପେଟକୁ କାମୁଡ଼ି ଅନ୍ତଃବୁଜୁଳା ବାହାର କରିଦେଇଥିଲେ। ଶବ୍ଦ ଶୁଣି କେତେଜଣ ଲୋକ ଘଟଣାସ୍ଥଳରେ ପହଞ୍ଚିଥିଲେ। ମାତ୍ର ସେତେବେଳକୁ ରିଙ୍କୁଙ୍କ ମୃତ୍ୟୁ ହୋଇସାରିଥିଲା। ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କରଞ୍ଜିଆ ଡାକ୍ତରଖାନା ପଠାଇଥିଲା।

# ମା' ହେଲେ ଦଶମ ଶ୍ରେଣୀ ଛାତ୍ରୀ

**ପାଟକୁରା, ୨୧।୧ (ଡି.ଏନ୍.ଏ.)**

କନ୍ଧମାଳ ଓ ଢେଙ୍କାନାଳରେ ନାବାଳିକା ମା' ହେବା ପରେ ରାଜ୍ୟରେ ଲଜ୍ଜାଜନକ ପରିସ୍ଥିତି ସୃଷ୍ଟି ହୋଇଛି। ଏବେ କେନ୍ଦ୍ରାପଡ଼ା ଜିଲାରେ ସମାନ ଏକ ଘଟଣା ନଜରକୁ ଆସିଛି। ଗରଦପୁର ବ୍ଲକ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣୈକା ଦଶମ ଶ୍ରେଣୀ ଛାତ୍ରୀ(୧୫) ସୋମବାର ଏକ ଶିଶୁପୁତ୍ରକୁ ଜନ୍ମ ଦେଇଛନ୍ତି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଥାନାରେ ଏ ନେଇ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

ଘଟଣା ମୁତାବକ, ରବିବାର ବିଳମ୍ବିତ ରାତିରେ ନାବାଳିକାଙ୍କ ଦେହ ଖରାପ ଥିବାରୁ ପରିବାର ଲୋକେ ତାଙ୍କୁ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ନାବାଳିକା ଗର୍ଭବତୀ ଥିବା ଡାକ୍ତର କହିବା ପରେ ପରିବାର ଲୋକେ ତାଙ୍କୁ ସେଠାରେ ଛାଡ଼ି ପଳାଇଥିଲେ। ଫଳରେ ଜିଲା ଶିଶୁ ମଙ୍ଗଳ କମିଟି (ସିଡବ୍ଲ୍ୟୁସି) ଉଭୟ ମା' ଓ ନବଜାତକର ଦାୟିତ୍ୱ ନେଇଛି। ସେମାନଙ୍କୁ ଗରଦପୁର ବ୍ଲକସ୍ଥିତ ବାସୁଦେବ ସୁଧାର ଗୃହରେ ରଖାଯାଇଛି। ଉଭୟ ମା' ଓ ଶିଶୁ ସୁସ୍ଥ ଥିବା ସିଡବ୍ଲ୍ୟୁସି କମିଟି ଅଧ୍ୟକ୍ଷା ସ୍ମିତାଞ୍ଜଳି ମହାପାତ୍ର କହିଛନ୍ତି। ସେ କହିଛନ୍ତି, ନାବାଳିକା ଜଣଙ୍କ ପ୍ରସବ କରିବା ପରେ ସାମାଜିକ ନିରାପତ୍ତା ଦୃଷ୍ଟିରୁ ଡାକ୍ତରଖାନା କର୍ତ୍ତୃପକ୍ଷ ସିଡବ୍ଲ୍ୟୁସିକୁ ଖବର ଦେଇଥିଲେ। ଏବେ ଦୁହିଁଙ୍କୁ ସୁଧାର ଗୃହକୁ ସ୍ଥାନାନ୍ତର କରାଯାଇଛି।


SUDHAKAR
WIRES AND CABLES
THE POWER HIGHWAY
WANTED DEALERS
CONTACT US
93374 27021
sales.cables@sudhakarind.com

NECC NATIONAL EGG CO-ORDINATION COMMITTEE 21.01.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
| --- | --- | --- | --- |
| BBSR | 77 | 128 | 138 |
| CTC | 77 | 128 | 138 |
| DKL | 77 | 128 | 138 |
| BDK | 79 | 131 | 141 |
| BLS | 80 | 132 | 142 |
| ANG | 77 | 128 | 138 |

*Conditions Apply
Eggs Retail Price- 55/-Dozen
Issued in the Interest of Consumers





ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସରକାର ଲୋକପାଳ ଆଇନ କାର୍ଯ୍ୟକାରୀ କରୁନାହାନ୍ତି । ଲୋକପାଳ ଥିଲେ ରାଫାଲ ଦୁର୍ନୀତି ହେବାକୁ ଦେଇ ନ ଥାନ୍ତା ।

- ଆନ୍ନା ହଜାରେ, ସାମାଜିକ କର୍ମୀ








# ଚାଷୀଙ୍କ ଉପରେ ନଜର

ନୂଆଦିଲ୍ଲୀ,୨୧।୧

ଲୋକ ସଭା ନିର୍ବାଚନ ପାଖେଇ ଆସୁଥିବା ବେଳେ ଏବେ ଚାଷୀଙ୍କ ଉପରେ ସବୁ ଦଳର ନଜର ରହିଛି। ଦେଶର ସର୍ବାଧିକ ଲୋକ କୃଷିକୁ ପେସା ଭାବେ ଗ୍ରହଣ କରିଥିବାରୁ ସେମାନଙ୍କୁ ଆକୃଷ୍ଟ କରିପାରିଲେ ସବୁଠୁ ବଡ଼ ଭୋଟବ୍ୟାଙ୍କ ହାତେଇ ହେବ। ସେଥିପାଇଁ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ଆରମ୍ଭ ହୋଇଯାଇଛି ପ୍ରତିଦ୍ୱନ୍ଦ୍ୱିତା। ନିକଟରେ ଶେଷ ହୋଇଥିବା ତିନି ପ୍ରମୁଖ ହିନ୍ଦୀଭାଷୀ ରାଜ୍ୟ ରାଜସ୍ଥାନ, ମଧ୍ୟପ୍ରଦେଶ ଏବଂ ଛତିଶଗଡ଼ ବିଧାନସଭା ନିର୍ବାଚନରେ କୃଷିଋଣ ଛାଡ଼ ପ୍ରତିଶ୍ରୁତି ଦେଇ କଂଗ୍ରେସ କ୍ଷମତାକୁ ଆସିବାରେ ସଫଳ ହୋଇଛି। ଅନ୍ୟପକ୍ଷରେ କୃଷକଙ୍କ ଆୟ ଦୁଇଗୁଣା କରିବା, ଶସ୍ୟ ଉତ୍ପାଦନର ଦେଢ଼ ଗୁଣ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍ପି) ପ୍ରଦାନ କରିବା କଥା କହି ଭାଜପା କ୍ଷମତାକୁ ଆସିଥିଲେ ହେଁ ପ୍ରତିଶ୍ରୁତି ପାଳନରେ ବିଫଳ ହୋଇଛି। ତେଣୁ ନିର୍ବାଚନ ପୂର୍ବରୁ ଚାଷୀଙ୍କୁ ଆକୃଷ୍ଟ କରିବା ଲାଗି ଭାଜପା ନେତୃତ୍ୱାଧୀନ ସରକାର କେତେକ ନୂଆ ଯୋଜନା ଚିନ୍ତା କରୁଥିବା ଜଣାପଡିଛି।

ମିଳିଥିବା ଖବର ଅନୁଯାୟୀ, କେନ୍ଦ୍ର ସରକାର ଏବେ କୃଷକମାନଙ୍କୁ ସବ୍ସିଡି ନ ଦେଇ ତା' ବଦଳରେ ନଗଦ ଅର୍ଥ ଦେବା ଲାଗି ବିଚାର କରୁଛନ୍ତି। ଏହା ଦ୍ୱାରା ସେମାନଙ୍କର ଆର୍ଥିକ ବୋଝ ହାଲୁକା ହୋଇପାରିବ। ସେଥିପାଇଁ ସାର ସବ୍ସିଡି ସମେତ ସମସ୍ତ କୃଷି ସବ୍ସିଡିକୁ ଏକତ୍ର କରି କୃଷକଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ପଠାଇବା ଯୋଜନାରେ ସରକାର ଅଛନ୍ତି। ଏହି ଯୋଜନା କାର୍ଯ୍ୟକାରୀ କରିବାକୁ ହେଲେ ବର୍ଷକୁ ୭୦ ହଜାର କୋଟି ଟଙ୍କା ବ୍ୟୟ କରିବାକୁ ପଡ଼ିବ ବୋଲି ନିଜ ନାମ ଗୋପନ ରଖି କେତେଜଣ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ୨୦୧୮-୧୯ ଆର୍ଥିକ ବର୍ଷ ଲାଗି ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ବଜେଟରେ ୭୦.୧୦୦ କୋଟି ଟଙ୍କାର କୃଷି ସବ୍ସିଡି ଘୋଷଣା କରିଥିଲେ। ଚଳିତ ଆର୍ଥିକ ବର୍ଷ ଆସନ୍ତା ମାର୍ଚ୍ଚ ୩୧ରେ ଶେଷ ହେବାକୁ ଯାଉଥିବାବେଳେ ଅତିରିକ୍ତ ବ୍ୟୟ ଦେଶର ଆର୍ଥିକ ନିଅଣ୍ଟକୁ ପ୍ରଭାବିତ କରିବ ନାହିଁ ବୋଲି ସରକାରଙ୍କ ପକ୍ଷରୁ କୁହାଯାଉଛି। ସରକାରଙ୍କ ଲୋକପ୍ରିୟ ଯୋଜନା କାର୍ଯ୍ୟକାରୀ କରିବାରେ ୨ ଲକ୍ଷ କୋଟି ଟଙ୍କାରୁ ଅଧିକ ବ୍ୟୟ ହେବ ବୋଲି ପୂର୍ବରୁ ଯେଉଁ ଆକଳନ କରାଯାଇଥିଲା ତାହାଠାରୁ କମ୍ ବ୍ୟୟ ହେବ ବୋଲି ଜଣାପଡିଛି। ଏହି ରିପୋର୍ଟ ପ୍ରକାଶ ପାଇବା ପରେ ଟଙ୍କା ଓ ବଣ୍ଡ୍ ମୂଲ୍ୟ ବୃଦ୍ଧି ପାଇଛି। ଚଳିତ ଆର୍ଥିକ ବର୍ଷ ଲାଗି ବଜେଟରେ ୩.୩ ପ୍ରତିଶତ ନିଅଣ୍ଟ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। ତେବେ ସରକାରଙ୍କ ଲୋକପ୍ରିୟ ଯୋଜନାର ଚାପ ଯୋଗୁ ତାହା ପୂରଣ ହୋଇ ନ ପାରେ ବୋଲି ଅର୍ଥନୀତିଜ୍ଞମାନେ ପୂର୍ବାନୁମାନ କରିଛନ୍ତି।



- କୃଷକଙ୍କୁ ମିଳିବ ନଗଦ ଅର୍ଥ
- ୭୦ ହଜାର କୋଟିର ଯୋଜନା କରୁଛନ୍ତି ସରକାର

ତିନି ହିନ୍ଦୀଭାଷୀ ରାଜ୍ୟରେ ଭାଜପା ପରାଜୟ ବରଣ କରିବା ପରେ ସାଧାରଣ ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେତେକ ପରିବର୍ତ୍ତନ ଆଣିବାକୁ ଯାଉଛନ୍ତି। ଦ୍ୱିତୀୟ ଥର କ୍ଷମତାରେ ରହିବାକୁ ହେଲେ ମୋଦିଙ୍କୁ ନିର୍ବାଚନ ପୂର୍ବରୁ ଅସନ୍ତୁଷ୍ଟ କୃଷକଙ୍କ ହୃଦୟ ଜିତିବାକୁ ହେବ। ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ସାଙ୍ଗକୁ ଫସଲ ମୂଲ୍ୟ ହ୍ରାସ ଯୋଗୁ ଚାଷୀ କ୍ଷତିଗ୍ରସ୍ତ ହୋଇଛି। କୃଷି ଋଣ ଛାଡ଼ ଦାବିରେ ହଜାର ହଜାର ଚାଷୀ ରାସ୍ତାକୁ ଓହ୍ଲାଇଥିଲେ। ତେଣୁ ସେମାନଙ୍କୁ ସନ୍ତୁଷ୍ଟ କରିବା ଏବେ ସରକାରଙ୍କର ପ୍ରାଥମିକତା ହୋଇଛି। ଅନ୍ୟପକ୍ଷରେ କଂଗ୍ରେସ ତିନୋଟି ରାଜ୍ୟରେ ଜିତି କୃଷିଋଣ ଛାଡ଼ କରିବା ପରେ କେନ୍ଦ୍ର ଉପରେ ଋଣଛାଡ଼ ଲାଗି ଚାପ ପକାଇଛି।

## ସାମରିକ କ୍ୟାମ୍ପରେ ବିସ୍ଫୋରଣ: ୧୨ ମୃତ

ଗଜନୀ,୨୧।୧

ସୁରକ୍ଷା ବଳଙ୍କୁ ଟାର୍ଗେଟ୍ କରି ସେଣ୍ଟ୍ରାଲ୍ ଆଫଗାନିସ୍ତାନର ଏକ ସାମରିକ ଶିବିରରେ ବିସ୍ଫୋରଣ ଘଟାଇଛନ୍ତି ତାଲିବାନ ଆତଙ୍କବାଦୀ। ରାଜଧାନୀ କାବୁଲରୁ ୫୦ କି.ମି. ଉତ୍ତରରେ ୱାର୍ଦାକ୍ ପ୍ରଦେଶର ମୈଦାନ ସାହରସ୍ଥିତ ସୁରକ୍ଷା ବଳଙ୍କ କ୍ୟାମ୍ପକୁ ଧ୍ୱସ୍ତ କରିବାକୁ ଯାଇ ଆତଙ୍କବାଦୀମାନେ ଏହାର ପ୍ରବେଶଦ୍ୱାରରେ ବିସ୍ଫୋରକ ସାମଗ୍ରୀ ବୋଝେଇ ଗାଡ଼ି ଦ୍ୱାରା ସୋମବାର ବଡ଼ଧରଣର ବିସ୍ଫୋରଣ ଘଟାଇଛନ୍ତି। ଏଥିସହ ଉକ୍ତ କ୍ୟାମ୍ପ ମଧ୍ୟକୁ ପଶିଯାଇ ସୁରକ୍ଷା କର୍ମୀଙ୍କୁ ଆକ୍ରମଣ କରିଛନ୍ତି। ଫଳରେ ଗୁଳିବିନିମୟରେ ୩ ଆତଙ୍କବାଦୀ ନିହତ ହୋଇଥିବାବେଳେ ୧୨ଜଣ ମୃତ ଓ ୨୦ ଗୁରୁତର ଆହତ ହୋଇଛନ୍ତି। ମୃତାହତଙ୍କ ମଧ୍ୟରେ ଅଧିକାଂଶ ସୁରକ୍ଷା ଯବାନ ରହିଥିବା ସରକାରୀ ଭାବେ ସ୍ପଷ୍ଟ କରାଯାଇଛି। ଲୋଗାର ପ୍ରଦେଶ ଗଭର୍ନରଙ୍କ ସୁରକ୍ଷା ଗାଡ଼ି ଉପରକୁ ଆତ୍ମଘାତୀ ଆକ୍ରମଣର ଗୋଟିଏ ଦିନ ପରେ ତାଲିବାନ ପକ୍ଷରୁ ଏହି ଘାତକ ବିସ୍ଫୋରଣ କରାଯାଇଛି।

## ୨୦୦ ଭାରତୀୟଙ୍କୁ ନେଇ ଯାଉଥିବା ବୋଟ ନିଖୋଜ

ନୂଆଦିଲ୍ଲୀ,୨୧।୧

ପାଖାପାଖି ୨୦୦ ଭାରତୀୟଙ୍କୁ ନେଇ ଯାଉଥିବା ଏକ ବୋଟ ସମୁଦ୍ର ମଝିରେ ନିଖୋଜ ହୋଇଯାଇଛି। ଏହା ସମ୍ଭବତଃ ନ୍ୟୁଜିଲାଣ୍ଡ ଯାଉଥିଲା ବୋଲି ପୋଲିସ କହିଛି। ସେହି ଲୋକମାନଙ୍କର ୭୦ରୁ ଊର୍ଦ୍ଧ୍ୱ ବ୍ୟାଗ ମିଳିଛି। ସେମାନେ ନୂଆଦିଲ୍ଲୀ ଓ ତାମିଲନାଡୁର ବାସିନ୍ଦା ବୋଲି ଜଣାପଡିଛି। ସେମାନେ ଏକ ଭାରତୀୟ ମାଛଧରା ବୋଟରେ ଯାଉଥିଲେ। ସମସ୍ତେ ଶରଣାର୍ଥୀ ବୋଲି ସନ୍ଦେହ କରାଯାଉଛି। ବୋଟ ଗତ ୧୨ ତାରିଖରୁ କେରଳର ମୁନାମବାମ ହାର୍ବରରୁ ବାହାରିଥିଲା। ଏଥିରେ ୨ ଜଣ ଅଧିକାରୀ ସମ୍ପୃକ୍ତ ଥିବାବେଳେ ସେମାନଙ୍କ ମଧ୍ୟରୁ ଜଣଙ୍କୁ ନୂଆଦିଲ୍ଲୀରୁ ଗିରଫ କରାଯାଇଛି।

## ୧୦% କୋଟା: କେନ୍ଦ୍ରକୁ ନୋଟିସ

ନୂଆଦିଲ୍ଲୀ,୨୧।୧(ପି.ଟି.)

ସାଧାରଣ ବର୍ଗ ଆର୍ଥିକ ଦୁର୍ବଳ ଶ୍ରେଣୀଙ୍କ ଲାଗି ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ୧୦ ପ୍ରତିଶତ ସଂରକ୍ଷଣକୁ ଚାଲେଞ୍ଜ କରି ଡିଏମ୍କେ ଦାଖଲ କରିଥିବା ପିଟିଶନ ଉପରେ ମାଡ୍ରାସ ହାଇକୋର୍ଟ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଫେବୃଆରୀ ୧୮ ପୂର୍ବରୁ ଏହା ଉପରେ ଜବାବ ରଖିବା ଲାଗି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଡିଏମ୍କେର ସାଂଗଠନିକ ସମ୍ପାଦକ ଆର.ଏସ୍. ଭାରଥିଙ୍କ ପକ୍ଷରୁ ତାଙ୍କ ଓକିଲ କୋର୍ଟଙ୍କୁ କହିଥିଲେ, ସ୍ଥାନ ସଂରକ୍ଷଣ କେବଳ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ନୁହେଁ, ଦୁର୍ବଳ ଶ୍ରେଣୀଙ୍କ ଆର୍ଥିକ ଉନ୍ନତି ଆଣିବା ଲାଗି ଏହା ସାମାଜିକ ନ୍ୟାୟ। ଡିଏମ୍କେ ପକ୍ଷରୁ ଦାଖଲ ପିଟିଶନ ରାଜନୈତିକ ସ୍ୱାର୍ଥ ମାମଲା ବୋଲି ଅତିରିକ୍ତ ସଲିସିଟର ଜେନେରାଲ ଜି. ରାଜଗୋପାଳନ କହିଥିଲେ। ଆର୍ଥିକ ଦୁର୍ବଳ ଶ୍ରେଣୀଙ୍କୁ ମଧ୍ୟ ସଂରକ୍ଷଣ ସୁବିଧା ମିଳିବା ଉଚିତ ବୋଲି ସେ କହିଥିଲେ। ଜଷ୍ଟିସ୍ ଏସ. ମଣିକୁମାର ଏବଂ ସୁବ୍ରମଣିୟମଙ୍କ ଖଣ୍ଡପୀଠ ଏହାକୁ ଅଗ୍ରାହ୍ୟ କରିଦେଇଥିଲେ।

## ଅଟକାଇବାରୁ ଚଢ଼ିଗଲା ଗୋରୁ ବୋଝେଇ ଟ୍ରକ୍
## ପୋଲିସ କନଷ୍ଟେବଲ ମୃତ

ମୁମ୍ବାଇ,୨୧।୧

ଏକ ଗୋରୁଚାଲାଣ ଟ୍ରକକୁ ଅଟକାଇବା ଯାଇ ଜଣେ ପୋଲିସ କନଷ୍ଟେବଲଙ୍କ ଜୀବନ ଯାଇଛି। ଟ୍ରକ ଡ୍ରାଇଭର ଜଣକ କନଷ୍ଟେବଲ ପ୍ରକାଶ ମେଶରାମଙ୍କ ଉପରେ ଗାଡ଼ି ଚଢ଼ାଇ ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ରବିବାର ରାତିରେ ନାଗପୁର-ଚନ୍ଦ୍ରପୁର ରାଜପଥର ଖାମ୍ବେଡ଼ା ଭାନିନାକାଠାରେ ଏହି ଅଭାବନୀୟ ଘଟଣା ଘଟିଥିବା ପୋଲିସ ପକ୍ଷରୁ କୁହାଯାଇଛି। ଅବାଧ ମଦ ଚୋରା ଚାଲାଣ ଗାଡ଼ିକୁ ଯାଞ୍ଚ କରିବା ପାଇଁ ପ୍ରକାଶ ସେଠାରେ ମୁତୟନ ରହିଥିବାବେଳେ ଗୋରୁ ବୋଝେଇ ହୋଇ ଯାଉଥିବା ଟ୍ରକକୁ ଅଟକାଇବାକୁ ସେ ରାସ୍ତା ମଝିକୁ ଦୌଡ଼ି ଆସିଥିଲେ। ଏଥିରେ ଟ୍ରକ ନ ଅଟକି ତାଙ୍କୁ ଧକ୍କା ଦେଇ ତାଙ୍କ ଉପରେ ଚଢ଼ି ଯାଇଥିଲା। ପୋଲିସ ଟ୍ରକର ଡ୍ରାଇଭର ଓ ଖଲାସି ଫୟାଜ୍ ଅହମ୍ମଦ, ମହମ୍ମଦ ରାଜା ଅବଦୁଲଙ୍କୁ ଗିରଫ କରିଛି।

## ■ ୟୁଏନ୍ ମିଶନ କ୍ୟାମ୍ପ ଉପରକୁ ଗୁଳିମାଡ଼
# ୧୦ ଶାନ୍ତି ସେନା ନିହତ

ବାମାକୋ,୨୧।୧

ପଶ୍ଚିମ ଆଫ୍ରିକୀୟ ଦେଶ ମାଲିରେ ଆତଙ୍କବାଦୀଙ୍କ ଗୁଳିମାଡ଼ରେ ଜାତିସଂଘର ୧୦ ଶାନ୍ତି ସେନା ପ୍ରାଣ ହରାଇଛନ୍ତି। ଅଲ୍ଜେରିଆ ସୀମାନ୍ତବର୍ତ୍ତୀ ଦକ୍ଷିଣାଞ୍ଚଳ ମାଲିର କିଦାଲ ଅଞ୍ଚଳରୁ ୨୦୦ କି.ମି. ଦୂର ଅଗଲେହକ୍‌ଠାରେ ଶାନ୍ତି ସେନାର କ୍ୟାମ୍ପ ଉପରକୁ ରବିବାର ହୋଇଥିବା ଏହି ଗୁଳିବର୍ଷଣରେ ୨୫ଜଣ ଗୁରୁତର ଆହତ ମଧ୍ୟ ହୋଇଛନ୍ତି। ଜାତିସଂଘ ସେକ୍ରେଟାରୀ-ଜେନେରାଲ୍ ଆଣ୍ଟୋନିଓ ଗୁଟେରିସ୍ ଏହା ଏକ ବର୍ବରୋଚିତ ଅମାନବିକ ଘଟଣା କହି ନିନ୍ଦା କରିଛନ୍ତି। ଗୁଳିକାଣ୍ଡ ଘଟାଇଥିବା ଆତତାୟୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ବନ୍ଧୁକଧାରୀମାନେ ଏକାଧିକ ଗାଡ଼ିରେ ଆସି ଏହି ନୃଶଂସକାଣ୍ଡ ଭିଆଇଥିବା ମାଲିର ଜାତିସଂଘ ରାଷ୍ଟ୍ରଦୂତ ମହାମତ୍ ସାଲେହ ଆନାଡିଫ୍ ଜଣାଇଛନ୍ତି। ଅଶାନ୍ତିର ବାତାବରଣ ସୃଷ୍ଟି କରିବା ପାଇଁ ଶାନ୍ତି ସେନାଙ୍କ ଉପରେ ଏହି ଆକ୍ରମଣ ହୋଇଥିବା ରାଷ୍ଟ୍ରଦୂତ ଆନାଡିଫ୍ କହିଛନ୍ତି।



## ଓଲଟିଲା ଯାତ୍ରୀବାହୀ ବୋଟ୍, ୮ ମୃତ



ନୂଆଦିଲ୍ଲୀ,୨୧।୧

କର୍ନାଟକର କରୱାର ଉପକୂଳ କାଳୀ ନଦୀ ମୁହାଣରେ ଏକ ଯାତ୍ରୀବାହୀ ବୋଟ୍ ଓଲଟି ପଡ଼ି ବୁଡ଼ିଯାଇଛି। ବୋଟ୍ରେ ୨୬ ଯାତ୍ରୀ ରହିଥିଲେ। ସେମାନଙ୍କ ମଧ୍ୟରୁ ୧୭ଜଣଙ୍କୁ ଜୀବିତ ଓ ୮ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଜଣେ ନିଖୋଜ ରହିଛନ୍ତି। ଯାତ୍ରୀମାନେ ସୁଦୂର ଏକ ଦ୍ୱୀପରେ ଥିବା ମନ୍ଦିରରୁ ଦର୍ଶନ କରି ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ନୌସେନା, ତଟ ସୁରକ୍ଷା ବଳଙ୍କ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

## ସଂକ୍ଷେପରେ

### ଦାଗୀ ପ୍ରାର୍ଥୀ ମାମଲା: ଶୁଣାଣିକୁ ସୁପ୍ରିମକୋର୍ଟଙ୍କ ନା

**ନୂଆଦିଲ୍ଲୀ,୨୧।୧**-ଦାଗୀ ନେତାଙ୍କୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତାରୁ ରୋକାଯିବା ନେଇ ନିର୍ବାଚନ କମିଶନ ରାଜନୈତିକ ଦଳଗୁଡ଼ିକୁ ନିର୍ଦ୍ଦେଶ ଜାରି କରିବାକୁ ହୋଇଥିବା ଆବେଦନ ସୁପ୍ରିମକୋର୍ଟ ଖାରଜ କରିଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଖଣ୍ଡପୀଠ ଏହା ଉପରେ ଶୁଣାଣି କରିବେ ନାହିଁ ବୋଲି ସ୍ପଷ୍ଟ କରିଥିଲାବେଳେ ପିଟିଶନର ଭାଜପା ନେତା ତଥା ଓକିଲ ଅଶ୍ୱିନୀ ଉପାଧ୍ୟାୟଙ୍କୁ ନିର୍ବାଚନ କମିଶନରଙ୍କ ସହ ଏ ସମ୍ପର୍କରେ ଯୋଗାଯୋଗ କରିବାକୁ କହିଛନ୍ତି। ଉପାଧ୍ୟାୟ ତାଙ୍କ ପିଟିଶନରେ ଦର୍ଶାଇଥିଲେ ଯେ, ଦେଶରେ ରାଜନୀତିର ଅପରାଧୀକରଣ ବୃଦ୍ଧି ପାଇଛି। ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ ତଥ୍ୟ ଅନୁଯାୟୀ, ପାର୍ଲାମେଣ୍ଟର ୨୪ ପ୍ରତିଶତ ସଦସ୍ୟଙ୍କ ନାମରେ ଆପରାଧିକ ମାମଲା ରହିଛି। ଏହି ଦୃଷ୍ଟିକୋଣରୁ ନିର୍ବାଚନ କମିଶନ ଆଚରଣବିଧିରେ ସଂଶୋଧନ ଆଣିବା କଥା। ତେବେ ଏହା କରାନଯାଇ ୨୦୧୮ ଅକ୍ଟୋବର ୧୦ରେ ନିର୍ବାଚନ କମିଶନ ୫ ରାଜ୍ୟରେ ବିଧାନସଭା ନିର୍ବାଚନ ସଂକ୍ରାନ୍ତ ବିଜ୍ଞପ୍ତି ପ୍ରକାଶ କରିଥିଲେ।

### ଭାରତୀୟ ଛାତ୍ରଙ୍କ ଲାଗି ସ୍କଲାରଶିପ୍ ଘୋଷଣା

**ମସ୍କୋ,୨୧।୧**-ରୁଷୀୟ ସଂସ୍ଥା 'ରୋସଟମ୍' ଆଣବିକ ଶକ୍ତି କ୍ଷେତ୍ରରେ ଭାରତୀୟ ଛାତ୍ରଙ୍କ ନିମନ୍ତେ ସ୍କଲାରଶିପ୍ ଘୋଷଣା କରିଛି। ରୋସଟମ୍ ତାମିଲନାଡୁସ୍ଥିତ କୁଦନକୁଲମ ନ୍ୟୁକ୍ଲିୟର ପାୱାର ପ୍ରୋଜେକ୍ଟକୁ ମୁଖ୍ୟ ଉପକରଣ ଯୋଗାଇଥାଏ। ମସ୍କୋସ୍ଥିତ ନ୍ୟାଶନାଲ ରିସର୍ଚ୍ଚ ନ୍ୟୁକ୍ଲିୟର ୟୁନିଭର୍ସିଟି ନ୍ୟୁକ୍ଲିୟର ଇଞ୍ଜିନିୟରିଂ ଅଧ୍ୟୟନ ପାଇଁ ଖ୍ୟାତି ଅର୍ଜନ କରିଛି।

## ପୂର୍ଣ୍ଣିମାରେ ବୁଡ଼ ପକାଇଲେ ୭୦ ଲକ୍ଷ ଶ୍ରଦ୍ଧାଳୁ



ପ୍ରୟାଗରାଜ,୨୧।୧

**କୁମ୍ଭମେଳା**

କୁମ୍ଭ ମେଳାର ଦ୍ୱିତୀୟ ପବିତ୍ର ସ୍ନାନ ଦିବସ ସୋମବାର ପୌଷ ପୂର୍ଣ୍ଣିମାରେ ପାଖାପାଖି ୭୦ ଲକ୍ଷ ଶ୍ରଦ୍ଧାଳୁ ଗଙ୍ଗା ନଦୀରେ ବୁଡ଼ ପକାଇଛନ୍ତି। ଏ ନେଇ ରବିବାର ରାତିରୁ ଗଙ୍ଗା, ଯମୁନା, ସରସ୍ୱତୀ ସଙ୍ଗମସ୍ଥଳ ଚଳଚଞ୍ଚଳ ହୋଇଉଠିଥିଲା। ଲକ୍ଷାଧିକ ଯାତ୍ରୀଙ୍କ ସମାଗମକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ଯାତ୍ରୀଙ୍କ ଗତିବିଧି ଉପରେ ଡ୍ରୋନ କ୍ୟାମେରା ଦ୍ୱାରା ତୀକ୍ଷ୍ଣ ନଜର ରଖାଯାଇଥିଲା। ସୂର୍ଯ୍ୟାସ୍ତ ପରେ ମଧ୍ୟ ଶ୍ରଦ୍ଧାଳୁମାନେ ଘାଟରେ ବହୁସଂଖ୍ୟାରେ ଉପସ୍ଥିତ ରହି ବୁଡ଼ ପକାଇଥିଲେ। ପ୍ରବଳ ଶୀତ ଲହରି ଓ ଘନ କୁହୁଡ଼ି ସତ୍ତ୍ୱେ ପୂର୍ଣ୍ଣିମାରେ ସ୍ନାନ କରିବାର ଉତ୍କଣ୍ଠା ବେଶ୍ ଅନୁଭୂତ ହୋଇଥିଲା।

## ଜୟରାମଙ୍କ ବିରୋଧରେ ଡୋଭାଲଙ୍କ ମାନହାନି ମାମଲା

ନୂଆଦିଲ୍ଲୀ,୨୧।୧(ପି.ଟି.)

ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍ଏସ୍ଏ) ଅଜିତ ଡୋଭାଲଙ୍କ ପୁଅ ବିବେକ ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ ଏବଂ 'କାରାଭାନ' ପତ୍ରିକା ବିରୋଧରେ ମାନହାନି ମାମଲା ଦାଏର କରିଛନ୍ତି। ଉକ୍ତ ପତ୍ରିକାରେ ପ୍ରକାଶିତ ଲେଖା ତାଙ୍କ ସମ୍ମାନ ହାନି କରିଥିବା ବିବେକ ଅଭିଯୋଗ କରିଛନ୍ତି। ଏହାର ଲେଖକ କୌଶଲ ଶ୍ରଫ୍ଙ୍କ ବିରୋଧରେ ମଧ୍ୟ ମାମଲା ରୁଜୁ ହୋଇଛି।



ଗତ ୧୭ ତାରିଖରେ ଜୟରାମ ଏକ ଖବରଦାତା ସମ୍ମିଳନୀରେ କାରାଭାନ ପତ୍ରିକାରେ ପ୍ରକାଶିତ ଭିତ୍ତିହୀନ ଖବରକୁ ଦୋହରାଇଥିଲେ। କୌଶଲ ଶ୍ରଫ୍ ଡୋଭାଲଙ୍କ ଦୁଇପୁଅଙ୍କ କମ୍ପାନୀର କାରନାମା ସମ୍ପର୍କରେ ପ୍ରଘଟ କରିଥିଲେ। ତାଙ୍କ ରିପୋର୍ଟ ଅନୁସାରେ ଡୋଭାଲ ପୁତ୍ରଙ୍କ କମ୍ପାନୀଗୁଡ଼ିକ ହେଉଛି ହେଜ୍ ଫଣ୍ଡ ଏବଂ ଅଫ୍ଶୋର। ସାନପୁଅ ବିବେକ କେମ୍ୟାନ୍ ଆଇଲାଣ୍ଡ(ପ୍ରତିଷ୍ଠିତ ଟ୍ୟାକ୍ସ ହେଭେନ)ରେ ଏକ ହେଜ୍ ଫଣ୍ଡ ଚଳାଉଛନ୍ତି। ୨୦୧୬ ନଭେମ୍ବର ୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିମୁଦ୍ରୀକରଣ ଘୋଷଣା କରିବାର ମାତ୍ର ୧୩ ଦିନ ପୂର୍ବରୁ ଉକ୍ତ ହେଜ୍ ଫଣ୍ଡ ପଞ୍ଜୀକୃତ ହୋଇଥିଲା।

### ■ ସିବିଆଇ ଅନ୍ତରୀଣ ନିର୍ଦ୍ଦେଶକ ନିଯୁକ୍ତି ମାମଲା
## ଶୁଣାଣିରୁ ଓହରିଲେ ସିଜେଆଇ

ନୂଆଦିଲ୍ଲୀ,୨୧।୧(ପି.ଟି.)



ସିବିଆଇର ଅନ୍ତରୀଣ ନିର୍ଦ୍ଦେଶକ ଭାବେ ଏମ୍.ନାଗେଶ୍ୱର ରାଓଙ୍କ ନିଯୁକ୍ତିକୁ ଚାଲେଞ୍ଜ କରି ସୁପ୍ରିମକୋର୍ଟରେ ଦାଏର ହୋଇଥିବା ମାମଲାର ଶୁଣାଣିରୁ ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇ ଓହରିଯାଇଛନ୍ତି। ଆସନ୍ତା ୨୪ ତାରିଖରେ ସିବିଆଇ ନିର୍ଦ୍ଦେଶକ ଚୟନ ଲାଗି ହେବାକୁ ଥିବା ଉଚ୍ଚ କ୍ଷମତାସମ୍ପନ୍ନ କମିଟି ବୈଠକରେ ସେ ଭାଗ ନେଉଥିବାରୁ ଉପରୋକ୍ତ ମାମଲାର ଶୁଣାଣିରୁ ଓହରିଯିବାକୁ ନିଷ୍ପତ୍ତି ନେଇଛନ୍ତି। ନୂଆ ସିବିଆଇ ନିର୍ଦ୍ଦେଶକ ଚୟନ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଗଠିତ ଚୟନ କମିଟିରେ ସିଜେଆଇ ଏବଂ ଲୋକ ସଭାରେ କଂଗ୍ରେସ ନେତା ମଲ୍ଲିକାର୍ଜ୍ଜୁନ ଖାର୍ଗେ ସଦସ୍ୟ ରହିଛନ୍ତି। ସରକାର ଆଲୋକ ବର୍ମାଙ୍କୁ ସିବିଆଇ ନିର୍ଦ୍ଦେଶକ ପଦରୁ ବିଦା କରିବା ପରେ ଏହି ପଦ ଖାଲି ପଡିଛି। ନୂଆ ନିର୍ଦ୍ଦେଶକ ନିଯୁକ୍ତ ହେବା ପର୍ଯ୍ୟନ୍ତ ଅତିରିକ୍ତ ନିର୍ଦ୍ଦେଶକ ନାଗେଶ୍ୱର ରାଓଙ୍କୁ ସରକାର ଅନ୍ତରୀଣ ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦେଇଥିଲେ। ଏକ ଏନ୍ଜିଓ ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ସରକାରଙ୍କ ଅନ୍ତରୀଣ ନିଯୁକ୍ତିକୁ ଚାଲେଞ୍ଜ କରି ପିଟିଶନ ଦାଏର କରିଥିଲେ।

# ଶିବକୁମାର ସ୍ୱାମିଜୀଙ୍କ ପରଲୋକ

ବେଙ୍ଗାଲୁରୁ,୨୧।୧(ପି.ଟି.)

କର୍ନାଟକ ସିଦ୍ଧଗଙ୍ଗା ମଠର ମହନ୍ତ ତଥା 'ଚଳନ୍ତି ଭଗବାନ' ଭାବେ ପରିଚିତ ଶିବକୁମାର ସ୍ୱାମିଜୀଙ୍କର ସୋମବାର ପରଲୋକ ହୋଇଯାଇଛି। ତାଙ୍କୁ ୧୧୧ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ହେଲା ଅସୁସ୍ଥ ଥିଲେ। ଯକୃତ ସମସ୍ୟା ଯୋଗୁ ନିକଟରେ ଚେନ୍ନାଇର ଏକ ହସ୍ପିଟାଲରେ ତାଙ୍କର ଅସ୍ତ୍ରୋପଚାର ହୋଇଥିଲା। ସ୍ୱାମିଜୀଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ତାଙ୍କର ଲକ୍ଷାଧିକ ଭକ୍ତଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ଶେଷ ଦର୍ଶନ ଲାଗି ରାଜ୍ୟର ବିଭିନ୍ନ ସ୍ଥାନରୁ ଭକ୍ତଙ୍କ ସୁଅ ଛୁଟିଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସ୍ୱାମିଜୀଙ୍କ ପରଲୋକରେ ଶୋକବ୍ୟକ୍ତ କରିଛନ୍ତି। ସ୍ୱାମିଜୀ ଗରିବ ଏବଂ ଅବହେଳିତଙ୍କ ଲାଗି ବଞ୍ଚିଥିଲେ। ସମାଜରୁ ଦାରିଦ୍ର୍ୟ, କ୍ଷୁଧା ଏବଂ ଅନ୍ୟାୟ ଦୂର କରିବାରେ ସେ ନିଜକୁ ଉତ୍ସର୍ଗ କରିଦେଇଥିଲେ। ତାଙ୍କ ପାଇଁ ଆଜି ସାରା ବିଶ୍ୱର ଅଗଣିତ ଭକ୍ତ ପ୍ରାର୍ଥନା କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ ଟୁଇଟ୍ କରିଛନ୍ତି। ସ୍ୱାମିଜୀଙ୍କ ପରଲୋକରେ ଆଧ୍ୟାତ୍ମିକ ଜଗତରେ ବିରାଟ ଶୂନ୍ୟତା ସୃଷ୍ଟି ହେଲା ବୋଲି ରାହୁଲ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି। ସ୍ୱାମିଜୀଙ୍କୁ ଭାରତରତ୍ନ ପ୍ରଦାନ କରିବା ଲାଗି ଲୋକ ସଭାରେ କଂଗ୍ରେସ ନେତା ମଲ୍ଲିକାର୍ଜ୍ଜୁନ ଖାର୍ଗେ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏଚ.ଡି. କୁମାରସ୍ୱାମୀ ଲିଙ୍ଗାୟତ ସନ୍ଥଙ୍କ ପରଲୋକରେ ରାଜ୍ୟରେ ୩ ଦିନିଆ ଶୋକ ପାଳନ ନିମନ୍ତେ ଘୋଷଣା କରିଛନ୍ତି। ପରମ ପୂଜ୍ୟ ସିଦ୍ଧଗଙ୍ଗାଶ୍ରୀଙ୍କ ଦେହାନ୍ତ ରାଜ୍ୟ ପାଇଁ ଅପୂରଣୀୟ କ୍ଷତି। ସମାଜରେ ପରିବର୍ତ୍ତନ ଆଣିବାରେ ତାଙ୍କର ଅବଦାନ ଅତୁଳନୀୟ ବୋଲି କୁମାରସ୍ୱାମୀ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି। ମଙ୍ଗଳବାର ଅପରାହ୍ନ ୪.୩୦ରେ ତୁମକୁରୁଠାରେ ସ୍ୱାମିଜୀଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ।

ମଠ ୱେବ୍ସାଇଟ ଅନୁଯାୟୀ ସ୍ୱାମିଜୀଙ୍କ ଜନ୍ମ ୧୯୦୮ ଏପ୍ରିଲ ୧ରେ କର୍ନାଟକର ବୀରାପୁରା ଗ୍ରାମରେ ହୋଇଥିଲା। ସେ ସିଦ୍ଧଗଙ୍ଗା ଶିକ୍ଷା ସମାଜର ପ୍ରତିଷ୍ଠାତା। ତାଙ୍କୁ ପଦ୍ମ ଭୂଷଣ ଏବଂ ରାଜ୍ୟର ସର୍ବୋଚ୍ଚ ସମ୍ମାନ କର୍ନାଟକ ରତ୍ନରେ ସମ୍ମାନିତ କରାଯାଇଥିଲା। ଭକ୍ତମାନେ ତାଙ୍କୁ ସମାଜ ସଂସ୍କାରକ ତଥା ଦ୍ୱାଦଶ ଶତାବ୍ଦୀରେ ଲିଙ୍ଗାୟତ ସମ୍ପ୍ରଦାୟର ପ୍ରତିଷ୍ଠାତା ବାସବେଶ୍ୱରଙ୍କ ଅବତାର ଭାବେ ଗ୍ରହଣ କରିଥାନ୍ତି।



- କର୍ନାଟକର ଚଳନ୍ତି ଭଗବାନ ଭାବେ ପରିଚିତ ଥିଲେ
- ୧୧୧ ବର୍ଷ ବୟସ ହୋଇଥିଲା
- ରାଜ୍ୟରେ ୩ ଦିନିଆ ଶୋକ ଘୋଷଣା


ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ୍-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡ଼ଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

# ଅନୁକମ୍ପା ପାଇଁ ଚୋରିକୁ ପ୍ରୋତ୍ସାହନ

ଭୁବନେଶ୍ୱର,୨୧।୧(ବ୍ୟୁରୋ)

ଓଡିଶାରେ ଅସାଧାରଣ ମୃତ୍ୟୁ ଘଟିଲେ ଆର୍ଥିକ ଅନୁକମ୍ପା (କମ୍ପେନସେସନ୍) ନିଶ୍ଚିତ। ଏହାର ଉଦାହରଣ ଖୋଜିବାକୁ ଗଲେ ୧୬ ଜାନୁୟାରୀ ୨୦୧୯ ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ନିରାକାରପୁର ପଞ୍ଚାୟତ ନନପଡା ମଲୁଖଆଡିଆନାଳ ନିକଟସ୍ଥ ବିଲରେ ଲକ୍ଷ୍ମୀଧର ବେହେରାଙ୍କ ଆତ୍ମହତ୍ୟା କରିଥିବା ଘଟଣା ଦୃଷ୍ଟିକୁ ଆସେ। ଏଭଳି କଠୋର ପଦକ୍ଷେପ ନେବା ପୂର୍ବରୁ ଲକ୍ଷ୍ମୀଧର ଏକ ଭିଡିଓ ରେକର୍ଡିଂ ମାଧ୍ୟମରେ ତାଙ୍କର ଅସନ୍ତୋଷର କାରଣ ଦର୍ଶାଇଥିଲେ। ଏହି ରେକର୍ଡିଂରେ ଲକ୍ଷ୍ମୀଧର କହିଥିଲେ ଯେ, ଅନେକ ବର୍ଷ ଧରି ବହୁତଥର ସମ୍ପୃକ୍ତ ଅଧିକାରୀଙ୍କୁ ଏକ ବାସଗୃହ ପାଇଁ କରିଆସୁଥିବା ଅନୁରୋଧରେ ବିଫଳ ହୋଇଥିବାରୁ ଏଭଳି ଆତ୍ମହତ୍ୟା କରିବାକୁ ମନସ୍ଥ କରିଥିଲେ। ଏହି ଭିଡିଓ ପଦାକୁ ଆସିବାର ଦୁଇଦିନ ପରେ ତାଙ୍କ ପରିବାରକୁ ବିଜୁ ପକ୍କାଘର କାର୍ଯ୍ୟାଦେଶ ଦିଆଯାଇଥିଲା। ଏହାସହ ଆର୍ଥିକ ଅନୁକମ୍ପା ଯାଚିବାକୁ ଜିଲା ପ୍ରଶାସନ ତତ୍ପର ହୋଇପଡିଥିଲା ବୋଲି ମଧ୍ୟ ଜଣାପଡିଛି। ତେବେ ଏହି ଅର୍ଥ ଆସିବ କୁଆଡୁ?

ସ୍ଥାନୀୟ ଥାନାର ଜଣେ ପୋଲିସ ଅଧିକାରୀଙ୍କ କହିବାନୁଯାୟୀ, ପ୍ରଶାସନଠାରୁ ନିର୍ଦ୍ଦେଶ ଆସିଲା ଜରିମାନା ଆଦାୟ କରାଯାଉ। ଏହାକୁ ଫଳପ୍ରଦ କରିବାକୁ ଯାଇ ସେହି ଅଞ୍ଚଳରେ ଦିନରାତି ଚାଲିଥିବା ବେଆଇନ ମାଙ୍କଡା ପଥର ଚୋରି ଓ ପରିବହନରେ ସମ୍ପୃକ୍ତ ୪ଟି ଟ୍ରକକୁ ଅଟକାଇ ଦିଆଗଲା। ପୋଲିସ୍ ଅଧିକାରୀ ଜଣଙ୍କ କହିଲେ, ତୁମର ଭାଗ୍ୟ ଖରାପ ତୁମେ ଏଥିରେ ପଡିଗଲ। ଟ୍ରକ ପିଛା ୨୫ହଜାର ଟଙ୍କା ଆଦାୟ ପାଇଁ କୁହାଯାଇଛି। ସେହି ଅର୍ଥ ଆଦାୟ କରି ଲକ୍ଷ୍ମୀଧରଙ୍କ ପରିବାରକୁ ଅନୁକମ୍ପା ଦେବାର ଅଣଆନୁଷ୍ଠାନିକ ନିଷ୍ପତ୍ତି ନିଆଗଲା। ଏହି ଖବର ମିଳିବାପରେ ଧରିତ୍ରୀ ତରଫରୁ ଉପଜିଲାପାଳ ସରୋଜ ସାହୁଙ୍କୁ ଘଟଣା ସମ୍ପର୍କରେ ପଚରାଯାଇଥିଲା। ଉତ୍ତରଦେଇ ଉପଜିଲାପାଳ କହିଥିଲେ, ଲକ୍ଷ୍ମୀଧରଙ୍କ ଘରକୁ ଯିବା ଘଟଣା ଠିକ୍। ଅନ୍ୟଜଣେ ଅଧିକାରୀଙ୍କୁ ଅପେକ୍ଷା କରିବା ଠିକ୍। ମୋ ସମ୍ମୁଖରେ ପଥର ଚୋରାଚାଲଣ କରୁଥିବା ଟ୍ରକ୍ ଜବତ୍ କରିବା ମଧ୍ୟ ଠିକ୍। ଏଥିସହ ପଚରାଯିବାରୁ ଉପଜିଲାପାଳ କହିଥିଲେ, ପଥର ଚୋରି ହେଉଥିବା କଥା ସତ୍ୟ। ସେହି ସ୍ଥାନଗୁଡିକରେ ୧୪୪ଧାରା ମଧ୍ୟ ଜାରି କରାଯାଇଛି। କେତେକ ମାମଲା ରୁଜୁ ହୋଇଛି। ଆମେ ଜାଣିବାରେ ପଥର ଚୋରା ଖନନ ବନ୍ଦ ହୋଇଛି।

ଉପଜିଲାପାଳ ଏହା କହୁଥିବା ସତ୍ତ୍ୱେ ବାସ୍ତବ ପରିସ୍ଥିତି ଏକ ଭିନ୍ନ ଚିତ୍ର ଦର୍ଶାଉଛି। ଦୈନନ୍ଦିନ ଚୋରା ପଥର କଟା ଏବଂ ଖୋଲାଖୋଲି ପରିବହନରେ ଲାଗି ପଡିଥିବା ଅନେକ ଶହ ଟ୍ରକ୍ ସେହି ବାଟ ଦେଇ ଯିବା ଆସିବା କରୁଛନ୍ତି। ରାଜଧାନୀ ଭୁବନେଶ୍ୱରରେ ରାଜ୍ୟ ସରକାରଙ୍କ ସବୁ କ୍ଷମତାସୀନ ବ୍ୟକ୍ତି ଥିବା ସତ୍ତ୍ୱେ ତାଙ୍କର ନାକ ତଳେ ଏହିଭଳି ବେଆଇନ ଚୋରି ସେହି ଅଞ୍ଚଳରେ ପରିବେଶକୁ ସଦାସର୍ବଦା ନଷ୍ଟ କରିଦେଉଛି। ସମତଳ ଭୂଇଁକୁ କାଟି ଦେଇ ଏହି ପଥର ଚୋରମାନେ ସରକାରୀ କର୍ମଚାରୀ ଏବଂ ପୋଲିସ୍‌ଙ୍କ ସହିତ ସିଧାସଳଖ ମେଣ୍ଟରେ ଅଛନ୍ତି ବୋଲି ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ରାଜ୍ୟ ସରକାରଙ୍କୁ ଆର୍ଥିକ ଅନୁକମ୍ପା ଦେବାକୁ ହେଲେ ହୁଏତ ଏହିଭଳି ଚୋରା ବ୍ୟବସାୟକୁ ପ୍ରୋତ୍ସାହନ ଦେବା ସହଜ ହୋଇପଡୁଛି।



ପଥର ଚାଲାଣ କରୁଥିବା ଜବତ ଟ୍ରକ୍।

## ଶାଳପତ୍ରରୁ ରୟାଲଟି ଛାଡ଼ କଲେ ସରକାର

ଭୁବନେଶ୍ୱର,୨୧।୧(ବ୍ୟୁରୋ): ସାଧାରଣ ନିର୍ବାଚନ ପୂର୍ବରୁ ସବୁ ବର୍ଗର ଲୋକଙ୍କୁ ଖୁସି କରିବାକୁ ରାଜ୍ୟ ସରକାର ପୂରାଦମ୍ ଲଗାଇ ଦେଇଛନ୍ତି। ଚାଷୀଙ୍କ ପାଇଁ କାଳିଆ ଯୋଜନା ଘୋଷଣା କରିବା ପରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଆର୍ଥିକ ସହାୟତା ରାଶି ବୃଦ୍ଧି, ଅଙ୍ଗନୱାଡି କର୍ମୀଙ୍କ ଦରମା ୧୫୦୦ ବୃଦ୍ଧି, ସାମାଜିକ ସୁରକ୍ଷା ଯୋଜନାରେ ବୃଦ୍ଧାବୃଦ୍ଧଙ୍କ ପାଇଁ ୨୦୦ ଟଙ୍କା ବୃଦ୍ଧି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସୋମବାର ଶାଳପତ୍ର ତୋଳାଳିଙ୍କୁ ଖୁସି କରିବାକୁ ମୁଖ୍ୟମନ୍ତ୍ରୀ ଶାଳପତ୍ର ଉପରୁ ରୟାଲଟି ଉଚ୍ଛେଦ କରିଛନ୍ତି। ଏହାଦ୍ୱାରା ରାଜ୍ୟରେ କାର୍ଯ୍ୟରତ ୨୫ ଲକ୍ଷ ଶାଳପତ୍ର ତୋଳାଳି ଉପକୃତ ହେବେ। ରାଜ୍ୟ ସରକାର ପୂର୍ବରୁ ଶାଳପତ୍ର କୁଇଣ୍ଟାଲ ଉପରୁ ୮୬ ଟଙ୍କା ରୟାଲଟି ନେଉଥିଲେ।


vedanta
transforming elements

**EXPRESSION OF INTEREST**
**OUTSOURCING OF COMMERCIAL DEBT RECOVERY**

**Vedanta Limited,** a subsidiary of **Vedanta Resources Limited** is one of the world's leading diversified natural resources companies and a leading producer of Oil & Gas, Zinc, Lead, Silver, Copper, Iron Ore, Aluminium, Steel and Commercial Power. **Vedanta Aluminium** hereby invites expression of interest from service providers who are established, competent and financially stable for the following :-

The outsource partner will work on a turnkey basis using contractual/ negotiation/ arbitration/ legal strategies, etc. for the outstanding dues with contractually obligated entities including vendors & government owned utilities. Remuneration / fees shall be commensurate with agreed deliverables in a time bound manner.

Interested and competent service providers can submit their expression of interest with their credentials, details of similar engagements done, value of debt recovered in the past two financial years and other relevant data within 7 days through e-mail to **tenders.outsourcing@vedanta.co.in.** Shortlisted service providers will be invited for due diligence post signing of non-disclosure agreements.







## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ସାନୁ
ପରିବାରବର୍ଗ


ପ୍ରିୟଙ୍କା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## 2nd Marriage Anniversary



**Subrat with Baby**

**Naranpur, Balibil, Jajpur**

Best wishes from all family members.
D-10704

# classified




### SALE

Plotting project near Patia KIIT University, Bhubaneswar 40" mainroad, 30" subroad, draingage, electrification, instant boundarywall sqft. 1150/-. 6370743007, 6370855152. D-65341

ଭୁବନେଶ୍ୱର ସୁନ୍ଦରପଦା Indus Engineering କଲେଜ backside sqft.- 199/-ରେ ପ୍ଲଟ ମିଳୁଅଛି। 8338932027. D-65312

ଭୁବନେଶ୍ୱର ବାଳକାଟିବଜାରରୁ 3km. ଦୂରତାରେ 30'ରୋଡ୍ ଇଲେକ୍ଟ୍ରିସିଟି ସୁବିଧାଥାଇ ଘରବାରି ପାଚେରିସହ ପିଚୁରୋଡକୁଲାଗି sqft. 550/-, ଜଟଣୀଗେଟ୍‌ରୁ 1km. 1200କୁ 2,40,000/-ରେ ବିକ୍ରିହେବ। 9090053827, 9348020724. D-65335

Residential plot 10.89 acres at Village-Sansighari, G.P. Bajamunda, P.S. Burla, District- Sambalpur for sale having electricity/ water facility/ connected by road and National Highway No.- 6. suitable for School educational institution residential College etc. Pl. Contact: 7032700242, 9937958210. D-10539

Bhubaneswar Patia KIIT University ନିକଟରେ ବାସୋପଯୋଗୀ plot କିଣନ୍ତୁ। 9439444251, 9078085655. D-65334

Want to make a society deal for 50 Units of 2/3BHK flats project at Corporate price near AMRI Hospital, Ghatikia, Bhubaneswar. 7750085903. D-10658

Sthtiban developed plot with Revenue Road and electricity near Patia Railway Station. 7978441564. D-10680

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-65509

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ କିଛି ଦୂରତାରେ 1200 sqft. 1,80,000/-, ପ୍ରତାପନଗରୀ ଧାକୁଲେଇପୀଠରୁ କିଛି ଦୂରତାରେ 1200କୁ 2,60,000/- (outright). 9938177361, 9776934361. D-65321

Bhubaneswar AIIMS Hospital, MOBus stand ନିକଟରେ gharabari plot sale. 8480745797. D-65342

2700 sft. land at Panchasakha Nagar, Dumduma, Jagamara available for sale. Contact: 9938810414, 6371694117. D-64570

70,000/- booking ଦେଇ Xavier University ପାଖରେ plotର ମାଲିକ ହୁଅନ୍ତୁ: 6371481421. D-65452




1000, 750, 700, 650, 450 sqft. available for office purpose at centrally located Unit-9, 2300 sqft. office space available at Metro house Vanivihar. 3BHK available for rent at Damayanti Apartment Nayapally. Mob: 7789837712, 9861256148. D-71411




Fully refreshed/ relaxed body massage by expert therapist, Shastri Nagar. 7377984773. D-65282

Rejuvenate and Ayurvedic full body massage by smart therapist. 9114402304. D-65283

Ayurvedic full body massage ladies/ gents experts therapist. 8338097451 . D-64693

Physiotherapy, full body massage by trained ladies/ gents therapy. 7008773793. D-65451

Ayurvedic full body massage ladies/ gents smart experts therapist. 9114697517. D-64698

Herbal fullbody massage with refreshment by well trained therapist. 7381239385. D-65524

Experience full body massage with us by expert Enquiry: 06742597822, 7377048581. D-65519

Herbal full body massage by smart/ expert therapist. Contact: 8338067247. D-65520

Newly opening ayurvedic massage smart therapist, Shree herbal. 7750020754. D-65521

Improving your health, skin care through expert therapist, excellent offer. 9668374480. D-65522

Pamper yourself this Mansoon professional massage. Contact Purple Orchid. 9776598888. D-65523

Roshin ayurvedic massage club fully relaxed by smart lady home service facility available. 9937637219. D-64697

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### AFFIDAVIT

By virtue of an affidavit before the Executive Magistrate Puri, I declare that I Kalpana Pradhan changed my name to Sriya Jena for all purposes. D-10687

ମୁଁ ଶ୍ରୀ ଜଶାପତି ନାଏକ ବୟସ-୫୯ ପିତା-ସ୍ୱର୍ଗତ ଅବଧାନ ନାଏକ ସା-ନୂଆ ଏ.ଜି.କଲୋନୀ ଘ.ନଂ-TypeIII- ୨୩୯, ପୋ- ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ନୋଟାରୀ ପବ୍ଲିକ୍ ଭୁବନେଶ୍ୱର କ୍ର.ନଂ- V6/P6/21 ତା-୧୯-୦୧-୨୦୧୯ଠାରେ ମୋର ସାଙ୍ଗିଆ ନାଏକ ରୁ ନାୟକ ଭାବେ ପରିବର୍ତ୍ତନ କରିଅଛି। ଆଜିଠାରୁ ମୁଁ ଜଶାପତି ନାୟକ ଭାବେ ସବୁଠାରେ ଯଥା ସରକାରୀ ଓ ବେସରକାରୀ ସ୍ଥଳେ ବ୍ୟବହାର ହେବି। ଧ-୧୦୬୯୮

By virtue of an affidavit before the Notary Bhubaneswar, I declare that my name has been wrongly mentioned as Rabi Sahu in my Aadhar card earlier & I have changed my name to Narayan Sahoo for all future purposes. D-10688

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରୋ ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।


# ୨୬ରେ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୨୧।୧(ବ୍ୟୁରୋ):** ରାଜ୍ୟକୁ ପଶ୍ଚିମା ବାୟୁ ପ୍ରବାହ ଆରମ୍ଭ ହୋଇଛି। ଏଥିଯୋଗୁ ଦିନର ତାପମାତ୍ରାରେ ବୃଦ୍ଧି ଘଟିଛି। ପଶ୍ଚିମା ବାୟୁ ପ୍ରବାହ ପ୍ରଭାବରେ ଆସନ୍ତା ୨୬ରୁ ୨୮ ତାରିଖ ମଧ୍ୟରେ ଆଭ୍ୟନ୍ତରୀଣ ଏବଂ ଉପକୂଳ ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି। ୨୫ ତାରିଖ ରାତିରୁ ବୌଦ୍ଧ, ଦେବଗଡ଼, କଳାହାଣ୍ଡି, ଅନୁଗୋଳ, ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼ ଆଦି ଜିଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ୨୮ରେ ଉପକୂଳ ଓଡ଼ିଶାର ଗଞ୍ଜାମ, ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର, କଟକ, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର ଆଦି ଜିଲାରେ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ବର୍ଷା ପରେ ରାଜ୍ୟରେ ଶୀତର ପ୍ରକୋପ ସାମାନ୍ୟ ବୃଦ୍ଧି ପାଇବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଖୋର୍ଦ୍ଧା, ପୁରୀ, ନୟାଗଡ଼, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ଏବଂ ଯାଜପୁର ଜିଲାର କେତେକ ସ୍ଥାନରେ ପ୍ରବଳ କୁହୁଡ଼ି ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

## ନକଲି ନର୍ସଙ୍କ କାରନାମା ପରେ




## ଗୁଳିକାଣ୍ଡରେ ଜଣେ ମୃତ

**ରାଜନଗର, ୨୧।୧(ଡି.ଏନ୍.ଏ.)**

କେନ୍ଦ୍ରାପଡା ଜିଲା ରାଜନଗର ଥାନା ଅନ୍ତର୍ଗତ କଣ୍ଡିରା ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସୋମବାର ଗୁଳିକାଣ୍ଡ ହୋଇଛି। ଏଥିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର କାଳନ୍ଦି ସେଠୀଙ୍କ ପୁଅ କିଶୋର ସେଠୀ(୩୫)। ଏହି ଘଟଣାରେ ସମ୍ପୃକ୍ତ ସିପୁନ ସ୍ୱାଇଁଙ୍କୁ ପୋଲିସ ଗିରଫ କରିଛି।

### କିଛି ତଥ୍ୟ

୨୦୧୮ ବର୍ଷରେ ସୁନା ଆମଦାନୀ ୧୪.୫% ହ୍ରାସ ଘଟି ୭୯୫ ଟନ ରହିଛି। ଏହା ୨୦୧୭ରେ ୮୭୬ ଟନ୍ ରହିଥିଲା।

**– ଜେମ୍ସ ଆଣ୍ଡ ଜୁଏଲେରି ଏକ୍ସପୋର୍ଟ ପ୍ରମୋଶନ କାଉନସିଲ୍**


# ମନେ ପଡ଼ନ୍ତି

**ପ୍ରଥମ ଶାଦ୍ଧବାର୍ଷିକୀ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ସାଧୁ ଚରଣ ସିଂହ**

ଆବିର୍ଭାବ: ୧୭।୬।୧୯୩୪
ତିରୋଧାନ: ୩।୧।୨୦୧୮

ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

**ଶୋକସନ୍ତପ୍ତ ପରିବାରବର୍ଗ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ।**

ଧ-୧୦୭୦୫

**ପ୍ରଥମ ଶାଦ୍ଧବାର୍ଷିକୀ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ଲକ୍ଷ୍ମୀ ସିଂହ**

ଆବିର୍ଭାବ: ୨୬।୮।୧୯୪୩
ତିରୋଧାନ: ୧୮।୪।୨୦୧୭

ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

**ଶୋକସନ୍ତପ୍ତ ପରିବାରବର୍ଗ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ।**

ଧ-୧୦୭୦୬

**ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଅକ୍ଷୟ ନାରାୟଣ ସାମଲ**

ବଡ଼କିଆ, ରସାଳପୁର, ବାଲେଶ୍ୱର
ଆବିର୍ଭାବ: ୧୦।୦୪।୧୯୭୩
ତିରୋଧାନ: ୧୨।୦୧।୨୦୧୯

ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ତାଙ୍କର ଆତ୍ମାର ସଦ୍‌ଗତି ପାଇଁ ପରିବାର, ବନ୍ଧୁବାନ୍ଧବଙ୍କ ପକ୍ଷରୁ ପ୍ରାର୍ଥନା।

ଶୋକସନ୍ତପ୍ତ ପରିବାରବର୍ଗ ଓ ବନ୍ଧୁବର୍ଗ।

ଧ-୧୦୭୦୭

**ଦଶାହ ଉପଲକ୍ଷେ**



**ସ୍ୱର୍ଗତ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ**

ବାଲିସାହି, ବାରାହିଲେନ୍, ପୁରୀ
ଆବିର୍ଭାବ: ୧୮।୦୧।୧୯୫୩
ତିରୋଧାନ: ୧୩।୦୧।୨୦୧୯

ଅଖିଳ ବ୍ରହ୍ମାଣ୍ଡନାଥ ଅଶରଣ ଶରଣ ରକ୍ଷଣ ମହାବାହୁ ବିଶ୍ୱନିୟନ୍ତା ଶ୍ରୀଶ୍ରୀ ଜଗନ୍ନାଥ ମହାପ୍ରଭୁ ଆପଣଙ୍କର ଅମରାତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ।

ଶୋକସନ୍ତପ୍ତ ପରିବାରବର୍ଗ।

ଧ-୬୪୦୪୦


## ପ୍ରଥମ ପୃଷ୍ଠାରୁ...

# କୁହୁଡ଼ି ନେଲା...

ସୁଶାନ୍ତ, ଟୁନି ଓ ଭଗବତୀ ଘରୁ ବାହାରିଥିଲେ। ଏହି ସମୟରେ ଅମର ଓ ପ୍ରତାପ କୌଣସି କାର୍ଯ୍ୟରେ କଟକ ଯାଉଥିବା ବେଳେ ରାଜନଗର-ପଟ୍ଟାମୁଣ୍ଡାଇ ରାସ୍ତାର ଚନ୍ଦନନଗର ଛକରେ ସେମାନଙ୍କ ଗାଡ଼ି ଖରାପ ହୋଇଯାଇଥିଲା। ଫଳରେ ସେମାନେ ସୁବ୍ରତଙ୍କ ଗାଡ଼ିକୁ ଲିଫ୍ଟ ମାଗି ତାଙ୍କ ସହ ଯାଇଥିଲେ। କଟକ-ଚାନ୍ଦବାଲି ରାସ୍ତାର କାକଟିଆ ଛକଠାରେ ତାଙ୍କ ଗାଡ଼ିକୁ ସମ୍ମୁଖରୁ ଆସୁଥିବା ଏକ ଟ୍ରକ ( ନଂ. ଓଡ଼ି-୦୫-ୟୁ-୪୫୫୭) ଧକ୍କା ଦେଇଥିଲା। ଘଟଣାସ୍ଥଳରେ ସୁବ୍ରତ, ଭଗବତୀ ଓ ବିଭୂତିଙ୍କର ମୃତ୍ୟୁ ଘଟିବା ପରେ ବ୍ୟବଚ୍ଛେଦ ପାଇଁ ସେମାନଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଅନ୍ୟ ୫ଜଣଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଅମରଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଦୁର୍ଘଟଣା ଘଟିବା ପରେ କିଛି ସମୟ ପର୍ଯ୍ୟନ୍ତ କାକଟିଆ ଛକରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବରପାଇ ସଦର ଥାନା ଅଧିକାରୀ କାବୁଲି ବାରିକ ଓ ଚାନ୍ଦୋଳ ଫାଣ୍ଡି ଅଧିକାରୀ ରଣେନ୍ଦ୍ର ସାମଲ ଅନ୍ୟ ପୋଲିସ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ। ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ପୋଲିସ ଜବତ କରିଥିବା ବେଳେ ଟ୍ରକର ଡ୍ରାଇଭର ଓ ହେଲ୍‌ପର ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ପୋଲିସ କହିଛି। ସୁବ୍ରତଙ୍କ ମୃତଦେହ ରାଜନଗରରେ ପହଞ୍ଚିବା ପରେ ଡ୍ରାଇଭର ସଂଘ ପକ୍ଷରୁ ଏକ ଶୋଭାଯାତ୍ରା ବଜାର ପରିକ୍ରମା କରାଯିବା ପରେ ସନ୍ଧ୍ୟାରେ ଶବ ସତ୍କାର କରାଯାଇଛି।

ସେହିପରି ହାତୀ ତେଲଟାଙ୍କି ଦୁର୍ଘଟଣାରେ ପ୍ରାଣ ହରାଇଥିବା ତପନ ଓ ଅଞ୍ଜନ ଏସ୍‌ଆଇଏସ୍ ନାମକ ସିକ୍ୟୁରିଟି ସଂସ୍ଥାରେ କାମ କରୁଥିବା ଜଣାପଡିଛି। ରାତି ଡ୍ୟୁଟି ସାରି ସେମାନେ ସକାଳେ ଗାଁକୁ ଯାଉଥିଲେ। ହାତୀ ପେଟ୍ରୋଲ ଟାଙ୍କିରୁ ବାଇକ୍‌ରେ ତେଲ ପକାଇ ରାଜପଥକୁ ବାହାରିବାବେଳେ ପାରାଦୀପ ଅଭିମୁଖେ ଆସୁଥିବା ଏକ ଟ୍ରକ୍ (ନଂ.ସିଜି୨୯ଏ୫୪୨୬) କୁହୁଡ଼ି ଯୋଗୁ ଦେଖି ନ ପାରି ସେମାନଙ୍କୁ ଧକ୍କା ଦେଇଥିଲା। ଏଥିରେ ତପନ ଓ ଅଞ୍ଜନ ଗୁରତର ହୋଇଥିଲେ। ଲକ୍ ଥାନା ପୋଲିସ ସେମାନଙ୍କୁ ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ପରେ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଏନେଇ ଏକ ମାମଲା ନଂ.୧୧/୧୯ ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦୁର୍ଘଟଣାଗ୍ରସ୍ତ ଗାଡ଼ି ୨ଟି ଜବତ ହୋଇଛି। ଏହି ଦୁର୍ଘଟଣା ପରେ ସେଠାରେ ମଧ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ସନ୍ଧ୍ୟାରେ ମୃତକଙ୍କ ପରିବାର ମୃତଦେହ ଆଣି ପାରାଦୀପସ୍ଥିତ ଇଣ୍ଡିଆନ ଅଏଲ ରିଫାଇନେରୀ ଆଗରେ କ୍ଷତିପୂରଣ ଦାବିରେ ଧାରଣା ଦେଇଥିଲେ। ରାତି ୮ଟାରେ ମୃତକ ଦ୍ୱୟ ଚାକିରି କରିଥିବା ଘରୋଇ ସିକ୍ୟୁରିଟି ସଂସ୍ଥା ୩ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଓ ପରିବାରର ଜଣଙ୍କୁ ଚାକିରି ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି।

# ଓଲଟିଲା ବସ୍...

ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଯାତ୍ରୀ ବାହାରକୁ ଡେଇଁ ପଡ଼ିବାକୁ ଉଦ୍ୟମ କରିଥିଲେ। ହେଲେ ସେ ବସ୍ ତଳେ ଚାପିହୋଇ ପ୍ରାଣ ହରାଇଥିଲେ। ମୃତକଙ୍କ ମଧ୍ୟରୁ ଜଣଙ୍କର ପରିଚୟ ମିଳିଛି। ସେ ହେଲେ ଅନୁଗୋଳ ଜିଲା ବଳରାମପ୍ରସାଦ ଅଞ୍ଚଳର ଦୁର୍ଯ୍ୟୋଧନ ମହାନ୍ତି (୫୫)।

ଏହି ଦୁର୍ଘଟଣା ପରେ ଅନେକ ଅବ୍ୟବସ୍ଥା ସାମ୍ନାକୁ ଆସିଛି। ମୁଖ୍ୟତଃ ଜାତୀୟ ରାଜପଥ କର୍ତ୍ତୃପକ୍ଷ ରାସ୍ତା ଉପରେ ବାଲି ଜମା କରିଥିଲେ ମଧ୍ୟ ତାହାକୁ ବ୍ୟାରିକେଡ୍ ମଧ୍ୟରେ ରଖି ନ ଥିଲେ କି ସେହି ସ୍ଥାନ ଚିହ୍ନଟ ପାଇଁ ରେଟ୍ରୋ ରିଫ୍ଲେକ୍ଟିଭ ଟେପ୍ ଲଗାଇ ନ ଥିଲେ। ଫଳରେ ହଠାତ୍ ସେଠାରେ ବାଲି ଜମାଥିବା ଜଣାପଡ଼ି ନ ଥିଲା। ଏହାବାଦ ଯେଉଁଠାରେ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି ସେଠାରେ ବସ୍‌ର ବେଗ ଅତିବେଶିରେ ୩୦ରୁ ୩୫ କିଲୋମିଟର ମଧ୍ୟରେ ରହିବା କଥା। ମାତ୍ର ଦୁର୍ଘଟଣା ସମୟରେ ବସ୍‌ର ବେଗ ଘଣ୍ଟା ପ୍ରତି ୬୦ କିଲୋମିଟରରୁ ଅଧିକ ଥିବା କଟକ ଆର୍‌ଟିଓ ଦୀପ୍ତିରଞ୍ଜନ ପାତ୍ର କହିଛନ୍ତି। ଅନ୍ୟପକ୍ଷରେ ବସ୍‌ର ମାଲିକ କଟକର ହୋଇଥିବା ବେଳେ ସେ ଅନ୍ୟ ଜଣଙ୍କୁ ବିକ୍ରି କରିଛନ୍ତି। ହେଲେ ବସ୍‌ର ମାଲିକାନା ସ୍ୱତ୍ୱ ବଦଳ ହୋଇନାହିଁ। ଯେହେତୁ ଦୁର୍ଘଟଣା ପରେ ଡ୍ରାଇଭର ଫେରାର ହୋଇଯାଇଛନ୍ତି, ତେଣୁ ବସ୍‌ର ମାଲିକଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବାରୁ ବିବାଦ ଉପୁଜିଥିବା ପରିବହନ ବିଭାଗର ଜଣେ ଅଧିକାରୀ କହିଛନ୍ତି। ତେବେ ବସ୍‌ର କାଗଜପତ୍ର ଠିକ୍‌ଠାକ ଥିବା ଆର୍‌ଟିଓ ପାତ୍ର କହିଛନ୍ତି। ଡ୍ରାଇଭର ଫେରାର ଥିବାରୁ ତାଙ୍କ ଡ୍ରାଇଭିଂ ଲାଇସେନ୍ସ ଯାଞ୍ଚ ହୋଇପାରି ନ ଥିବା ସେ ସୂଚନା ଦେଇଛନ୍ତି। ଏସ୍‌ସିବି ମେଡିକାଲର ଜରୁରିକାଳୀନ ଅଧିକାରୀ ଭୁବନାନନ୍ଦ ମହାରଣା କହିଛନ୍ତି, ରାତି ୯ଟା ସୁଦ୍ଧା ମେଡିକାଲକୁ ୪ ଜଣ ଆହତ ଆସିଛନ୍ତି। ସେମାନେ ହେଲେ ଶ୍ରବଣ ଦେହୁରି(୧୮), କାଞ୍ଚନ କୁମାରୀ (୪୬), ରଜତ ରାଉଳ(୨୦), କୁମାର ଜ୍ୟୋତିପ୍ରକାଶ(୨୦)। ଆଉ

ଆହତ ଯାତ୍ରୀ କାଞ୍ଚନ କୁମାରୀ କହିଛନ୍ତି, ବସ୍‌ରେ ୭୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଥିଲେ। ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଠିଆହୋଇ ଯାତ୍ରା କରୁଥିଲେ। ଅଧିକ ବେଗରେ ବସ୍‌ଟି ଚାଲୁଥିବା ବେଳେ ହଠାତ୍ ତାହା ଓଲଟି ପଡିଥିଲା। ବସ୍‌ଟି ବାଲିରେ ପଡିଯିବାରୁ କେତେଜଣ ବ୍ୟକ୍ତି ସେଠାରେ ତଳେ ଚାପି ହୋଇଯାଇଥିଲେ ବୋଲି ସେ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଅଶ୍ଳେଷା ନକ୍ଷତ୍ରସ୍ଥ କେତୁ ପ୍ରଭାବରେ କହିବାର ସୁଯୋଗ ନ ପାଇ ମନକଥା ମନରେ ରଖିବାକୁ ବାଧ୍ୟ ହେବେ। ପାପଯୁକ୍ତ ରାହୁ ପ୍ରଭାବରେ କୌଣସି ମହିଳାଙ୍କ ପ୍ରତିବାଦର ସ୍ୱର ଆପଣଙ୍କ ପାଇଁ ସମସ୍ୟାର କାରଣ ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ରହିଥିଲେ ମଧ୍ୟ ପରକଥା ଶୁଣି ମାନସିକ ଶାନ୍ତି ବ୍ୟାହତ ହେବାର ଆଶଙ୍କା ରହିଛି ।

**ବୃଷ** ରବି ନିଜଭାବରୁ ଷଷ୍ଠସ୍ଥ ହେତୁ କୌଣସି ବୟସ୍କବ୍ୟକ୍ତିଙ୍କ ଦ୍ୱାରା ପାରିବାରିକ ସ୍ଥିତି ବିଡମ୍ବିତ ହୋଇପାରେ। ଅବଶ୍ୟ ଆନୁଷ୍ଠାନିକ କ୍ଷେତ୍ରରେ,ବନ୍ଧୁତ୍ୱ ସ୍ଥାପନରେ, ଲେଖାପଢ଼ାରେ କିଛିଟା ଉନ୍ନତି ପରିଲକ୍ଷିତ ହୋଇପାରେ। ବ୍ୟବସାୟ,ବାଣିଜ୍ୟ ଓ ପରିବହନାଦି ବିଭିନ୍ନ ଦିଗରୁ ସମସ୍ୟା ମୁକ୍ତ ରହିପାରନ୍ତି। ଅବଶ୍ୟ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**ମିଥୁନ** ଷଷ୍ଠାଧିପ ମଙ୍ଗଳ କର୍ମଭାବରେ ଅବସ୍ଥାନ କରି କର୍ମକ୍ଷେତ୍ରରେ ବିବାଦୀୟ ପରିସ୍ଥିତି ସୃଷ୍ଟି କରିପାରନ୍ତି। ଅଷ୍ଟମସ୍ଥ ଶନି ବିଭିନ୍ନ ପ୍ରକାରର ସମସ୍ୟା ମାଧ୍ୟମରେ ବିଳମ୍ବିତ କରି ଅର୍ଥନୈତିକ ପ୍ରଗତିକୁ ରୋକି ଦେଇପାରେ। ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ। ଅଫିସରେ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ।

**କର୍କଟ** ଚନ୍ଦ୍ର ପାପଯୁକ୍ତ ହୋଇ ଦୈହିକ ଓ ମାନସିକ ସ୍ତରକୁ କଳୁଷିତ କରିପାରେ। ଆଜର ଆଲୋଚନା ପରିସରରେ କୌଣସି ବିବାଦୀୟ ମନ୍ତବ୍ୟ ଦେବା ଠିକ୍ ହେବ ନାହିଁ। ତଥାପି ଅଧସ୍ତନ କର୍ମଚାରୀଙ୍କ ସହାୟତା ନେଇ ପ୍ରତ୍ୟେକ ଅସଜଡା ପରିସ୍ଥିତିରେ ମୁକାବିଲା କରିବାରେ ସମର୍ଥ ହେବେ। ବାଣିଜ୍ୟ,ବ୍ୟବସାୟ, ନିର୍ମାଣକାର୍ଯ୍ୟକୁ ଯଥାବିଧି ସମ୍ପନ୍ନ କରିପାରିବେ।

**ସିଂହ** ଆଜିର ଗ୍ରହସ୍ଥିତି ଅନୁସାରେ ଦୈନିକଚର୍ଯ୍ୟାରେ କୌଣସି ପରିବର୍ତ୍ତନ ପରିଲକ୍ଷିତ ହେବନାହିଁ। ଅତୀତ ଦିନର ବିବାଦୀୟ ଘଟଣାରେ ଆଶଙ୍କା ସୃଷ୍ଟି ହେଲେ ମଧ୍ୟ ସେମିତି କିଛି ନ ହୋଇପାରେ। ସ୍ୱାଭିମାନୀ କାରଣରୁ କର୍ମକ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ପରିବାରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**କନ୍ୟା** ଏକାଦଶସ୍ଥ ଚନ୍ଦ୍ର ବଳବାନ୍ ରାହୁଙ୍କ ସଙ୍ଗଲାଭ କରିଥିବାରୁ ଆଜି ସକାଳୁ ସକାଳୁ ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ସାହିତ୍ୟ, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହେବାର ସୁଯୋଗ ପାଇବେ। ଭାବପ୍ରବଣ ବଶତଃ ବନ୍ଧୁଙ୍କ ସହ ବିବାଦୀୟ ବିଷୟରେ ଆଲୋଚନା କଲେ ଅପଦସ୍ଥ ହୋଇପାରନ୍ତି।

**ତୁଳା** କର୍ମଭାବ ଓ ପରିବାର ସ୍ଥାନର ଦୁର୍ବଳତା କାରଣରୁ ସଫଳତା ପାଇବା ଦୁରୂହ ହୋଇପାରେ। କେତେକ କ୍ଷେତ୍ରରେ ଇଚ୍ଛା ବିରୋଧରେ କାମ କରି ଅନୁତାପ କରିବାକୁ ପଡ଼ିବ। ଈର୍ଷାପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସା ଭିନ୍ନାର୍ଥରେ ଗ୍ରହଣ କରି ଅପପ୍ରଚାର କରିପାରନ୍ତି। ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିପାରେ।

**ବିଛା** ଆଜିର ଚନ୍ଦ୍ର ଆପଣଙ୍କୁ ଭାବପ୍ରବଣତାର ସହ କଷ୍ଟପ୍ରଦ ଯାତ୍ରା କରାଇପାରେ। ପରିବାରରେ ନିଜର ଲୋକମାନଙ୍କୁ ନେଇ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ କରିପାରିବେ। ଶିଳ୍ପ,ବାଣିଜ୍ୟ ଓ ବ୍ୟବସାୟ, ପ୍ରକାଶନ, ଆନୁଷ୍ଠାନିକ କାମରେ ପ୍ରତିବନ୍ଧକ ଦୂରେଇଯିବ। ଦୀର୍ଘଦିନରୁ ରହିଆସିଥିବା ଋଣ ପରିଶୋଧ ପାଇଁ ନୂତନ ଯୋଜନା କରିପାରନ୍ତି।

**ଧନୁ** ମଙ୍ଗଳଙ୍କ ସ୍ଥାନ ସ୍ଥିତିରୁ ଆଜି ଆପଣ କୌଣସି ଗୃହ, ଜମିଜବାଡି, ଯାନବାହନ କ୍ରୟ କରିବା ପାଇଁ ଯୋଜନା କରିପାରନ୍ତି। ତଥାପି ପ୍ରତ୍ୟେକ କ୍ଷେତ୍ରରେ ଭାବିଚିନ୍ତି କାମ କରିବା ଭଲ ହେବ ଅନ୍ୟଥା ମୁଣ୍ଡରେ ହାତ ଦେଇ ବସିବାକୁ ପଡିପାରେ। ଅଯାଚିତ ଭାବରେ କାମ ହାସଲ କ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହୋଇପାରନ୍ତି।

**ମକର** ଆଜି ଆପଣଙ୍କ ଆଶା ଆଶାରେ ହିଁ ରହିଯିବ ସିନା ଅଭିଳଷିତ ଦ୍ରବ୍ୟପ୍ରାପ୍ତି ଅସମ୍ଭବ ମନେହେବ। ତଥାପି ନିଜର ଲୋକମାନେ ଶତ୍ରୁତା କଲେ କୌଣସି କ୍ଷତି କରିପାରିବେ ନାହିଁ। ଗଠନମୂଳକ ପ୍ରସ୍ତାବ ଦେଇ କର୍ମକ୍ଷେତ୍ରରେ, ରାଜନୀତିରେ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ଅଥବା ଅଫିସରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ହୋଇପାରନ୍ତି।

**କୁମ୍ଭ** ଦୃଢପ୍ରତିଜ୍ଞ ହୋଇ କୌଣସି କାମକୁ ଯୁଦ୍ଧକାଳୀନଭିତ୍ତିରେ ସମ୍ପନ୍ନ କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ। ଆଦୌ ଭଲ ସମ୍ପର୍କ ନ ଥିବା କୌଣସି ବ୍ୟକ୍ତି ବିଶେଷଙ୍କ କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ। ବିଶେଷ ଭ୍ରମଣଜନିତ ଶାରୀରିକ ଅସୁସ୍ଥତା ଲାଗି ରହିପାରେ।

**ମୀନ** ଆଜିର କର୍ମକ୍ଷେତ୍ରରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରେ ଆସି ଖୁସି ହେବେ। ନିଜ ଚତୁଃପାର୍ଶ୍ୱରେ ରହୁଥିବା ବ୍ୟକ୍ତିମାନଙ୍କ ଶୁଣାକଥାକୁ ବିଶ୍ୱାସ ନ କରିବା ଭଲ। ଆପଣଙ୍କୁ ବାହାରେ ଲୋକମାନେ ଯେତେ ଭଲ କହୁଥିଲେ ମଧ୍ୟ ସେହି ଅନୁପାତରେ ଘର ଭିତରେ ଆଦର ପାଇବେ ନାହିଁ। ମାଲିମକଦ୍ଦମା, ପରିବହନ, ଯାତ୍ରାରେ ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇପାରନ୍ତି।

ଆଜି ମାଘ କୃଷ୍ଣ ପ୍ରତିପଦାଯୁକ୍ତ ଦ୍ୱିତୀୟା ମଙ୍ଗଳବାର, ଜାନୁୟାରୀ ୨୨ ତାରିଖ, ରାଶି ନକ୍ଷତ୍ର-ଅଶ୍ଳେଷା/କର୍କଟ, ମକର ରାଶିର ଘାତବାର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୯।୧୫ମି. ଗତେ ଘ୧୦।୩୮ମି. ମଧ୍ୟେ, ଘ୧୨।୦୧ମି. ଗତେ ଘ୧।୨୪ମି. ମଧ୍ୟେ ଅମୃତବେଳା। ଦିବା ଘ୧୦।୩୮ମି. ଗତେ ଘ୧୨।୦୧ମି. ମଧ୍ୟେ, ଘ୨।୫୧ମି. ଗତେ ଘ୪।୧୪ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୨।୪୩ମି. ଗତେ ଘ୪।୦୬ମି. ମଧ୍ୟେ ରାହୁ କାଳ।


www.elitegogas.com
ବ୍ଲାଷ୍ଟ ପ୍ରୁଫ୍ ଏଲ୍‌ପିଜି ସିଲିଣ୍ଡର
ଏବେ ଓଡ଼ିଶାରେ
go gas élite
Blast Proof LPG Cylinder
ବ୍ଲାଷ୍ଟ ପ୍ରୁଫ୍
ହେଭି ରେଜିନ ଲେୟାର ଯୁକ୍ତ ବିଶ୍ୱ ଶ୍ରେଣୀୟ ଟେକ୍ନୋଲୋଜିରେ ନିର୍ମିତ, ୧୦୦ ପ୍ରତିଶତ ବ୍ଲାଷ୍ଟ ପ୍ରୁଫ୍‌କୁ ସୁନିଶ୍ଚିତ କରେ । ଅସଦୃଶ ଧାତୁକୁ ବୃଦ୍ଧି କରେ ନାହିଁ । ତେଣୁ ଏହା ଜୀବନ ସୁରକ୍ଷାକାରୀ । ପରିବାର ପାଇଁ ସଂପୂର୍ଣ୍ଣ ନିରାପଦ ।
ହାଲୁକା ଓଜନ
ଧାତୁଯୁକ୍ତ ସିଲିଣ୍ଡରଠାରୁ ପ୍ରାୟ ଅଧା ଓଜନ । ଏହାକୁ ସୁବିଧା ଓ ସହଜରେ ନିଆଯାଇ ପାରେ, ଏହା ସ୍ୱାସ୍ଥ୍ୟର ମେରୁ ଦଣ୍ଡ ଉପରେ କୌଣସି ପ୍ରଭାବ ପକାଏ ନାହିଁ ଏବଂ ଘରର ଚଟାଣକୁ ନଷ୍ଟ କରେ ନାହିଁ ।
କଳଙ୍କି ମୁକ୍ତ ଏଲିଗାଣ୍ଟ ଡ଼ିଜାଇନ
ଏଥିରେ ରହିଛି ହ୍ୟାଣ୍ଡେଲ, ରେଗୁଲେଟର ସ୍ଥାନ, ଆକର୍ଷଣୀୟ ରଙ୍ଗ ରୁଚି ସମ୍ପନ୍ନ ଡ଼ିଜାଇନ ଯାହା ଦେଇଥାଏ ସୌନ୍ଦର୍ଯ୍ୟର ମୂଲ୍ୟବୋଧ ଏବଂ ସୁବିଧା । ଏଥିରେ ଥିବା ଆଉଟର କେସିଂ ଦୀର୍ଘଦିନ ବ୍ୟବହାର କଲେ ମଧ୍ୟ ଏହା ନଷ୍ଟ ହୋଇନଥାଏ ।
ଗ୍ରହଣୀୟ
ଏହି ବିଶ୍ୱଶ୍ରେଣୀୟ ଟେକ୍ନୋଲୋଜି ଯୁକ୍ତ ସୁରକ୍ଷିତ ଏବଂ ସୁବିଧାଜନକ ସିଲିଣ୍ଡରରେ ରହିଛି ଉପଯୁକ୍ତ ଇନ୍ଧନର ମିଶ୍ରଣ ଯାହାକୁ ସାରା ବିଶ୍ୱରେ ବ୍ୟବହାର କରାଯାଉଛି । ଯଦ୍ୱାରା ଆପଣ ଆପଣଙ୍କ ଅର୍ଥ ବିନିମୟରେ ପାଇଥାନ୍ତି ଉପଯୁକ୍ତ ସେବା ଏବଂ ଏହା ରନ୍ଧନ ସମୟକୁ ମଧ୍ୟ ସଞ୍ଚୟ କରିଥାଏ ।
ଗ୍ୟାସ୍ ସ୍ତରକୁ ଦେଖି ପାରିବେ
ସ୍ୱଚ୍ଛ, ମାଟେରିଆଲ ସ୍ଲଟ ସିଲିଣ୍ଡର ଭିତରେ ଥିବା ତରଳ ଗ୍ୟାସ୍‌ର ସ୍ତରକୁ ଦେଖିବାରେ ସାହାଯ୍ୟ କରେ । ଏହା ସଠିକ ଓଜନକୁ ସୁନିଶ୍ଚିତ କରେ । କେହି ବି ଗ୍ୟାସ୍‌ର ପରିମାଣକୁ କମ ବେଶୀ କରିପାରିବେ ନାହିଁ ଏବଂ ହଠାତ୍ ଗ୍ୟାସ୍ ସରିବାର ଭୟ ନଥାଏ ।
ଭରଷାଯୋଗ୍ୟ
୨୦ବର୍ଷରୁ ଅଧିକ ଅଭିଜ୍ଞତା ସହିତ, ଭାରତର ସର୍ବ ବୃହତ୍ତ ସିଲିଣ୍ଡର ନିର୍ମାତା ଏହାକୁ ୨୨ଟି ରାଜ୍ୟରେ ନିର୍ମାଣ କରୁଛନ୍ତି । ଆମେ ଭରଷାଯୋଗ୍ୟ ସେବା ପ୍ରଦାନ କରିବାରେ ସମର୍ଥ ।
World class composite cylinders Rated Grade 4 by CARE
My own gas agency my own business
ଡ଼ିଲରସିପ୍ ପାଇଁ ଯୋଗାଯୋଗ କରନ୍ତୁ
7620250251
APPROVED
by Govt. Authorities
Light Weight
Explosion Proof
Liquid Gas Visibility
2 Kg
5 Kg
10 Kg
20 Kg
Ideal for Domestic, Commercial & variety of use
Picnic, Bachelors, Household, Restaurants
Farm House, Hostels, Apartments, Hotels
Offices, Elderly, Parties, Industries
ସାରା ଓଡ଼ିଶା ପାଇଁ ଡ଼ିଲର ଆବଶ୍ୟକ
ଡ଼ିଲରସିପ୍ ପାଇଁ କୌଣସି ସିକ୍ୟୁରିଟି ଦାଖଲ କରିବା ଆବଶ୍ୟକ ନାହିଁ
Join us, if you have Investment capacity, Infrastructure & Business experience
• Unique Opportunity
• Long term Benefits
• Business for Life time
58 LPG Bottling & Blending Plants
16 Cylinder Mfg. Units
148 Auto LPG Stations
Regional Office: 206, 2nd floor, Janpath Tower, Unit –II, Ashok Nagar, Bhubaneswar, Odisha -751009
elitegogas
Contact: 7620250251
or write : info@elitegogas.com
ଭାରତର ସର୍ବବୃହତ୍ତ ଗ୍ୟାସ୍ ସିଲିଣ୍ଡର ନିର୍ମାତା ଉପସ୍ଥାପନ କରୁଛି
go gas
ଗ୍ୟାସ ଏଜେନ୍‌ସି ଖୋଲିବା ନିମନ୍ତେ ଏକ ସୁବର୍ଣ୍ଣ ସୁଯୋଗ
We have been rated as "satisfactory" by MDRA
ପ୍ରତ୍ୟେକ ଘରକୁ ଗୋ ଗ୍ୟାସ ସଂଯୋଗର ଯୋଗାଣ ଏବଂ ପ୍ରତ୍ୟେକ ଜିଲ୍ଲା ଓ ତହସିଲରେ ବ୍ୟବସାୟ ନିମନ୍ତେ ଆମେ ଡ଼ିଲର ଆବଶ୍ୟକ କରୁଛୁ ।
(ନିବେଶ ବିପକ୍ଷରେ ଷ୍ଟକ ଯୋଗାଇ ଦିଆଯିବ)
୪ କି.ଗ୍ରା । ୮ କି.ଗ୍ରା । ୧୨ କି.ଗ୍ରା । ୧୫ କି.ଗ୍ରା । ୧୭ କି.ଗ୍ରା । ୨୧ କି.ଗ୍ରା । ୩୩ କି.ଗ୍ରା
ଘର, ବ୍ୟବସାୟ ଓ ଶିଳ୍ପରେ ବ୍ୟବହୃତ ପାଇଁ ଏଲ୍.ପି.ଜି. ସିଲିଣ୍ଡର
• ବିଏସ୍‌ଇ ତାଲିକାଭୁକ୍ତ କମ୍ପାନୀ
• ଗ୍ରୁପ୍‌ର ସାରା ଭାରତରେ ୫୮ ଗୋଟି ଏଲ୍.ପି.ଜି ବଟଲିଂ ପ୍ଲାଣ୍ଟ ରହିଛି ।
• ଏଲପିଜି ଟ୍ୟାଙ୍କରଗୁଡ଼ିକର ନିଜସ୍ୱ ଫ୍ଲିଟ
• ଏସିଆର ଅଗ୍ରଣୀ ସିଲିଣ୍ଡର ନିର୍ମାତା
• ଭାରତ ଏବଂ ୧୪୮ ଅଟୋ ଏଲପିଜି ଷ୍ଟେସନ
ଡ଼ିଲରସିପ୍ ପାଇଁ କୌଣସି ସିକ୍ୟୁରିଟି ଦାଖଲ କରିବା ଆବଶ୍ୟକ ନାହିଁ
CONFIDENCE PETROLEUM INDIA LIMITED
Regional Office: 206, 2nd floor, Janpath Tower, Unit –II, Ashok Nagar, Bhubaneswar, Odisha -751009
Call us : 7620250251
Email us : gogas@confidencegroup.co
Head Office: 4th Floor, Landmark, Above Big Bazaar, Wardha Road, Nagpur-12

ଯେତେବେଳେ ତୁମେ ଏକ ସାଂପ୍ରଦାୟିକ ଧାର୍ମିକ ଗଣ୍ଡି ଭିତରେ ରହି ବନ୍ଦ ହୋଇଯାଅ– ଏବଂ ସେତିକି ମାତ୍ର ବିଶ୍ୱାସ ସଙ୍ଗେ ନିଜକୁ ବାନ୍ଧି ରଖ– ଏବଂ ଭାବ ଯେ, ସେତିକି ହିଁ ବିଶ୍ୱରେ ଏକମାତ୍ର ସତ୍ୟ– ସେତେବେଳେ ତୁମେ ତୁମର ଅନ୍ତରାତ୍ମାର ଅଗ୍ରଗତି ଓ ବିସ୍ତାରଶୀଳତାକୁ ବନ୍ଦ କରିଦିଅ। –ଶ୍ରୀମା



# କୃଷି ଆଗ

ଆଜିର ସ୍ଥିତି ଦେଖିଲେ ୨୦୧୪ରେ କ୍ଷମତାକୁ ଆସିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ଆଦୌ ପୂରଣ କରିନାହାନ୍ତି। ଉଚ୍ଚାଙ୍ଗ ସ୍ୱରରେ 'ସମସ୍ତଙ୍କୁ ସାଙ୍ଗରେ ନେଇ ବିକାଶ' କଥା କହୁଥିଲେ ମଧ ତା'ର ଫଳ ଶୂନ ହୋଇଛି। ବିଶେଷକରି ସାମାଜିକ ଓ ଅର୍ଥନୈତିକ ଦିଗରୁ ତାଙ୍କ ଶାସନ ସମୟରେ ଦେଶର ଅଧିକ କ୍ଷତି ଘଟିଛି। ଅସହିଷ୍ଣୁତା, ମିଛିମିଛିକା ଦେଶପ୍ରେମ ଓ ବିଭାଜନ ରାଜନୀତି ସାମାଜିକ ବାତାବରଣକୁ ଘୋର ପ୍ରଭାବିତ କରିଛି। ଏକ ଉତ୍ତମ ଶାସନ ଜରିଆରେ ଭାରତୀୟ ଅର୍ଥନୀତିକୁ ନୂଆ ଦିଗ ଦେଖାଇଦିଆଯିବ ବୋଲି କୁହାଯାଇଥିଲେ ମଧ ତା'ର ସୁଫଳ ଲୋକେ ପାଇପାରିନାହାନ୍ତି। ଏହା ଜଣାଶୁଣା ଯେ, ମୋଦିଙ୍କ ଶାସନ ସମୟରେ କର୍ପୋରେଟ ପ୍ରୀତି ବଢ଼ିଛି। ବିଡ଼ମ୍ବନାର ବିଷୟ ଯେ ଉତ୍ତମ ଶିଳ୍ପ ବାତାବରଣ ନ ଥିବାରୁ ଘରୋଇ ଶିଳ୍ପରେ ବିନିଯୋଗ ନେଇ ଲୋକଙ୍କ ଭରସା କମିଯାଇଛି। ଘରୋଇ ପୁଞ୍ଜିନିବେଶ ଲାଭ ଉପରେ ଆଧାରିତ । ଯେହେତୁ ଅର୍ଥନୀତିରେ ଅଭିବୃଦ୍ଧି ପ୍ରତିଫଳିତ ହେଉନାହିଁ, ସେହେତୁ ନିବେଶକମାନେ ଘରୋଇ ଶିଳ୍ପ ଉପରେ ଭରସା କରିପାରୁ ନାହାନ୍ତି। ପୂର୍ବ ସମୟ ଅପେକ୍ଷା ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ (ଏଫ୍‌ଡିଆଇ) ବଢ଼ିଥିଲେ ମଧ ଏହାର ପରିମାଣ ଅତ୍ୟନ୍ତ ନଗଣ୍ୟ ଥିବାରୁ ଅର୍ଥନୀତିରେ ଏହାର ଫରକ୍ ଅନୁଭବ ହୋଇପାରୁନାହିଁ। ସେହିପରି କଳାଧନ ରୋକିବାରେ ବିମୁଦ୍ରୀକରଣ ସହାୟକ ହେବା ପରିବର୍ତ୍ତେ ଏହି ଅର୍ଥନୈତିକ ଅସ୍ତ୍ର ପ୍ରୟୋଗ ଦ୍ୱାରା ଦେଶର ଆର୍ଥିକ ମେରୁଦଣ୍ଡ ଦୋହଲିଯାଇଛି। ରାଷ୍ଟ୍ରର ଅର୍ଥନୀତିକୁ ସୁଦୃଢ଼ କରିବାରେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପର ଅବଦାନ ଯଥେଷ୍ଟ ରହିଥାଏ। ଏଥିରେ ଅନେକ ଲୋକ ନିଯୁକ୍ତି ପାଇଥାଆନ୍ତି। ବିମୁଦ୍ରୀକରଣ ଓ ଜିଏସ୍‌ଟି ପରେ ଏହି ଶିଳ୍ପ ଭୁଶୁଡ଼ି ପଡ଼ିଥିବାରୁ ବେକାର ସମସ୍ୟା ବଢ଼ିଯାଇଛି। କ୍ଷମତାକୁ ଆସିବା ପୂର୍ବରୁ ବର୍ଷକୁ ୨ କୋଟି ନିଯୁକ୍ତି ଦେବେ ବୋଲି ମୋଦି ପ୍ରତିଶ୍ରୁତି ଦେଇଥିଲେ। ଏବେ ତାଙ୍କ ସରକାରଙ୍କୁ ପ୍ରଶ୍ନ କରାଯିବା ବେଳେ କିମ୍ଭୂତକିମାକାର ଉତ୍ତର ମିଳୁଛି। ମୋଦି କହୁଛନ୍ତି, ତାଙ୍କ ଶାସନ ସମୟରେ ଅର୍ଥନୀତିରେ ସକାରାତ୍ମକ ବାତାବରଣ ସୃଷ୍ଟି ହୋଇଥିବାରୁ ପକୁଡ଼ିବାଲା ଆତ୍ମନିଯୁକ୍ତି ଲାଭକରି ଭଲ ପଇସା ରୋଜଗାର କରିପାରୁଛନ୍ତି। ନିଯୁକ୍ତିର ପରିଭାଷା ଏହି ସ୍ତରରେ ପହଞ୍ଚିବା ମୋଦିଙ୍କ ପ୍ରତିଶ୍ରୁତି କେତେ ପାଳନ ହୋଇଛି ତାହା ଦର୍ଶାଉଛି।

ଶିଳ୍ପାୟନ ବ୍ୟାପକ ନ ହୋଇ ନିର୍ଦ୍ଦିଷ୍ଟ କେତୋଟି ରାଜ୍ୟରେ ଓ ବ୍ୟକ୍ତିବିଶେଷଙ୍କ ହାତରେ ସୀମିତ ହୋଇ ରହିଯାଇଛି। ଲୋକଙ୍କ ଜମା ରାଶି ବ୍ୟାଙ୍କରୁ ଉଠାଇ ଶିଳ୍ପପତିଙ୍କୁ ରିହାତି ସୁଧରେ ଦିଆଯାଉଛି। ଏହାର ଫାଇଦା ହୀରା ବ୍ୟବସାୟୀ ଓ ମଦ ବେପାରୀମାନେ ଉଠାଉଛନ୍ତି। 'ମୁଦ୍ରା ଯୋଜନା' ହେଉ କି 'ମେକ୍ ଇନ୍ ଇଣ୍ଡିଆ' ଲାଭ କେଉଁମାନେ ପାଇଛନ୍ତି ଖୋଜିଲେ ବି ଜଣାପଡୁନାହିଁ। ଏଭଳି ସ୍ଥଳେ ସରକାର ଆର୍‌ବିଆଇର ସ୍ୱାୟତ୍ତତାକୁ ଛଡ଼ାଇ ନେବା ଅର୍ଥନୀତି ପାଇଁ ନକାରାତ୍ମକ ସନ୍ଦେଶ ଦେଇଛି। ଅନୁରୂପ ଭାବେ ପୂର୍ବରୁ ଥିବା ଯୋଜନା କମିଶନକୁ ଭାଙ୍ଗି ଅଣାଯାଇଥିବା 'ନୀତି ଆୟୋଗ' ପରିସର ବାହାରକୁ ଚାଲିଯାଇ ଯେଉଁ ନୀତି ପ୍ରଣୟନ କରୁଛି ତାହାର ସୁଫଳ କେହି ପାଇପାରୁନାହାନ୍ତି। ଏହାଦ୍ୱାରା ଭାରତୀୟ ଅର୍ଥନୀତିରେ ରୂପାନ୍ତରଣ ଆଶା କରିହେଉ ନାହିଁ।

ଏବେ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ କହୁଛନ୍ତି ଯେ, ବିଗତ ସାଢ଼େ ୪ ବର୍ଷ ମଧ୍ୟରେ ଚାଷୀଙ୍କ ଉତ୍ପାଦନ ବୃଦ୍ଧି କରିବାରେ କେନ୍ଦ୍ର ସରକାର ସହାୟକ ହୋଇଛନ୍ତି। ଏହା ସ୍ୱୀକାରଯୋଗ୍ୟ। କିନ୍ତୁ ଉତ୍ପାଦିତ ଦ୍ରବ୍ୟକୁ ସାଇତି ରଖିବା ଲାଗି ଶୀତଳଭଣ୍ଡାର ଓ ଗୋଦାମ ଭଳି ଆବଶ୍ୟକ ବ୍ୟବସ୍ଥା ନ ଥିବାରୁ ତାହାକୁ ଚାଷୀ କମ୍ ଦରରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ସରକାର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଦେଢ଼ଗୁଣା କରିଥିଲେ ମଧ ଏହାର ଲାଭ କୃଷକଙ୍କ ପାଖକୁ ଯାଇପାରୁନାହିଁ। କାରଣ ଉତ୍ପାଦିତ ସାମଗ୍ରୀ ମଣ୍ଡି କିମ୍ବା ବଜାର ଦେଖିବା ପୂର୍ବରୁ ଚାଷୀ ସେସବୁକୁ କମ୍ ଦରରେ ମଧ୍ୟସ୍ଥ ହାତରେ ଟେକିଦେଉଛି। ଫଳସ୍ୱରୂପ ମୂଳ ଉତ୍ପାଦ ଖର୍ଚ୍ଚ ତ ଫେରିପାରୁ ନାହିଁ, ଓଲଟା ଅଭାବୀ ବିକ୍ରି ଓ ଋଣ ଯନ୍ତାରେ ପଡ଼ି ଚାଷୀ ଆତ୍ମହତ୍ୟା କରୁଛନ୍ତି। ଦେଖିବାକୁ ଗଲେ ଭାରତୀୟ ଅର୍ଥନୀତିର ଆଧାରଶିଳା ହେଉଛି କୃଷି। ୬୦ ପ୍ରତିଶତରୁ ଊର୍ଦ୍ଧ୍ୱ ଲୋକ ଏହା ଉପରେ ନିର୍ଭରଶୀଳ ଥିଲେ ମଧ ଏହି କ୍ଷେତ୍ରକୁ ଅଣଦେଖା କରାଯାଉଛି। ମୋଦି ସରକାର ବିକାଶ ନାମରେ ଇଲେକ୍ଟ୍ରୋନିକ୍, ପ୍ରଯୁକ୍ତିବିଦ୍ୟା ଓ ଅନ୍ୟାନ୍ୟ ଦିଗକୁ ଗୁରୁତ୍ୱ ଦେଉଛନ୍ତି। କିନ୍ତୁ ଏସବୁ କୃଷି କ୍ଷେତ୍ର ସହିତ ଜଡ଼ିତ ହୋଇ ନ ଥିବାରୁ ଚାଷୀ ପାଖରେ ସୁଫଳ ପହଞ୍ଚୁନାହିଁ। ଏ ଦେଶରେ ଯେଉଁ ଚାଷୀର ମୁଣିରେ ଟଙ୍କା ନାହିଁ, ଇଲେକ୍ଟ୍ରୋନିକ୍ ଟ୍ରାନ୍ସଫର, କ୍ୟାଶ୍‌ଲେସ୍ ଇକୋନମି ଓ କାର୍ଡ ସ୍ୱାପିଂ ଭଳି ବ୍ୟବସ୍ଥା ତା' ପାଇଁ ନିରର୍ଥକ। ବାସ୍ତବ ଦୃଷ୍ଟିରୁ ଭାରତୀୟ ଅର୍ଥନୀତିକୁ ସମୃଦ୍ଧ କରିବାକୁ ହେଲେ କୃଷି କ୍ଷେତ୍ରର ପୁନରୁତ୍ଥାନ ଜରୁରୀ। ଏଥିପାଇଁ ଲୋଡ଼ା ଏକ ବାସ୍ତବଧର୍ମୀ କୃଷିନୀତି, ଯଦ୍ୱାରା କୃଷି ଭିତ୍ତିଭୂମିର ବିକାଶ ସଙ୍ଗେ ସଙ୍ଗେ ଏହି କ୍ଷେତ୍ର ସହିତ ଜଡ଼ିତ ପ୍ରତ୍ୟେକ ବ୍ୟକ୍ତି ଲାଭାନ୍ୱିତ ହୋଇପାରିବେ। ଋଣଛାଡ଼ ଚାଷୀଙ୍କୁ ସାମୟିକ ଆଶ୍ୱସ୍ତି ଦେଇପାରେ। ହେଲେ ଏହା ସମାଧାନର ପନ୍ଥା ନୁହେଁ ବୋଲି ରାଜନୈତିକ ଦଳଗୁଡ଼ିକ ମଧ ମନେରଖିବା ଉଚିତ।

## ସୁ–ଡୋ–କୁ

su|do|ku

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | C | | 7 | | | | 6 | | | | | | 4 |
| 3 | 2 | | | C | | | | 0 | | 4 | | 1 | B | |
| | | 0 | | 9 | 5 | 1 | D | | | | E | C | | |
| E | 1 | 4 | 6 | | 2 | | | | | | | 0 | | |
| | 7 | | 1 | | 3 | | 5 | | | A | | | | |
| 0 | 5 | 6 | | | | A | | | | 8 | D | | 2 | |
| | 8 | | 3 | | | 4 | 9 | 5 | 2 | | | | | |
| | | | | A | | 0 | 6 | | | B | | | 5 | |
| | C | | | | 1 | | | | E | | 9 | | 8 | |
| B | | | 0 | | | | | | | 5 | 1 | | | |
| A | 4 | | | | | C | B | | | | 0 | | | 7 |
| 6 | | 8 | 9 | | | | 4 | | | | 5 | | | |
| | | | A | 4 | | | 7 | | | | 6 | D | | 2 |
| | | | 2 | D | | | | | | C | | | | 9 |
| 7 | | | | | | 8 | | | D | 1 | | | | C |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 2 | E | 0 | A | 7 | 9 | D | 5 | C | 3 | 4 | 8 | B | 6 |
| 0 | 5 | 6 | E | 8 | 4 | 2 | C | 3 | B | 7 | D | 9 | A | 1 |
| 8 | 3 | C | D | B | 9 | A | 6 | E | 1 | 0 | 2 | 4 | 5 | 7 |
| 7 | 9 | 4 | C | 1 | 6 | 8 | 0 | B | A | E | 5 | 2 | 3 | D |
| D | A | B | 3 | 5 | 2 | 7 | 1 | 4 | 6 | 8 | 9 | E | 0 | C |
| 5 | 7 | 0 | A | 2 | 1 | C | E | 6 | D | 4 | 8 | B | 9 | 3 |
| E | 6 | 1 | 7 | C | 3 | D | 5 | 8 | 9 | B | 0 | A | 2 | 4 |
| 2 | C | 8 | 6 | E | B | 0 | 4 | 9 | 7 | A | 3 | 1 | D | 5 |
| B | D | A | 4 | 9 | 8 | 3 | 7 | 2 | 5 | 1 | E | C | 6 | 0 |
| 9 | 4 | 3 | 5 | D | 0 | B | A | 1 | 2 | 6 | C | 7 | 8 | E |
| 3 | 1 | 9 | 2 | 6 | E | 4 | B | 0 | 8 | D | 7 | 5 | C | A |
| 6 | 8 | 7 | 9 | 4 | 5 | E | 2 | D | 0 | C | A | 3 | 1 | B |
| A | 0 | D | 1 | 3 | C | 5 | 8 | 7 | 4 | 9 | B | 6 | E | 2 |
| C | B | 2 | 8 | 7 | D | 6 | 3 | A | E | 5 | 1 | 0 | 4 | 9 |
| 4 | E | 5 | B | 0 | A | 1 | 9 | C | 3 | 2 | 6 | D | 7 | 8 |

ଗତକାଲିର ଉତ୍ତର

# କ୍ଷୁଧା ଓ କୁପୁଷ୍ଟି: ସୁଶାସନ ହିଁ ସମାଧାନ



ସହଦେବ ସାହୁ

ଜାତିସଂଘର ଖାଦ୍ୟ ଓ କୃଷି ସଂସ୍ଥା (ଏଫ୍‌ଏଓ) ସହିତ କାର୍ଯ୍ୟ କରୁଥିବା କ୍ଷୁଧା ଓ କୁପୁଷ୍ଟି ବିରୋଧୀ ଅନ୍ତର୍ଜାତୀୟ ସଂଗୋଷ୍ଠୀ (ଇଣ୍ଟରନ୍ୟାଶନାଲ ଆଲାଏନ୍ସ ଏଗେଁଷ୍ଟ ହଙ୍ଗର ଆଣ୍ଡ ମାଲନ୍ୟୁଟ୍ରିଶନ୍) କୃଷି କ୍ଷେତ୍ରରେ ଭାରତର ଅଭୂତପୂର୍ବ ବିକାଶକୁ ପ୍ରଶଂସା କରିଛି। ୧୯୫୦–୫୧ରେ ଭାରତରେ ଖାଦ୍ୟଶସ୍ୟ ଉତ୍ପାଦନ ପରିମାଣ ୫ କୋଟି ଟନ୍ ଥିବାବେଳେ ୨୦୧୬–୧୭ରେ ୨୭ କୋଟି ୨୦ ଲକ୍ଷ ଟନ୍ ହୋଇଛି, ପ୍ରାୟ ୫ଗୁଣ। ଲୋକସଂଖ୍ୟା ବଢ଼ିଛି ୪ ଗୁଣ। ତେଣୁ ଖାଦ୍ୟ–ଅଭାବୀ ପରିସ୍ଥିତିକୁ ପଛରେ ପକାଇ ଭାରତ ଏକ ଖାଦ୍ୟ ରପ୍ତାନିକାରୀ ରାଷ୍ଟ୍ର ହୋଇଗଲାଣି। ତଥାପି ଭାରତରେ କ୍ଷୁଧା ଓ କୁପୁଷ୍ଟି କାରଣରୁ ଏକଚତୁର୍ଥାଂଶ ଲୋକ କାର୍ଯ୍ୟକ୍ଷମ ହୋଇପାରୁ ନାହାନ୍ତି କି ଭାରତରେ ଗରିବୀ କମୁନାହିଁ। ଏହାର କାରଣ ସୁଶାସନର ଅଭାବ। ରୋମ୍‌ସ୍ଥିତ ବିଶ୍ୱ ଖାଦ୍ୟ ଓ କୃଷି ସଂସ୍ଥା ତରଫରୁ ୧୯୯୬ରେ ହୋଇଥିବା ବିଶ୍ୱ ଖାଦ୍ୟ ଶିଖର ସମ୍ମିଳନୀରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ପ୍ରତ୍ୟେକ ସଦସ୍ୟ ରାଷ୍ଟ୍ର ଆଶ୍ୱାସନା ଦେଇଥିଲେ ୨୦୧୫ ସୁଦ୍ଧା (ପୃଥିବୀରେ) କ୍ଷୁଧିତମାନଙ୍କ ସଂଖ୍ୟା ୫୦% କମାଇବେ। ବର୍ତ୍ତମାନ ଯେଉଁ ରୀତିରେ ବିଭିନ୍ନ ଦେଶର ସରକାର କାମ କରୁଛନ୍ତି, ୨୦୩୦ ସୁଦ୍ଧା ବି ଏ ଲକ୍ଷ୍ୟ ହାସଲ ହେବ ନାହିଁ।

ଆଫ୍ରିକାର ସାହାରା ପାଖ ଅଞ୍ଚଳରେ କ୍ଷୁଧା ବଢ଼ିଛି। ଚାଇନା ଓ ଭାରତରେ କ୍ଷୁଧା କମିଛି, ମାତ୍ର ତାହା ଯଥେଷ୍ଟ ନୁହେଁ। ଆଫ୍ରିକୀୟ ଦେଶଗୁଡ଼ିକ ଭଳି ରୋଗବାଗ, ଗୃହଯୁଦ୍ଧ ଆଦି ଆମ ଦେଶରେ ନାହିଁ, ପ୍ରତିକୂଳ ପାଣିପାଗ ବି ଏତେ କ୍ଷତି କରେ ନାହିଁ। ତେଣୁ କ୍ଷୁଧା ମୂଳପୋଛ ନ ହେବାର ପ୍ରକୃତ କାରଣ ସୁଶାସନର ଅଭାବ। ଚାରିଆଡେ ଲାଞ୍ଚମିଛ କାରବାର, ସ୍ୱଚ୍ଛଳ ଲୋକେ ଗରିବୀ ସାର୍ଟିଫିକେଟ କିଣିପାରୁଛନ୍ତି, ବିତରଣ ବ୍ୟବସ୍ଥା ଠିକ୍ ନ ଥିବାରୁ ଖାଦ୍ୟ ବୁଭୁକ୍ଷିତ ପାଖରେ ପହଞ୍ଚିପାରୁ ନାହିଁ, ବାଟମାରଣା ହେଉଛି– ଏ କଥା ସମସ୍ତେ ଜାଣନ୍ତି, କେବଳ ଆମ ରାଜ୍ୟରେ ନୁହେଁ ଅନ୍ୟ ରାଜ୍ୟରେ ବି। ଖାଦ୍ୟ ଥାଇ ମଧ୍ୟ ଲୋକେ କ୍ଷୁଧାରେ ଓ ଅଖାଦ୍ୟ ଖାଇ ମରୁଛନ୍ତି, ସେମାନଙ୍କୁ ଆବଶ୍ୟକ ଖାଦ୍ୟ ଯୋଗାଇବାରେ ଅବହେଳା କରୁଥିବା କର୍ମଚାରୀ ବା କୁଜିନେତା, ଠିକାଦାର ବା ତାଙ୍କ ସହାୟକ–ରାଜନେତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ପଞ୍ଚାୟତ ସ୍ତରର ନିର୍ବାଚିତ ପ୍ରତିନିଧି ବା ହାରିଥିବା ଶାସକ ଦଳର ପ୍ରାର୍ଥୀ ବିନା ଲାଞ୍ଚରେ ଉପଭୋକ୍ତା ଚିହ୍ନଟ କରିବାରେ ଏବଂ ଚିହ୍ନିତ ବ୍ୟକ୍ତିକୁ ଖାଦ୍ୟ ବା ଖାଦ୍ୟଶସ୍ୟ ଯୋଗାଇବାରେ ହେଳା କରୁଛନ୍ତି ବା ତା' ପାଇଁ ଥିବା ସାମଗ୍ରୀର ବାଟମାରଣା କରୁଛନ୍ତି।

ଆମେ ୨୦୦୧–୦୨ ପର୍ଯ୍ୟନ୍ତ ବାହାରର ସାହାଯ୍ୟ ନେଉଥିଲୁ। ସେ ବର୍ଷ ବିଶ୍ୱ ଖାଦ୍ୟ ଯୋଜନା (ୱାର୍ଲ୍‌ଡ ଫୁଡ୍ ପ୍ରୋଗ୍ରାମ୍) ପୃଥିବୀ ସାରା ସାଢେ ଚାରି କୋଟି ଲୋକଙ୍କ ପାଇଁ ୨୭ ଲକ୍ଷ ଟନ୍ ଜରୁରୀ ଖାଦ୍ୟ ଯୋଗାଇଥିଲା। ଏବେ ଖାଦ୍ୟଶସ୍ୟ ଆକାରରେ ଦିଆଯାଉ ନାହିଁ, କେଉଁଠି ଦୁର୍ଭିକ୍ଷ ଭଳି ଅବସ୍ଥା ସୃଷ୍ଟି ହେଲେ ଟଙ୍କା ଆକାରରେ ସାହାଯ୍ୟ ମିଳୁଛି। ଲୋକଙ୍କ ସାମୟିକ ଅଭାବ ନିଶ୍ଚୟ ମେଣ୍ଟୁଛି। ଏ ହେଉଛି ଜଳଜଳ ଦିଶୁଥିବା କ୍ଷୁଧାରୁ ମୁକ୍ତି। କିନ୍ତୁ ଧୀରେ ଧୀରେ ଯେଉଁମାନେ କ୍ଷୁଧାରେ ମରୁଛନ୍ତି, ସେମାନଙ୍କ ପାଇଁ କିଛି କରାଯାଉଛି କି? କେବଳ କ୍ୟାଲୋରି କମ୍ ନୁହେଁ, ଖାଦ୍ୟରେ ଖାଦ୍ୟସାର ଓ ଖଣିଜ ପଦାର୍ଥର ଅଭାବ ଗରିବକୁ ଦୁର୍ବଳ କରୁଛି, ସେ ମଣିଷ ଭଳି ବଞ୍ଚିପାରୁ ନାହିଁ, ତାହାର ପୂର୍ଣ୍ଣ ବିକାଶ ଘଟୁନାହିଁ। ତେଣୁ ଦେଶର ସମୃଦ୍ଧିରେ, ଯାହାକୁ ଜିଡିପି ବୃଦ୍ଧି ହାର ଦ୍ୱାରା ମପାଯାଏ, ସେଥିରେ ଗରିବ ଭାଗ ନେଇ ପାରୁ ନାହିଁ।

ଏହା ଏକ ଦୀର୍ଘସୂତ୍ରୀ କାର୍ଯ୍ୟକ୍ରମ ହେବା ଉଚିତ। ଦରକାର ସୁଶାସନ, କାହାରି ବଦାନ୍ୟତା ନୁହେଁ। କ୍ଷୁଧାର ପ୍ରଭାବ ଜନ୍ମ ପୂର୍ବରୁ ପଡ଼ିଥାଏ। ପୁଷ୍ଟିକର ଖାଦ୍ୟର ଅଭାବ ଯୋଗୁ ମାନସିକ ଓ ଶାରୀରିକ ବିକାଶ ବ୍ୟାହତ ହୁଏ। ସ୍କୁଲକୁ ତ ପିଲା ଯାଆନ୍ତି ନାହିଁ, ଯେଉଁମାନେ ଯାଆନ୍ତି ଭଲ କରନ୍ତି ନାହିଁ। ସେମାନଙ୍କ ମସ୍ତିଷ୍କ ସୁବିକଶିତ ହୋଇ ନ ଥାଏ। ଖାଦ୍ୟଚିନ୍ତା ଓ ରୋଗଣା ଦେହ ପିଲାଙ୍କୁ ଓ ସେହି କାରଣରୁ ସେମାନଙ୍କ ବାପାମାଆଙ୍କୁ ନିକମା କରିଦିଏ, ଭିକାରି କରିଦିଏ, ଖାଦ୍ୟ ଚୋରି ପ୍ରବୃତ୍ତି ବଢ଼ାଏ, ପରେ ଗରିବର ଅପରାଧପ୍ରବଣତା ସମାଜରେ ବିଶୃଙ୍ଖଳାର କାରଣ ହୁଏ (ଧନୀ ଓ ଜ୍ଞାନୀମାନେ ଯେଉଁ ପ୍ରକାରର ଅପରାଧ କରନ୍ତି ତାହା ଏଠାରେ ଆଲୋଚ୍ୟ ବିଷୟ ନୁହେଁ)। ଜାତିସଂଘର ଖାଦ୍ୟ ଓ କୃଷି ସଂସ୍ଥା ହିସାବ କରି ଦେଖାଇଥିଲେ ଯେ, ୨୦୧୫ ସୁଦ୍ଧା କ୍ଷୁଧା ଅଧା କମିଗଲେ ଲୋକଙ୍କର କାର୍ଯ୍ୟକ୍ଷମତା ବଢ଼ିବ ଏବଂ ୧୨ କୋଟି ଡଲାର ପରିମାଣର ବାର୍ଷିକ ଲାଭ ହେବ। କେମିତି ଲାଭ ହେବ ଯଦି କେହି ପଚାରେ– ସେ ଆମ ଦେଶର ରାଜପଥଗୁଡିକ ଚାରି କି ଛ' ଲେନ୍ ପକ୍କା ହେଲେ କିପରି ବର୍ଷକୁ ୧୫୦୦ କୋଟି ଟଙ୍କା ବଞ୍ଚୁଛି ତାକୁ ବି ବୁଝିପାରୁ ନ ଥିବ। ଭିଡ଼, ଅଣଓସାରିଆ ରାସ୍ତାରେ ଗାଡ଼ି ଅଟକି ଅଟକି ଯିବା ଯୋଗୁ ତେଲ ଖର୍ଚ୍ଚ, ରାସ୍ତା ଖରାପ ଯୋଗୁ ଗାଡ଼ିର ମରାମତି ଖର୍ଚ୍ଚ, ବିଳମ୍ବରେ ପହଞ୍ଚିବା ଯୋଗୁ ଚାଳକ ଆଦିଙ୍କ ମଜୁରି ବଢ଼ିବା ତଥା ମାଲପତ୍ର ଖରାପ ହେବା ଯୋଗୁ କ୍ଷତି– ସବୁ ମିଶିଲେ ଗାଡ଼ି ପିଛା ବର୍ଷକୁ ହାରାହାରି ୧୫୦୦ ଟଙ୍କା ଧରିଲେ ଦେଶସାରା ଚାଲୁଥିବା କୋଟିଏ ଗାଡ଼ିରେ ୧୫୦୦ କୋଟି ବଞ୍ଚିବ ନାହିଁ କି? ପୁଣି ତେଲ କମ୍ ଖର୍ଚ୍ଚ ହେଉଥିବାରୁ ତା'ର ଆମଦାନି ବାବଦ ବୈଦେଶିକ ମୁଦ୍ରା କିଛି ବଞ୍ଚିବ ନାହିଁ କି?

ଶିଶୁର ସ୍ୱାସ୍ଥ୍ୟ ଓ ଶିକ୍ଷା ଭଲ ହେଲେ ସେହିଭଳି ଅନେକ ଲାଭ ମିଳିଥାଏ। ପିଲା ଭଲ ବଢ଼ିଲେ, ସୁସ୍ଥ ରହିଲେ ବେଶି ତ ଖଟିବ, ଉଚ୍ଚ ଶିକ୍ଷା ପାଇଲେ ବେଶି ରୋଜଗାରର କାମ ପାଇବ। ରୋଗବାଗ ଯୋଗୁ ନଷ୍ଟ ହୋଇଥିବା ସମୟର ମୂଲ୍ୟ, ଖର୍ଚ୍ଚ ହେଉଥିବା ଔଷଧର ତଥା ଚିକିତ୍ସକମାନଙ୍କ ସମୟର ମୂଲ୍ୟ ମିଶାନ୍ତୁ, କେତେ ଟଙ୍କା ନଷ୍ଟ ନ ହେଉଛି! ଏହାଛଡା ଦେଶ ବି ସେମାନଙ୍କ ନିକମା କାରଣରୁ ଅର୍ଥନୈତିକ ଅଭିବୃଦ୍ଧି ହରାଉଛି। ତେଣୁ କୁହାଯାଉଛି, କ୍ଷୁଧା ଦାରିଦ୍ର୍ୟର ଯେତିକି କାରଣ, ଦାରିଦ୍ର୍ୟ କ୍ଷୁଧାର ସେତିକି କାରଣ, ଗୋଟିଏ ଅନ୍ୟଟିକୁ ସାଙ୍ଗରେ ନେଉଛି। ତେଣୁ ଖାଦ୍ୟ ମହଜୁଦ କରି ରଖିବାଠାରୁ ମିଳୁଥିବା ଖାଦ୍ୟକୁ ସୁଷମ ଭାବରେ ବଣ୍ଟନ କରିବା ଅର୍ଥାତ୍ ଭଲ ଶାସନ କରିବା ଦାରିଦ୍ର୍ୟରୁ ମୁକ୍ତି ମିଳିବାର ବଡ଼ ଉପାୟ। ଏ କଥା ରାଜନେତାମାନେ ଜାଣି ବି ବୁଝୁନାହାନ୍ତି। କାରଣ ଲୋକେ ଦରିଦ୍ର ରହିଲେ ଅଳପ ପଇସାରେ ସେମାନଙ୍କ ଭୋଟ କିଣିହେବ, କାର୍ଯ୍ୟକ୍ଷମ ବା ରୋଜଗାର କରୁଥିବା ଲୋକ ଓ ସେହି କାରଣରୁ ଶିକ୍ଷିତ ହୋଇଥିବା ତା'ର ପିଲାଏ ହାତଗୁଞ୍ଜାରେ ଖୁସିହେବେ ନାହିଁ କି ହାତୀ ଦେବି ଘୋଡ଼ା ଦେବି ଭଳି ତୁଚ୍ଛା ପ୍ରଲୋଭନ ଦେଖାଉଥିବା ନେତାକୁ ଭୋଟ ଦେବେ ନାହିଁ।

ଭାରତ ଭୂଖଣ୍ଡର (ପାକିସ୍ତାନ, ବାଂଲାଦେଶ ସମେତ) ସଂସ୍କୃତି ସ୍ତ୍ରୀ ଓ ପିଲାମାନଙ୍କୁ ଭୋକିଲା ବା ଅଧାଖିଆ ରଖେ। ପୁରୁଷମାନେ ଆଗେ ଖାଆନ୍ତି, ବଳିଲା ଜିନିଷ ମା' ଖାଏ, ତେଣୁ ମା' ପେଟରେ ଥିବା ଛୁଆ ଓ କାଖରେ ଥିବା ଛୁଆ କମ୍ ପୁଷ୍ଟି ପାଏ। ତେଣୁ ମା' ଓ ଶିଶୁ ଉଭୟ ପୁଷ୍ଟିକର ଖାଦ୍ୟର ଅଭାବଜନିତ ରୋଗରେ ପଡ଼ନ୍ତି। ସୁତରାଂ ଗରିବୀ ହଟାଇବାରେ ପ୍ରଥମ ଆବଶ୍ୟକତା ହେଉଛି ମା'ର ଯତ୍ନ। ସୁସ୍ଥ ଓ ଶିକ୍ଷିତ ଜନନୀ ହିଁ ସୁସ୍ଥ ଓ ଶିକ୍ଷିତ ପିଲା ଗଢ଼େ, ତେଣୁ ଖାଦ୍ୟ ସୁରକ୍ଷା ଅଧିକାର ନାମରେ ଜନନୀକୁ ଉପଯୁକ୍ତ ସୁଷମ ଖାଦ୍ୟ ଦିଆଯିବା ଦରକାର। ଦେଶ ଯଦି ଖାଦ୍ୟଶସ୍ୟରେ ସ୍ୱୟଂସମ୍ପନ୍ନ ତେବେ କେତେକ ଲୋକ ଅନାହାରରେ ବା ପୁଷ୍ଟିହୀନତାରେ ମରୁଛନ୍ତି କାହିଁକି? ଗରିବ ରାଜ୍ୟରେ କ୍ଷୁଧା ଓ କୁପୁଷ୍ଟି ସମସ୍ୟାର ସମାଧାନ ବିଦେଶୀ ସାହାଯ୍ୟ ବା କମ୍ପାନୀମାନଙ୍କ ସିଏସ୍‌ଆର୍ (କର୍ପୋରେଟ୍ ସୋସିଆଲ୍ ରେସ୍ପନସିବିଲିଟି) ଟଙ୍କା ନୁହେଁ, ଭଲ ଶାସନ ହେଉଛି ଏକମାତ୍ର ସମାଧାନ। ପଞ୍ଚାୟତ ସ୍ତରରେ ଗରିବ ଚିହ୍ନଟ କରୁଥିବା ଶାସକଦଳର ଲୋକେ ଉପୁରି ନ ପାଇଲେ ସୁପାରିସ କରୁନାହାନ୍ତି, ଗରିବ ଗରିବ ବୋଲି ଚିହ୍ନଟ ପାଇବାକୁ ଲାଞ୍ଚ ଦେବାକୁ ବାଧ୍ୟ ହେଉଛି, ଘରଦ୍ୱାର ବନ୍ଧା ପକାଇ ବା ନିଜେ ଶରୀରକୁ ବିକି ଘୁସ୍ ପଇସା ଆଣୁଛି । ଗଣତନ୍ତ୍ରକୁ ଏଭଳି ଏକ 'ପିସି'ତନ୍ତ୍ରରୁ ରକ୍ଷା କରିବା ଲାଗି ସୁଶାସନ ଦରକାର।

ଇ–ମେଲ୍: sahadevas@yahoo.com

# ଆଜିର ଶିକ୍ଷା ଓ ପ୍ରାଚୀନ ସଂସ୍କୃତି



ବ୍ରହ୍ମାନନ୍ଦ ପଣ୍ଡା

ଆଜିକାଲି ଭାରତୀୟ ଶିକ୍ଷା ବ୍ୟବସ୍ଥାର ଏଭଳି ଅଧୋଗତି ହୋଇଛି ଯେ, ପ୍ରାୟ ୬୦% ମାଧ୍ୟମିକ ଛାତ୍ରୀଛାତ୍ର ଦରଖାସ୍ତଟିଏ ଲେଖିବାକୁ ବା ସାଧାରଣ ହିସାବଟିଏ କରିବାକୁ ଅସମର୍ଥ। ଭାରତର ୭୫% ଯାନ୍ତ୍ରିକ ଓ କାରିଗରି ଶିକ୍ଷାପ୍ରାପ୍ତ ସ୍ନାତକ ଚାକିରି ପାଇବାକୁ ଅଯୋଗ୍ୟ ବୋଲି ନିକଟ ଅତୀତରେ ପ୍ରକାଶ ପାଇଥିବା ତଥ୍ୟ ସାରା ଭାରତରେ ଆଲୋଡ଼ନ ସୃଷ୍ଟି କରିଥିଲା। ଖାଲି ସେତିକି ନୁହେଁ ଛାତ୍ରସମାଜର ଆଜି ନୈତିକ ସ୍ଖଳନ ଘଟିଛି। ଭାରତୀୟ ସଂସ୍କୃତିର ଅବକ୍ଷୟ ହେଉଛି। ମାନବିକ ମୂଲ୍ୟବୋଧ ଲୋପ ପାଉଛି। ଆଜିର ଶିକ୍ଷା ବ୍ୟୟବହୁଳ ଏବଂ ଚାକିରିସର୍ବସ୍ୱ ହୋଇଛି। ଜ୍ଞାନ ଓ ଗବେଷଣା ଅର୍ଥସର୍ବସ୍ୱ ହୋଇଛି। ସମାଜସେବା ପ୍ରଚାରସର୍ବସ୍ୱ ହୋଇଛି। ଯଦି ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ର ପିଅନ ଚାକିରି ପାଇଁ ଆବେଦନ କରୁଛନ୍ତି ବା ସମାଜ ବିରୋଧୀ କାର୍ଯ୍ୟରେ ଲିପ୍ତ ରହୁଛନ୍ତି ତେବେ ନିଶ୍ଚିତ ଭାବରେ ଆମର ଶିକ୍ଷା ଓ ଶିକ୍ଷା ବ୍ୟବସ୍ଥାରେ କିଛି ଭୁଲ୍‌ଭ୍ରାନ୍ତି ରହିଛି। ଶସ୍ତା ଜନପ୍ରିୟତା ଦ୍ୱାରା ଭୋଟ ହାସଲ ପାଇଁ ବିଦ୍ୟାଳୟ ସ୍ତରରେ ଫେଲ୍ ଶବ୍ଦ ଲୋପ କରାଗଲା। ଧୁଆମୂଳା ଅଧୁଆମୂଳା ସବୁ ଛାତ୍ର ଉପର କକ୍ଷକୁ ଉତ୍ତୀର୍ଣ୍ଣ ହେଲେ। ସରକାର ଆଶ୍ୱସ୍ତ। ପିଲା ଆଶ୍ୱସ୍ତ। ଅଭିଭାବକମାନେ ମଧ ଆଶ୍ୱସ୍ତ। ଶିକ୍ଷକମାନେ ମଧ ଦାୟିତ୍ୱମୁକ୍ତ ହୋଇଗଲେ। ଅନେକ ସ୍ଥଳରେ ମଧ୍ୟାହ୍ନଭୋଜନ ଆୟୋଜନ ମୁଖ୍ୟ ଲକ୍ଷ୍ୟ ଏବଂ ପାଠପଢ଼ା ଗୌଣ ହୋଇଗଲା। ସାଧାରଣ ଜନତାକୁ ଅନେକ ଦ୍ରବ୍ୟ ସରକାର ମାଗଣାରେ ଦେବା ଦ୍ୱାରା ସମାଜରେ ଆଳସ୍ୟ ଓ ତାମସିକ ପ୍ରବୃତ୍ତି ବୃଦ୍ଧି ପାଇଛି। ବଞ୍ଚିବା ପାଇଁ ସଂଗ୍ରାମର ଆବଶ୍ୟକତା ହ୍ରାସ ପାଉଛି। ସଂରକ୍ଷଣର ସୁଦୂରପ୍ରସାରୀ ପ୍ରଭାବ ଡାରଉଇନ୍‌ଙ୍କ ଯୋଗ୍ୟତମର ଉଦ୍‌ବର୍ତ୍ତନ ତତ୍ତ୍ୱକୁ ତାଚ୍ଛଲ୍ୟ କରୁଛି। ଏସବୁର ପ୍ରଭାବ ପିଲାଙ୍କ ଉପରେ ପଡୁଛି। ମୋବାଇଲ–ଇଣ୍ଟରନେଟ୍‌ର ଲଗାମଛଡ଼ା ବ୍ୟବହାର ବ୍ୟାଧିରୂପେ ପିଲାଙ୍କୁ ଲକ୍ଷ୍ୟଭ୍ରଷ୍ଟ ଓ ବିଳାସମୁଖୀ କରୁଛି। ବ୍ୟକ୍ତି ଚରିତ୍ରରେ ନୈତିକ ମୂଲ୍ୟବୋଧ, ଚାରିତ୍ରିକ ଶୃଙ୍ଖଳା, ବିବେକ, ସଂଯମ ଓ ମହତ୍ ଲକ୍ଷ୍ୟରେ ଅଧ୍ୟବସାୟ ଲୋପ ପାଉଛି।

ପ୍ରାଚୀନ ଭାରତର ସଭ୍ୟତା ଓ ସଂସ୍କୃତି ଯୁଗେ ଯୁଗେ ବିଶ୍ୱବାସୀଙ୍କର ମାର୍ଗଦର୍ଶକ ହୋଇଆସିଛି। ଏହାର ଭୂୟସୀ ପ୍ରଶଂସା କରି ପାଶ୍ଚାତ୍ୟ ଐତିହାସିକ ଟଏନ୍‌ବି ଯଥାର୍ଥରେ କହିଥିଲେ, ପାଶ୍ଚାତ୍ୟ ସଭ୍ୟତା ଓ ଜୀବନଶୈଳୀରେ ଆରମ୍ଭ ହେଉଥିବା ସମସ୍ତ କ୍ରିୟାକଳାପ ଭାରତୀୟ ସଂସ୍କୃତି ଓ ଜୀବନଦର୍ଶନ ଦ୍ୱାରା ସଂସ୍କୃତ ଓ ସମୃଦ୍ଧ ନ ହେଲେ ଆତ୍ମଘାତର ସମ୍ମୁଖୀନ ହେବ। ଭାରତୀୟ ସଂସ୍କୃତିର ମୁଖ୍ୟ ଆଧାର ହେଉଛି ବେଦସର୍ବସ୍ୱ ଜୀବନଧାରା ଓ ଗୁରୁକୁଳ ଆଶ୍ରମର ଶିକ୍ଷା ବ୍ୟବସ୍ଥା। ଶିଷ୍ୟ ପରମ୍ପରା କ୍ରମେ ବିସ୍ତୃତ ବୈଦିକ ଜ୍ଞାନ ଓ ବିଦ୍ୟା ଭାରତୀୟ ଜୀବନଦର୍ଶନ ଓ ମୂଲ୍ୟବୋଧକୁ ସମୃଦ୍ଧ କରିଥିଲା। ଗୁରୁକୁଳ ଶିକ୍ଷା ବ୍ୟବସ୍ଥାରେ ଚାରି ବେଦ ଚାରି ଉପବେଦ, ଛ ବେଦାଙ୍ଗ, ଇତିହାସ, ପୁରାଣ, ନ୍ୟାୟ, ମୀମାଂସା, ସାଂଖ୍ୟ, ଯୋଗ ଆଦି ବତିଶ ବିଦ୍ୟା ପ୍ରଦାନର ବ୍ୟବସ୍ଥା ଥିଲା।

ଭାରତୀୟ ଶିକ୍ଷା ବ୍ୟବସ୍ଥା, ସଂସ୍କୃତି ଓ ଜାତୀୟ ମୂଲ୍ୟବୋଧ ଧ୍ୱଂସ ନ କଲେ ଭାରତରେ ଇଂରେଜ ଶାସନର ସ୍ଥାୟିତ୍ୱ ଅସମ୍ଭବ ହୃଦ୍‌ବୋଧ କରି ମାକଲେ ୧୮୩୫ରେ ବ୍ରିଟିଶ ସଂସଦକୁ ଏକ ଚିଠି ଦେଇଥିଲେ। ତା' ପରେ ଭାରତରେ ଇଂଲିଶ ଶିକ୍ଷା ପ୍ରଚଳନ ଦ୍ୱାରା ଲକ୍ଷ ଲକ୍ଷ ଡାକମୁନସି ବାବୁ ସୃଷ୍ଟିକରି ଭାରତୀୟ ସମାଜରେ ବିଭେଦ, ବିଦ୍ୱେଷ, ବିଦେଶୀ ଦ୍ରବ୍ୟର ପ୍ରୀତି ଓ ଭାରତୀୟତାର ଅନାଦର ଭାବ ସୃଷ୍ଟିକରି ଭାରତୀୟ ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରିଦିଆଗଲା, ଯାହାର ଫଳ ଆଜି ସର୍ବତ୍ର ପ୍ରତିଫଳିତ।

ବୈଦିକ ଶିକ୍ଷାର ଲକ୍ଷ୍ୟ ଜ୍ଞାନାର୍ଜନ, ଚରିତ୍ର ଗଠନ, ସମୃଦ୍ଧ ସମାଜ, ଜନସେବା ଏବଂ ଦେଶ ଓ ଦଶର ସମୃଦ୍ଧି ସହ ଧର୍ମ, ଅର୍ଥ, କାମ ଓ ମୋକ୍ଷରୂପକ ଚତୁର୍ବର୍ଗ ଲକ୍ଷ୍ୟସିଦ୍ଧି। ଭଗବତ୍ ସାନ୍ନିଧ୍ୟ ଓ ଆତ୍ମ ସାକ୍ଷାତ୍କାର ହିଁ ଶିକ୍ଷାର ମୂଳ ଲକ୍ଷ୍ୟ। ଶିକ୍ଷାଦାନରେ ଗୁରୁଙ୍କର ମହନୀୟ ଅବଦାନ ଥିଲା। ଶିଷ୍ୟ ପାଇଁ ଗୁରୁ ହେଉଛନ୍ତି ବ୍ରହ୍ମା, ବିଷ୍ଣୁ ତଥା ଶିବ ତୁଲ୍ୟ ବନ୍ଦନୀୟ। ଶିଷ୍ୟର ଜ୍ଞାନଚକ୍ଷୁ ଉନ୍ମୀଳିତ କରି ଅଜ୍ଞାନତାରୂପକ ଅନ୍ଧକାର ଦୂର କରିପାରୁଥିବାରୁ ଗୁରୁ ଚିରନମସ୍ୟ। ଶିଷ୍ୟ ଉପରେ ଗୁରୁ ପ୍ରସନ୍ନ ହେଲେ ଅନ୍ୟ ସମସ୍ତେ ପ୍ରସନ୍ନ ହୁଅନ୍ତି। ବୈଦିକ ଗୁରୁକୁଳ ଆଶ୍ରମରେ ଶିଷ୍ୟମାନେ ମିଳିମିଶି ଅଗ୍ରସର ହେବା, ଆଳାପ କରିବା ଏବଂ ଜ୍ଞାନାର୍ଜନ କରି ଈଶ୍ୱର ସମର୍ପିତ ହେବା ପାଇଁ ଗୁରୁ ଶିଷ୍ୟଙ୍କୁ ପ୍ରେରଣା ଦିଅନ୍ତି। ଋଗ୍‌ବେଦ (୧/୧୧୧/୨)ର ଏ ସମ୍ପର୍କିତ ମନ୍ତ୍ରଟି ହେଉଛି– 'ସଂଗଚ୍ଛଧ୍ୱଂ ସଂବଦଧ୍ୱଂ ଶଂ ବୋ ମନାଂସି ଜାନତାମ୍'। ହାର୍ଦ୍ଦିକ ମିଳନ ଓ ମାନସିକ ଏକତା ସହ ଏକ ଲକ୍ଷ୍ୟ ବା ସଂକଳ୍ପରେ ସାଧନା କଲେ ଅବଶ୍ୟ ସିଦ୍ଧି ପାଇବେ ବୋଲି ଗୁରୁ ଶିଷ୍ୟଙ୍କୁ ପ୍ରେରଣା ଦେଇଥାନ୍ତି– ''ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି।'' (ଋକ୍‌ବେଦ ୧୦/୧୧୧/୪) ଶ୍ୱେତାଶ୍ୱେତରୋପନିଷଦରେ ଗୁରୁ ଶିଷ୍ୟଙ୍କୁ ରକ୍ଷା ଓ ପାଳନ କରିବା, ଶକ୍ତିସାମର୍ଥ୍ୟ ଦେବା, ସେମାନଙ୍କର ଜ୍ଞାନର ମହତ୍ତ୍ୱ ବୃଦ୍ଧି କରିବା ଓ ବିଦ୍ୱେଷଶୂନ୍ୟ ସମ୍ପର୍କ ବଜାୟ ରଖିବାକୁ ପ୍ରାର୍ଥନା କରାଯାଇଛି– ''ଓଁ ସହନାବବତୁ । ସହ ନୌ ଭୁନକ୍ତୁ। ସହବୀର୍ଯ୍ୟ କରବାବହୈ। ତେଜସ୍ୱିନାବଧୀତମସ୍ତୁ। ମା ବିଦ୍ୱିଷାବହୈ।'' ପୁତ୍ର ପିତାର ବ୍ରତ ପାଳନ କରିବା ଓ ମାତାର ଆଜ୍ଞାଧୀନ ହେବା, ସ୍ତ୍ରୀ ଶାନ୍ତିପ୍ରିୟ ଓ ମଧୁର ଭାଷୀ ହେବା ପାଇଁ ଭାଇ–ଭାଇ ଓ ଭାଇ–ଭଉଣୀ ମଧୁର ସମ୍ପର୍କ ରଖିବାକୁ ଅଥର୍ବ ବେଦ ୩୦।୩।୨–୩ ମନ୍ତ୍ରଦ୍ୱୟରେ ସମୃଦ୍ଧ ପାରିବାରିକ ଜୀବନର ପ୍ରେରଣା ଦିଆଯାଇଛି। ବିଶ୍ୱଗୁରୁ ବ୍ୟାସ ''ପରୋପକାରଃ ସ୍ୱର୍ଗାୟ ପାପାୟ ପରପୀଡନମ୍' ମନ୍ତ୍ର ଦେଇ ସେବା ଓ ତ୍ୟାଗସର୍ବସ୍ୱ ଜୀବନ ଓ ଚରିତ୍ର ଗଠନ ପାଇଁ ପ୍ରେରଣା ଦେଇଥିଲେ।

ଶିଷ୍ୟ ଗୁରୁଙ୍କୁ ପ୍ରଣାମ କଲେ– 'ମନୁର୍ଭବ' ଅର୍ଥାତ୍ ମନୁଙ୍କ ପରି ସତ୍ ସିଦ୍ଧ ଓ ସମୃଦ୍ଧ ହେବାର ଆଶୀର୍ବାଦ ମିଳେ। ମନୁଙ୍କର ମନୁସ୍ମୃତି ୨/୧୨୧ରେ ଜ୍ଞାନବୃଦ୍ଧ ଓ ବୟୋବୃଦ୍ଧଙ୍କର ସେବା ଓ ସମ୍ମାନ କଲେ ପ୍ରଜ୍ଞା, ବିତ୍ତ, ଯଶ ଓ ବୀର୍ଯ୍ୟ ବୃଦ୍ଧି ହୁଏ ବୋଲି ପ୍ରେରଣା ଦିଆଯାଇଛି। ଆଧୁନିକ ଶିକ୍ଷା ବ୍ୟବସ୍ଥାରେ ଜ୍ଞାନ ଲାଭ ହୁଏ। ମାତ୍ର ବୈଦିକ ଶିକ୍ଷା ବ୍ୟବସ୍ଥା ଜ୍ଞାନ ଦାନ ସହ ଚରିତ୍ର ଗଠନ କରି ଦୈବୀ ଗୁଣରେ ସମୃଦ୍ଧ କରେ। ଥିଲେ ଥାଉ ପଛେ ଗୁଣ ହଜାର, ଚରିତ୍ର ନ ଥିଲେ ସବୁ ଅସାର। ଭାରତୀୟ ସଂସ୍କୃତିର ମହାମନ୍ତ୍ର– 'ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟଃ, ସର୍ବେ ଭଦ୍ରାଣି ପଶ୍ୟନ୍ତୁ ମା କଶ୍ଚିତ୍ ଦୁଃଖଭାଗ୍ ଭବେତ୍' ଛାତ୍ର–ଶିକ୍ଷକ ସମସ୍ତଙ୍କର ଧ୍ୟେୟ ହେବା ଉଚିତ। (ଶ୍ୟାମସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ଉପଲକ୍ଷେ)

ପ୍ରାକ୍ତନ ଛାତ୍ର, ଶ୍ୟାମସୁନ୍ଦର ଉଚ୍ଚ ବିଦ୍ୟାଳୟ, ମିର୍ଜାପୁର, ଯାଜପୁର, ମୋ: ୮୨୪୯୬୯୭୯୪୪

## ଏଇ ଭାରତରେ

କାହିଁ କେଉଁ ଆଦିମ କାଳରୁ କୁକୁର ହେଉଛି ମଣିଷର ସାଥୀ। ଏହି ପ୍ରାଣୀ ମଣିଷର ଅତ୍ୟନ୍ତ ବିଶ୍ୱସ୍ତ ଭୃତ୍ୟ ଭାବରେ କାର୍ଯ୍ୟ କରେ। ଏପରି କି ମାଲିକର ଲୁଣ ଖାଇବାରୁ ତା'ର ଗୁଣ ଗାଏ। ମାଲିକର ଜୀବନ ବଞ୍ଚାଇବାକୁ ଯାଇ ଦରକାର ପଡ଼ିଲେ ନିଜ ଜୀବନ ହାରିଦିଏ। ଏପରି ଏକ ଘଟଣା ଘଟିଛି ଜୟପୁରରେ। ରାଜସ୍ଥାନର ଜୟପୁରରେ ବାସ କରୁଥିବା ପୂର୍ବତନ ରଣଜୀ ଖେଳାଳି ସଞ୍ଜୀବ ଓହଲାନ୍‌ଙ୍କ ବାସଭବନରେ ନିଆଁ ଲାଗିଯାଇଥିଲା। ତଳ ମହଲାରେ ତାଙ୍କ ସ୍ତ୍ରୀ, ପୁଅ ଓ ଚାକରକୁ ଉଦ୍ଧାର କରାଯାଇଥିଲେ ମଧ ନିଆଁ ଲାଗିବା ଯୋଗୁ ସଞ୍ଜୀବ ଅଚେତ ଅବସ୍ଥାରେ ପଡି ରହିଥିଲେ। ତାଙ୍କ ରୁମ୍ ବାହାରେ ଶୋଇଥିବା କୁକୁର ବ୍ରନୋ ଭୟରେ ନ ପଳାଇ ସଞ୍ଜୀବଙ୍କୁ ବଞ୍ଚାଇବା ପାଇଁ ତାଙ୍କୁ କାମୁଡି ଧରି ବାହାରକୁ ଆଣିବାକୁ ଚେଷ୍ଟା କରିଥିଲା। ତେବେ ତାଙ୍କ ଜୀବନ ବଞ୍ଚାଇବା ସମ୍ଭବ ହୋଇପାରି ନ ଥିଲା। ଫଳରେ ଉଭୟ ସଞ୍ଜୀବ ଏବଂ ବ୍ରନୋ ଜୀବନ୍ତ ଜଳିଯାଇଥିଲେ। ସଞ୍ଜୀବଙ୍କ ଶରୀରରେ କୁକୁର ନଖର ରାମ୍ପୁଡା ଦାଗ ଥିବା ପୋଲିସ ସୂଚନା ଦେଇଛି। ବ୍ରନୋର ଏଭଳି କାର୍ଯ୍ୟ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ଚିରନ୍ତନୀ

ସକଳ ବସ୍ତୁର ମୂଲ୍ୟ ତୁମେ ଏକା
କରୁଛ ନିର୍ଣ୍ଣୟ
କାଳେ କାଳେ ଏ ଧରଣୀ ଘୋଷୁଥିବ
ତୁମରି ବିଜୟ।
(ସୁନା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୨ ଜାନୁୟାରୀ ୧୯୯୪

- ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଥାଇଲାଣ୍ଡ ଓ ଇଣ୍ଡୋନେସିଆ ମଧ୍ୟରେ ଏକ ବୁଝାମଣା ସ୍ୱାକ୍ଷରିତ।
- ନିର୍ବାଚନ ଆଚରଣବିଧି ଉଲ୍ଲଂଘନ କଲେ ରାଜନୈତିକ ଦଳଗୁଡ଼ିକର ସ୍ୱୀକୃତି ରଦ୍ଦ କରି ଦିଆଯିବ ବୋଲି ମୁଖ୍ୟ ନିର୍ବାଚନ କମିଶନର ଟି.ଏନ୍. ଶେଷାନଙ୍କ ଚେତାବନୀ।
- କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀର ସଂଖ୍ୟାଲଘୁ ସମ୍ପ୍ରଦାୟର ପ୍ରାର୍ଥୀଙ୍କ ନିଯୁକ୍ତି ତଦାରଖ ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ଏକ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଗଠନ।

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରଶାସନର ଚେତା ପଶୁନି

ମହାଶୟ,

ରାଜ୍ୟର ବିଭିନ୍ନ ସ୍ଥାନରେ ଡଙ୍ଗାବୁଡିରେ ଲୋକେ ପ୍ରାଣ ହରାଉଛନ୍ତି। ଏଥିପାଇଁ ରାଜ୍ୟ ଓ ଜିଲା ପ୍ରଶାସନର ବେପରୁଆ ମନୋଭାବ ଦାୟୀ। ରାଜ୍ୟରେ ବହୁସଂଖ୍ୟକ ଡଙ୍ଗା ଲାଇସେନ୍ସବିହୀନ ଓ ବିନା ଜୀବନ ରକ୍ଷାକାରୀ ଜ୍ୟାକେଟରେ ଅବାଧରେ ଚଳପ୍ରଚଳ ହେଉଛି। ଅଧିକ ଭଡା ପାଇଁ ଡଙ୍ଗାର ଧାରଣ ଶକ୍ତିଠାରୁ ଅଧିକ ଯାତ୍ରୀ ନିଆଯାଉଛି। ଜିଲା ପ୍ରଶାସନ ତରଫରୁ ଏହାର ତଦାରଖ କରାଯାଉନାହିଁ। ତେଣୁ ଏବେଠୁ ଜିଲା ଓ ରାଜ୍ୟ ପ୍ରଶାସନ ସଜାଗ ହେଲେ ଅକାଳରେ ଝଡି ପଡୁଥିବା ମୂଲ୍ୟବାନ ଜୀବନ ରକ୍ଷା ହୋଇପାରନ୍ତା।

ଭଗବାନ ଦାସ, ହରିନିବାସ, ନାରାୟଣପୁର, କେନ୍ଦ୍ରାପଡା

### ଦେଶଭକ୍ତିର ନିଦର୍ଶନ

ବଲିଉଡ କଳାକାର ନାସିରୁଦ୍ଦିନ ଶାହା ନିକଟରେ ଗୋଚାଲାଣକୁ ନେଇ ଘଟିଥିବା ଏକ ହତ୍ୟାକାଣ୍ଡ ସମ୍ପର୍କରେ କହିଥିଲେ ଯେ, ଆମ ଦେଶରେ ମଣିଷ ମାରିବାଠାରୁ ଗାଈ ମାରିବାକୁ ଗୁରୁତ୍ୱ ଦିଆଯାଉଛି। ଏହି ମତକୁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାଁ ସମର୍ଥନ ଜଣାଇ କହିଥିଲେ– ଭାରତରେ ସଂଖ୍ୟାଲଘୁମାନଙ୍କୁ କିପରି ବ୍ୟବହାର କରାଯାଏ ଆମେ ମୋଦିଙ୍କୁ ଦେଖାଇବୁ। ଏହାର ଜବାବରେ ସେ କହିଥିଲେ ଯେ, ଇମ୍ରାନ ନିଜ ଦେଶ କଥା ବୁଝନ୍ତୁ, ଭାରତରେ କ'ଣ ହେଉଛି ସେ ବିଷୟରେ ଆମ ସରକାର ସଚେତନ ଅଛନ୍ତି। ଏହାଦ୍ୱାରା ବାସ୍ତବିକ ନାସିରୁଦ୍ଦିନ ଦେଶଭକ୍ତିର ନିଦର୍ଶନ ଦେଖାଇଛନ୍ତି।

ଶ୍ରୀନିବାସ ମଙ୍ଗରାଜ, କୁଦିଆରୀ, ଜଟଣୀ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

DSPL-363

ଓଡ଼ିଶା ସରକାର

୫୦ ଲକ୍ଷରୁ
ଅଧିକ ପରିବାର

୧୦,୦୦୦
କୋଟି ଟଙ୍କାରୁ ଉର୍ଦ୍ଧ୍ୱ
ସହାୟତା



କାଳିଆ
କୃଷି କଲେ ଉନ୍ନତ ସକଳ ଉନ୍ନତି

"ଜଣେ ବି ଯୋଗ୍ୟ ଚାଷୀ ଯେପରି କାଳିଆ ଯୋଜନାରୁ
ବଂଚିତ ନହେବ ତା ଉପରେ ମୁଁ ନଜର ରଖିଛି ।"

ନବୀନ ପଟ୍ଟନାୟକ

39001/13/0009/1819

www.kalia.co.in

କାଳିଆ ହେଲପ୍‌ଲାଇନ୍ ୧୮୦୦ ୫୭୨ ୧୧୨୨



ସମ୍ବଲପୁର ଜିଲା ସଦର ଡାକ୍ତରଖାନାର ମେଡିସିନ ୱାର୍ଡରେ ଶନିବାର ରାତି ପ୍ରାୟ ଗୋଟାଏରେ ୭ଜଣ ରୋଗୀଙ୍କୁ ଇଞ୍ଜେକଶନ ଦେଇଥିବା ଯୁବତୀଙ୍କୁ ପୋଲିସ ଗିରଫ କରିଛି। ମେଡିକାଲ ପରିସରରେ ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜ ଆଧାରରେ ଗିରଫ ଉକ୍ତ ଯୁବତୀଙ୍କୁ ସୋମବାର ପୋଲିସ କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଜେଲ ଯାଇଥିବା ଯୁବତୀ ଜଣକ ହେଲେ ସମ୍ବଲପୁର ଟାଉନ ଥାନା ଅନ୍ତର୍ଗତ ନୂଆପଡ଼ାର ଲିଲି ଜାଲ(୨୨)। ଅନ୍ୟପକ୍ଷେ ଜିଲାପାଳ ସମର୍ଥ ବର୍ମାଙ୍କ ନିର୍ଦ୍ଦେଶକ୍ରମେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

## ସଂକ୍ଷେପରେ

ଓଏଚ୍ଆର୍ସି ଅଧ୍ୟକ୍ଷ ପଦବୀ ଖାଲିପଡ଼ିବା ମାମଲା

### ସମୟ ମାଗିଲେ ସରକାର

**କଟକ ଅଫିସ, ୨୧।୧:** ଓଡ଼ିଶା ମାନବାଧିକାର କମିଶନ (ଓଏଚ୍ଆର୍ସି) ଅଧ୍ୟକ୍ଷ ପଦବୀ ପୂରଣ ନିମନ୍ତେ ପ୍ରକ୍ରିୟା ଜାରି ରହିଛି। ଏଥିପାଇଁ ସମୟ ଆବଶ୍ୟକ। ତେଣୁ ଅଦାଲତଙ୍କୁ ରାଜ୍ୟ ସରକାର ସମୟ ମାଗିଛନ୍ତି। ଓଏଚ୍ଆର୍ସି ଅଧ୍ୟକ୍ଷ ପଦବୀ ଖାଲି ପଡ଼ିଥିବା ନେଇ ହାଇକୋର୍ଟରେ ରୁଜୁ ଜନସ୍ୱାର୍ଥ ମାମଲାର ଶୁଣାଣି ସୋମବାର ହୋଇଥିଲା। ସରକାରଙ୍କ ପକ୍ଷରୁ ସମୟ ଲୋଡାଯିବା ପରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଫେବୃୟାରୀ ୧୮କୁ ଦିନଧାର୍ଯ୍ୟ ହୋଇଛି। ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ବିଚାରପତି କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏହାର ଶୁଣାଣି ଚାଲିଛି। ସୂଚନାଥାଉକି, ଓଏଚ୍ଆର୍ସିରେ ଅଧ୍ୟକ୍ଷ ପଦବୀ ଦୀର୍ଘଦିନ ଧରି ଖାଲି ପଡ଼ିଛି। ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ବୀରକିଶୋର ମିଶ୍ରଙ୍କୁ କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଥିଲା। ମାତ୍ର ତାଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ମାନବାଧିକାର ଉଲ୍ଲଂଘନ ସମ୍ପର୍କିତ ମାମଲାଗୁଡ଼ିକର ବିଚାର କ୍ଷେତ୍ରରେ ବିଭ୍ରାଟ ଉପୁଜିଛି। ଏ ନେଇ ମାନବାଧିକାର କର୍ମୀମାନେ ହାଇକୋର୍ଟରେ ଦୁଇଟି ମାମଲା ରୁଜୁ କରିଥିଲେ। ଦୁଇଟିଯାକ ମାମଲାର ଏକତ୍ର ଶୁଣାଣି କରାଯାଉଛି।

### ଲାଞ୍ଚ: ନିର୍ବାହୀ ଅଧିକାରୀ, ଯନ୍ତ୍ରୀଙ୍କ ସମେତ ୩ ଗିରଫ

**କଟକ ଅଫିସ, ୨୧।୧:** ୨୪ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ପୌର ପରିଷଦର ନିର୍ବାହୀ ଅଧିକାରୀ ମୋହନ ଚନ୍ଦ୍ର ଜେନା, ସହକାରୀ ଯନ୍ତ୍ରୀ କୁମାରୀ ରାଜଲକ୍ଷ୍ମୀ ଓ ୱାର୍କ ସରକାର ସନ୍ତୋଷ ଯାଦବ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଏମାନେ ସୋମବାର ଏହି ଟଙ୍କା ଠିକାଦାର ମହମ୍ମଦ ଜାଭେଦ ରାଜାଙ୍କଠାରୁ ପୂର୍ବ ଦାବି ମୁତାବକ ଗ୍ରହଣ କରୁଥିଲେ। ଜାଭେଦ ପୌର ପରିଷଦ ଅଧୀନ ବାବା ତଲବ ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଠିକା ନେଇଥିଲେ। ଉକ୍ତ କାର୍ଯ୍ୟର ପ୍ରଥମ ରନିଂ ବିଲ୍ ପାଇଁ ଉପରୋକ୍ତ ଅଧିକାରୀମାନେ ୨୪ ହଜାର ଟଙ୍କା ଦାବି କରିଥିଲେ। କଟକ ଭିଜିଲାନ୍ସ ସେଲ୍ ପକ୍ଷରୁ ଏହି ଅଧିକାରୀମାନଙ୍କୁ ଧରିବା ପାଇଁ ଯୋଜନା କରାଯାଇଥିଲା। ସହକାରୀ ଯନ୍ତ୍ରୀ ରାଜଲକ୍ଷ୍ମୀ ଲାଞ୍ଚ ଟଙ୍କାକୁ ୱାର୍କ ସରକାର ଯାଦବଙ୍କୁ ଦେବା ପାଇଁ ରାଜାଙ୍କୁ କହିଥିଲେ। ତଦନୁଯାୟୀ ରାଜାଙ୍କଠାରୁ ୱାର୍କ ସରକାର ଯାଦବ ୨୪ହଜାର ଟଙ୍କା ନେଇଥିଲେ। ଠିକ୍ ଏହି ସମୟରେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ୱାର୍କ ସରକାର ଯାଦବଙ୍କୁ କାବୁ କରିଥିଲେ। ଯାଦବଙ୍କ ଜ୍ୟାକେଟ ପକେଟରୁ ଲାଞ୍ଚ ଟଙ୍କା ଜବତ କରାଯାଇଥିଲା। ଏହାପରେ ସହକାରୀ ଯନ୍ତ୍ରୀ ରାଜଲକ୍ଷ୍ମୀଙ୍କ ପୌର ପରିଷଦ କଲୋନୀସ୍ଥିତ ଘର, ନିର୍ବାହୀ ଅଧିକାରୀଙ୍କ ଘରକୁ ଭିଜିଲାନ୍ସ ଯାଞ୍ଚ କରିଥିଲା। ୩ ଜଣଙ୍କୁ ଗିରଫ କରାଯାଇଛି। ଏ ନେଇ କଟକ ଭିଜିଲାନ୍ସ ଥାନାରେ ୧/୨୦୧୯ରେ ଏକ ମାମଲା ରୁଜୁ କରାଯାଇଛି।

■ ରାଜ୍ୟରେ କାମକରୁନି ଗେଷ୍ଟ କଣ୍ଟ୍ରୋଲ ଅର୍ଡର

# ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

**କଟକ ଅଫିସ, ୨୧।୧**

ରାଜ୍ୟରେ ଗେଷ୍ଟ କଣ୍ଟ୍ରୋଲ ଅର୍ଡର କାର୍ଯ୍ୟ କରୁନାହିଁ। ୧୯୬୮ରୁ ଏ ନେଇ ଆଇନ ଥିଲେ ମଧ୍ୟ ତାହାକୁ କାର୍ଯ୍ୟକାରୀ କରାଯାଉ ନାହିଁ। ଫଳରେ ଏ ନେଇ ଅର୍ଥନୀତି କ୍ଷତିଗ୍ରସ୍ତ ହେବା ସହିତ ବହୁ ପରିମାଣର ଖାଦ୍ୟ ନଷ୍ଟ ହେଉଛି। ଉକ୍ତ ପ୍ରସଙ୍ଗକୁ ନେଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଛି। ନିଆଳି ଅଞ୍ଚଳର ଇତିଶ୍ରୀ ରାଉତ ନାମକ ଜଣେ ଆବେଦନକାରୀଙ୍କ ପକ୍ଷରୁ ରୁଜୁ କରାଯାଇଥିବା ମାମଲାରେ ହାଇକୋର୍ଟ ସରକାରଙ୍କୁ ରିପୋର୍ଟ ତଲବ କରିଛନ୍ତି। ଫେବୃୟାରୀ ୧୮ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନଧାର୍ଯ୍ୟ ହୋଇଛି। ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ବିଚାରପତି କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରୁଛନ୍ତି।

**ସରକାରଙ୍କୁ ନୋଟିସ**

ଆବେଦନକାରୀ ପିଟିଶନରେ ଦର୍ଶାଇଛନ୍ତି ଯେ, ଦି ଓଡ଼ିଶା ଗେଷ୍ଟ କଣ୍ଟ୍ରୋଲ ଅର୍ଡର ରାଜ୍ୟରେ କାର୍ଯ୍ୟକାରୀ ପାଇଁ ସରକାରଙ୍କ ପକ୍ଷରୁ ୧୯୬୮ ଏପ୍ରିଲ ୧୪ରେ ଗେଜେଟ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ଅନୁଯାୟୀ ବିବାହ ଭଳି ଉତ୍ସବରେ ଅତିବେଶିରେ ୧୦୦ ଜଣ ଅତିଥିଙ୍କୁ ନିମନ୍ତ୍ରଣ କରିବାର ନିୟମ ରହିଥିବା ବେଳେ ଅନ୍ୟାନ୍ୟ ଉତ୍ସବରେ ଅତି ବେଶିରେ ୨୫ ଜଣ ଅତିଥିଙ୍କୁ ନିମନ୍ତ୍ରଣ କରାଯାଇପାରିବ। ମାତ୍ର ସାମ୍ପ୍ରତିକ ସ୍ଥିତିରେ ଆଭିଜାତ୍ୟକୁ ଦେଖାଇବା ପାଇଁ ବହୁସଂଖ୍ୟକ ଅତିଥିଙ୍କୁ ବିବାହ ଆଦି ଉତ୍ସବରେ ନିମନ୍ତ୍ରଣ ଦିଆଯାଉଛି। ଏହାଦ୍ୱାରା ବିପୁଳ ପରିମାଣର ଖାଦ୍ୟ ନଷ୍ଟ କରାଯାଉଛି। ଏହିସବୁ ଖାଦ୍ୟକୁ ଏଣେତେଣେ ପକାଇବା ଦ୍ୱାରା ପରିବେଶ ପ୍ରଦୂଷିତ ହେଉଛି। କେତେ ପରିମାଣର ଖାଦ୍ୟ ଏହିଭଳି ଭାବେ ନଷ୍ଟ ହେଉଛି ତାହାର ତଥ୍ୟ ଜାଣିବା ପାଇଁ ଆବେଦନକାରୀ ଉଦ୍ୟମ କରିଥିଲେ। ଏ ସମ୍ପର୍କରେ ଆବେଦନକାରୀ ୨୦୧୭ ଜୁନ ୧୪ରେ କଟକ ଜିଲାପାଳ, ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ ନିକଟରେ ସୂଚନା ଅଧିକାର ଆଇନ ବଳରେ ଆବେଦନ କରିଥିଲେ। ମାତ୍ର ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ଏ ସମ୍ପର୍କରେ କୌଣସି ତଥ୍ୟ ନ ଥିବା ଦର୍ଶାଯାଇଥିଲା। ଅର୍ଥାତ୍ ସରକାରୀ ପଦାଧିକାରୀମାନେ ଏଭଳି ଆଇନ ସମ୍ପର୍କରେ ସମ୍ପୂର୍ଣ୍ଣ ଅନଭିଜ୍ଞ ଥିବା ଆବେଦନକାରୀ ପିଟିଶନରେ ଉଲ୍ଲେଖ କରିଛନ୍ତି। ସରକାରୀ ପଦାଧିକାରୀମାନେ ଯେହେତୁ ଆଇନ ସମ୍ପର୍କରେ ଅଜ୍ଞ ଅଛନ୍ତି ତେଣୁ ଏଭଳି ଆଇନ ସମ୍ପର୍କରେ ସଚେତନତା ମଧ୍ୟ ସୃଷ୍ଟି କରାଯାଇ ପାରୁନାହିଁ। ତେଣୁ ଉକ୍ତ ଆଇନକୁ କଡ଼ାକଡ଼ି ଭାବେ ଲାଗୁ କରିବା ପାଇଁ ଆବେଦନକାରୀ ନିଜ ପିଟିଶନରେ କୋର୍ଟଙ୍କୁ ନିବେଦନ କରିଛନ୍ତି। ଏପରିକି ଯଦି କୌଣସି ଉତ୍ସବରେ ଖାଦ୍ୟ ବଳକା ରହୁଛି ତେବେ ସେ ସବୁକୁ ଭୋକିଲାଙ୍କ ମଧ୍ୟରେ ବଣ୍ଟନ କରିବା ପାଇଁ ଆଦେଶ ଦେବାକୁ ଆବେଦନକାରୀ ନିବେଦନ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଡଭୋକେଟ କ୍ଷୀରୋଦ ରାଉତ ମାମଲା ପରିଚାଳନା କରୁଛନ୍ତି।

ଶ୍ରୀମନ୍ଦିର ପରିଚାଳନା ଦାୟିତ୍ୱ କେନ୍ଦ୍ର ସରକାରଙ୍କୁ ହସ୍ତାନ୍ତର ମାମଲା

# ଆବେଦନ ଖାରଜ କଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୨୧।୧**

ଶ୍ରୀମନ୍ଦିର ପରିଚାଳନା ଦାୟିତ୍ୱ କେନ୍ଦ୍ର ସରକାରଙ୍କୁ ହସ୍ତାନ୍ତର କରିବା ପାଇଁ ଇଣ୍ଟର କଣ୍ଟିନେଣ୍ଟାଲ ଆସୋସିଏଶନ ଅଫ ଲୟର୍ସ ପକ୍ଷରୁ ଆଗତ ଜନସ୍ୱାର୍ଥ ମାମଲାକୁ ସୋମବାର ସୁପ୍ରିମ୍କୋର୍ଟ ଖାରଜ କରିଛନ୍ତି। ଏଥିସହିତ ଘରୋଇ କମ୍ପାନୀଗୁଡ଼ିକୁ ବିକ୍ରି ହୋଇଥିବା ଶ୍ରୀମନ୍ଦିର ସମ୍ପତ୍ତିକୁ ଫେରାଇ ଆଣିବା ଆବେଦନକୁ ମଧ୍ୟ ଅଗ୍ରାହ୍ୟ କରିଛନ୍ତି। ପୂର୍ବରୁ ଶ୍ରୀମନ୍ଦିର ପରିଚାଳନାରେ ସଂସ୍କାର ନେଇ ଏକ ଜନସ୍ୱାର୍ଥ ମାମଲା ବିଚାରାଧୀନ ରହିଥିବାରୁ ଉପରୋକ୍ତ ମାମଲାରେ ହସ୍ତକ୍ଷେପ କରିବାକୁ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଏବଂ ବିଚାରପତି ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ମନା ଦେଇଛନ୍ତି।

ଇଣ୍ଟର କଣ୍ଟିନେଣ୍ଟାଲ ଆସୋସିଏଶନ ଅଫ ଲୟର୍ସର ଜନସ୍ୱାର୍ଥ ମାମଲାରେ ଶ୍ରୀମନ୍ଦିର ପରିଚାଳନା ଦାୟିତ୍ୱ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେବାକୁ ଆବେଦନ କରାଯାଇଥିଲା। ଶ୍ରୀମନ୍ଦିର ପରିଚାଳନାରେ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ (ଏସ୍ଜେଟିଏ) ବିଫଳ ହୋଇଛି। ଏଭଳି ବିଫଳତା ଯୋଗୁ ଗତ ଅକ୍ଟୋବର ୩ରେ ଧାଡ଼ି ଦର୍ଶନକୁ ନେଇ ପୁରୀ ହିଂସା ଘଟିଲା ବୋଲି ଆସୋସିଏଶନ ପକ୍ଷରୁ ଆବେଦନରେ ଦର୍ଶାଯାଇଥିଲା। ଆବେଦନକାରୀ ୧୯୫୨ ମସିହାରୁ ମନ୍ଦିର ପ୍ରଶାସନ ସଂଗ୍ରହ କରିଥିବା ପାଣ୍ଠି ସମ୍ପର୍କରେ ସୂଚନା ଚାହିଁଥିଲେ। ଏହାଛଡ଼ା ରତ୍ନଭଣ୍ଡାରର ତଦାରଖ ପାଇଁ ଏକ ସ୍ୱତନ୍ତ୍ର ତଦନ୍ତ ଟିମ୍ ଗଠନ କରିବାକୁ ନିବେଦନ କରିଥିଲେ।

ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆଇନଜୀବୀ ଶ୍ୱେତକେତୁ ମିଶ୍ର ଏହି ମାମଲାକୁ ତୀବ୍ର ବିରୋଧ କରିଥିଲେ। ଆବେଦନକାରୀ ତାଙ୍କ ଆବେଦନରେ ବ୍ୟକ୍ତିଗତ ଆକ୍ଷେପ କରିଛନ୍ତି ବୋଲି ସେ ଯୁକ୍ତି ବାଢ଼ିଥିଲେ।

■ ଶର୍ଟ ସର୍କିଟ: ରାଜଧାନୀ ଏକ୍ସପ୍ରେସ୍ ବିଦ୍ୟୁତ୍ ପ୍ୟାନେଲ ବୋର୍ଡରେ ନିଆଁ

# ଧୂଆଁରେ ଭରିଗଲା ୨ ବଗି, ଯାତ୍ରୀ ସୁରକ୍ଷିତ

**ରାଉରକେଲା ଅଫିସ, ୨୧।୧**

ଭୁବନେଶ୍ୱରରୁ ନୂଆଦିଲ୍ଲୀ ଯାଉଥିବା ରାଜଧାନୀ ଏକ୍ସପ୍ରେସର ଗୋଟିଏ ବଗିର ବିଦ୍ୟୁତ୍ ପ୍ୟାନେଲ ବୋର୍ଡରେ ସୋମବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟିଛି। ତେବେ ଏଥିରେ କାହାର କୌଣସି କ୍ଷତି ହୋଇ ନ ଥିବା ଜଣାପଡ଼ିଛି। ରେଳ କର୍ମଚାରୀଙ୍କ ତ୍ୱରିତ ପଦକ୍ଷେପ ଯୋଗୁ ଏକ ବଡ଼ଧରଣର ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇ ପାରିଛି। ରାଉରକେଲା ରେଳ ଷ୍ଟେଶନରେ ଟ୍ରେନ୍କୁ ଅଟକାଇ ପ୍ୟାନେଲ ବୋର୍ଡ ମରାମତି କରାଯାଇଥିଲା। ପରେ ଟ୍ରେନ୍ ନୂଆଦିଲ୍ଲୀ ଅଭିମୁଖେ ଯାତ୍ରା କରିଛି।

ସୂଚନାନୁସାରେ, ରାଉରକେଲାଠାରୁ ୧୦ କିଲୋମିଟର ଦୂର ବନ୍ଧମୁଣ୍ଡା ଷ୍ଟେଶନ ତିଲକନଗର ନିକଟରେ ରାଜଧାନୀ ଏକ୍ସପ୍ରେସ୍ର ଶୀତତାପ ନିୟନ୍ତ୍ରିତ ୭ନଂ ବଗିରେ ଥିବା ବିଦ୍ୟୁତ୍ ପ୍ୟାନେଲ ବୋର୍ଡରେ ଶର୍ଟ ସର୍କିଟ ଘଟି ବିସ୍ଫୋରଣ ପରି ପ୍ରଚଣ୍ଡ ଶବ୍ଦ କରିବା ସହ ହଠାତ୍ ଜଳି ଉଠିଥିଲା। ଏଥିରୁ ପ୍ରବଳ ଧୂଆଁ ବାହାରିଥିଲା। ୮ନଂ ବଗିକୁ ମଧ୍ୟ ଧୂଆଁ ବ୍ୟାପିଯାଇଥିଲା। ଫଳରେ ଯାତ୍ରୀମାନେ ଆତଙ୍କିତ ହୋଇପଡ଼ିଥିଲେ। ଖବରପାଇ ରେଳ କର୍ମଚାରୀମାନେ ଉକ୍ତ ବଗିରେ ପହଞ୍ଚି ପ୍ୟାନେଲ ବୋର୍ଡ ମରାମତି କରିଥିଲେ। ତେବେ ସେଠାରୁ କିଛିବାଟ ଟ୍ରେନ୍ ଗଡ଼ିବା ପରେ ବୋର୍ଡରୁ ପୁଣି ଧୂଆଁ ବାହାରିଥିଲା। ଯାତ୍ରୀମାନେ ଚେନ୍ ଟାଣିଥିଲେ ମଧ୍ୟ ତାହା କାମ କରି ନ ଥିଲା ବୋଲି କେତେଜଣ ଅଭିଯୋଗ କରିଛନ୍ତି। ଟ୍ରେନ୍ ଅପରାହ୍ନ ଗୋଟାଏରେ ରାଉରକେଲା ଷ୍ଟେଶନରେ ଅଟକିବା ପରେ ବିଭାଗୀୟ କର୍ମଚାରୀ ପୁନର୍ବାର ପ୍ୟାନେଲ ବୋର୍ଡ ମରାମତି କରିଥିଲେ। ଅପରାହ୍ନ ୨ଟା ୧୦ରେ ଟ୍ରେନ୍ ଏଠାରୁ ଛାଡ଼ିଥିଲା। ପ୍ୟାନେଲ ବୋର୍ଡ ଭିତରେ ମୂଷା ପଶିଯିବାରୁ ଏଭଳି ଅଘଟଣ ଘଟିଥିବା ବିଭାଗୀୟ କର୍ମଚାରୀ ସୁଶାନ୍ତ ହେମ୍ବ୍ରମ କହିଛନ୍ତି। ତେବେ ଏହା ସେଭଳି କିଛି କ୍ଷତି ଘଟାଇବା ଆଶଙ୍କା ନ ଥିଲା ବୋଲି ହେମ୍ବ୍ରମ ପ୍ରକାଶ କରିଛନ୍ତି। ଅପରପକ୍ଷେ ଶୀତତାପ ନିୟନ୍ତ୍ରିତ ବଗିରେ ମୂଷା ପଶିବା ଘଟଣାକୁ ଯାତ୍ରୀମାନେ ସହଜରେ ଗ୍ରହଣ କରିପାରି ନ ଥିଲେ। ଏ ନେଇ ଯାତ୍ରୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।



ବଗିରୁ ଧୂଆଁ ବାହାରିବାରୁ ରାଜଧାନୀ ଏକ୍ସପ୍ରେସ୍ ରାଉରକେଲା ଷ୍ଟେଶନରେ ଅଟକି ରହିଛି।

■ ଆରମ୍ଭ ହୋଇପାରୁନି ଦିଘା-ଜଳେଶ୍ୱର ବ୍ରଡ୍ଗେଜ ରେଳ ପ୍ରକଳ୍ପ

# ରେଳମନ୍ତ୍ରୀଙ୍କୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୧।୧ (ବ୍ୟୁରୋ)**

ଦିଘା-ଜଳେଶ୍ୱର ବ୍ରଡଗେଜ ରେଳ ପ୍ରକଳ୍ପ ଦୀର୍ଘ ୭ ବର୍ଷ ଧରି ପଡିରହିଛି। ପଶ୍ଚିମବଙ୍ଗରେ ଜମି ଅଧିଗ୍ରହଣ ହୋଇପାରୁ ନ ଥିବାରୁ ଏହି କାର୍ଯ୍ୟ ଆଗେଇ ପାରୁ ନାହିଁ। ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଉଦ୍ବେଗ ପ୍ରକାଶ କରିଛନ୍ତି। ଏହି ପ୍ରକଳ୍ପର ପଶ୍ଚିମବଙ୍ଗ ଅଂଶକୁ ବାଦଦେଇ ଓଡ଼ିଶା ପାଇଁ ନୂତନ ଭାବେ ପ୍ରକଳ୍ପ ପୁନଃ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ରେଳମନ୍ତ୍ରୀ ପୀୟୁଷ ଗୋଏଲଙ୍କୁ ସୋମବାର ଚିଠି ଲେଖିଛନ୍ତି।

ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ୪୧ କିଲୋମିଟର ଦୀର୍ଘ ଦିଘା-ଜଳେଶ୍ୱର ବ୍ରଡଗେଜ ରେଳ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବାକୁ ୨୦୧୧-୧୨ରେ ଘୋଷଣା କରାଯାଇଥିଲା। ସେହି ପ୍ରକଳ୍ପର ୭ କିଲୋମିଟର ପଶ୍ଚିମବଙ୍ଗ ଦେଇ ଯାଉଥିବାବେଳେ ୩୪ କିଲୋମିଟର ବାଲେଶ୍ୱର ଜିଲା ଦେଇ ଗତି କରୁଛି।

**ଓଡ଼ିଶାରେ ହେଉ ସମ୍ପୂର୍ଣ୍ଣ ପ୍ରକଳ୍ପ**

ପଶ୍ଚିମବଙ୍ଗ ସରକାର ଜମି ଯୋଗାଇ ଦେଇ ନ ଥିବାରୁ ଏହି ପ୍ରକଳ୍ପ ଆରମ୍ଭ ହୋଇ ପାରୁ ନାହିଁ। ମୁଖ୍ୟମନ୍ତ୍ରୀ ୨୦୧୧ ଜୁନ ୧୩ ତାରିଖରେ ଏହି ପ୍ରକଳ୍ପକୁ ପରିବର୍ତ୍ତନ କରିବାକୁ କେନ୍ଦ୍ର ସରକାରଙ୍କୁ ଜଣାଇଥିଲେ। ବ୍ରଡଗେଜ ରେଳ ପ୍ରକଳ୍ପ ରାଜ୍ୟର ଭୁବନେଶ୍ୱର, ଚନ୍ଦନେଶ୍ୱର,ତାଳସାରୀ – ଉଦୟପୁର ସମୁଦ୍ରକୂଳ ଭଳି ବହୁ ପର୍ଯ୍ୟଟନ ସ୍ଥଳ ଦେଇଯାଉଛି। ଏହି ପ୍ରକଳ୍ପକୁ ପରିବର୍ତ୍ତନ କରିବା ଦ୍ୱାରା କେବଳ ଓଡ଼ିଶାର ପର୍ଯ୍ୟଟନ ନୁହେଁ ସାମାଜିକ-ଅର୍ଥନୈତିକ ବିକାଶରେ ମଧ୍ୟ ସହଯୋଗ କରିବ। ଏଥିରେ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଲେ ଏହାର ସମସ୍ତ ଭାଗ ଓଡ଼ିଶା ଦେଇ ଅତିକ୍ରମ କରିବ। ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାର ରେଳ ବିଭାଗକୁ ଜମି ଅଧିଗ୍ରହଣଠାରୁ ଆରମ୍ଭ କରି ସମସ୍ତ ସହଯୋଗ ଯୋଗାଇ ଦେବେ। ଏଥିରେ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରିବାକୁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

# ବଂଶଧାରା ନଦୀ ଜଳ ବିବାଦ: ମେ' ୬ରେ ପରବର୍ତ୍ତୀ ଶୁଣାଣି

**ଭୁବନେଶ୍ୱର, ୨୧।୧ (ବ୍ୟୁରୋ)**

ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶ ମଧ୍ୟରେ ବଂଶଧାରା ଜଳ ବିବାଦ ଲାଗି ରହିଛି। ଏହି ମାମଲାର ବିଚାର ସୁପ୍ରିମକୋର୍ଟରେ ଚାଲିଛି। ସୋମବାର ଏହାର ଶୁଣାଣି ହେବାର ଥିଲା। ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ ଏବଂ ହେମନ୍ତ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡ ପୀଠ ଏହାର ପରବର୍ତ୍ତୀ ଶୁଣାଣି ୨୦୧୯ ମେ ୬ ତାରିଖକୁ ଘୁଞ୍ଚାଇ ଦେଇଛନ୍ତି। ଶୁଣାଣି ବେଳେ ଓଡ଼ିଶା ସରକାରଙ୍କ କାଉନସେଲ ଚିଠି ମାଧ୍ୟମରେ ଜଣାଇଥିଲେ ଯେ ବଂଶଧାରା ନଦୀ ଜଳ ବିବାଦ ଟ୍ରିବ୍ୟୁନାଲରେ ଏହି ମାମଲାର ଶୁଣାଣି କରି ରାୟ ପ୍ରକାଶ କରିଛନ୍ତି। ୨୦୧୭ ସେପ୍ଟେମ୍ବରରେ ଟ୍ରିବ୍ୟୁନାଲ ଚୂଡ଼ାନ୍ତ ରାୟ ପ୍ରକାଶ କରିଛନ୍ତି। ଟ୍ରିବ୍ୟୁନାଲ ବଂଶଧାରା ନଦୀ ଉପରେ ନେରେଡି ବ୍ୟାରେଜ ନିର୍ମାଣ କରିବାକୁ ଆନ୍ଧ୍ର ପ୍ରଦେଶକୁ ଅନୁମତି ଦେଇଥିଲେ। ଓଡ଼ିଶା ସରକାର ଟ୍ରିବ୍ୟୁନାଲ ନିଷ୍ପତ୍ତି ବିରୋଧରେ ସୁପ୍ରିମକୋର୍ଟରେ ଏକ ସ୍ପେଶାଲ ଲିଭ୍ ପିଟିଶନ ଦାଖଲ କରିଥିଲେ। ରାୟକୁ ବିଶ୍ଳେଷଣ କରିବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଟ୍ରିବ୍ୟୁନାଲ ନିକଟରେ ପିଟିଶନ ଦାଖଲ କରିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ବଂଶଧାରା ନଦୀ ଜଳ ବିବାଦ ଟ୍ରିବ୍ୟୁନାଲର ଏକ ଟିମ୍ ନିକଟରେ ପ୍ରକଳ୍ପ ଅଞ୍ଚଳ ବୁଲି ଦେଖିବା ସହ ଉଭୟ ରାଜ୍ୟର ଲୋକମାନଙ୍କ ସହ ଆଲୋଚନା କରିଛନ୍ତି। ମଙ୍ଗଳବାର ଟ୍ରିବ୍ୟୁନାଲ ଏହି ବିଷୟ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ଶୁଣାଣି କରିବ। ବଂଶଧାରା ନଦୀ ଓଡ଼ିଶାର କଳାହାଣ୍ଡି ଜିଲାର ଥୁଆମୂଳ ରାମପୁର ଅଞ୍ଚଳରୁ ବାହାରିଛି। ଏହାର ଦୈର୍ଘ୍ୟ ପ୍ରାୟ ୨୬୫ କିଲୋମିଟର ହୋଇଥିବାବେଳେ ଓଡ଼ିଶାରେ ୧୮୫ କିଲୋମିଟର ରହିଛି। ଏହି ନଦୀ ଆନ୍ଧ୍ର ପ୍ରଦେଶର କଳିଙ୍ଗ ପଟ୍ଟନମ୍ଠାରେ ସମୁଦ୍ରରେ ମିଶିଛି।


## "ପରିଶିଷ୍ଟ-IV-A"
## [ନିୟମ ୮ (୬)ର ସର୍ତ୍ତ ଦେଖନ୍ତୁ]
## ସ୍ଥାବର ସମ୍ପତ୍ତିର ବିକ୍ରୟ ପାଇଁ ବିକ୍ରୟ ନୋଟିସ

ସିକ୍ୟୁରିଟାଇଜେଶନ୍ ଏବଂ ରିକନ୍ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଏବଂ ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ସହ ପଠନ ପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮ (୬)ର ସର୍ତ୍ତ ଅଧୀନରେ ସ୍ଥାବର ସମ୍ପତ୍ତିର ବିକ୍ରୟ ପାଇଁ ନିଲାମ ବିକ୍ରୟ ନୋଟିସ।

ଏତଦ୍ୱାରା ସାଧାରଣ ଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବେ ଋଣଗ୍ରହୀତା(ମାନଙ୍କୁ) ଏବଂ ଜାମିନଦାତା(ମାନଙ୍କୁ) ନୋଟିସ ପ୍ରଦାନ କରାଯାଉଛି ଯେ, ବନ୍ଧକ ଋଣଦାତାଙ୍କ ନିକଟରେ ବନ୍ଧକ ରଖାଯାଇଥିବା ନିମ୍ନବର୍ଣ୍ଣିତ ସ୍ଥାବର ସମ୍ପତ୍ତି, ଯାହାର ଭୌତିକ ଦଖଲ ବନ୍ଧକ ଆଦିତ୍ୟ ବିର୍ଲା ହାଉସିଂ ଫାଇନାନ୍ସ ଲିମିଟେଡ୍, ବନ୍ଧକ ଋଣଦାତାଙ୍କ ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ନିଆଯାଇଛି, ତାହାକୁ ଶ୍ରୀ ଜିତେନ କୁମାର ସ୍ୱାଇଁ / ଶ୍ରୀମତୀ ସ୍ନେହଲତା ପଣ୍ଡା/ ମେସର୍ସ ବନଦୁର୍ଗା ନାରାୟଣୀ ଇଞ୍ଜିନିୟରିଂ ୱାର୍କସ୍ଙ୍କ ଦ୍ୱାରା ବନ୍ଧକ ଋଣଦାତାଙ୍କୁ ପୈଠଯୋଗ୍ୟ ଟ.୧,୯୦,୧୮,୦୨୫/-ର ବକେୟା ରାଶିର ଅସୁଲି ନିମନ୍ତେ ୦୮ ଫେବୃୟାରୀ, ୨୦୧୯ ଦିନ "ଯେପରି ଅଛି ଯେଉଁଠି ଅଛି", "ଯେପରି ଅଛି ଯାହା ଅଛି" ଏବଂ "ସେଠାରେ ଯାହା ବି ଅଛି" ଭିତ୍ତିରେ ବିକ୍ରୟ କରାଯିବ। ସଂରକ୍ଷିତ ମୂଲ୍ୟ ଟ.୧,୩୮,୧୬,୮୦୦/- ଏବଂ ଅମାନତ ଜମା ରାଶି ଟ.୬,୯୦,୮୪୦/- ଅଟେ।

### ସ୍ଥାବର ସମ୍ପତ୍ତିର ସଂକ୍ଷିପ୍ତ ବିବରଣୀ

ପ୍ଲଟ୍ ନଂ.-୧୬୭୮/୪୦୭୯, ଖାତା ନଂ.- ୬୦୧/୩୪୧, ମୌଜା- କଟକ ସହର ୟୁନିଟ୍ ନଂ.-୧୪, ନୟାସଡ଼କ। କ୍ଷେତ୍ର ଏ୦.୦୯୦ ଡେସିମିଲି, ଅର୍ଥାତ୍ ୩୯୨୦.୪ ବର୍ଗଫୁଟ। କିସମ- ଘରବାରି-୨, ଥାନା- ଲାଲବାଗ, ଏସ୍ଆରଓ/ତହସିଲ-କଟକ ସଦର, ଜିଲ୍ଲା- କଟକ-୭୫୩୦୦୯

ବିକ୍ରୟର ସବିଶେଷ ନିୟମ ଓ ସର୍ତ୍ତାବଳୀ ପାଇଁ ଦୟାକରି ବନ୍ଧକ ଋଣଦାତାଙ୍କ ୱେବ୍ସାଇଟ୍ ଅର୍ଥାତ୍ www.adityabirlahousingfinance.comରେ ପ୍ରଦତ୍ତ ଲିଙ୍କ୍ ଦେଖନ୍ତୁ।

କ୍ରିଷ୍ଣେନ୍ଦୁ ଦେବ ରାୟ
ପ୍ରାଧିକୃତ ଅଧିକାରୀ
ଆଦିତ୍ୟ ବିର୍ଲା ହାଉସିଂ ଫାଇନାନ୍ସ ଲିମିଟେଡ୍

ସ୍ଥାନ: ଭୁବନେଶ୍ୱର
ତାରିଖ: ୨୧।୦୧।୨୦୧୯



IDBI BANK

ଆଇଡିବିଆଇ ବ୍ୟାଙ୍କ ଲିଃ., ରିଟେଲ ଆସେଟ୍ସ ସେଣ୍ଟର, ୧ମ ମହଲା, ଆଇଡିବିଆଇ ହାଉସ୍, ୟୁନିଟ୍-୯, ଜନପଥ, ଭୁବନେଶ୍ୱର-୭୫୧୦୨୨, ଫୋନ୍ ନଂ.: ୦୬୭୪-୬୬୧୬୫୪୬ ସିଆଇଏନ୍- ଏଲ୍୬୫୧୯୦ଏମ୍ଏଚ୍୨୦୦୪ଜିଓଆଇ୧୪୮୮୩୮

## ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ଆଇଡିବିଆଇ ବ୍ୟାଙ୍କ ଲିଃ.ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଜାନୁଆରୀ ୧୦, ୨୦୧୯ ରିଖରେ ଦଖଲ ନିଆଯାଇଥିବା ଶ୍ରୀ ଦିଲ୍ଲୀପ କୁମାର ସାହୁ ଏବଂ ଶ୍ରୀମତୀ ସ୍ମରଣିକା ସାହୁଙ୍କର ନିମ୍ନଲିଖିତ ବନ୍ଧକପ୍ରାପ୍ତ ସମ୍ପତ୍ତି ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ଧାରା ଅନୁସାରେ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଉକ୍ତ ସମ୍ପତ୍ତି ବିକ୍ରୟ କରାଯିବା ନିମନ୍ତେ ବନ୍ଦ ଲଫାପାରେ ପ୍ରସ୍ତାବମାନ ଆହ୍ୱାନ କରାଯାଉଛି।

୧. **ସମ୍ପତ୍ତିର ସଂକ୍ଷିପ୍ତ ବିବରଣୀ : ଶ୍ରୀ ଦିଲ୍ଲୀପ କୁମାର ସାହୁ ଏବଂ ଶ୍ରୀମତୀ ସ୍ମରଣିକା ସାହୁଙ୍କ** ନାମରେ ଥିବା ସ୍ଥାବର ସମ୍ପତ୍ତି ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଏସ୍ଆରଓ: ଖଣ୍ଡଗିରି, ଭୁବନେଶ୍ୱର, ଥାନା: ମଞ୍ଚେଶ୍ୱର, ନଂ.: ୨୩, ମୌଜା: ଚନ୍ଦ୍ରଶେଖରପୁର, ୟୁନିଟ୍-୪୧, ସ୍ଥିତିବାନ୍ ଖାତା ନଂ.: ୬୧୯/୧୧୭୦, ପ୍ଲଟ୍ ନଂ.: ୨୦୩, କ୍ଷେତ୍ର: ଏକର୦.୨୫୦ଡିସିମିଲି, କିସମ: ଘରବାରୀ, ଖଜଣା- ଟ.୭୫୦/-, ମୋଟ କ୍ଷେତ୍ର: ଏକର୦.୨୫୦ଡିସିମିଲି ରୁ ଅବିଭକ୍ତ ଅଂଶ କ୍ଷେତ୍ର: ଏକର୦.୦୨୦ ଡିସିମିଲି ଅର୍ଥାତ ୮୭୧ ବର୍ଗଫୁଟ ଯାହାକି କ୍ରେତାଙ୍କ ନାମକୁ ସ୍ଥାନାନ୍ତର କରାଯାଇଛି। ଏହି ସମ୍ପତ୍ତି ଶ୍ରୀ ରେସିଡେନ୍ସି ନାମକ ଆପାର୍ଟମେଣ୍ଟର ୪ର୍ଥ ମହଲାର ଫ୍ଲାଟ୍ ନଂ.: ୪୦୧ ଅଟେ ଯାହାର କ୍ଷେତ୍ର: ୨୦୩୫ବର୍ଗଫୁଟ ସହିତ ଭର୍ଟିଫାଏଡ୍ ଟାଇଲ୍ ଫ୍ଲୋରିଂ ଏବଂ ପାର୍କିଂ ଏରିଆ ଅଛି। ଏହାର ଚାରିପାର୍ଶ୍ୱରେ ଉତ୍ତର: ଫ୍ଲାଟ୍ ନଂ.: ୨୦୧, ଦକ୍ଷିଣ: ରାସ୍ତା, ପୂର୍ବ: ଫ୍ଲାଟ୍ ନଂ.: ୨୦୨, ପଶ୍ଚିମ: ଏଚ୍ଆଇଜି ନିର୍ମାଣାଧିନ ଗୃହ

୨. ଆଇଡିବିଆଇକୁ ପରିଶୋଧ କରିବାକୁ ଥିବା ତା.୧୦.୦୯.୨୦୧୮ ସୁଦ୍ଧା ମୋଟ ବକେୟା ରାଶି ଟ.୬୦,୮୩,୦୬୨.୦୯ + ୧୧.୦୯.୨୦୧୮ ଠାରୁ ସେବାବଦ ସୁଧ ଏବଂ ଖର୍ଚ୍ଚ

| ୩. | ସଂରକ୍ଷିତ ମୂଲ୍ୟ | ଅମାନତ ଜମା | ସମ୍ପତ୍ତି ତନଖି ତାରିଖ | ବିଡ୍ ଫର୍ମ ଦାଖଲର ଅନ୍ତିମ ତାରିଖ ଏବଂ ବିଡ୍ ବୃଦ୍ଧି ପରିମାଣ | ଇ-ନିଲାମ ତାରିଖ |
|---|---|---|---|---|---|
| | ଟ.୭୬,୩୩,୦୦୦/- | ଟ.୭,୬୩,୩୦୦/- | ୧୦.୦୨.୨୦୧୯ ରୁ ୧୮.୦୨.୨୦୧୯(ଅପରାହ୍ନ ୨.୦୦ ଘଟିକା ରୁ ଅପରାହ୍ନ ୪.୦୦ ଘଟିକା) | ୨୨.୦୨.୨୦୧୯ ଅପରାହ୍ନ ୪.୦୦ଘଟିକା ପର୍ଯ୍ୟନ୍ତ; ଟ. ୧୦,୦୦୦/-; ୧ମ ମହଲା, ୟୁନିଟ୍-୯, ଜନପଥ, ଭୁବନେଶ୍ୱର-୭୫୧୦୨୨ | ୨୫.୦୨.୨୦୧୯ (ପୂର୍ବାହ୍ନ ୧୧.୦୦ ଘଟିକା ରୁ ମଧ୍ୟାହ୍ନ ୧୨.୦୦ଘଟିକା) |

୪. ବିଡ୍ କାଗଜାତ୍ରେ ଥିବା ନିୟମ ଏବଂ ସର୍ତ୍ତାବଳୀର ସାରାଂଶ :

୧. ସୁରକ୍ଷିତ ଋଣଦାତା: ଆଇଡିବିଆଇ ବ୍ୟାଙ୍କ ଲିଃ. ପକ୍ଷରୁ ସୁରକ୍ଷିତ ସମ୍ପତ୍ତି "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି", "ସେଠାରେ ଯେପରି ଅଛି" ଏବଂ "ବିନା ଆଇନଗତ ସହାୟତା ଭିତ୍ତି"ରେ ବିକ୍ରୟ କରାଯିବ।
୨. ଉପର ଦର୍ଶିତ ସମ୍ପତ୍ତି ଦର୍ଶିତ ସଂରକ୍ଷିତ ମୂଲ୍ୟଠାରୁ କମ୍ ମୂଲ୍ୟରେ ସମ୍ପତ୍ତି ବିକ୍ରୟ କରାଯିବ ନାହିଁ।
୩. ଏହି ନୋଟିସ୍ ପ୍ରକାଶନର ୩୦ଦିନ ପରେ ସମ୍ପତ୍ତି ବିକ୍ରି ହେବ।
୪. ବିଡ୍ ଯୋଗ୍ୟତା ପାଇଁ ଅମାନତ ରାଶି (EMD) ଡିମାଣ୍ଡଡ୍ରାଫ୍ଟ / ପେ ଅର୍ଡର ମାଧ୍ୟମରେ ଆଇଡିବିଆଇ ବ୍ୟାଙ୍କ ଲିଃ. ସପକ୍ଷରେ ଦାଖଲ କରିବେ କିମ୍ବା NEFT/RTGS ମାଧ୍ୟମରେ ଆଇଡିବିଆଇ ବ୍ୟାଙ୍କ ଲିଃ. ସପକ୍ଷରେ IFSC Code-IBKL0001112, ଶାଖା: ଲୁଇସ୍ ରୋଡ୍, ଭୁବନେଶ୍ୱର, ଆକାଉଣ୍ଟ ନଂ.: ୧୧୧୨୩୪୯୧୫୦୧୦୦୧୪ରେ ଜମା କରିବେ।
୫. ଅମାନତ ଜମାରାଶି ଉପରେ କୌଣସି ସୁଧ ଦିଆଯିବ ନାହିଁ। କ୍ଷମତାପ୍ରାପ୍ତ ଅଧିକାରୀ ସର୍ବୋଚ୍ଚ ୩ଜଣ ନିଲାମଧାରୀଙ୍କ ଅମାନତ ରାଶି ବିଡ୍ ଗୁଡିକ ଖୋଲାଯିବା ତାରିଖ ଠାରୁ ୩ମାସ ପର୍ଯ୍ୟନ୍ତ ଅଟକ ରଖିପାରିବେ।
୬. କ୍ଷମତାପ୍ରାପ୍ତ ଅଧିକାରୀ ପ୍ରଥମ ୩ଜଣ ନିଲାମଧାରୀଙ୍କ ମଧ୍ୟମରେ ନିଲାମ ଡାକ କରିବା ପାଇଁ ଅନୁମତି ଦେଇପାରିବେ।
୭. ସଫଳ ନିଲାମଧାରୀ ବିକ୍ରୟ ମୂଲ୍ୟରେ ୨୫% (ଦାଖଲ କରିଥିବା ଅମାନତରାଶି ବିଯୁକ୍ତ କରି) ବିକ୍ରୟ ଚୂଡ଼ାନ୍ତ ହେବା ସମୟରେ ଦାଖଲ କରିବେ। ବିକ୍ରୟ ମୂଲ୍ୟର ଅବଶିଷ୍ଟ ରାଶି ବିକ୍ରୟ ଚୂଡାନ୍ତ ହେବାର ୧୫ ଦିନ ମଧ୍ୟରେ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ସହମତି କ୍ରମେ ବର୍ଦ୍ଧିତ ସମୟସୀମା ମଧ୍ୟରେ ଦାଖଲ କରିବେ। ଧାର୍ଯ୍ୟ ସମୟସୀମା ମଧ୍ୟରେ ଅବଶିଷ୍ଟ ରାଶି ଦାଖଲ କରିବାରେ ଅସଫଳ ହେଲେ, ଅମାନତ ରାଶି ସହିତ ଦାଖଲ କରିଥିବା ରାଶି ବାଜ୍ୟାପ୍ତି କରାଯିବ।
୮. କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କିମ୍ବା ସମସ୍ତ ପ୍ରସ୍ତାବକୁ ଅଗ୍ରାହ୍ୟ/ଗ୍ରହଣ ଏବଂ କୌଣସି କାରଣ ନଦର୍ଶାଇ କୌଣସି ପ୍ରସ୍ତାବକୁ ସ୍ଥଗିତ / ରଦ୍ଦ କରିବା ଅଧିକାର ସଂରକ୍ଷିତ ରଖିଛନ୍ତି। ସମସ୍ତ ପ୍ରସ୍ତାବ ରଦ୍ଦ କ୍ଷେତ୍ରରେ କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାର୍ଯ୍ୟ କୌଣସି ବ୍ୟବସ୍ଥାନୁସାରେ ସମ୍ପତ୍ତି ବିକ୍ରୟ କରିପାରିବେ।
୯. ବିଡ୍ କାଗଜାତ୍ରେ ଦର୍ଶିତ ସୁରକ୍ଷିତ ସମ୍ପତ୍ତି ଋଣଗ୍ରହୀତାଙ୍କ ଦ୍ୱାରା ସୁରକ୍ଷିତ ଋଣଦାତାଙ୍କ ସପକ୍ଷରେ ବନ୍ଧକ ରଖାଯାଇଛି। ଆଗ୍ରହୀ ପକ୍ଷମାନେ କ୍ଷମତାପ୍ରାପ୍ତ ଅଧିକାରୀଙ୍କୁ ଅନୁରୋଧ କରି ସୁରକ୍ଷିତ ସମ୍ପତ୍ତିର ସବିଶେଷ ବିବରଣୀ, ରେକର୍ଡପତ୍ର ଇତ୍ୟାଦି ତନଖି କରିପାରିବେ।
୧୦. ସୁରକ୍ଷିତ ଋଣଦାତା ସୁରକ୍ଷିତ ସମ୍ପତ୍ତିର କୌଣସି ତ୍ରୁଟି ବିଚ୍ୟୁତି /ଘାଟତି କିମ୍ବା ଅନୁମତି ହାସଲ ଇତ୍ୟାଦି କିମ୍ବା କୌଣସି ଆଇନ ଅନୁସାରେ କର୍ତ୍ତୃପକ୍ଷଙ୍କୁ ଥିବା ଦେୟ ନିମନ୍ତେ ଦାୟୀ ନୁହନ୍ତି।
୧୧. ସୁରକ୍ଷିତ ସମ୍ପତ୍ତି କେବଳ ସୁରକ୍ଷିତ ଋଣଦାତାଙ୍କ ଠାରୁ ଏନ୍କମ୍ବ୍ରାନ୍ସ/ଚାର୍ଯ୍ୟ ମୁକ୍ତ ହୋଇ ବିକ୍ରି କରାଯିବ।
୧୨. ସଫଳ ନିଲାମଧାରୀ ସୁରକ୍ଷିତ ସମ୍ପତ୍ତି ହସ୍ତାନ୍ତରିତ ସମୟରେ ଷ୍ଟାମ୍ପ ଡ୍ୟୁଟି, ରେଜିଷ୍ଟ୍ରେସନ୍ ଖର୍ଚ୍ଚ, ଟିକସ ଦେୟ ଯଦି କରିଥାଏ ତାହା ବହନ କରିବେ।
୧୩. ବିଡ୍ କାଗଜାତ୍ଗୁଡିକ ଏବଂ ବିଜ୍ଞପ୍ତିରେ ପ୍ରଦତ୍ତ, ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରାଯିବ। ସମସ୍ତ କାର୍ଯ୍ୟଦିବସରେ ଆମର କୌଣସି କାର୍ଯ୍ୟାଳୟରୁ ବିଡ୍ କାଗଜାତ୍ଗୁଡିକ ପାଇପାରିବେ କିମ୍ବା ଆଇଡିବିଆଇ ୱେବ୍ସାଇଟ୍: www.idbi.com ଏବଂ https://www.bankeauctions.com ରୁ ଡାଉନ୍ଲୋଡ୍ କରିପାରିବେ।
୧୪. ସମ୍ପତ୍ତିର ଇ-ନିଲାମ ବିକ୍ରୟ ୱେବ୍ସାଇଟ୍: https://www.bankeauctions.comର ପ୍ଲାଟ୍ଫର୍ମରେ ଇ-ନିଲାମ ସେବା ପ୍ରଦାନକାରୀ C1 India Pvt. Ltd., Contact: Mr. Kingshuk Ghosh - 9836311889, Help Line e-mail ID: kolkata@c1india.com or support@bankeauctions.com ଦ୍ୱାରା ଅନୁଷ୍ଠିତ ହେବ।
୧୫. ଆଗ୍ରହୀ ପକ୍ଷମାନେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଯୋଗାଯୋଗ କରନ୍ତୁ: କ୍ଷମତାପ୍ରାପ୍ତ ଅଧିକାରୀ, ଆଇଡିବିଆଇ ବ୍ୟାଙ୍କ ଲିଃ., ୧ମ ମହଲା, ୟୁନିଟ୍-୯, ଜନପଥ, ଭୁବନେଶ୍ୱର-୭୫୧୦୨୨, ଫୋନ୍ ନଂ.: +୯୧ ୦୬୭୪-୬୬୧୬୫୪୬ ଏବଂ ଶ୍ରୀ ଅମିତ କୁମାର ପ୍ରୁଷ୍ଟି-୦୯୯୦୩୪୨୭୯୦୬ (ମୋ), ଇ-ମେଲ୍ ଆଇଡି: amit.prusty@idbi.co.in

**ସରଫେଶୀ ଆକ୍ଟ ୨୦୦୨ ର ରୁଲ ୮(୬) ଅନୁଯାୟୀ ୩୦ ଦିନିଆ ବୈଧାନିକ ନୋଟିସ**
ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା / ବନ୍ଧକଦାତାମାନଙ୍କୁ ଏତଦ୍ଦ୍ୱାରା ଜଣାଇ ଦିଆଯାଉଛି କି ଏହି ନିଲାମ ବିଜ୍ଞପ୍ତିରେ ଉପର ଦର୍ଶିତ ବକେୟା ଦେୟ ସହିତ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ ପୈଠ କରନ୍ତୁ ଅନ୍ୟଥା ସମ୍ପତ୍ତି ନିଲାମ / ବିକ୍ରୟ ହେବ ଏବଂ ଯଦି କିଛି ବକେୟା ରହିଯାଏ ତେବେ ତାହା ସୁଧ ଏବଂ ଖର୍ଚ୍ଚ ସହ ସେମାନଙ୍କ ଠାରୁ ଆଦାୟ ହେବ ।

ସ୍ଥାନ : ଭୁବନେଶ୍ୱର, ତାରିଖ: ୨୧.୦୧.୨୦୧୯
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ , ଆଇଡିବିଆଇ ବ୍ୟାଙ୍କ ଲିମିଟେଡ୍


## ପ୍ରଥମ ପୃଷ୍ଠାରୁ

### ୫.୪୮ ଲକ୍ଷ...

୨୦୧୮ରେ ୩୫ ହଜାର ୮୯୬ ବୁଥ୍ ଥିବାବେଳେ ୨୦୧୯ରେ ତାହା ୩୭ ହଜାର ୬୦୬କୁ ବୃଦ୍ଧି ପାଇଛି। ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯାଇଥିଲେ ମଧ୍ୟ ଭୋଟର ତାଲିକାରେ ନାମ ପଞ୍ଜୀକରଣ କାର୍ଯ୍ୟ ଚାଲୁ ରହିବ। ମତଦାତାମାନେ ସେମାନଙ୍କର ନାମ ଭୋଟର ତାଲିକାରେ ଅଛି କି ନାହିଁ ଅନଲାଇନ www.ceoorissa.nic.in/www.nvsp.inରେ ଯାଞ୍ଚ କରି ପାରିବେ। ଭୋଟରମାନଙ୍କୁ ସହାୟତା କରିବା ପାଇଁ ଜିଲାପାଳ ଏବଂ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଭୋଟର ସହାୟତା କେନ୍ଦ୍ର ଜାନୁୟାରୀ ୩୧ ସୁଦ୍ଧା ଖୋଲାଯିବ । ଏହି କେନ୍ଦ୍ର ମାଧ୍ୟମରେ ଭୋଟରମାନେ ସେମାନଙ୍କ ନାମ ଯାଞ୍ଚ କରି ପାରିବେ। ଏଥିସହିତ ଜନସାଧାରଣଙ୍କ ସୁବିଧା ନିମନ୍ତେ ବ୍ଲକ ଓ ତହସିଲ କାର୍ଯ୍ୟାଳୟରେ ଭୋଟର ସହାୟତା କେନ୍ଦ୍ର ମଧ୍ୟ ଖୋଲାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ଏଥିସହିତ ଭୋଟରମାନେ ନିଃଶୁଳ୍କ ନମ୍ବର ୧୯୫୦କୁ ଫୋନ କରି କେଉଁଠାରେ ନାମ ରହିଛି ଏବଂ ଭୋଟର ପରିଚୟପତ୍ର ବିଷୟରେ ଜାଣି ପାରିବେ। ପ୍ରତ୍ୟେକ କାର୍ଯ୍ୟ ଦିବସରେ ସକାଳ ୧୦ଟାରୁ ଅପରାହ୍ନ ୫ ମଧ୍ୟରେ ଭୋଟରମାନେ କଲ୍ କରି ପାରିବେ। ପ୍ରତି ଜିଲାରେ ୨ଜଣ କଣ୍ଟାକ୍ଟ ସେଣ୍ଟର ଏଜେଣ୍ଟ ରହିବେ। ସେମାନେ ଭୋଟରମାନଙ୍କ ଅଭିଯୋଗ ପଞ୍ଜୀକୃତ କରିବେ। ଅଭିଯୋଗକାରୀ ସେମାନଙ୍କ ଅଭିଯୋଗକୁ ମଧ୍ୟ ୱେବ୍ସାଇଟ ଜରିଆରେ ଜାଣି ପାରିବେ। ଚଳିତ ମାସ ୨୫ ତାରିଖରେ ଜାତୀୟ ଭୋଟର ଦିବସ ପାଳିତ ହେବ। ଚଳିତ ବର୍ଷ ନିର୍ବାଚନ ଥିବାରୁ ସଚେତନତା ପାଇଁ ଧୁମ୍ଧାମରେ ପାଳନ ହେବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ଏହି ଅବସରରେ ସାଇକେଲ ଶୋଭାଯାତ୍ରା ବିଜୁପଟ୍ଟନାୟକ ପାର୍କରୁ ବାହାରି କଳିଙ୍ଗ ଷ୍ଟାଡିୟମରେ ପହଞ୍ଚିବ। ଏଥିରେ ଏସିସି, ଏନଏସଏସ, ଭାରତ ସ୍କାଉଟସ୍ ଏବଂ ଗାଇଡସ୍ମାନେ ଯୋଗ ଦେବେ। ରାଜ୍ୟସ୍ତରୀୟ ପ୍ରତିଯୋଗିତା କରାଯାଇ ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ ବୋଲି ସୁରେନ୍ଦ୍ର କୁମାର କହିଛନ୍ତି। ଏଥିସହିତ ଭୋଟର ଦିବସ ବିଷୟରେ ସଚେତନତା ସୃଷ୍ଟି ପାଇଁ ଭୁବନେଶ୍ୱରରେ ୩ଟି ରଥରେ ଇଭିଏମ ଭିଭିପାର୍ଟର ମଡେଲ ପ୍ରଦର୍ଶନୀ କରାଯିବ। ବିଭିନ୍ନ ଜିଲାରୁ ସାଂସ୍କୃତିକ ଦଳ ଏହି ରଥରେ ଯିବେ। ସହରର ବିଭିନ୍ନ ଅଞ୍ଚଳରେ ଏହି ରଥ ବୁଲିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି।

# କଂସବଧ ସହ ସରିଲା ବରଗଡ଼ ଧନୁଯାତ୍ରା

**ମଥୁରାନଗରୀ, ୨୧।୧**

କଂସବଧ ଓ ଉଗ୍ରସେନଙ୍କ ରାଜାଭିଷେକ ଦୃଶ୍ୟାଭିନୟ ପରେ ସୋମବାର ୭୦ତମ ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଶେଷ ହୋଇଛି। ଗତ ୧୧ତାରିଖରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବରେ କଂସ ଅଭିନେତାଙ୍କ ସମେତ ଅନ୍ୟ କଳାକାରଙ୍କ ଅଭିନୟ ଯେଭଳି ଚମତ୍କାର ଥିଲା, ଆଲୋକ ଓ ତୋରଣ ସାଜସଜ୍ଜା ସେଭଳି ଆକର୍ଷଣୀୟ ହୋଇପଡ଼ିଥିଲା। ଅନୁକୂଳ ପାଗ ଓ କଳାକାରଙ୍କ ନିଖୁଣ ଅଭିନୟ ବିଦେଶୀ ପର୍ଯ୍ୟଟକଙ୍କ ସମେତ ଲକ୍ଷାଧିକ ଦର୍ଶକଙ୍କୁ ମଥୁରାନଗରୀ ଓ ଗୋପପୁରକୁ ଟାଣି ଆଣିଥିଲା।

ଅନ୍ୟଦିନ ଭଳି ମଥୁରାଭ୍ରମଣ କରି ମହାରାଜା କଂସ ଲୋକମଣ୍ଡପ ପଡ଼ିଆ ରାଜ ଦରବାରକୁ ଆସିଥିଲେ। ଶୟନ କକ୍ଷରେ ସ୍ୱପ୍ନରେ ଛାୟାକୃଷ୍ଣଙ୍କୁ ଦେଖିବା ପରେ ସେ ପୂର୍ବାପେକ୍ଷା ଆହୁରି ଶଙ୍କିତ ହୋଇ ପଡ଼ିଥିଲେ। ଶ୍ରୀକୃଷ୍ଣ, ବଳରାମଙ୍କୁ କିଭଳି ହତ୍ୟା କରିବେ ସେ ନେଇ ନିଜର ସେନାପତି, ମହାମନ୍ତ୍ରୀ, ଚାଣୁର, ମୁଷ୍ଟିକ ଆଦି ସୈନ୍ୟ ସାମନ୍ତଙ୍କୁ ଡାକି ରଣକୌଶଳ ପ୍ରସ୍ତୁତ କରିଥିଲେ। ଶ୍ରୀକୃଷ୍ଣ ହାଟପଦା ମଞ୍ଚରେ ଶିବଧନୁ ଭଙ୍ଗ କରିବା ପରେ ତାଙ୍କ କରାଘାତରେ କୁବଳୟା ହସ୍ତୀ ପ୍ରାଣ ହରାଇଥିଲା। ବେନିଭାଇଙ୍କୁ ହତ୍ୟା କରିବାରେ ନିଶ୍ଚୟ ସଫଳ ହେବେ ବୋଲି ସେନାପତି, ମହାମନ୍ତ୍ରୀ, ଚାଣୁର, ମୁଷ୍ଟିକ ବୀରଦର୍ପ କରୁଥିଲେ ମଧ୍ୟ କୃଷ୍ଣ, ବଳରାମଙ୍କ ହାତରେ ଶେଷରେ ବଧ ହୋଇଥିଲେ।

ରାଣୀ ପଦ୍ମାବତୀଙ୍କ ବାରଣ ସତ୍ତ୍ୱେ ମହାରାଜା କଂସ ନିଜର ପରାକ୍ରମ ଦେଖାଇବାକୁ ରଣାଙ୍ଗନକୁ ଓହ୍ଲାଇଥିଲେ। କିନ୍ତୁ ଶ୍ରୀକୃଷ୍ଣଙ୍କ ସ୍ପର୍ଶ ଏବଂ ବଳରାମଙ୍କ ହଳ ମୁଦଗରରେ କଂସଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ମହାରାଜ ଉଗ୍ରସେନଙ୍କ ରାଜାଭିଷେକ ହୋଇଥିଲା। ତାଙ୍କ ବିଶ୍ୱସ୍ତ ଭୃତ୍ୟ, ସେବକ ଓ ସମସ୍ତ ରାଜ କର୍ମଚାରୀମାନଙ୍କୁ ରାଜା ଉଗ୍ରସେନ ପୁନଶ୍ଚ କାର୍ଯ୍ୟରେ ଅବସ୍ଥାପିତ କରିଥିଲେ। ଶ୍ରୀକୃଷ୍ଣ, ବଳରାମ ମଥୁରା କାରାଗାରକୁ ଯାଇ ବନ୍ଦୀ ଥିବା ଦେବକୀ, ବସୁଦେବଙ୍କୁ ମୁକ୍ତ କରିଥିଲେ। ଏହାପରେ ମଥୁରାବାସୀ ବାଣ ଫୁଟାଇବା ସହ ଲଡୁ ବାଣ୍ଟି ଖୁସି ମନାଇଥିଲେ। ଅନ୍ୟପଟେ କଂସ ଭୂମିକାରେ ଅଭିନୟ କରିଥିବା ଭୁବନେଶ୍ୱର ପ୍ରଧାନ ପାପରୁ ମୁକ୍ତି ପାଇଁ ଶ୍ରୀକ୍ଷେତ୍ର ପୁରୀ ଅଭିମୁଖେ ବାହାରିଥିଲେ। ମଙ୍ଗଳବାର ପୂର୍ବାହ୍ନରେ ସେ ପୁରୀରେ ପହଞ୍ଚି ସମୁଦ୍ରରେ ସ୍ନାନ ଓ ଶ୍ରୀକ୍ଷେତ୍ର ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି।



ବରଗଡ଼ ଧନୁଯାତ୍ରାର କଂସ ବଧ ଦୃଶ୍ୟ ।

# Exam Mate

Mock Test Paper for Std X, XII CBSE Board, IIT - JEE Main & Advanced. FOR ANSWERS VISIT : www.dharitri.com

## MOCK TEST PAPER # 4

### JEE (Main) (CHEMISTRY)

**Time : 1 hour** **Maximum Marks: 120**

**GENERAL INSTRUCTIONS**

*For each question you will be given **4** Marks if you have darkened only the bubble corresponding to the correct answer and zero mark if no bubble is darkened. In all other cases, minus **one (–1)** Marks **(NEGATIVE MARKING)** will be given.*

**1.** In the Ostwald's process for preparation of nitric acid the catalytic oxidation of_____ by atmospheric oxygen gives _______ which is obtained at the end of the process and can be recycled.

(A) $N_2$, $NH_3$ (B) $N_2$, $NO_2$ (C) $NH_3$, NO (D) $NH_3$, $NO_2$

**2.** The major product obtained when isopentane is subjected to monochlorination in presence of $Cl_2$ /hv is:

(A) 1-chloro-2-methylbutane (B) 2-chloro-2-methylbutane
(C) 3-chloro-2-methylbutane (D) 2-chloro-3-methylbutane

**3.** $\lambda_0$ is the threshold wavelength of a metal for photoelectron emission. If the metal is exposed to the light of wavelength $\lambda$, then the velocity of ejected electron will be $\sqrt{\frac{2h}{m}(\lambda_0-\lambda).K}$ . The value of K is:

(A) Speed of light (B) $C\lambda_0\lambda$ (C) $\frac{C}{\lambda_0\lambda}$ (D) $\frac{1}{\lambda_0\lambda}$

**4.** In case of condensation of polymers:

(A) High molecular weight polymers are formed all at once
(B) Lower molecular weight polymers are formed all at once
(C) Molecular weight of polymer rises throughout the reaction
(D) Have no specific relation to their molecular weight

**5.** Which among the following statements are **correct** with respect to adsorption of gases on a solid ?

I. The extend of adsorption is equal to $kp^n$ according to Freundlich isotherm
II. The extent of adsorption is equal to $kp^{1/n}$ according to Freundlich isotherm
III. The extent of adsorption is equal to $\frac{1+bp}{ap}$ according to Langmuir isotherm
IV. The extent of adsorption is equal to $\frac{ap}{1+bp}$ according to Langmuir isotherm

The **correct** choice is:

(A) I and III (B) I and IV (C) II and III (D) II and IV

**6.** Calculate the enthalpy change for the following reaction using the given bond energies (kJ/mol)

[C–H] = 414 [C–Cl] = 326 [H–O] = 463 [C–O] = 334 [H–Cl] = 431

$CH_3–OH(g) + HCl(g) \rightarrow CH_3–Cl(g) + H_2O(g)$

(A) –24 kJ/mol (B) –42 kJ/mol (C) –59 kJ/mol (D) –511 kJ/mol

**7.** In the borax bead test the colored ions give characteristic colored beads due to formation of:

(A) Metal borate (B) Metal phosphate
(C) Metal tetra borate (D) Metal meta borate

**8.** Which of the following has the highest sweetness value in comparison to cane sugar?

(A) Aspartame (B) Saccharin (C) Alitame (D) Sucralose

**9.** Equal weight of Glucose, Urea and Sucrose are dissolved separately in 1 litre of water at 273 K. If the osmotic pressure be respectively $\pi_1$, $\pi_2$ and $\pi_3$ then the correct relationship is:

(A) $\pi_1 > \pi_2 > \pi_3$ (B) $\pi_2 > \pi_1 > \pi_3$ (C) $\pi_3 > \pi_1 > \pi_2$ (D) $\pi_2 > \pi_3 > \pi_1$

**10.** For which atom, large difference between 3rd and 4th ionization potential is observed?

(A) K (B) Ca (C) Al (D) Si

**11.** How many of the following are colorful gas ?

I. $N_2O$ II. $Cl_2$ III. $O_3$ IV. $N_2O_4$
V. NO VI. $NO_2$

The **correct** choice is:

(A) 1 (B) 2 (C) 3 (D) 4

**12.** The graph between ln k vs 1/T is linear with slope S(magnitude). Hence activation energy is:

(A) RS (B) R/S (C) S/R (D) 2.303RS

**13.** Calcination is used for:

(A) Sulphates (B) Sulphides (C) Carbonates (D) None of these

**14.** In the compound




Configuration of $C_2$ and $C_3$ atoms respectively are:

(A) S, S (B) S, R (C) R, S (D) R, R

**15.** The equilibrium constant at 298 K for a reaction $2A(s) + 2B(g) \rightleftharpoons C(g) + D(g)$ is 100. If the initial concentration of all the species were 1M each, then the equilibrium concentration of D (in mol/lit) will be:

(A) 0.42 (B) 1.42 (C) 0.16 (D) 1.32

**16.** The example of collectors and froth stabilizers are respectively:

(A) Fatty acids and xanthates (B) Pine oils and fatty acid
(C) Cresols and xanthates (D) Fatty acid and aniline

**17.** An ideal gas mixture of ethane and ethene occupies 28 litre at 1 atm and 273 K. The mixture reacts completely with 128 gm $O_2$ to produce $CO_2$ and $H_2O$. Mole fraction of $C_2H_4$ in the mixture is

(A) 0.6 (B) 0.4 (C) 0.5 (D) 0.8

**18.** Which of the following has only one P–OH bond

(A) Phosphinic acid (B) Pyrophosphorous acid
(C) Phosphonic acid (D) Hypophosphoric acid

**19.** Total isomers possible for the complex $[Co(en)_2Cl_2]Cl$ are : (en = ethylenediamine)

(A) 2 (B) 3 (C) 4 (D) 5

**20.** Which of the following in not a component of german silver ?

(A) Ag (B) Cu (C) Zn (D) Ni

**21.** Select the **incorrect** statement

(A) Heavy water can be prepared by exhaustive electrolysis of water
(B) Heavy water is more associated than ordinary water
(C) Heavy water has lower boiling point than ordinary water
(D) Heavy water in used as a moderator in nuclear reactor

**22.** A particular water sample is found to contain 96 ppb of $SO_4^{2-}$ and 0.122 ppm of $HCO_3^-$ with $Ca^{2+}$ as the only cation. How many ppb of $Ca^{2+}$ does this water sample contain ? (ppb stands for particles per billion)

(A) 40 (B) 80 (C) 120 (D) 160

**23.** The main products formed on heating $LiNO_3$, $NaNO_3$ and $KNO_3$ are respectively:

(A) $Li_2O$, $Na_2O$, $K_2O$ (B) $Li_2O$, $NaNO_2$, $KNO_2$
(C) $LiNO_2$, $NaNO_2$, $KNO_2$ (D) $LiNO_2$, $Na_2O$, $K_2O$

**24.** Hydroxyl group is present in:

(A) Asparagine (B) Cysteine (C) Serine (D) Lysine

**25.** How many of the following metals can show more than one oxidation states?

Sc, Ti, V, Cr, Mn, Fe, Co, Ni

(A) 1 (B) 3 (C) 5 (D) 7

**26.** $[Ni(CN)_4]^{4-}$ is iso-structural with:

(A) $XeF_4$ (B) $SiF_4$ (C) $SF_4$ (D) $[Pt(NH_3)_4]Cl_2$

**27.** In which of the following reaction cyanide will be obtained as a major product ?

(A) $Ph-\overset{O}{\overset{\|}{C}}-CH_3 \xrightarrow[(ii)\ H_3O^+]{(i)\ LiAlH_4}$ (B) $Ph-\underset{O}{\underset{\|}{C}}-NH_2 \xrightarrow[Br_2]{NaOH}$

(C) $Ph-\underset{O}{\underset{\|}{C}}-NH_2 \xrightarrow{P_4O_{10}}$ (D) $Ph-\underset{O}{\underset{\|}{C}}-OH \xrightarrow{SOCl_2} \xrightarrow{NH_3}$

**28.** The density of gas A is twice that of B. Molecular mass of A is half of molecular mass of B. The partial pressure ratio of A and B is:

(A) $\frac{1}{4}$ (B) $\frac{1}{2}$ (C) 4 (D) 2

**29.** The major product of the following reaction sequence is:




(A) 

(B) 


(C) 

(D) 


**30.** The final products formed in the reaction in :




(A) 

(B) 


(C) 

(D) 


For Answers visit: www.dharitri.com

Vidyamandir Classes
GURUKUL FOR IITJEE AND MEDICAL PREPARATION
NATIONAL ADMISSION cum SCHOLARSHIP TEST ON 2nd FEBRUARY 2019
(FOR CLASS VII, VIII, IX, X & XI STUDENTS) Ph. No. 0674 - 2421400, 2421800, 85990 87100 / 85990 87200
Preparation For: JEE Mains & Advanced, Medical (NEET / AIIMS), KVPY, Olympiad, NTSE & Board.
Jaydev Vihar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, •Damana Centre: Plot No. 248, 1st Floor, Near Damana Square, Sailashree Vihar Road, Chandrasekharpur, Bhubaneswar
Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com



କୃତଜ୍ଞତା ଗୃପକ ରଣକୁ ଶୁଝିବା, ଶକ୍ତିର ବାହାରେ ବୋଲି ଉଦାରମନା ଲୋକ ହିଁ ଧରି ନେଉଥାଏ।
- ଫ୍ରାଙ୍କଲିନ୍

# ଫେବୃୟାରୀ ୧୫ରୁ କୁଷ୍ଠ ଚିହ୍ନଟ ଅଭିଯାନ

**କୁଷ୍ଠମୁକ୍ତ ବ୍ୟକ୍ତିଙ୍କ ସାମର୍ଥ୍ୟ ବିକାଶ ଉପରେ କର୍ମଶାଳା ଆରମ୍ଭ**

**ଜାନୁୟାରୀ ୩୦ରୁ ଆରମ୍ଭ ହେବ ସଚେତନତା ଅଭିଯାନ**

ଭୁବନେଶ୍ୱର,୨୧।୧(ବ୍ୟୁରୋ)

କୁଷ୍ଠ ରୋଗରେ ପୀଡ଼ିତ ଏବଂ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ସାମାଜିକ ସ୍ତରରେ କୌଣସି ଭେଦଭାବ ରହିବା ଉଚିତ ନୁହେଁ। କୁଷ୍ଠ ସହ ଜଡ଼ିତ ସମସ୍ତ ପ୍ରକାର କୁପ୍ରଥା ଦୂରୀକରଣ କରିବା ଦିଗରେ ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କର ଦାୟିତ୍ୱ ରହିଛି। ଏଥିଲାଗି ରାଜ୍ୟ ସରକାରଙ୍କ ସହ ବିଭିନ୍ନ ବେସରକାରୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅଂଶୀଦାର ଭାବେ କାର୍ଯ୍ୟ କରିବା ଆବଶ୍ୟକ। ଓଡ଼ିଶା ସରକାରଙ୍କ ଦ୍ୱାରା ଆଗାମୀ ଦିନରେ ଯଥାକ୍ରମେ ଜାନୁୟାରୀ ୩୦ ଓ ଫେବୃୟାରୀ ୧୫ରେ କୁଷ୍ଠ ସଚେତନତା ଅଭିଯାନ ଏବଂ କୁଷ୍ଠ ଚିହ୍ନଟ ଅଭିଯାନ ଆରମ୍ଭ କରାଯିବ। ଏହାଦ୍ୱାରା କୁଷ୍ଠ ରୋଗରେ ପୀଡ଼ିତ ବ୍ୟକ୍ତିଙ୍କୁ ସମାଜରେ ସାଧାରଣ ଭାବେ ଗ୍ରହଣ କରିବା ଲାଗି ସଚେତନ କରାଯାଇପାରିବ ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ନିତେନ ଚନ୍ଦ୍ରା କହିଛନ୍ତି।

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ରେଡ୍‌କ୍ରସ ଭବନରେ ଆୟୋଜିତ 'କୁଷ୍ଠମୁକ୍ତ ବ୍ୟକ୍ତିଙ୍କ ସାମର୍ଥ୍ୟ ବିକାଶ ଓ ସେମାନଙ୍କୁ ସାଧାରଣ ଜନସେବା ପ୍ରଦାନ' ଶୀର୍ଷକ ଦୁଇଦିନିଆ ରାଜ୍ୟସ୍ତରୀୟ କର୍ମଶାଳାକୁ ଉଦ୍‌ଘାଟନ କରି ସଚିବ ଏହା କହିଛନ୍ତି। କର୍ମଶାଳାରେ ପ୍ରାୟ ୧୦୦ଜଣ କୁଷ୍ଠମୁକ୍ତ ବ୍ୟକ୍ତି ଯୋଗଦେଇଥିଲେ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ନିର୍ଦ୍ଦେଶକ ସୁଶାନ୍ତ ମହାପାତ୍ର, ଯୁଗ୍ମ ଶାସନ ସଚିବ ମଧୁମିତା ନାୟକ, ଉପଶାସନ ସଚିବ ଯଦୁମଣି ମହଲା, ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ଡ. ଶକ୍ତିପ୍ରସାଦ ପାଢ଼ୀ, ଯୁଗ୍ମ ନିର୍ଦ୍ଦେଶକ ଏସ୍.ପି. ସାହୁ, ଲେପ୍ରା ସୋସାଇଟିର ପରାମର୍ଶଦାତା ଡ. ଏସ୍.ଏନ୍. ପତି ଓ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସନ୍ୟାସୀ କୁମାର ବେହେରା ବକ୍ତବ୍ୟ ପ୍ରଦାନ କରିଥିଲେ।

# ଚୁଆରୁ ଅଚିହ୍ନା ଯୁବକଙ୍କ ମୃତଦେହ ଉଦ୍ଧାର

**ହତ୍ୟା ସନ୍ଦେହ**

ବେଗୁନିଆ,୨୧।୧ (ଡି.ଏନ.ଏ.)

ବେଗୁନିଆ ଅଗ୍ନିଶମ କର୍ମଚାରୀ ରବିବାର ବିଳମ୍ବିତ ରାତିରେ ଜଣେ ଅଚିହ୍ନା ଯୁବକଙ୍କ ମୃତଦେହକୁ ପାଣିରୁ ଉଦ୍ଧାର କରିଥିଲେ। ମାତ୍ର ତାଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆଲୋଚନା ଜୋର ଧରିଛି। ମୃତକ ଜଣଙ୍କ ସ୍ଥାନୀୟ ଅଞ୍ଚଳର ଢାବାଗୁଡିକରେ ମଜୁରିଆ ଭାବେ କାର୍ଯ୍ୟ କରୁଥିବା ବେଳେ ଏବେ ନିର୍ଦ୍ଦିଷ୍ଟ ଏକ ଢାବାରେ ଏବେ କାମ କରୁଥିଲେ। ମାତ୍ର ମୃତକଙ୍କୁ କେହି ମାରପିଟ କରି ପାଣିରେ ଫୋପାଡି ଦେଇଥିବା କୁହାଯାଉ ଥିବା ବେଳେ ଆଉ କେତେଜଣ ଲୋକେ କହୁଛନ୍ତି ତାଙ୍କ ଶରୀର ଅସୁସ୍ଥ ଥିଲା। ସେ ରାତିରେ ଶୌଚ ପାଇଁ ଯାଇଥିଲେ। ଅକସ୍ମାତ ସେ ଉକ୍ତ ଚୁଆରେ ପଡିଯାଇ ମୃତ୍ୟୁବରଣ କରି ଥାଇ ପାରନ୍ତି ବୋଲି କୁହାଯାଉଛି। ତେବେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଓ ପୋଲିସର ପ୍ରାଥମିକ ତଦନ୍ତ ଆଧାରରୁ ସୂଚନା ସ୍ପଷ୍ଟ ହୋଇପାରିବ ବୋଲି ତଦନ୍ତକାରୀ ଅଧିକାରୀ କହିଛନ୍ତି। ଅନ୍ୟପକ୍ଷରେ ମୃତକଙ୍କ ଦାବିଦାର କେହିନାହାନ୍ତି। ପୋଲିସ ସୂଚନା ଅନୁସାରେ, ଅପରିଚିତ ମୃତକଙ୍କୁ ସ୍ଥାନୀୟ ପୋଷ୍ଟ ଅଫିସ ଛକ ନିକଟରେ ଥିବା ଏକ ଚୁଆରୁ ଉଦ୍ଧାର କରାଯାଇ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ବୟସ ପ୍ରାୟ ୩୦ ହେବ। ତାଙ୍କର କୌଣସି ପରିଚୟ ମିଳି ନ ଥିବା ଯୋଗୁ ମୃତଦେହ ବ୍ୟବଚ୍ଛେଦ ପରେ କ୍ୟାପିଟାଲ ହସ୍ପିଟାଲସ୍ଥିତ ଶବ ସଂରକ୍ଷଣ ଗୃହରେ ୭୨ ଘଣ୍ଟା ପର୍ଯ୍ୟନ୍ତ ରଖାଯିବ। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା (୧/୧୯) ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।




# ପୋଲିସକୁ ମାଡ଼ମାରି ଜଣେ ଗିରଫ

ବାରଙ୍ଗ,୨୧।୧(ଡି.ଏନ୍.ଏ.)

ପୋଲିସ କର୍ମଚାରୀଙ୍କୁ ମାଡମାରିବା ଅଭିଯୋଗରେ ଚନ୍ଦକା ଥାନା ପୋଲିସ ସୋମବାର ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଗୋଠପାଟଣା ଗ୍ରାମର ସ୍ୱାଧୀନ ଓରଫ ରାଜା ପ୍ରଧାନ। ପ୍ରକାଶ ଯେ, ରବିବାର ଚନ୍ଦକା ଥାନା ଅର୍ନ୍ତଗତ ମଳିପଡା ଗ୍ରାମ ନିକଟ ଟାଇମ୍ସ ଗୁରୁକୁଳ କଲେଜରେ ବିଦ୍ୟାରତ୍ନ ପରୀକ୍ଷା ଚାଲିଥିଲା। ଏଥିରେ ୩୫୦୦ପରୀକ୍ଷାର୍ଥୀ ଯୋଗଦେଇଥିବାରୁ ଭିଡକୁ ଦୃଷ୍ଟିରେ ରଖି ଚନ୍ଦକା ପୋଲିସ ପକ୍ଷରୁ କନଷ୍ଟେବଲ ସୁବାସ ସବର ଓ ରାଜୀବଲୋଚନ କୁଅଁର ଉପସ୍ଥିତ ରହି ଟ୍ରାଫିକ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିଥିଲେ। ଏହି ସମୟରେ ସ୍ୱାଧୀନ ଏକ ବାଇକ୍ ଯୋଗେ ଏହି ବାଟଦେଇ ଆସି ରାସ୍ତା ମଝିରେ ବାଇକ୍‌ଟି ରଖିଥିଲେ। ଉପସ୍ଥିତ ଦୁଇଜଣ ପୋଲିସ ସ୍ୱାଧୀନକୁ ବାରଣ କରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ସେଠାରୁ ସ୍ୱାଧୀନ ପଳାଇଯିବା ସହ ଅଧଘଣ୍ଟା ପରେ ଅନ୍ୟ ସହଯୋଗୀ ମଳିପଡା ଗ୍ରାମର ଚନ୍ଦନ ମହାରଥା, ଦିପୁ ଓ ଗୋଠପାଟଣା ଗ୍ରାମର ସିପୁଙ୍କୁ ସାଙ୍ଗରେ ନେଇ ଘଟଣାସ୍ଥଳକୁ ଆସି ଦୁଇ କନଷ୍ଟେବଲଙ୍କୁ ମାଡ଼ମାରି ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ସୁବାସ ସବରଙ୍କ ଅଭିଯୋଗକୁ ଭିତ୍ତିକରି ପୋଲସି ୧୦/୧୯ନଂରେ ମାମଲା ରୁଜୁକରି ସ୍ୱାଧୀନକୁ କୋର୍ଟଚାଲାଣ କରିଥିବାବେଳେ ଅନ୍ୟ ତିନିଜଣ ଫେରାର ଥିବା ଚନ୍ଦକା ଥାନାଧିକାରୀ ସୁନୀଲ କୁମାର ବେହେରା କହିଛନ୍ତି।

# ମହିଳାଙ୍କୁ ମାଡ଼ମାରି ଅପହରଣ ଉଦ୍ୟମ

ନିମାପଡ଼ା,୨୧।୧(ଡି.ଏନ୍.ଏ.): ନିମାପଡ଼ା ଚାରିଛକରେ ସୋମବାର ଜଣେ ମହିଳା ନିଜ ଘରକୁ ଯିବାପାଇଁ ବସ୍‌କୁ ଅପେକ୍ଷା କରିଥିବାବେଳେ ତାଙ୍କୁ ଅପହରଣ ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ନିଆଳି ଥାନା ଅନ୍ତର୍ଗତ ଅଁଳ ଗ୍ରାମର ସସ୍ମିତା ପ୍ରଧାନ ଚିକିତ୍ସା ପାଇଁ ଚାରିଛକ ଡାକ୍ତରଖାନାକୁ ଆସିଥିଲେ। ଚିକିତ୍ସା ସାରି ଘରକୁ ଯିବା ପାଇଁ ଡାକ୍ତରଖାନା ଛକରେ ଅପେକ୍ଷା କରିଥିବାବେଳେ କାକଟପୁରପଟୁ ଆସୁଥିବା ଏକ ଯାତ୍ରୀବାହୀ ଟାଟା ମ୍ୟାଜିକ ଗାଡିଟି ଅଟକିବାରୁ ସସ୍ମିତା ସେଥିରେ ଉଠିଥିଲେ। କିନ୍ତୁ ଗାଡିଟି ନିଆଳି ଅଭିମୁଖେ ନ ଯାଇ ନିମାପଡ଼ା ଅଭିମୁଖେ ଆସିବାରୁ ସସ୍ମିତା ଏହାର ପ୍ରତିବାଦ କରିବାରୁ ଗାଡି ଚାଳକ ତାଙ୍କୁ ଛୁରି ଦେଖାଇ ଚୁପ ହୋଇ ବସିବାକୁ ଧମକ ଦେଇଥିଲେ। ଉକ୍ତ ଗାଡିରେ ୩ଜଣ ମହିଳା ଥିଲେ ମଧ କେହି ପ୍ରତିବାଦ କରି ନ ଥିଲେ। ଏପରିକି ଗାଡିଟି ନିମାପଡାରୁ ବଳଙ୍ଗା ରାସ୍ତାରେ ଯିବାବେଳେ ଡିଏଭି ସ୍କୁଲ ନିକଟରେ ଥିବା ସାଇମନ୍ଦିର ରାସ୍ତାରେ ଅଟକିଥିଲା। ଏତିକିବେଳେ ସସ୍ମିତା କୌଶଳକ୍ରମେ ଗାଡିରୁ ଖସିଯିବାବେଳେ ଚାଳକଜଣକ ତାଙ୍କୁ ମାଡ ମାରିଥିଲେ। ଏ ସମୟରେ ସେ ମୁଖ୍ୟରାସ୍ତା ଆଡକୁ ଚାଲିଯିବାରୁ ଚାଳକ ଜଣକ ଗାଡି ଧରି ଫେରାର ହୋଇଯାଇଥିଲେ। ଫଳରେ ସସ୍ମିତା ସ୍ଥାନୀୟ ଲୋକଙ୍କ ଦ୍ୱାରା ନିମାପଡ଼ା ଆସି ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତରିତ କରାଯାଇଛି। ଏ ସମ୍ପର୍କରେ ସସ୍ମିତାଙ୍କ ସ୍ୱାମୀ ଜାଣିବା ପରେ ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି।




## ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ

always with U

ଆଞ୍ଚଳିକ କାର୍ଯ୍ୟାଳୟ: ଢେଙ୍କାନାଳ,
ସା/ପୋ/ଜିଲ୍ଲା : ଢେଙ୍କାନାଳ, ପିନ୍-୭୫୯୦୦୧, ଫୋନ୍-୦୬୭୬୨-୨୨୩୩୬୫

**ଗାଡି ନିଲାମ ବିକ୍ରୟ ବିଜ୍ଞପ୍ତି**

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଦ୍ୱାରା ନିୟମାନୁଯାୟୀ ଜବତ ହୋଇଥିବା ନିମ୍ନଦର୍ଶିତ ଗାଡି ଗୁଡିକ ବିକ୍ରୟ ନିମିତ୍ତ ଜଉମୁଦା ଟେଣ୍ଡର ସହ ଅମାନତ ରାଶି ଡିମାଣ୍ଡ ଡ୍ରାଫ୍ଟ/ବ୍ୟାଙ୍କର୍ସ ଚେକ୍ ମାଧ୍ୟମରେ ''ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ '' ନିମ୍ନଲିଖିତ ସମ୍ପୃକ୍ତ ଶାଖାରେ (ନିମ୍ନ ଦର୍ଶିତ ସାରଣୀ ଅନୁସାରେ) ତା.୧୨.୦୨.୨୦୧୯ରିଖ ଅପରାହ୍ନ ୨.୦୦ ଘଟିକା ସୁଦ୍ଧା ପହଞ୍ଚିବା ଆବଶ୍ୟକ।

| କ୍ର. ନଂ. | ଶାଖା / ଫୋନ୍ ନଂ. / ଆକାଉଣ୍ଟ ନଂ. / ଋଣଗ୍ରହୀତାମାନଙ୍କ ନାମ | ଗାଡ଼ିର ମଡ୍ରେଲ / ଗାଡି ନଂ. | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି | ଅମାନତ ଜମା ଦଖଲ କରିବା ତାରିଖ / ପୈଠ କରିବା ଶାଖାର ନାମ | ନିଲାମ ତାରିଖ / ସମୟ / ସ୍ଥାନ | ପାର୍କିଂ ସ୍ଥାନ |
|---|---|---|---|---|---|---|
| ୧. | ଚଷାଗୁରୁଜଙ୍ଗ ଶାଖା / ଫୋନ୍ ନଂ.: ୯୯୩୮୫୪୩୨୧୩ (ମୋ)/ ୦୫୪୪୦୩୧୭୧୩୦୦୦୦୫ / ଜିତେନ୍ଦ୍ର ମହନ୍ତ | SONALIKA MINI TACTOR & TRAILER / NR / | ଟ.୧,୦୦,୦୦୦/- / ଟ. ୧୦,୦୦୦/- | ୧୨.୦୨.୨୦୧୯, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡିଶା ଗ୍ରାମ୍ୟ ବ୍ୟାଙ୍କ, ଚଷାଗୁରୁଜଙ୍ଗ ଶାଖାକୁ ପୈଠ | ୧୨.୦୨.୨୦୧୯, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ତାଳଚେର ଶାଖା | ମଳୟ କୁମାର ସାହୁ ଏନ୍.ଏଚ୍.କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ : ୯୯୩୭୨୪୧୮୫୪ |
| ୨. | ଚଷାଗୁରୁଜଙ୍ଗ ଶାଖା / ଫୋନ୍ ନଂ.: ୯୯୩୮୫୪୩୨୧୩ (ମୋ)/ ୦୫୪୪୦୩୧୭୧୨୦୦୦୧୯ / ବିଜୟ ସାହୁ | YUBRAJ TACTOR & TRAILER MINI / NR / | ଟ. ୬୫,୦୦୦/- / ଟ. ୧୦,୦୦୦/- | ୧୨.୦୨.୨୦୧୯, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡିଶା ଗ୍ରାମ୍ୟ ବ୍ୟାଙ୍କ, ଚଷାଗୁରୁଜଙ୍ଗ ଶାଖାକୁ ପୈଠ | ୧୨.୦୨.୨୦୧୯, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ତାଳଚେର ଶାଖା | ମଳୟ କୁମାର ସାହୁ ଏନ୍.ଏଚ୍.କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ : ୯୯୩୭୨୪୧୮୫୪ |
| ୩. | ଚଷାଗୁରୁଜଙ୍ଗ ଶାଖା / ଫୋନ୍ ନଂ.: ୯୯୩୮୫୪୩୨୧୩ (ମୋ)/ ୦୫୪୪୦୩୧୭୧୨୦୦୦୧୨ / ଯୋଗେନ୍ଦ୍ର କୁମାର ଆଚାର୍ଯ୍ୟ | SHAKTIMAN TRACTOR / NR / | ଟ.୮୨,୦୦୦/- / ଟ. ୧୦,୦୦୦/- | ୧୨.୦୨.୨୦୧୯, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡିଶା ଗ୍ରାମ୍ୟ ବ୍ୟାଙ୍କ, ଚଷାଗୁରୁଜଙ୍ଗ ଶାଖାକୁ ପୈଠ | ୧୨.୦୨.୨୦୧୯, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ତାଳଚେର ଶାଖା | ମଳୟ କୁମାର ସାହୁ ଏନ୍.ଏଚ୍.କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ : ୯୯୩୭୨୪୧୮୫୪ |
| ୪. | ଚଷାଗୁରୁଜଙ୍ଗ ଶାଖା / ଫୋନ୍ ନଂ.: ୯୯୩୮୫୪୩୨୧୩ (ମୋ)/ ୦୫୪୪୦୩୧୭୧୨୦୦୦୩୦ / ନିରଞ୍ଜନ ସାହୁ | JOHN DEERE TRACTOR / NR / | ଟ. ୬୬,୦୦୦/- / ଟ. ୧୦,୦୦୦/- | ୧୨.୦୨.୨୦୧୯, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡିଶା ଗ୍ରାମ୍ୟ ବ୍ୟାଙ୍କ, ଚଷାଗୁରୁଜଙ୍ଗ ଶାଖାକୁ ପୈଠ | ୧୨.୦୨.୨୦୧୯, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ତାଳଚେର ଶାଖା | ମଳୟ କୁମାର ସାହୁ ଏନ୍.ଏଚ୍.କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ : ୯୯୩୭୨୪୧୮୫୪ |
| ୫. | ଚଷାଗୁରୁଜଙ୍ଗ ଶାଖା / ଫୋନ୍ ନଂ.: ୯୯୩୮୫୪୩୨୧୩ (ମୋ)/ ୦୫୪୪୦୩୧୭୧୨୦୦୦୫୫ / ସାଗର ସାହୁ | SHAKTIMAN TRACTOR & TRAILER / NR / | ଟ. ୧,୦୨,୦୦୦/- / ଟ. ୧୦,୦୦୦/- | ୧୨.୦୨.୨୦୧୯, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡିଶା ଗ୍ରାମ୍ୟ ବ୍ୟାଙ୍କ, ଚଷାଗୁରୁଜଙ୍ଗ ଶାଖାକୁ ପୈଠ | ୧୨.୦୨.୨୦୧୯, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ତାଳଚେର ଶାଖା | ମଳୟ କୁମାର ସାହୁ ଏନ୍.ଏଚ୍.କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ : ୯୯୩୭୨୪୧୮୫୪ |
| ୬. | ଚଷାଗୁରୁଜଙ୍ଗ ଶାଖା / ଫୋନ୍ ନଂ.: ୯୯୩୮୫୪୩୨୧୩ (ମୋ)/ ୦୫୪୪୦୩୧୭୧୨୦୦୦୪୯ / ଶଙ୍କର୍ଷଣ ସାହୁ | TATA ACE / 0D-19-0849 / | ଟ. ୪୮,୦୦୦/- / ଟ. ୧୦,୦୦୦/- | ୧୨.୦୨.୨୦୧୯, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡିଶା ଗ୍ରାମ୍ୟ ବ୍ୟାଙ୍କ, ଚଷାଗୁରୁଜଙ୍ଗ ଶାଖାକୁ ପୈଠ | ୧୨.୦୨.୨୦୧୯, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ତାଳଚେର ଶାଖା | ମଳୟ କୁମାର ସାହୁ ଏନ୍.ଏଚ୍.କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ : ୯୯୩୭୨୪୧୮୫୪ |
| ୭. | ଚଷାଗୁରୁଜଙ୍ଗ ଶାଖା / ଫୋନ୍ ନଂ.: ୯୯୩୮୫୪୩୨୧୩ (ମୋ)/ ୦୫୪୪୦୩୧୭୧୨୦୦୦୧୮ / ଶୁକୁ ବିଶ୍ୱାଳ | JOHN DEERE TRACTOR& TRAILER / OD-19F-2929/30 / | ଟ. ୧,୦୦,୦୦୦/- / ଟ. ୧୦,୦୦୦/- | ୧୨.୦୨.୨୦୧୯, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡିଶା ଗ୍ରାମ୍ୟ ବ୍ୟାଙ୍କ, ଚଷାଗୁରୁଜଙ୍ଗ ଶାଖାକୁ ପୈଠ | ୧୨.୦୨.୨୦୧୯, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ତାଳଚେର ଶାଖା | ମଳୟ କୁମାର ସାହୁ ଏନ୍.ଏଚ୍.କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ : ୯୯୩୭୨୪୧୮୫୪ |
| ୮. | ଡେରଙ୍ଗ ଶାଖା / ଫୋନ୍ ନଂ.: ୯୭୭୬୦୯୧୮୯୮(ମୋ)/ ୦୫୫୭୦୩୧୭୧୨୦୦୦୧୪ / ସୁଧାକର ବେହେରା | TATA ACE / OR-19P-7531 / | ଟ.୮୦,୦୦୦/- / ଟ. ୧୦,୦୦୦/- | ୧୨.୦୨.୨୦୧୯, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡିଶା ଗ୍ରାମ୍ୟ ବ୍ୟାଙ୍କ, ଡେରଙ୍ଗ ଶାଖାକୁ ପୈଠ | ୧୨.୦୨.୨୦୧୯, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ତାଳଚେର ଶାଖା | ଦୁବେ ପ୍ରଫୁଲ କୁମାର ପ୍ରଧାନ, ମୋ : ୯୯୩୮୫୪୦୬୭୦ |
| ୯. | ଡେରଙ୍ଗ ଶାଖା / ଫୋନ୍ ନଂ.: ୯୭୭୬୦୯୧୮୯୮(ମୋ)/ ୦୫୫୭୦୩୧୭୧୧୦୦୦୦୪ / ସୁନିଲ କୁମାର ଦେହୁରୀ | INDGO ECS/ OR-19L-7395 / | ଟ. ୧,୨୦,୦୦୦/- / ଟ. ୧୦,୦୦୦/- | ୧୨.୦୨.୨୦୧୯, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡିଶା ଗ୍ରାମ୍ୟ ବ୍ୟାଙ୍କ, ଡେରଙ୍ଗ ଶାଖାକୁ ପୈଠ | ୧୨.୦୨.୨୦୧୯, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ତାଳଚେର ଶାଖା | ଦୁବେ ପ୍ରଫୁଲ କୁମାର ପ୍ରଧାନ, ମୋ : ୯୯୩୮୫୪୦୬୭୦ |
| ୧୦. | ଗୁରୁଜଙ୍ଗ ଶାଖା / ଫୋନ୍ ନଂ.: ୭୯୭୮୨୭୭୮୪୦(ମୋ)/ ୦୫୪୧୦୩୬୪୧୩୦୦୦୦୦୧ / ମୁରୁଲିଧର ଦାସ | APE DS PASSENGER AUTO / OD-19A-3028 / | ଟ.୩୦,୦୦୦/- / ଟ. ୧୦,୦୦୦/- | ୧୨.୦୨.୨୦୧୯, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡିଶା ଗ୍ରାମ୍ୟ ବ୍ୟାଙ୍କ, ଗୁରୁଜଙ୍ଗ ଶାଖାକୁ ପୈଠ | ୧୨.୦୨.୨୦୧୯, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ତାଳଚେର ଶାଖା | ଦୁବେ ପ୍ରଫୁଲ କୁମାର ପ୍ରଧାନ, ମୋ : ୯୯୩୮୫୪୦୬୭୦ |
| ୧୧. | ହାଣ୍ଡିଧୁଆ ଶାଖା / ଫୋନ୍ ନଂ.: ୮୬୫୮୧୮୮୮୨୬(ମୋ)/ ୦୫୫୩୦୩୧୭୧୧୦୦୦୭୬/ କେଶରୀ ବିବି | BOLERO XL 2WD / OD-02BU-4480 / | ଟ. ୧,୪୫,୦୦୦/- / ଟ. ୧୦,୦୦୦/- | ୧୨.୦୨.୨୦୧୯, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡିଶା ଗ୍ରାମ୍ୟ ବ୍ୟାଙ୍କ, ହାଣ୍ଡିଧୁଆ ଶାଖାକୁ ପୈଠ | ୧୨.୦୨.୨୦୧୯, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ତାଳଚେର ଶାଖା | ଦୁବେ ପ୍ରଫୁଲ କୁମାର ପ୍ରଧାନ, ମୋ : ୯୯୩୮୫୪୦୬୭୦ |
| ୧୨. | କଳମଛୁଇଁ ଶାଖା / ଫୋନ୍ ନଂ.: ୯୪୩୭୩୩୫୧୯୬(ମୋ)/ ୦୫୧୪୦୩୧୭୧୨୦୦୦୨୯ ରୂପବତୀ ସାହୁ | SONALIKA DI 35 TRACTOR / OR-19P-2894 / | ଟ. ୧,୦୦,୦୦୦/- / ଟ. ୧୦,୦୦୦/- | ୧୨.୦୨.୨୦୧୯, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡିଶା ଗ୍ରାମ୍ୟ ବ୍ୟାଙ୍କ, କଳମଛୁଇଁ ଶାଖାକୁ ପୈଠ | ୧୨.୦୨.୨୦୧୯, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ତାଳଚେର ଶାଖା | ମଳୟ କୁମାର ସାହୁ ଏନ୍.ଏଚ୍.କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ : ୯୯୩୭୨୪୧୮୫୪ |
| ୧୩. | ନାଲମ ଶାଖା / ଫୋନ୍ ନଂ.: ୯୦୯୦୬୦୭୬୪୪(ମୋ)/ ୦୫୪୨୦୩୧୭୧୨୦୦୦୧୦ ବସନ୍ତ ସାହୁ | SONALIKA DI 35 TRACTOR / OD-19A-5983 / | ଟ. ୧,୨୦,୦୦୦/- / ଟ. ୧୦,୦୦୦/- | ୧୨.୦୨.୨୦୧୯, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡିଶା ଗ୍ରାମ୍ୟ ବ୍ୟାଙ୍କ, ନାଲମ ଶାଖାକୁ ପୈଠ | ୧୨.୦୨.୨୦୧୯, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ତାଳଚେର ଶାଖା | ମଳୟ କୁମାର ସାହୁ ଏନ୍.ଏଚ୍.କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ : ୯୯୩୭୨୪୧୮୫୪ |
| ୧୪. | ପାତ୍ରପଡା ଶାଖା / ଫୋନ୍ ନଂ.: ୯୭୭୭୨୫୨୩୫୫ (ମୋ)/ ୦୫୫୮୦୩୧୭୧୨୦୦୦୦୭ / ଜୟକୃଷ୍ଣ ବାରିକ | SONALIKA DI 35 TRACTOR / OD-19-0513 / | ଟ. ୧,୦୦,୦୦୦/- / ଟ. ୧୦,୦୦୦/- | ୧୨.୦୨.୨୦୧୯, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡିଶା ଗ୍ରାମ୍ୟ ବ୍ୟାଙ୍କ, ପାତ୍ରପଡା ଶାଖାକୁ ପୈଠ | ୧୨.୦୨.୨୦୧୯, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ତାଳଚେର ଶାଖା | ଦୁବେ ପ୍ରଫୁଲ କୁମାର ପ୍ରଧାନ, ମୋ : ୯୯୩୮୫୪୦୬୭୦ |
| ୧୫. | ପାତ୍ରପଡା ଶାଖା / ଫୋନ୍ ନଂ.: ୯୭୭୭୨୫୨୩୫୫(ମୋ)/ ୦୫୫୮୦୩୧୭୧୨୦୦୦୦୪ / ପ୍ରକାଶ ସାହୁ | POWER TRACTOR-445 WITH TRAILER / NR / | ଟ. ୧,୧୦,୦୦୦/- / ଟ. ୧୦,୦୦୦/- | ୧୨.୦୨.୨୦୧୯, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡିଶା ଗ୍ରାମ୍ୟ ବ୍ୟାଙ୍କ, ପାତ୍ରପଡା ଶାଖାକୁ ପୈଠ | ୧୨.୦୨.୨୦୧୯, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ତାଳଚେର ଶାଖା | ଦୁବେ ପ୍ରଫୁଲ କୁମାର ପ୍ରଧାନ, ମୋ : ୯୯୩୮୫୪୦୬୭୦ |
| ୧୬. | ରାଇଝରଣ ଶାଖା / ଫୋନ୍ ନଂ.: ୯୪୩୭୩୩୨୭୨୮(ମୋ)/ ୦୫୫୫୦୩୧୭୧୨୦୦୦୦୪ / ବାଳକୃଷ୍ଣ ସାହୁ | MAHINDRA VERITO / OR-02BV-7100 / | ଟ. ୧,୦୫,୦୦୦/- / ଟ. ୧୦,୦୦୦/- | ୧୨.୦୨.୨୦୧୯, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡିଶା ଗ୍ରାମ୍ୟ ବ୍ୟାଙ୍କ, ରାଇଝରଣ ଶାଖାକୁ ପୈଠ | ୧୨.୦୨.୨୦୧୯, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ତାଳଚେର ଶାଖା | ମଳୟ କୁମାର ସାହୁ ଏନ୍.ଏଚ୍.କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ : ୯୯୩୭୨୪୧୮୫୪ |
| ୧୭. | ରାଇଝରଣ ଶାଖା / ଫୋନ୍ ନଂ.: ୯୪୩୭୩୩୨୭୨୮(ମୋ)/ ୦୫୫୫୦୩୧୭୧୧୦୦୦୦୪ / କଣ୍ଢ ସାହୁ | MF1035DI TRACTOR & TRAILER / OR-19M-1023/24 / | ଟ. ୧,୪୫,୦୦୦/- / ଟ. ୧୦,୦୦୦/- | ୧୨.୦୨.୨୦୧୯, ଅପରାହ୍ନ ୨.୦୦ ଘଟିକା ସୁଦ୍ଧା / ଓଡିଶା ଗ୍ରାମ୍ୟ ବ୍ୟାଙ୍କ, ରାଇଝରଣ ଶାଖାକୁ ପୈଠ | ୧୨.୦୨.୨୦୧୯, ଅପରାହ୍ନ ୩.୦୦ ଘଟିକା ସୁଦ୍ଧା / ତାଳଚେର ଶାଖା | ମଳୟ କୁମାର ସାହୁ ଏନ୍.ଏଚ୍.କଲୋନୀ, ହୋଟେଲ୍ ଅରୋଭିଲା ନିକଟ, ଅନୁଗୁଳ ମୋ : ୯୯୩୭୨୪୧୮୫୪ |

ଆଗ୍ରହୀ ନିଲାମଧାରୀମାନେ ପଠାଇଥିବା ଜଉମୁଦା ଟେଣ୍ଡର ଲଫାପାଗୁଡ଼ିକ **ତା୧୨.୦୨.୨୦୧୯ରିଖ (ଉପର ଦର୍ଶିତ ସାରଣୀ ଅନୁସାରେ) ଅପରାହ୍ନ ୩.୦୦ ଘଟିକା** ସମୟରେ ନିଲାମଧାରୀଙ୍କ ଉପସ୍ଥିତିରେ ଉପର ଦର୍ଶିତ ସ୍ଥଳରେ ଦର୍ଶାଯାଇଥିବା ସ୍ଥାନରେ ଖୋଲାଯାଇ ନିଲାମ ଆରମ୍ଭ କରାଯିବ। ଇଚ୍ଛୁକ ନିଲାମଧାରୀମାନେ ଗାଡ଼ିଗୁଡ଼ିକ ନିରୀକ୍ଷଣ କରିବା ନିମନ୍ତେ ସମ୍ପୃକ୍ତ ଶାଖା ପ୍ରବନ୍ଧକଙ୍କୁ ଯୋଗାଯୋଗ କରି ଗାଡିଗୁଡିକ ପାର୍କିଂୟାର୍ଡରେ ଦେଖିଲା ପରେ ଟେଣ୍ଡର ପକାଇବେ। ସର୍ବୋଚ୍ଚ ନିଲାମରାଶି ୧୦% ସେହିଦିନ ନିଲାମ ପରେ ପରେ ଏବଂ ଅବଶିଷ୍ଟ ଅର୍ଥ ଆବଶ୍ୟକ ଜିଏସ୍‌ଟି ସହିତ (ବିୟୁକ୍ତ ଅମାନତ ଜମାରାଶି ଓ ଅନ୍ୟାନ୍ୟ ଟଙ୍କା) ୭ ଦିନ ମଧ୍ୟରେ ବ୍ୟାଙ୍କ ଡ୍ରାଫ୍ଟ /ବ୍ୟାଙ୍କରସ୍ ଚେକ୍ **ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ** ସପକ୍ଷରେ ଏବଂ **ଉପର ଦର୍ଶିତ ସ୍ଥଳରେ ଦର୍ଶିତ ପୈଠ ସ୍ଥାନକୁ** ପୈଡ ଦର୍ଶାଇ ଜମାକରିବେ। ନିର୍ଦ୍ଧାରିତ ସମୟ ମଧ୍ୟରେ ନିଲାମ ରାଶି ଜମା ନକଲେ ନିଲାମଧାରୀମାନେ ଜମା କରିଥିବା ଅମାନତ ସହ ଜମାକରିଥିବା ସମସ୍ତ ଟଙ୍କା ବାଜ୍ୟାପ୍ତି କରାଯିବ ଏବଂ ଗାଡ଼ିକୁ ପୁଣି ନିଲାମ କରାଯିବ। ଗାଡ଼ିଗୁଡ଼ିକର ମାଲିକାନା ପରିବର୍ତ୍ତନ / ବୈଧାନିକ ଦେୟ / ଅନ୍ୟାନ ଆନୁସାଙ୍ଗିକ ଖର୍ଚ୍ଚ ଯାହା ଦରକାର ତାହା ନିଲାମଧାରୀ ବହନ କରିବେ। ଗାଡ଼ିଟି **"ଯାହା ଯେପରି ଯେଉଁଠାରେ ଯେପରି ଅଛି"** ଭିତ୍ତିରେ ନିଲାମ କରାଯିବ। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କର ଯେକୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ନିଲାମ ପ୍ରକ୍ରିୟା ଗ୍ରହଣ/ନାକଚ/ବାତିଲ କରିବାର ନିରଙ୍କୁଶ କ୍ଷମତା ଅଛି ଏବଂ କେହି ଏ ସମ୍ବନ୍ଧୀୟ କାରଣ ପାଇଁ ବ୍ୟାଙ୍କକୁ ଦାୟୀ କରିପାରିବେ ନାହିଁ। ଏହି ବିଜ୍ଞପ୍ତି ମାଧ୍ୟମରେ ଋଣ ଆକାଉଣ୍ଟର ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଜଣାଇ ଦିଆଯାଉଛି ଯେ ସେମାନଙ୍କର ସମସ୍ତ ଦେୟ ନିଲାମ ତାରିଖ ପୂର୍ବରୁ ପରିଶୋଧ କରନ୍ତୁ, ନଚେତ୍ ଗାଡ଼ିଗୁଡ଼ିକୁ ସର୍ବସାଧାରଣରେ ନିଲାମ କରାଯିବ। ଏହାବ୍ୟତୀତ ଯଦି କିଛି ବଳକା ଦେୟ ରହିଗଲା ତାହା ସୁଧ ଓ ଖର୍ଚ୍ଚ ସହିତ ସେମାନଙ୍କଠାରୁ ନିୟମାନୁଯାୟୀ ଆଦାୟ କରାଯିବ।

ସ୍ଥାନ: ଢେଙ୍କାନାଳ
ତାରିଖ: ୨୧.୦୧.୨୦୧୯

ଆଞ୍ଚଳିକ ପ୍ରବନ୍ଧକ
ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଢେଙ୍କାନାଳ

CLASSIFIED DISPLAY













MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
Bidyadhar- 7894447168
5% GST Applicable





"କ୍ରୋଧରୁ ମୋହ ଜନ୍ମେ, ମୋହରୁ ସ୍ମରଣ ଶକ୍ତି ନଷ୍ଟ ହୁଏ, ସ୍ମରଣ ଶକ୍ତି ନଷ୍ଟ ହେଲେ ବିଚାରଶକ୍ତି ନଷ୍ଟ ହୁଏ ଏବଂ ବିଚାର ଶକ୍ତି ନଷ୍ଟରୁ ମନୁଷ୍ୟ ମୃତ୍ୟୁ ମୁଖରେ ପତିତ ହୁଏ।
- ଭଗବତ୍ ଗୀତା



# ଶ୍ରୀନଅରରେ ଗଜପତିଙ୍କ ପୁଷ୍ୟାଭିଷେକ



**ପୁରୀ ଅଫିସ,୨୧।୧**

ପୁଷ୍ୟା ନକ୍ଷତ୍ର ଯୋଗରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ପୁଷ୍ୟାଭିଷେକ ଶ୍ରୀନଅରଠାରେ ସୋମବାର ସନ୍ଧ୍ୟାରେ ସମ୍ପନ୍ନ ହୋଇଛି। ଏଥିରେ ବରୁଣ ପୂଜା, ପଞ୍ଚଦେବତା ପୂଜା, ବର୍ଦ୍ଧନି କଳସ ପୂଜା ଏବଂ ରାମାଭିଷେକ ପଟି ପୂଜା ଅନୁଷ୍ଠିତ ହୋଇଥିଲା। ରାଜଗୁରୁ ଦେବୀପ୍ରସାଦ ରାଜଗୁରୁ, ସୁଧାଂଶୁ ରାଜଗୁରୁ ଏହି କାର୍ଯ୍ୟ ସମ୍ପାଦନ କରିଥିଲେ। ରାଜଗୁରୁଆଣୀ ପ୍ରଜ୍ଞାପାରମିତା ରାଜଗୁରୁ ଗଜପତି ଏବଂ ମହାରାଣୀଙ୍କ ବନ୍ଦାପନା କରିଥିଲେ। ଏହାପରେ ଗଜପତିଙ୍କୁ ପଇତାଲାଗି ଏବଂ ମହାପ୍ରସାଦ ପ୍ରଦାନ କରାଯାଇଥିଲା। ଗଜପତି ଗାଦିକୁ ବିଜେ କରିବା ପରେ ଷୋଳ ଶାସନ ବ୍ରାହ୍ମଣ ଓ ପଣ୍ଡିତମାନେ ନଡ଼ିଆ ଏବଂ ପଇତା ପ୍ରଦାନ କରିବା ସହିତ ଆଶୀର୍ବାଦ ଦେଇଥିଲେ। ବିଜେ, କାହାଳୀ, ତେଲିଙ୍ଗି ବାଜା ଓ ଖାଞ୍ଜ ଆଦି ପାରମ୍ପରିକ ବାଦ୍ୟରେ ଶ୍ରୀନଅର ପ୍ରକମ୍ପିତ ହୋଇଥିଲା। ଏଥିରେ ବହୁ ସାଧୁସନ୍ଥ, ବ୍ରାହ୍ମଣ, ବୈଷ୍ଣବଙ୍କୁ ମହାପ୍ରସାଦ ସେବାରେ ଆପ୍ୟାୟିତ କରାଯାଇଥିଲା।

ଏ ସମ୍ପର୍କରେ ରାଜଗୁରୁ ଦେବୀପ୍ରସାଦ ରାଜଗୁରୁ କହିଛନ୍ତି, ଏହା ଶ୍ରୀନଅରର ଏକ ପାରମ୍ପରିକ ପର୍ବ। ପ୍ରଥମେ ପଞ୍ଚଦେବତା ପୂଜାଠାରୁ ଆରମ୍ଭ କରି ବିଭିନ୍ନ ଶାସ୍ତ୍ରୀୟ ପୂଜା କରାଯାଏ। ଏହାପରେ ଅଭିଷେକ ନୀତି ସମ୍ପନ୍ନ ହୁଏ। ଗଜପତିଙ୍କୁ ମଙ୍ଗଳାର୍ପଣ ଓ ପରେ ଅଭିମନ୍ତ୍ରିତ ଜଳରେ ଅଭିଷେକ କରାଯାଏ। ପରେ ଗଜପତି ଗାଦି ଘରକୁ ବିଜେ କରନ୍ତି। ଗଜପତିଙ୍କ ରାଜ୍ୟ ଶାସନ ଶୁଭ ମଙ୍ଗଳରେ ଚାଲୁ ଏବଂ ଜଗତର କଲ୍ୟାଣ ହେଉ ବୋଲି ବ୍ରାହ୍ମଣମାନେ ଆଶିଷ ପ୍ରଦାନ କରିଥାନ୍ତି।

## ମହୋଦଧି ଆଳତିର ଦ୍ୱାଦଶତମ ବାର୍ଷିକୋତ୍ସବ

# ରାମଲାଲା ତମ୍ବୁରେ ରହିବା ଦେଶ ପାଇଁ ଦୁର୍ଭାଗ୍ୟଜନକ

**ପୁରୀ ଅଫିସ, ୨୧।୧**

ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ତମ୍ବୁରେ ରହିଛନ୍ତି। ଏହା ହିନ୍ଦୁ ଜାତି ଲାଗି ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ରାମରାଜ୍ୟର ସ୍ୱପ୍ନ ଦେଖାଇ କେନ୍ଦ୍ରକୁ ଆସିଥିବା ମୋଦି ସରକାର ଭବ୍ୟ ରାମମନ୍ଦିର ନିର୍ମାଣ ନେଇ ନିଜ ମତ ସ୍ପଷ୍ଟ କରନ୍ତୁ। ମୋଦି ୪ବର୍ଷର ଶାସନ କାଳରେ ୪ଥର ପଶୁପତି ନାଥ ଦର୍ଶନ କରିଛନ୍ତି। ଅଥଚ ଥରଟିଏ ମଧ୍ୟ ରାମଲାଲାଙ୍କ ଦର୍ଶନ କରିବାକୁ ଯାଇଛନ୍ତି କି ବୋଲି ସୋମବାର ସ୍ୱର୍ଗଦ୍ୱାର ସମ୍ମୁଖ ବେଳାଭୂମିରେ ଆୟୋଜିତ ମହୋଦଧି ଆଳତିର ଦ୍ୱାଦଶ ବାର୍ଷିକୋତ୍ସବ ଅବସରରେ ପୁରୀ ଗୋବର୍ଦ୍ଧନ ମଠ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ପ୍ରଶ୍ନ କରିଛନ୍ତି। ସେ କହିଲେ, ହିନ୍ଦୁତ୍ୱ ଆଜି ସଙ୍କଟରେ। ବିଶ୍ୱକୁ ଦିଗ୍‌ଦର୍ଶନ ଦେଉଥିବା ସନାତନ ବୈଦିକ ସଂସ୍କୃତି ଅସ୍ତିତ୍ୱ ହରାଇବାକୁ ବସିଛି। ହିନ୍ଦୁରାଷ୍ଟ୍ରରେ ହିନ୍ଦୁ ସଂସ୍କୃତି, ବୈଦିକ ପରମ୍ପରା ନଷ୍ଟ କରିବା ଲାଗି ବିଦେଶୀ ଚକ୍ରାନ୍ତ ଚାଲିଛି। ଭାରତରେ ହିନ୍ଦୁ ଜାତି ଅସୁରକ୍ଷିତ ହୋଇପଡ଼ିଛି। ହିନ୍ଦୁସ୍ଥାନରେ ହିନ୍ଦୁମାନଙ୍କ କୌଣସି ସ୍ୱତନ୍ତ୍ର ଅଧିକାର ନାହିଁ। କେତେଜଣ କ୍ଷମତା ଲୋଭୀ ହିନ୍ଦୁତ୍ୱକୁ ନଷ୍ଟ କରିବା ଲାଗି ଚକ୍ରାନ୍ତ ଚଳାଇଛନ୍ତି। ସେ ଆହୁରି କହିଲେ, ଶ୍ରୀମନ୍ଦିରରେ ଦିଶାହୀନତା ଓଡ଼ିଶାକୁ ପତନାଭିମୁଖୀ କରିବ। ଯେଉଁଠି ଶ୍ରୀଜୀଉ ୧୨ଘଣ୍ଟା ଧରି ଉପବାସ ରୁହନ୍ତି, ସେଠି କ'ଣ ଭଗବାନ ଅଛନ୍ତି କି ବୋଲି ସେ ପ୍ରଶ୍ନ କରିଥିଲେ। ଶ୍ରୀମନ୍ଦିର କୌଣସି ଏକ କାରଖାନା ନୁହେଁ, ଯିଏ ଯେମିତି ପାରିଲା ତାକୁ ବ୍ୟବହାର କରିବ ବୋଲି ସେ କହିଥିଲେ।



### ମହୋଦଧି ଆଳତି କଲେ ଶଙ୍କରାଚାର୍ଯ୍ୟ

ଏହି ଅବସରରେ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଆଦି ଶଙ୍କରାଚାର୍ଯ୍ୟଙ୍କ ବାଲୁକା ମୂର୍ତ୍ତିକୁ ଆଳତି କରିବା ମହୋଦଧି ଆଳତି କରିଥିଲେ। ଏକାଧିକ ସାଧୁସନ୍ଥ, ସଂସ୍କୃତି ଗବେଷକ, ମଠ ମହନ୍ତ, ଭକ୍ତଙ୍କ ବିଶାଳ ସମାବେଶ ବେଳାଭୂମିରେ ଦେଖିବାକୁ ମିଳିଥିଲା। ହୁଳହୁଳି, ମନ୍ତ୍ରଧ୍ୱନିରେ ବେଳାଭୂମିରେ ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା।

**ପୁରୁଷୋତ୍ତମ କ୍ଷେତ୍ର ବିଶ୍ୱର ଆଧ୍ୟାତ୍ମିକ ରାଜଧାନୀ**

ଗଜପତି ମହାରାଜା ଦିବ୍ୟସିଂହ ଦେବ କହିଲେ, ପୁରୁଷୋତ୍ତମ କ୍ଷେତ୍ର ହେଉଛି ବିଶ୍ୱର ଆଧ୍ୟାତ୍ମିକ ରାଜଧାନୀ। ଏହା ଶାସ୍ତ୍ର ପ୍ରମାଣିତ। ଯେପରି ବୈକୁଣ୍ଠ ଧାମ ହେଉଛି ଶ୍ରୀବିଷ୍ଣୁଙ୍କ ବାସସ୍ଥାନ, ସେହିପରି ପୁରୁଷୋତ୍ତମ ଧାମ ହେଉଛି ଶ୍ରୀଜଗନ୍ନାଥଙ୍କ ନିଜସ୍ୱ ଘର। ଏହି କ୍ଷେତ୍ରର ଏକ ବିଶେଷ ମାହାତ୍ମ୍ୟ ରହିଛି। ବୈଦିକ ସନାତନ ସଂସ୍କୃତି ଆମର ପରିଚୟ। ଆଧ୍ୟାତ୍ମିକ ଚେତନା, ଭାବର ଅଭାବରୁ ସମାଜରେ ବିଶୃଙ୍ଖଳା ସୃଷ୍ଟି ହେଉଛି। ଆଧ୍ୟାତ୍ମିକ ଚେତନା ଜାଗ୍ରତ ହେଲେ ସମାଜରେ ଶାନ୍ତି, ମୈତ୍ରୀ ବଜାୟ ରହିବ ବୋଲି ସେ କହିଥିଲେ।

**ଭାରତ ବୈଦିକ ସନାତନ ସଂସ୍କୃତିର ଦେଶ**

କ୍ରିୟାଯୋଗ ଆଶ୍ରମର ପରମହଂସ ପ୍ରଜ୍ଞାନାନନ୍ଦ ଜୀ ମହାରାଜ କହିଲେ, ଭାରତ ହେଉଛି ବୈଦିକ ସନାତନ ସଂସ୍କୃତିର ଦେଶ। ହିନ୍ଦୁତ୍ୱ ହେଉଛି ରାଷ୍ଟ୍ରୀୟତ୍ୱ। ହିନ୍ଦୁତ୍ୱ ଆଜି ସୁପ୍ତାବସ୍ଥାରେ ରହିଛି। ବିଶ୍ୱରେ ସନାତନ ଧର୍ମ ପ୍ରଚାର ପ୍ରସାର ଲାଭ କରିଥିବା ବେଳେ ଭାରତବର୍ଷରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି।

ଅନ୍ୟମାନଙ୍କ ମଧ୍ୟରେ ଗବେଷକ ପ୍ରଫୁଲ୍ଲ ରଥ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ, ବରିଷ୍ଠ ସେବାୟତ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର, ଚକାପାଦ ଆଶ୍ରମ ସ୍ୱାମୀ ସଚ୍ଚିଦାନନ୍ଦଜୀ ମହାରାଜ, ଆନନ୍ଦ ବାହିନୀ ରାଷ୍ଟ୍ରୀୟ ମହାମନ୍ତ୍ରୀ ସୀମା ତିୱାରୀ, ଛତିଶଗଡ ପୀଠ ପରିଷଦ ଅଧ୍ୟକ୍ଷ ଝମନ ଶାସ୍ତ୍ରୀ, ବଡ ଓଡ଼ିଆ ମଠ ମହନ୍ତ ବଂଶୀଧର ଗୋସ୍ୱାମୀ, ଡ. କିଷନଲାଲ ଭରତିଆ, ରାଧାବଲ୍ଲଭ ମଠ ମହନ୍ତ ରାଧାକୃଷ୍ଣ ମହାରାଜ, ମହୋଦଧି ଆଳତିର ଅଧ୍ୟକ୍ଷ ଇଂ. ପ୍ରଶାନ୍ତ ଆଚାର୍ଯ୍ୟ ପ୍ରମୁଖ ଉଦ୍‌ବୋଧନ ଦେଇ ପୁରୁଷୋତ୍ତମ ଧାମର ଆଧ୍ୟାତ୍ମିକତା ସମ୍ପର୍କରେ ଆଲୋକପାତ କରିଥିଲେ। ଆଦିତ୍ୟ ବାହିନୀର ରାଷ୍ଟ୍ରୀୟ ମହାମନ୍ତ୍ରୀ ଜିତେନ୍ଦ୍ର ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୋବର୍ଦ୍ଧନ ମଠ ମୁଖପାତ୍ର ମନୋଜ ରଥ ମଞ୍ଚ ପରିଚାଳନା କରିଥିଲେ।

# ରତ୍ନସିଂହାସନରେ ଦାରୁଦିଅଁଙ୍କ ସୁନାବେଶ



**ପୁରୀ ଅଫିସ,୨୧।୧**

ପୌଷପୂର୍ଣ୍ଣମୀ ଅବସରରେ ସୋମବାର ଶ୍ରୀମନ୍ଦିରରେ ପୁଷ୍ୟାଭିଷେକ ନୀତି ସମ୍ପନ୍ନ ହୋଇଛି। ରତ୍ନସିଂହାସନରେ ଦାରୁଦିଅଁ ରାଜରାଜେଶ୍ୱର ବା ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ସୋମବାର ସକାଳଧୂପ ବଢ଼ି ଅଭିଷେକ ନୀତି ଆରମ୍ଭ ହୋଇଥିଲା। ମଇଲମ ପରେ ପୂର୍ବଦିନ ଅଧିବାସ ହୋଇ ରହିଥିବା ୧୦୮ ଗରା ଘିଅ ମିଶ୍ରିତ ଜଳରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅଭିଷେକ କରାଯାଇଥିଲା। ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ଶ୍ରୀଦେବୀ ସାତପାହାଚ ତଳେ ଥିବା ପାଲିଙ୍କିରେ ମହାଲକ୍ଷ୍ମୀ ମନ୍ଦିର ଜଗମୋହନକୁ ବିଜେ କରିଥିଲେ। ସେଠାରେ ଶ୍ରୀଦେବୀଙ୍କ ମାଜଣା, ବନକଲାଗି ଏବଂ ବେଶ କରାଯାଇଥିଲା। ଶ୍ରୀମନ୍ଦିରରେ ଠାକୁରଙ୍କ ସୁବର୍ଣ୍ଣବେଶ ଅନୁଷ୍ଠିତ ହୋଇଥିଲା। ଏହି ବେଶରେ ତିନିଠାକୁର ସୁବର୍ଣ୍ଣ କିରୀଟ, ଶ୍ରୀପୟର, ଶ୍ରୀଭୁଜ ଆଦି ସ୍ୱର୍ଣ୍ଣ ଅଳଙ୍କାର ଧାରଣ କରିଥିଲେ। ଜଗନ୍ନାଥ ମହାପ୍ରଭୁ ସୁବର୍ଣ୍ଣର ଚକ୍ର, ରୁପାର ଶଙ୍ଖ, ବଳଭଦ୍ର ସୁବର୍ଣ୍ଣ ହଳମୁଷଳ ଧାରଣ କରିଥିଲେ। ସୁନାବେଶ ବଢ଼ିବା ପରେ ଯାତ୍ରାଙ୍ଗୀ ଭୋଗ ଶ୍ରୀଛାମୁକୁ ଆସିଥିଲା। ଭୋଗ ସମୟରେ ଭିତରଚ୍ଛ ମହାପାତ୍ର ଲକ୍ଷ୍ମଣ ରୂପରେ ଦଣ୍ଡଛତ୍ର ଧାରଣ କରିଥିବା ବେଳେ ହନୁମାନ ରୂପରେ ଜଣେ ପାଳିଆ ମେକାପ ଦଣ୍ଡଛତ୍ର ମୂଳକୁ ଧାରଣ କରିଥିଲେ। ଏହି ବେଶରେ ମହାପ୍ରଭୁ ଫୁଲ ଧନୁଶର ଧାରଣ କରିଥିଲେ।

## ସ୍ୱର୍ଗଦ୍ୱାର ଜମି ଜବରଦଖଲ ମାମଲା

# ଆବେଦନକାରୀ ଦାଖଲ କରିବେ ସାନି ତଥ୍ୟ

**କଟକ ଅଫିସ, ୨୧।୧**

ପୁରୀ ସ୍ୱର୍ଗଦ୍ୱାର ଜମି ଜବରଦଖଲ ମାମଲାରେ ଆବେଦନକାରୀ ନ୍ୟାଶନାଲିଷ୍ଟ ଲୟର୍ସ ଫୋରମ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ତଥ୍ୟ ଦାଖଲ କରିବେ। ପୁରୀ ଜିଲାପାଳ ଏବଂ ରାଜସ୍ୱ ବିଭାଗର ସ୍ୱତନ୍ତ୍ର ସଚିବଙ୍କ ନିକଟରେ ଜବରଦଖଲ ସମ୍ପର୍କିତ ସମସ୍ତ ତଥ୍ୟ ଦାଖଲ କରିବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ବିଚାରପତି କେ. ଆର୍. ମହାପାତ୍ରଙ୍କ ଖଣ୍ଡପୀଠ ଉକ୍ତ ମାମଲାର ଶୁଣାଣି କରି ଏଭଳି ଆଦେଶ ଦେଇଛନ୍ତି। ସୂଚନାଥାଉକି, ପୁରୀ ସ୍ୱର୍ଗଦ୍ୱାରରେ ବହୁ ପରିମାଣର ଜମି ଜବରଦଖଲ ହୋଇଥିବା ନେଇ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ଏପରିକି ପୂର୍ବତନ ଶଙ୍କରାଚାର୍ଯ୍ୟଙ୍କ ସମାଧି ମଧ୍ୟ ଜବରଦଖଲରୁ ବାଦ୍ ପଡ଼ିନାହିଁ। ଆବେଦନକାରୀଙ୍କ ପକ୍ଷରୁ ଆଡଭୋକେଟ ଘାସିରାମ ବର୍ମା ଓ ଆଡଭୋକେଟ ତାପସ ଦ୍ୱିବେଦୀ ମାମଲା ପରିଚାଳନା କରୁଛନ୍ତି।

# ଶ୍ରୀଲିଙ୍ଗରାଜଙ୍କ ପୁଷ୍ୟାଭିଷେକ

**ପୁରୁଣା ଭୁବନେଶ୍ୱର, ୨୧।୧(ଡି.ଏନ୍.ଏ.)**

ପୌଷମାସ ଶୁକ୍ଳପକ୍ଷ ପୂର୍ଣ୍ଣମୀ ଅବସରରେ ସୋମବାର ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ବିଧିମତେ ପୁଷ୍ୟାଭିଷେକ ଅନୁଷ୍ଠିତ ହୋଇଯାଇଛି। ଦୈନନ୍ଦିନ ନୀତି ଅଳତି, ଅବକାଶ ସାହାଣମେଲା ଦର୍ଶନ ଆଦି ପରେ ଭୋଗ ମଣ୍ଡପ ଶେଷ ହୋଇଥିଲା। ପରେ ଗଡୁ ସେବାୟତମାନେ ବିନ୍ଦୁସାଗରରୁ ୧୦୯ ମାଠିଆ ପାଣି ଆଣି ଶ୍ରୀଲିଙ୍ଗରାଜ ମନ୍ଦିର ପରିସରରେ ଥିବା ବେହରଣ ମଣ୍ଡପରେ ରଖିଥିଲେ। ପରେ ଠାକୁରଙ୍କ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ମହାସ୍ନାନ, ସରିବା ପରେ ପୂଜାପଣ୍ଡା ବେହରଣ ମଣ୍ଡପରେ ଥିବା ୧୦୯ ମାଠିଆ ପାଣିକୁ ମନ୍ତ୍ର ଦ୍ୱାରା ଶୁଦ୍ଧପୂତ କରାଗଲା ପରେ ପୂଜାପଣ୍ଡା ଗୋଟିଏ ମାଠିଆ ପାଣିରେ ଶ୍ରୀଦିଅଁଙ୍କୁ ଲାଗି କରିଥିଲେ। ଏହାପରେ ୧୦୮ ମାଠିଆ ପାଣି ଗଡୁ ସେବାୟତ ଦିଅଁଙ୍କୁ ଲାଗି କରିଥିଲେ। ପରେ ଅଧିବାସ ପୂଜାରେ ଦିଅଁଙ୍କର ନୂତନ ବସ୍ତ୍ର, ନୂଆ ଘୋଡ଼, ଫୁଲମାଳ, ଶ୍ରୀଜୀଉଙ୍କୁ ପିନ୍ଧାଇ ସେବାୟତ ବେଶ କରିଥିଲେ। ତତ୍‌ପରେ ଦକ୍ଷିଣ ଘରୁ ପାର୍ବତୀଙ୍କ ବିଜୟ ପ୍ରତିମା ଛାମୁରେ ଶ୍ରୀଜୀଉଙ୍କ ଆଗରେ ରୁପା ଥାଳିରେ ବସିବା ପରେ ଯାତ୍ରାପୂଜା ଭୋଗ ଆସିଥିଲା। ସେଠାରେ ପୂଜାପଣ୍ଡା ଏକ ନୂଆ ଉତ୍ତରୀୟରେ ମା' ପାର୍ବତୀ ଏବଂ ଶ୍ରୀଲିଙ୍ଗରାଜଙ୍କ ଉପରେ ପକାଇ ଥିଲେ। ଯାତ୍ରାପୂଜା କରାଯିବା ପରେ ଛାମୁରେ ଅଳତି କରାଯାଇଥିଲା। ପୂଜାପଣ୍ଡା ମା' ପାର୍ବତୀଙ୍କୁ ଦକ୍ଷିଣ ଘରେ ଉପବିଷ୍ଟ କରାଇଥିଲେ। ପରେ ପରେ ମା' ପାବତୀ ଏବଂ ଶ୍ରୀଲିଙ୍ଗରାଜଙ୍କ ମୁଣ୍ଡରେ କାଠି ମୁକୁଟ ବନ୍ଧା ଯିବା ପରେ ଉଭୟ ଠାକୁରଙ୍କୁ ବେହରଣ ମଣ୍ଡପରେ ଖଟୁଲିରେ ବସିଥିଲେ। ପୂଜା ଅର୍ଚ୍ଚନା କରାଯିବା ସହ ଶମ ଆଳତି କରାଯାଇଥିଲା। ଏଭଳି ଭାବେ ଠାକୁରଙ୍କ ପୁଷ୍ୟାଭିଷେକ ସମ୍ପୂର୍ଣ୍ଣ ହୋଇଥିଲା ବୋଲି ପାଳିଆ ପୂଜାପଣ୍ଡା ସେବାୟତ ମଣ୍ଟୁ ପୂଜାପଣ୍ଡା କହିଛନ୍ତି।

## 'ହେଲ୍‌ଥ ମେଡିକନ୍' ଉଦ୍‌ଘାଟିତ

# ଭାରତୀୟ ଚିକିତ୍ସା ଉପରେ ବ୍ୟାପକ ଗବେଷଣା ହେଉ

**ଭୁବନେଶ୍ୱର, ୨୧।୧(ବ୍ୟୁରୋ)**

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ଠାରେ ସୋମବାର ପ୍ରଥମ ଆନ୍ତର୍ଜାତିକ ସ୍ୱାସ୍ଥ୍ୟ ସମ୍ମିଳନୀ 'ହେଲ୍‌ଥ ମେଡିକନ୍-୨୦୧୯' ଉଦ୍‌ଘାଟିତ ହୋଇଛି। ଇଣ୍ଡିଆନ ପ୍ରୋକ୍ଟୋଲୋଜି ସୋସାଇଟି (ଆଇପିଏସ୍) ଏବଂ ଓୟୁଏଟି ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀକୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଉଦ୍‌ଘାଟନ କରିଛନ୍ତି। ଆୟୁର୍ବେଦ ସମେତ ଅନ୍ୟ ଭାରତୀୟ ପାରମ୍ପରିକ ଚିକିତ୍ସା ବ୍ୟବସ୍ଥା ଉପରେ ଲୋକଙ୍କର ଆସ୍ଥା ରହିଛି। ଏହି ସମସ୍ତ ଚିକିତ୍ସା କ୍ଷେତ୍ରର ବିଭିନ୍ନ ଦିଗ ଉପରେ ବ୍ୟାପକ ଗବେଷଣା କରିବାକୁ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏହି ସମ୍ମିଳନୀର ନିର୍ଯ୍ୟାସକୁ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଗଲେ ସେସବୁକୁ କାର୍ଯ୍ୟକାରୀ କରିବା ଦିଗରେ ସରକାର ବିଚାର କରିବେ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।




ବିହାରସ୍ଥିତ ରାଜେନ୍ଦ୍ର ପ୍ରସାଦ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ କୁଳାଧିପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ସମୟରେ ଆନ୍ତଃବିଭାଗୀୟ ଚିକିତ୍ସା ଗବେଷଣା ବଡ଼ ଆବଶ୍ୟକତା ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଏମ୍‌ପି ପ୍ରସନ୍ନ ପାଟଶାଣୀ ଡାକ୍ତରମାନଙ୍କୁ ଦେବତା ବୋଲି ଅଭିହିତ କରିବା ସହ ଭାରତୀୟ ପାରମ୍ପରିକ ଚିକିତ୍ସା ବ୍ୟବସ୍ଥାର ଉପଯୋଗିତା ଉପରେ ଆଲୋକପାତ କରିଥିଲେ। ଏସ୍‌ସିବି ମେଡିକାଲ କଲେଜ ପ୍ରଫେସର ଚିତ୍ତରଞ୍ଜନ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତୀୟ ଚିକିତ୍ସା ଶାସ୍ତ୍ରରେ ଚମତ୍କାର ବ୍ୟବସ୍ଥା ରହିଥିବା ଦର୍ଶାଇଥିଲେ। ଓୟୁଏଟି କୁଳପତି ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଆଇପିଏସ୍‌ର ପ୍ରତିଷ୍ଠାତା ସଭାପତି ତଥା ଚିକିତ୍ସାବିଜ୍ଞାନୀ ପ୍ରଫେସର ଡା. ଚତୁର୍ଭୁଜ ଭୂୟାଁ ସ୍ୱାଗତ ଭାଷଣ ଓ ଓୟୁଏଟି ଡିନ୍ ପ୍ରଫେସର ପ୍ରଭାତ କୁମାର ରାଉଳ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଆଇପିଏସ୍‌ର ରାଜ୍ୟ ଆବାହକ ଡା. ଅନନ୍ତ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଯୋଗ ବିଶେଷଜ୍ଞ ଦମ୍ପତି ଡ. ଦିନେଶ ପ୍ରସାଦ ସ୍ୱାଇଁ ଏବଂ ପ୍ରତିଭା ଶ୍ରୀଙ୍କୁ 'ଯୋଗରତ୍ନ' ଉପାଧି ପ୍ରଦାନ କରାଯାଇଥିଲା। ଡା. ପ୍ରଶାନ୍ତ କୁମାର ରଥ ଏବଂ ଡା. ମନସ୍ୱିନୀ ଦେହୁରି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ସେଲ୍‌ଫି କର୍ଣ୍ଣର



ଅନିଲ



ସୋୟନିକା



ଶ୍ରାବଣୀ



ଏଲିଜା



ସୁଜାତା



ଦେବାଶିଷ



ସତ୍ୟଜିତ୍




କିଶୋର



କ୍ରୋଧ ଆସିଗଲେ ବୁଦ୍ଧିମାନ ପୁରୁଷମାନେ ସର୍ବଦା ପରିଣାମ ବିଚାର କରନ୍ତି ଏବଂ ଲାଭର ସମ୍ଭାବନା ଦେଖିଲେ ନିଜର କର୍ତ୍ତବ୍ୟ ଉପରେ ଚିନ୍ତା କରନ୍ତି।
- କନ୍‌ଫୁସିୟସ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ରମାଦେବୀ ମହିଳା କନିଷ୍ଠ ମହାବିଦ୍ୟାଳୟର ୪ର୍ଥ ବାର୍ଷିକ ଉତ୍ସବ, ମହାବିଦ୍ୟାଳୟ ପ୍ରେକ୍ଷାଳୟ, ପୂର୍ବାହ୍ନ ୧୦ଟା ୩୦।
- ସାଂସ୍କୃତିକ ସନ୍ଧ୍ୟା 'ଉଦ୍ୟୋଗୀ', ଭଞ୍ଜ କଳାମଣ୍ଡପ, ଅପରାହ୍ନ ୪ଟା।
- ଓଡିଏମ୍ ପବ୍ଲିକ ସ୍କୁଲର ସାଂସ୍କୃତିକ ଉତ୍ସବ 'ସ୍ପେକ୍ଟ୍ରା ୨୦୧୯', ସ୍କୁଲ ପରିସର, ଶିଶୁ ବିହାର, ଇନ୍‌ଫୋସିଟି ରୋଡ୍, ପଟିଆ, ଅପରାହ୍ନ ୫ଟା।
- ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ସାଂସ୍କୃତିକ ସନ୍ଧ୍ୟା, ଉତ୍କଳ ରଙ୍ଗମଞ୍ଚ, ଅପରାହ୍ନ ୫ଟା।
- ନେତାଜୀ ମହୋତ୍ସବ ଓ ନେତାଜୀ ଇଂଲିଶ ମିଡିୟମ ସ୍କୁଲ ବାର୍ଷିକ ଉତ୍ସବ ଉଦ୍‌ଘାଟନ, ଏକାମ୍ର ହାଟ, ୟୁନିଟ୍-୩, ସନ୍ଧ୍ୟା ୬ଟା।
- ତୃତୀୟ ବିମୋହଣ କଳା ସମ୍ମାନ ପ୍ରଦାନ ଉତ୍ସବ, ଭଞ୍ଜ କଳାମଣ୍ଡପ, ସନ୍ଧ୍ୟା ୬ଟା।
- ସପ୍ତମ ଅତିଜ୍ ନାଟ୍ୟ ମହୋତ୍ସବ-୨୦୧୯, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୪୫।

## ଫାଙ୍କା ଗୁଳିଚାଳନା, ଯୁବକଙ୍କୁ ଗୋଡ଼େଇ ହାଣିଲେ ଦୁର୍ବୃତ୍ତ



**କଟକ ରୋଡ,୨୧।୧(ଡି.ଏନ୍.ଏ):** ସୋମବାର ବିଳମ୍ବିତ ରାତିରେ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ବମିଖାଲ ଦୁର୍ଗାମଣ୍ଡପ ସମ୍ମୁଖରେ ଗୁଳି ଫୁଟିଛି। ରାତି ପ୍ରାୟ ୧ଟାରେ ଜଣେ ଯୁବକ ଏକ ବାର୍‌ରୁ ଫେରୁଥିବାବେଳେ ତାଙ୍କୁ କେତେଜଣ ଦୁର୍ବୃତ୍ତ ପିଛା କରିଥିଲେ। ଉକ୍ତ ଯୁବକ ଜଣକ ଏକ କାର୍‌ରେ ଆସୁଥିଲେ। ଦୁର୍ଗାମଣ୍ଡପ ସମ୍ମୁଖରେ ତାଙ୍କୁ ଦୁର୍ବୃତ୍ତମାନେ ଅଟକାଇବାକୁ ଚେଷ୍ଟା କରିଥିଲେ। ଯୁବକ ଜଣକ ଗାଡି ରଖି ବାହାରକୁ ବାହାରି ନିଜ ପାଖରେ ରଖିଥିବା ରିଭରଭର୍‌ରୁ ଫାଙ୍କା ଗୁଳିଚାଳନା କରିଥିଲେ। ଏହାପରେ ଦୁର୍ବୃତ୍ତମାନେ ମାରଣାସ୍ତ୍ରରେ ଉକ୍ତ ଯୁବକଙ୍କୁ ଗୋଡେଇ ଗୋଡ଼େଇ ହାଣିଥିଲେ। ଖବରପାଇ ପୋଲିସ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ଅବସ୍ଥା ଗୁରୁତର ଥିବାରୁ ପରିଚୟ ମିଳିପାରିନି। ତେବେ କେଉଁ କାରଣରୁ ଯୁବକଙ୍କୁ ଆକ୍ରମଣ ହେଲା ଓ ସେ ନିଜ ପାଖରେ ବନ୍ଧୁକ ରଖିଥିଲେ କାହିଁକି ସେନେଇ ତଦନ୍ତ ଜାରି ରହିଥିବା ଥାନାଧିକାରୀ ଦୟାନିଧି ନାୟକ କହିଛନ୍ତି।

## ଚୋରି: ୨ଯୁବକଙ୍କୁ ପୋଲିସ ଜିମାଦେଲେ ଲୋକେ

**କଟକ ରୋଡ,୨୧।୧(ଡି.ଏନ୍.ଏ):** ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ସୋମବାର ଦୁଇଟି ପୃଥକ ଚୋରି ଘଟଣାରେ ୨ଯୁବକଙ୍କୁ ଲୋକେ କାବୁ କରି ପୋଲିସର ଜିମା ଦେଇଛନ୍ତି। ଅପରାହ୍ନରେ ଜଣେ ଛାତ୍ର ଖାରବେଳନଗର ଥାନା ଅଧୀନ ରାମ ମନ୍ଦିର ଛକ ନିକଟରେ ଫୋନରେ କଥା ହେଉଥିବା ବେଳେ ୨ଯୁବକ ଏକ ବାଇକରେ ଆସି ତାଙ୍କ ମୋବାଇଲ ଫୋନ ଝାମ୍ପି ନେଇ ପଳାଇଥିଲେ। ଝାରପଡା ଓଭରବ୍ରିଜ ନିକଟରେ ଛାତ୍ରଜଣକ ଜଣେ ଯୁବକଙ୍କୁ କାବୁ କରିଥିଲେ। ପରେ ସ୍ଥାନୀୟ ଲୋକେ ଫୋନ ଲୁଟିଥିବା ଯୁବକଙ୍କୁ ମାଡ଼ ମାରିବା ସହ ପିସିଆର ଭ୍ୟାନ କର୍ମଚାରୀଙ୍କୁ ହସ୍ତାନ୍ତର କରିଥିଲେ। ସେହିପରି ଲକ୍ଷ୍ମୀସାଗର ଥାନା ଅଧୀନ ହଳଦୀପଡ଼ିଆ ଅଞ୍ଚଳରେ ଜଣେ ଯୁବକଙ୍କୁ ଏକ ଗ୍ୟାସ ସିଲିଣ୍ଡର ଗୋଦାମରୁ ଏକ ସିଲିଣ୍ଡର ଚୋରି କରୁଥିବା ବେଳେ କର୍ମଚାରୀମାନେ ଉକ୍ତ ଯୁବକଙ୍କୁ ଧରି ପୋଲିସର ଜିମା ଦେଇଥିଲେ।

■ ପୂର୍ବତଟ ରେଳପଥର ନିଷ୍ପତ୍ତି

# ସାନିଟାରି ନାପ୍‌କିନ୍ ଭେଣ୍ଡିଂ ମେଶିନ ସଂଖ୍ୟା ବଢ଼ିବ




**ଭୁବନେଶ୍ୱର,୨୧।୧(ବ୍ୟୁରୋ)**

ମହିଳା ଯାତ୍ରୀଙ୍କ ସୁବିଧା ପାଇଁ ଏଣିକି ଟ୍ରେନ୍‌ଗୁଡ଼ିକରେ ଅଧିକ ସଂଖ୍ୟକ ସାନିଟାରି ନାପ୍‌କିନ୍ ଭେଣ୍ଡିଙ୍ଗ ମେଶିନ ଉପଲବ୍ଧ କରାଇବାକୁ ନିଷ୍ପତ୍ତି ନେଇଛି ପୂର୍ବତଟ ରେଳପଥ। ମହିଳାଙ୍କ ଚାହିଦା ଓ ହୀରାଖଣ୍ଡ ଏକ୍ସପ୍ରେସରେ ସାନିଟାରି ନାପ୍‌କିନ୍ ଭେଣ୍ଡିଙ୍ଗ ମେଶିନ ପ୍ରତି ସେମାନଙ୍କ ସକାରାତ୍ମକ ଅନୁଭୂତିକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି।

ପୂର୍ବତଟ ରେଳପଥ ପକ୍ଷରୁ ଆଗରୁ ୩୬ ଟ୍ରେନ୍‌ରେ ମୋଟ ୯୧ଟି ସାନିଟାରି ନାପ୍‌କିନ୍ ଭେଣ୍ଡିଙ୍ଗ ମେଶିନ ଉପଲବ୍ଧ କରାଯାଇଥିଲା। ଏବେ ଏହି ସଂଖ୍ୟା ବୃଦ୍ଧି ପାଇବ। ପୁରୀ, ଭୁବନେଶ୍ୱର ଓ ବିଶାଖାପାଟଣାରୁ ଛାଡୁଥିବା କେତେକ ଗୁରୁତ୍ୱପୂର୍ଣ୍ଣ ଟ୍ରେନ୍ ସହ ଭୁବନେଶ୍ୱର, ବିଶାଖାପାଟଣା ଏବଂ ପୁରୀ ଷ୍ଟେଶନରେ ମଧ ଏହି ମେଶିନ ଲଗାଯାଇଥିଲା। ପୁରୀରୁ ଛାଡୁଥିବା ୧୦ଟି ଟ୍ରେନ୍ ଯଥା ପୁରୁଷୋତ୍ତମ ଏକ୍ସପ୍ରେସ, ପୁରୀ-ଅହମ୍ମଦାବାଦ ଏକ୍ସପ୍ରେସ, ତପସ୍ୱିନୀ ଏକ୍ସପ୍ରେସ, ପୁରୀ-ଦୁର୍ଗ ଏକ୍ସପ୍ରେସ, ଉତ୍କଳ ଏକ୍ସପ୍ରେସ, ଜଗନ୍ନାଥ ଏକ୍ସପ୍ରେସ, ନୀଳାଚଳ ଏକ୍ସପ୍ରେସ, ପୁରୀ-ଚେନ୍ନାଇ ଏକ୍ସପ୍ରେସ, ପୁରୀ-ଆଜମେର ଏକ୍ସପ୍ରେସ, ପୁରୀ-ଶିରିଡ଼ି ଏକ୍ସପ୍ରେସରେ ୩୬ଟି ମେଶିନ ଲଗାଯାଇଛି। ସେହିପରି ଭୁବନେଶ୍ୱରରୁ ଛାଡୁଥିବା ୧୫ଟି ଟ୍ରେନ୍ ଯଥା ହୀରାଖଣ୍ଡ ଏକ୍ସପ୍ରେସ, ରାଜଧାନୀ ଏକ୍ସପ୍ରେସ, ପ୍ରଶାନ୍ତି ଏକ୍ସପ୍ରେସ, ଧାନବାଦ ଗରିବରଥ ଏକ୍ସପ୍ରେସ, ଭବାନୀପାଟଣା ଲିଙ୍କ ଏକ୍ସପ୍ରେସ, ଜନଶତାବ୍ଦୀ ଏକ୍ସପ୍ରେସ, ଭୁବନେଶ୍ୱର-ତିରୁପତି ଏକ୍ସପ୍ରେସ, ବାଙ୍ଗାଲୋର କ୍ୟାଣ୍ଟ ଏକ୍ସପ୍ରେସ, ବଲାଙ୍ଗୀର ଇଣ୍ଟର ସିଟି ଏକ୍ସପ୍ରେସ, ନୂଆଦିଲ୍ଲୀ ଦୁରନ୍ତ ଏକ୍ସପ୍ରେସ, କୃଷ୍ଣରାଜପୁରମ୍ ହମ୍‌ସଫର ଏକ୍ସପ୍ରେସ ଓ ବାଙ୍ଗିରିପୋଷି ଏକ୍ସପ୍ରେସରେ ୨୮ଟି ସାନିଟାରି ନାପ୍‌କିନ୍ ଭେଣ୍ଡିଙ୍ଗ ମେଶିନ ଉପଲବ୍ଧ କରାଯାଇଛି। ବିଶାଖାପାଟଣାରୁ ଛାଡୁଥିବା ୧୧ଟି ଗୁରୁତ୍ୱପୂର୍ଣ୍ଣ ଟ୍ରେନ୍ ଯଥା ସମତା ଏକ୍ସପ୍ରେସ, ଏ.ପି. ଏକ୍ସପ୍ରେସ, ନିଜାମୁଦ୍ଦିନ ଦକ୍ଷିଣ ଲିଙ୍କ ଏକ୍ସପ୍ରେସ, ବିଶାଖାପାଟଣା-ଏଲ୍‌ଟିଟି ଏକ୍ସପ୍ରେସ, ହୀରାକୁଦ ଏକ୍ସପ୍ରେସ, ବିଶାଖାପାଟଣା-ଗାନ୍ଧିଧାମ ଏକ୍ସପ୍ରେସ, ବିଶାଖାପାଟଣା-ଦିଘା ଏକ୍ସପ୍ରେସ, ବିଶାଖାପାଟଣା-ଟାଟା ଏକ୍ସପ୍ରେସ, ବିଶାଖାପାଟଣା-ପାରାଦୀପ ଏକ୍ସପ୍ରେସ ଓ ବିଶାଖାପାଟଣା-ଚେନ୍ନାଇ ଏକ୍ସପ୍ରେସର ୨୩ଟି କୋଚରେ ଏହି ମେଶିନ ରହିଛି। ଯାତ୍ରୀମାନେ ୫ ଟଙ୍କିଆ ମୁଦ୍ରାକୁ ମେଶିନରେ ପକାଇ ଗୋଟିଏ ନାପ୍‌କିନ୍ ପାଇପାରୁଛନ୍ତି। ପ୍ରତି ମେଶିନରେ ପ୍ରାୟ ୭୫ଟି ନାପ୍‌କିନ୍ ରଖାଯାଉଛି।

■ ଏଏସ୍‌ଓ ପରୀକ୍ଷାରୁ ଦିବ୍ୟାଙ୍ଗ ବଞ୍ଚିତ ହେବା ଘଟଣା

# ପୁନଃ ପରୀକ୍ଷା ସୁଯୋଗ ଦାବିରେ ବିକ୍ଷୋଭ

**ଭୁବନେଶ୍ୱର,୨୧।୧ (ବ୍ୟୁରୋ)**

ରବିବାର ରାଜ୍ୟର ୪୮୪ କେନ୍ଦ୍ରରେ ପ୍ରାୟ ୯୦ ହଜାରରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ ଏଏସ୍‌ଓ (ଆସିଷ୍ଟାଣ୍ଟ୍ ସେକ୍ସନ ଅଫିସର) ପରୀକ୍ଷା ଦେଇଛନ୍ତି। ତେବେ ଏହି ପରୀକ୍ଷାରେ ନାନା ବିଭ୍ରାଟ ହୋଇଥିବା ଅଭିଯୋଗ ଆଣିଛି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)। ଦିବ୍ୟାଙ୍ଗ ପରୀକ୍ଷାର୍ଥି ସାଙ୍ଗରେ ସ୍କ୍ରାଇବ ନେବାର ନିୟମ ଥିଲେ ମଧ ଓପିଏସ୍‌ସି ଅନୁମତି ମିଳି ନ ଥିଲା। ଫଳରେ ରାଜ୍ୟର ପ୍ରାୟ ୪ଶହରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ଉକ୍ତ ପରୀକ୍ଷାରୁ ବଞ୍ଚିତ ହୋଇଛନ୍ତି। ତେଣୁ ପରୀକ୍ଷାରେ ଏଭଳି ବିଭ୍ରାଟକୁ ନେଇ ରାଜରାସ୍ତାକୁ ଓହ୍ଲାଇଛି ଏବିଭିପି ଛାତ୍ର ସଂଗଠନ। ପରୀକ୍ଷାରୁ ବାଦ୍ ପଡିଥିବା ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ନେଇ ଏବିଭିପି ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଛକ ନିକଟରେ ବିକ୍ଷୋଭ କରାଯାଇଥିଲା। ପରୀକ୍ଷାରୁ ବାଦ୍ ପଡିଥିବା ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ପୁନଃ ଅନୁମତି ଦେବା ସହ ସାଥିରେ ସ୍କ୍ରାଇବ ନେବାକୁ ଛାତ୍ର ସଂଗଠନ ଦାବି କରିଛି। ସେହିଭଳି ଏକାଧିକ ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ରର ସିଲ୍ ପୂର୍ବରୁ ଖୋଲାଥିବା ଦିଆଯାଥିଲା। ପରୀକ୍ଷାରେ କପି ଧରାପଡିବା, ବିଳମ୍ବରରେ ପରୀକ୍ଷା ଆରମ୍ଭ ହେବା ଓପିଏସ୍‌ସିର ମନ୍ଦ ଉଦ୍ଦେଶ୍ୟ ପଦାରେ ପଡିଥିବା ଏବିଭିପି ଅଭିଯୋଗ କରିଛି।

ପୂର୍ବରୁ ବିଭିନ୍ନ ପରୀକ୍ଷାରେ ଦିବ୍ୟାଙ୍ଗମାନେ ସ୍କ୍ରାଇବ୍ ନେବାର ସୁବିଧା ପାଇଛନ୍ତି। ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏନେଇ ଓପିଏସ୍‌ସିକୁ ଚିଠି ଲେଖି ଜଣାଇଥିଲା। କିନ୍ତୁ କେଉଁ ଆଧାରରେ ଓପିଏସ୍‌ସି ଦିବ୍ୟାଙ୍ଗମାନଙ୍କୁ ସ୍କ୍ରାଇବ ନେବାକୁ ଅନୁମତି ଦେଲେ ନାହିଁ ତାହାକୁ ନେଇ ଛାତ୍ର ସଂଗଠନ ପ୍ରଶ୍ନ ଉଠାଇଛି। ବିକ୍ଷୋଭ ସମୟରେ ଏବିଭିପି ରାଷ୍ଟ୍ରୀୟ ସମ୍ପାଦକ ଅଭିଳାଷ ପଣ୍ଡା, ମହାନଗର ସମ୍ପାଦକ ଦୀପକ ସ୍ୱାଇଁ, ସଂଯୋଜକ ସଞ୍ଜୟ ମଲ୍ଲିକ, ମନୋଜ ନାୟକ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ଛାତ୍ରନେତା ବିକ୍ଷୋଭରେ ସାମିଲ ହୋଇଥିଲେ।



ଓଡିଏମ୍ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବରେ ଅତିଥିଙ୍କ ଗହଣରେ ପୁରସ୍କୃତ ହୋଇଥିବା ଛାତ୍ରୀଛାତ୍ର।

# ମା'ବାପାଙ୍କ ସେବା ହିଁ ପ୍ରକୃତ ମାନବୀୟ ଧର୍ମ

**ଭୁବନେଶ୍ୱର, ୨୧।୧(ବ୍ୟୁରୋ)**

ଆଜିର ଛାତ୍ରୀଛାତ୍ର ହେଉଛନ୍ତି ଦେଶର ଭବିଷ୍ୟତ ଶକ୍ତି। ସେମାନଙ୍କୁ ଆରମ୍ଭରୁ ଠିକ୍ ମାର୍ଗଦର୍ଶନ ଦେଲେ ଦେଶ ଓ ଜାତିର ଉନ୍ନତି ହୋଇପାରିବ। ଏ କ୍ଷେତ୍ରରେ ମାତାପିତା, ଶିକ୍ଷକ ଏବଂ ଶିକ୍ଷାନୁଷ୍ଠାନର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ସୋମବାର ପଟିଆସ୍ଥିତ ଓଡିଏମ୍ ପବ୍ଲିକ ସ୍କୁଲର ୩୦ତମ ବାର୍ଷିକୋତ୍ସବ 'ସ୍ପେକ୍ଟ୍ରା-୨୦୧୯' ଓ ପୂଜ୍ୟପୂଜା ଉତ୍ସବ ସମାରୋହରେ ରାଜ୍ୟପାଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହା କହିଛନ୍ତି।

ସମ୍ମାନିତ ଅତିଥି ଭାବେ ଏମ୍‌ପି ପ୍ରସନ୍ନ କୁମାର ପାଟଶାଣୀ ଯୋଗଦେଇଥିଲେ। ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହ ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନ ଦୀର୍ଘ ୩୦ ବର୍ଷ ଧରି ଓଡିଏମ୍ କିଭଳି ବିଭିନ୍ନ ଘାତପ୍ରତିଘାତ ଦେଇ ଯାତ୍ରା ଅବ୍ୟାହତ ରଖି ଆଜି ବିଶ୍ୱ ସ୍ତରରେ ସୁନାମ ଅର୍ଜନ କରିଛି ସେ ସମ୍ପର୍କରେ କହିଥିଲେ। ଚଳିତ ବର୍ଷ ମେଧାବୀ ଛାତ୍ରୀଛାତ୍ରଙ୍କ ଶିକ୍ଷା କ୍ଷେତ୍ରରେ ଅଧିକ ଆକର୍ଷଣ କରି ନୂତନ ଜ୍ଞାନକୌଶଳ ମାଧ୍ୟମରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ବିଦ୍ୟାଳୟର ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ଓ ଉପ-ନିର୍ଦ୍ଦେଶକ ସ୍ୱୟଂ ସତ୍ୟେନ୍ଦୁଙ୍କ ତତ୍ତ୍ୱାବଧାନରେ ନୂତନ ପଦକ୍ଷେପ ନିଆଯାଇଥିଲା। ମେଧାବୀ ଛାତ୍ରୀଛାତ୍ରଙ୍କ ପାଇଁ ୨କୋଟି ଟଙ୍କାର ବୃତ୍ତି (ଓଡିଏମ୍ ପିନାକିଲ୍) ଅନୁଦାନ ମଞ୍ଜୁର, ଅଧ୍ୟକ୍ଷ ଡ. ମୀନକେତନଙ୍କ ଦ୍ୱାରା ରଚିତ ପୁସ୍ତକ 'ଚେଞ୍ଜ୍ ଇୟୋର୍ ସେଲ୍ଫ, ୟୁ କ୍ୟାନ୍ ଚେଞ୍ଜ୍ ଦ ୱାର୍ଲ୍ଡ' ଉନ୍ମୋଚନ, ଗୁଗୁଲ୍ ପ୍ଲେ ଷ୍ଟୋରରୁ 'ଓଡିଏମ୍ ଆପ୍' ଡାଉନ୍‌ଲୋଡ୍ ଉପଲବ୍ଧ, ଦୁଃସ୍ଥ ଏବଂ ଅବହେଳିତ ପିଲାମାନଙ୍କ ପାଇଁ 'ଆସିୟାନା' ନାମରେ ଏକ ଆବାସିକସ୍ଥଳୀ, ବହୁ ପ୍ରତୀକ୍ଷିତ 'ଓଡିଏମ୍ ଏଫ୍‌ଏମ୍' ଚ୍ୟାନେଲ୍ ଅତିଥିଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିଲା। କୃତିତ୍ୱ ହାସଲ କରିଥିବା ଓ କେ.ଭି.ପି.ୱାଇ. ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଫେସର ପି.କେ. ଦାସ ଉପସ୍ଥିତ ଥିଲେ। ବିଦ୍ୟାଳୟର ଉପାଧ୍ୟକ୍ଷା ଝିନୁକ୍ ଦତ୍ତା ରାୟ ଅତିଥି ପରିଚୟ ଦେଇଥିଲେ।

## ବିଲ୍‌ଡରଙ୍କ ବିରୋଧରେ ବ୍ୟବସାୟୀଙ୍କ ରାସ୍ତାରୋକୋ

**କଟକ ରୋଡ,୨୧।୧(ଡି.ଏନ୍.ଏ)**

ବଡ଼ଗଡ଼ ଥାନା ଅଧୀନ ମ୍ୟୁଜିୟମ ଛକ ସମ୍ମୁଖରେ ଥିବା ଦୋକାନ ହଟାଇବାକୁ ନେଇ ସୋମବାର ଜଣେ ବିଲ୍‌ଡରଙ୍କ ବିରୋଧରେ ଏକାଧିକ ବ୍ୟବସାୟୀ ରାସ୍ତାରୋକୋ କରିଥିଲେ। ବ୍ୟବସାୟୀ ରଞ୍ଜନ କୁମାର ଗରାବଡୁଙ୍କ କହିବାନୁଯାୟୀ, ଦୀର୍ଘବର୍ଷ ଧରି ୧୯ରୁ ଊର୍ଦ୍ଧ୍ୱଲୋକେ ଉକ୍ତ ସ୍ଥାନରେ ଦୋକାନ କରି ଗୁଜୁରାଣ ମେଣ୍ଟାଉଛନ୍ତି। ଗତ ୬ମାସ ହେବ ବିଲ୍‌ଡର ସେମାନଙ୍କ ଦୋକାନ ଭାଙ୍ଗିବା ପାଇଁ ଉଦ୍ୟମ ଚଳାଇଛନ୍ତି। ଏ ନେଇ ସେମାନେ ହାଇକୋର୍ଟରେ ଦ୍ୱାରସ୍ଥ ହୋଇଛନ୍ତି। ସୋମବାର ରାତିରେ ବ୍ୟବସାୟୀଙ୍କ ଦୋକାନ ସମ୍ମୁଖ ଖୋଳି ଦିଆଯାଇଥିବା ଜାଣି ସେମାନେ ପୋଲିସର ଦ୍ୱାରସ୍ଥ ହେବା ସହ ଭୁବନେଶ୍ୱର ଜିଲା ସଭାପତି ମାନସ ଚୌଧୁରୀ ଓ କାର୍ଯ୍ୟକାରୀ ସଭାନେତ୍ରୀ ରଶ୍ମି ମହାପାତ୍ରଙ୍କୁ ଜଣାଇଥିଲେ। ଖବରପାଇ ଜୋନ-୪ ଏସିପି ଅମରେନ୍ଦ୍ର ପଣ୍ଡା, ବଡ଼ଗଡ଼ ଥାନା ଅଧିକାରୀ ଦିଲ୍ଲୀପ କୁମାର ସ୍ୱାଇଁ ପହଞ୍ଚିଥିଲେ। ମଙ୍ଗଳବାର ବିଏମ୍‌ସି, ବିଡିଏ, ସାଧାରଣ ପ୍ରଶାସନ ବିଭାଗ ସମ୍ପୃକ୍ତ ବିଲ୍‌ଡରଙ୍କୁ ଡକାଇ ଆଲୋଚନା ପାଇଁ ଏସିପି ପଣ୍ଡା ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।

# ରୟାଲ କଲେଜର ବାର୍ଷିକ ଉତ୍ସବ



କଲେଜ ମୁଖପତ୍ରକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର, ୨୧।୧(ବ୍ୟୁରୋ)**

ମଞ୍ଚେଶ୍ୱରସ୍ଥିତ ସମ୍ପୂର୍ଣ୍ଣ ଆବାସିକ ଯୁକ୍ତ୨ ବିଜ୍ଞାନ ମହାବିଦ୍ୟାଳୟ ରୟାଲ୍ କଲେଜ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ପରିସରରେ ଏହାର ଷୋଡ଼ଶତମ ବାର୍ଷିକୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। କଲେଜର ଚେୟାରମ୍ୟାନ୍ ବିଷ୍ଣୁମୋହନ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଦ୍ୱିତୀୟ ବାର୍ଷିକ ଛାତ୍ରୀ ଅଭିପ୍‌ସା ଜେନା ଓ ପ୍ରଥମ ବାର୍ଷିକ ଛାତ୍ରୀ ଶାଶ୍ୱତୀ ଦାଶ ଅତିଥି ପରିଚୟ ଦେଇଥିଲେ ଓ ଅଧ୍ୟାପକ ସମ୍ମିତ କୁମାର ମିଶ୍ର ସଭା ପରିଚାଳନା କରିଥିଲେ। ଏହି ଅବସରରେ କଲେଜର ମୁଖପତ୍ର 'ଦି ଏଲାନ୍ ଭାଇଟାଲ' ଉନ୍ମୋଚିତ ହୋଇଥିଲା। ଶିଶୁ ଅନନ୍ତ ମହାବିଦ୍ୟାଳୟ, ବାଲିପାଟଣା କଲେଜର ଅଧ୍ୟକ୍ଷଙ୍କୁ ତାଙ୍କର ଅଧ୍ୟୟନ, ଅଧ୍ୟାପନା ଏବଂ ଗୋପାଳକ୍ରିଷ୍ଣ ଉଚ୍ଚ ବିଦ୍ୟାଳୟ, ସୁବଳୟା, ଗଞ୍ଜାମର ବିଜ୍ଞାନ ଶିକ୍ଷକ ଡ. ଶଙ୍କର ନାରାୟଣ ବେଜଙ୍କୁ ଉଚ୍ଚମାନର ଶିକ୍ଷାଦାନ ପାଇଁ 'ରୟାଲ ଟିଚର୍ ଅଫ୍ ଦି ଇୟର ଆୱାର୍ଡ-୨୦୧୮' ପ୍ରଦାନ କରାଯାଇଥିଲା। କଲେଜର ଅଧ୍ୟକ୍ଷ ଜୀବନ କିଶୋର ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଉତ୍ସବରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର କମଳାକାନ୍ତ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଜୟଦେବ କଲେଜ ଅଧ୍ୟାପକ ଡ. ଜୟକୃଷ୍ଣ ପାଣିଗ୍ରାହୀ ଓ ବିଜେବି କଲେଜ ପୂର୍ବତନ ଅଧ୍ୟକ୍ଷ ଡ. ଆର. ପି. ରୁଥ୍ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ପଣ୍ୟାଗାର ନିଗମ କର୍ମଚାରୀ ସଂଘର ରୌପ୍ୟ ଜୟନ୍ତୀ

**ଭୁବନେଶ୍ୱର,୨୧।୧(ବ୍ୟୁରୋ)**

ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମ କର୍ମଚାରୀ ସଂଘର ରୌପ୍ୟ ଜୟନ୍ତୀ ସମାରୋହ ନିଗମ ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ନଳିନୀ ରଞ୍ଜନ ପତିଙ୍କ ଅଧ୍ୟକ୍ଷତାରେ ଏହି ସମାରୋହକୁ କର୍ମଚାରୀ ନେତା ଦୁର୍ଗାଚରଣ ନାୟକ ଉଦ୍‌ଘାଟନ କରିଥିଲେ। ନିଗମର ପରିଚାଳନା ନିର୍ଦ୍ଦେଶକ ସରୋଜ କୁମାର ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ବିଧାୟକ ପ୍ରିୟଦର୍ଶୀ ମିଶ୍ର, କର୍ମଚାରୀ ନେତା ପ୍ରତାପ ଦାସ, କର୍ମଚାରୀ ସଂଗ୍ରାମ ସମିତିର ଅଧ୍ୟକ୍ଷ ତ୍ରିଲୋଚନ ସାହୁ ପ୍ରମୁଖ ଯୋଗଦେଇଥିଲେ। ନିଖିଳ ଓଡ଼ିଶା ନିଗମ କର୍ମଚାରୀ ମହାସଂଘର ସଭାପତି ନଟବର ଆଚାର୍ଯ୍ୟ ସ୍ୱାଗତ ଭାଷଣ କରିଥିଲେ। ଏହି ପରିପ୍ରେକ୍ଷୀରେ ନିଗମର ପୁରାତନ କର୍ମଚାରୀଙ୍କୁ ସଂଘର ସଭାପତି ନଳିନୀ ରଞ୍ଜନ ପତି ସମ୍ବର୍ଦ୍ଧିତ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ସଂଘର ୩୨ତମ ବାର୍ଷିକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ନଳିନୀ ରଞ୍ଜନ ପତି ସଭାପତି, ସାଧାରଣ ସମ୍ପାଦକ ସୁଦର୍ଶନ ଖଟୁଆ, ଉପସଭାପତି ରାହୁଳ ସେଠୀ, ପ୍ରଭାତ ପରିଡ଼ା ଯୁଗ୍ମ ସମ୍ପାଦକ, ସର୍ବେଶ୍ୱର ରାଉତରାୟ ସହସମ୍ପାଦକ, ଜ୍ୟୋସ୍ନାମୟୀ ନାୟକ କୋଷାଧ୍ୟକ୍ଷ ଭାବେ ସର୍ବସମ୍ମତି କ୍ରମେ ୨୦୧୯ବର୍ଷ ପାଇଁ ପୁନର୍ବାର ଦାୟିତ୍ୱ ଗ୍ରହଣ କରିଥିଲେ। ନୂତନ କର୍ମକର୍ତ୍ତାଙ୍କୁ କର୍ମଚାରୀ ନେତା ଦୁର୍ଗାଚରଣ ନାୟକ ଶପଥ ପାଠ କରାଇଥିଲେ।

## ବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ

**ପୁରୁଣା ଭୁବନେଶ୍ୱର, ୨୧।୧(ଡି.ଏନ.ଏ.)**

ସ୍ଥାନୀୟ ମୂଳାପଡିଆଠାରେ ଥିବା ଏକାମ୍ର ଉଚ୍ଚ ଶିକ୍ଷା ନିକେତନର ୨୧ତମ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଇଞ୍ଜିନିୟରିଂ ଆସୋସିଏଶନ ସଭାପତି ଅରୁଣ କୁମାର ସାହୁ, ମୁଖ୍ୟବକ୍ତା ଜାତୀୟ ଶିକ୍ଷା ପରିଷଦ ପରାମର୍ଶଦାତା ଲକ୍ଷ୍ମଣ ପଣ୍ଡା ଏବଂ ସମ୍ମାନିତ ଅତିଥି ଓୟୁଏଟି ସହକାରୀ ପ୍ରାଧ୍ୟାପକ ଇଂ. ଶୁଭଜିତ୍ ରାୟ ଏବଂ ପୂର୍ବତନ କର୍ପୋରେଟର ଦୀପ୍ତିମୟୀ ସମର୍ଥା ଯୋଗଦେଇଥିଲେ। ଶେଷରେ ନାଟକ 'ରସିକ ନାଗର' ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମନୋଜ କୁମାର ସାହୁ ସଭାପତିତ୍ୱ କରିଥିବାବେଳେ ବିଦ୍ୟାଳୟ ଅଧ୍ୟକ୍ଷ ବସନ୍ତ କୁମାର ବେହେରା ସ୍ୱାଗତ ଭାଷଣ ଦେଇଥିଲେ।

# ଜୀବନ କ୍ଷୁଦ୍ର କ୍ଷୁଦ୍ର ମୁହୂର୍ତ୍ତର ସମଷ୍ଟି

**ଭୁବନେଶ୍ୱର,୨୧।୧(ବ୍ୟୁରୋ)**



ଦିବ୍ୟଜୀବନ ସଂଘର ୮୪ତମ ପ୍ରତିଷ୍ଠା ଦିବସ ଖଣ୍ଡଗିରିସ୍ଥିତ ଶିବାନନ୍ଦ ଶତବାର୍ଷିକ ବାଳକ ଉଚ୍ଚବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ବିଭିନ୍ନ ଦିବ୍ୟଜୀବନ ସଂଘର ସଦସ୍ୟମାନେ ଯୋଗଦେଇଥିଲେ। ଅଶୋକ ନଗର ଦିବ୍ୟଜୀବନ ସଂଘର ସଭାପତି ତାରିଣୀ ଚରଣ ପାଢ଼ୀ, ସମ୍ପାଦକ ଭାଗବତ ମଣ୍ଡଳ ସ୍ୱାମୀ ଶ୍ରୀନିବାସ ନନ୍ଦ, ସ୍ୱାମୀ ଧର୍ମ ପ୍ରକାଶ ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ସ୍ୱାମୀ ଶିବ ଚିଦାନନ୍ଦ ସରସ୍ୱତୀ ମହାରାଜ କହିଥିଲେ ଯେ, ଦିବ୍ୟଜୀବନ ସଂଘର ପରିଭାଷା ଅତି ବ୍ୟାପକ। ଏହା ସତ୍ୟ, ଅହିଂସା, ପବିତ୍ର ଆଚରଣ, ଦୟା, ସହୃଦୟତା, ନମ୍ରତା ଏବଂ ସହିଷ୍ଣୁତା, ସଦ୍‌ଗୁଣର ବିକାଶ, ଧର୍ମାଚରଣ, ନରନାରାୟଣ ସେବା, ଜପଧ୍ୟାନ, ଇନ୍ଦ୍ରୀୟ ସଂଯମ ସହ ସମବଚିତ ଏବଂ ସମଦୃଷ୍ଟି ଭାବାପନ୍ନ ହୋଇ ଚଳିବା ବିଷୟରେ ଦିବ୍ୟଜୀବନ ମାନବ ସମାଜକୁ ଶିକ୍ଷା ଦେଇଥାଏ। ସ୍ୱାମୀ ଜଗନ୍ନାଥାନନ୍ଦ ସମୟର ସଦଉପଯୋଗ ଉପରେ କହିଥିଲେ ଯେ, ସମୟ ମୁଦ୍ରାଠାରୁ ବଳବାନ, ମୁଦ୍ରା ନଷ୍ଟ ହେଲେ ପୁନର୍ବାର ରୋଜଗାର କରାଯାଇପାରେ। ମାତ୍ର ସମୟ ନଷ୍ଟ ହେଲେ ତାହା କଦାପି ଫେରି ଆସେ ନାହିଁ। ଜୀବନ ହେଉଛି କ୍ଷୁଦ୍ର କ୍ଷୁଦ୍ର ମୁହୂର୍ତ୍ତର ସମଷ୍ଟି। ପ୍ରତ୍ୟେକ ବ୍ୟକ୍ତି ଗୀତା ପାଠ ପ୍ରାର୍ଥନା ଧ୍ୟାନ ଦରିଦ୍ର ସେବା, ଶ୍ରେଣୀ ପାଠ୍ୟ, ସାଧୁ ଉପାୟରେ ଅର୍ଥ ଉପାର୍ଜନ କରିବା ଉଚିତ ବୋଲି ସ୍ୱାମୀ ଜଗନ୍ନାଥାନନ୍ଦ କହିଥିଲେ।

# ରୋଟାରି କ୍ଲବ ପକ୍ଷରୁ ରାସ୍ତା ଆଲୋକୀକରଣ

**ଭୁବନେଶ୍ୱର,୨୧।୧(ବ୍ୟୁରୋ)**



ସହରଠୁ ଆରମ୍ଭ କରି ଗାଁ, ଏବେ ପ୍ରାୟ ସବୁ ରାସ୍ତାରେ ଷ୍ଟ୍ରିଟ୍ ଲାଇଟ୍‌ର ବ୍ୟବସ୍ଥା କରାଯାଉଥିବା ବେଳେ ବାଲିଅନ୍ତା ବ୍ଲକ ଜଗନ୍ନାଥପୁର ଗ୍ରାମବାସୀ ଏହି ସୁବିଧାରୁ ବଞ୍ଚିତ ରହିଥିଲେ। ଏହାକୁ ଦୃଷ୍ଟିରେ ରଖି ରୋଟାରି କ୍ଲବ ଅଫ୍ ଭୁବନେଶ୍ୱର ସେଣ୍ଟିନିଆଲ ତରଫରୁ ଏହି ଗ୍ରାମ ରାସ୍ତାକୁ ଆଲୋକୀକରଣ କରାଯାଇଛି। କାର୍ଯ୍ୟକ୍ରମରେ ରୋଟାରି ଡିଷ୍ଟ୍ରିକ୍ଟ ଗଭର୍ନର ରୋଟାରିୟାନ ଭବାନୀ ପ୍ରସାଦ ଚୌଧୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଲୋକୀକରଣ ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ। ପୂର୍ବତନ ଗଭର୍ନର ଶିବବ୍ରତ ଦାସ ଓ ଗଭର୍ନର ନୋମିନ ଡେଜିଗ୍‌ନେଟେଡ୍ ୨୦୨୧-୨୨ ରୋଟାରିୟାନ ଶାନ୍ତନୁ ପାଣି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଷ୍ଟ୍ରିଟ୍ ଲାଇଟ୍‌ର ରକ୍ଷଣାବେକ୍ଷଣା କରିବା ପାଇଁ ଏକ କମିଟି ଗଠନ କରିବାକୁ ପରାମର୍ଶ ଦେଇଥିଲେ। କ୍ଲବ ତରଫରୁ ୩୫ଟି ଷ୍ଟ୍ରିଟ୍ ଲାଇଟ୍ ଯୋଗାଇ ଦିଆଯାଇଥିଲା। ଗ୍ରାମବାସୀଙ୍କ ସହଯୋଗରେ ଏହା ସମ୍ପାଦନ ହୋଇଥିବାରୁ ରୋଟାରିୟାନ ଶୁଭକାନ୍ତ ସାମନ୍ତ ସିଂହାର ଧନ୍ୟବାଦ ଦେଇଥିଲେ। କ୍ଲବ ଉପ-ଗଭର୍ନର ସୁଶାନ୍ତ ମହାପାତ୍ର, ସଭ୍ୟ ଆଦିତ୍ୟ ମହାନ୍ତି, ଶିଶିର ମହାପାତ୍ର, ସାକ୍ୟସିଂ ଷଡ଼ଙ୍ଗୀ, କୃଷ୍ଣଚନ୍ଦ୍ର ଦାସ, ଭବାନୀ ପାଢ଼ଯୋଶୀ, ଅଜୟ ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସ୍କୁଲ ମାଲିକାଣୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଭୁବନେଶ୍ୱର,୨୧।୧ (ବ୍ୟୁରୋ)**

■ ସ୍ୱାମୀଙ୍କୁ ଦାୟୀ କରି ଗିରଫ ଦାବିକଲେ ଲୋକେ
■ ଅପମୃତ୍ୟୁ ମାମଲା ରୁଜୁକରି ପୋଲିସର ତଦନ୍ତ ଆରମ୍ଭ

ନୟାପଲ୍ଲୀ ଥାନା ଅନ୍ତର୍ଗତ ସାଲିଆ ସାହି ଅଞ୍ଚଳରେ ରହୁଥିବା ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ତାଙ୍କ ଘରୁ ପୋଲିସ ଉଦ୍ଧାର କରିଛି। ମହିଳା ଜଣକ ହେଲେ ତ୍ରିନାଥ ବେହେରାଙ୍କ ସ୍ତ୍ରୀ ଯଶୋବନ୍ତୀ (୪୩)। ଯଶୋବନ୍ତୀ ମହାବୀର ନଗରରେ ଏକ ଘରୋଇ ସ୍କୁଲ୍ ଖୋଲି ନିଜେ ପଢ଼ାଉଥିଲେ। ଗତକିଛି ଦିନ ହେବ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ଲାଗି ରହିଥିବାବେଳେ ଏବେ ଯଶୋବନ୍ତୀଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଲୋକେ ସ୍ୱାମୀଙ୍କୁ ଦାୟୀ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ତଦନ୍ତ ଚଳାଇଛି।

ପୋଲିସ ସୂଚନାନୁସାରେ, ଯଶୋବନ୍ତୀଙ୍କ ସ୍କୁଲରେ ୨୭୦ରୁ ଊର୍ଦ୍ଧ୍ୱ ପିଲା ପଢୁଛନ୍ତି। ଏଥିରେ ସ୍ୱାମୀ ତ୍ରିନାଥ ସହଯୋଗ କରୁଥିଲେ। ଅନେକ ସମୟରେ ପିଲାଙ୍କ ପାଠପଢ଼ା ନେଇ ଅଭିଭାବକମାନେ ଯଶୋବନ୍ତୀଙ୍କୁ ସାକ୍ଷାତ କରିବା ସହ ଫୋନ୍ କରି ପଚାରି ବୁଝନ୍ତି। କିନ୍ତୁ ଏହାକୁ ତ୍ରିନାଥ ଭିନ୍ନ ଦୃଷ୍ଟିରେ ଦେଖୁଥିଲେ। ଏହାକୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ ବାରମ୍ବାର ଝଗଡା ହେଉଥିଲା। ତିନିଦିନ ତଳେ ଯଶୋବନ୍ତୀ ଫୋନ୍‌ରେ କାହାସହ କଥାବାର୍ତ୍ତା ହେଉଥିବାବେଳେ ଏହାକୁ ତ୍ରିନାଥ ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ଜୋର୍ ପାଟିତୁଣ୍ଡ ହୋଇଥିଲା। ଘଟଣା ଥାନାରେ ପହଞ୍ଚିବାପରେ ଆପୋସ ସମାଧାନ ହୋଇଥିଲା। କିନ୍ତୁ ଗତ ଦୁଇଦିନ ଧରି ଉଭୟଙ୍କ ମଧ୍ୟରେ ଝଗଡା ଲାଗି ରହିଥିଲା। ସେମାନଙ୍କ ଝିଅ ମାଟ୍ରିକରେ ୯୨ ପ୍ରତିଶତ ନମ୍ବର ରଖି ଏକ ଘରୋଇ ସ୍କୁଲରେ ଯୁକ୍ତ୨ ଓ ପୁଅ ସପ୍ତମରେ ପଢୁଛନ୍ତି। ସୋମବାର ପୂର୍ବାହ୍ନ ୧୦ଟାରେ ତ୍ରିନାଥ ପିଲାଙ୍କୁ ଧରି ସ୍କୁଲରେ ଛାଡ଼ିବାକୁ ଯାଇଥିଲେ। ଫେରିବା ପରେ ଶୋଇବା ଘର ଫ୍ୟାନ୍‌ରେ ଚୁନିରେ ଯଶୋବନ୍ତୀ ଝୁଲୁଥିବା ଦେଖି ପଡୋଶୀ ଲୋକଙ୍କୁ ଡାକିଥିଲେ। ସ୍ଥାନୀୟ ଲୋକେ ଭିଡ଼ ଜମାଇବା ସହ ଯଶୋବନ୍ତୀଙ୍କ ଆତ୍ମହତ୍ୟା ଘଟଣାକୁ ସହଜରେ ଗ୍ରହଣ କରିପାରି ନ ଥିଲେ। ଏଥିରେ ସ୍ୱାମୀ ତ୍ରିନାଥଙ୍କ ହାତ ରହିଥିବା ଅଭିଯୋଗ ଆଣି ତାଙ୍କୁ ଗିରଫ ଦାବି କରି ହୋହଲ୍ଲା କରିଥିଲେ। ଖବର ପାଇ ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ଏ ନେଇ ନୟାପଲ୍ଲୀ ଥାନାଧିକାରୀ ଉମାକାନ୍ତ ପ୍ରଧାନ କୁହନ୍ତି, ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ସାଇଣ୍ଟିଫିକ ଟିମ ପ୍ରାଥମିକ ତଦନ୍ତ କରି ଫେରିଛି। ରିପୋର୍ଟ ଆସିବା ପରେ ଏହା ହତ୍ୟା ନା ଆତ୍ମହତ୍ୟା ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

**ସଂକ୍ଷେପରେ**

## କଂଗ୍ରେସ ଛାଡ଼ିଲେ ପ୍ରଣୟ



**ମଥୁରାନଗରୀ,୨୧।୧:** ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଉପାଧକ୍ଷ ତଥା ଗତ ବିଜେପୁର ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ହୋଇଥିବା ପ୍ରଣୟ କୁମାର ସାହୁ ସୋମବାର ଦଳ ଛାଡ଼ିଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ପ୍ରଦେଶ କଂଗ୍ରେସ ଓ ଜିଲା କଂଗ୍ରେସ କମିଟି ସଭାପତିଙ୍କ ନିକଟକୁ ପଠାଇ ଦେଇଥିବା କହିଛନ୍ତି। ତେବେ କେଉଁ ଦଳରେ ସେ ଯୋଗଦେବେ, ସେ ନେଇ ଏପର୍ଯ୍ୟନ୍ତ ନିଷ୍ପତ୍ତି ନେଇ ନାହାନ୍ତି। ପ୍ରଣୟ ତାଙ୍କ ସମର୍ଥକ ତଥା ଅଞ୍ଚଳର ଲୋକଙ୍କ ମତାମତ ନେଉଛନ୍ତି। ଖୁବ୍‌ଶୀଘ୍ର ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ସାହୁ କହିଛନ୍ତି। ସେ ଆହୁରି କହିଛନ୍ତି, ଗତ ବିଜେପୁର ଉପନିର୍ବାଚନରେ ପରାଜୟର କାରଣ ଖୋଜିବା ପାଇଁ ଏକ ସମୀକ୍ଷା ବୈଠକ କରିବାକୁ ଅନୁରୋଧ କରାଯାଇଥିଲା । ମାତ୍ର ଏପର୍ଯ୍ୟନ୍ତ ସମୀକ୍ଷା ବୈଠକ ହୋଇ ପାରିଲାନାହିଁ। ସେହିପରି ଦଳର କର୍ମକର୍ତ୍ତା ଚୟନରେ ମଧ୍ୟ ତାଙ୍କ ପ୍ରତି ଅଣଦେଖା କରାଗଲା। ଯେଉଁମାନେ ବିଜେପୁର ଉପନିର୍ବାଚନରେ ଦଳ ବିରୋଧୀ କାମ କରିଥିଲେ, ସେମାନଙ୍କୁ ବିଭିନ୍ନ ପଦପଦବୀରେ ଅବସ୍ଥାପିତ କରାଗଲା। ଫଳରେ ସେ କଂଗ୍ରେସ ଛାଡ଼ିବାକୁ ବାଧ୍ୟ ହେଲେ ବୋଲି କହିଛନ୍ତି। ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ପ୍ରଣୟଙ୍କ ଇସ୍ତଫା ଦଳ ପ୍ରତି କିଭଳି ପ୍ରଭାବ ପକାଇବ, ତାହା ସମୟ କହିବ। ସୋମବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ପ୍ରଣୟଙ୍କ ଇସ୍ତଫା ନେଇ ପଚାରିବାରୁ ସେ ଦଳ ଛାଡ଼ିବା କଂଗ୍ରେସ ଉପରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ଏଆଇସିସିର ସାଧାରଣ ସମ୍ପାଦକ ତଥା ଦଳର ଓଡ଼ିଶା ସହ ପ୍ରଭାରୀ ଶେଖ ମୁସ୍ତାକ ଅଲ୍ଲୀ କହିଛନ୍ତି। ତେବେ ମଙ୍ଗଳବାର ପ୍ରଣୟ ବିଜେଡ଼ିରେ ମିଶିବେ ବୋଲି ଚର୍ଚ୍ଚା ହେଉଛି।

■ ଭାଜପା ମହିଳା ମୋର୍ଚ୍ଚାର ଲାଲଚୁଡ଼ି ପ୍ରତିବାଦ

# ସଚିବାଳୟ ଗେଟ୍‌ରେ ବାନ୍ଧିଲେ ଚୁଡ଼ି

- ■ ଭାଜପା ନେତ୍ରୀଙ୍କୁ ପୋଲିସର ଗାଳି, ମାଡ଼ ଅଭିଯୋଗ
- ■ ପୋଲିସ ଉପରକୁ ଚୁଡ଼ି ଓ ପାଣି ପାଉଚ୍ ମାଡ଼
- ■ ଧସ୍ତାଧସ୍ତି, ଜଣେ ମହିଳା କର୍ମୀ ଆହତ
- ■ ସାମିଲ ହେଲେ ଏମ୍‌ପି ରୁପା ଗାଙ୍ଗୁଲି

ଭୁବନେଶ୍ୱର,୨୧।୧ (ବ୍ୟୁରୋ)

ରାଜ୍ୟରେ ମହିଳାଙ୍କ ଉପରେ ବଢ଼ୁଛି ନିର୍ଯାତନା। ଶିଶୁକନ୍ୟାଠାରୁ ଆରମ୍ଭ କରି ନାବାଳିକା, ଯୁବତୀ, ମହିଳାମାନେ ବଳାତ୍କାର ଓ ହତ୍ୟାର ଶିକାର ହେଉଛନ୍ତି। ରାଜ୍ୟ ସରକାର ସେମାନଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଛି। ପିପିଲି ଗଣବଳାତ୍କାର ଓ ହତ୍ୟା ଘଟଣାରେ ପୀଡିତାଙ୍କୁ ନ୍ୟାୟ ବଦଳରେ ସରକାର ଅଭିଯୁକ୍ତଙ୍କୁ ସୁରକ୍ଷା ଦେଉଥିବା ପ୍ରତିବାଦରେ ଭାଜପା ମହିଳା ମୋର୍ଚ୍ଚା ସୋମବାର ସଚିବାଳୟ ଗେଟ୍‌ରେ ଲାଲ୍ ଚୁଡି ବାନ୍ଧିଛି। ଏଭଳି ଅଭିନବ ପ୍ରତିବାଦକୁ ପ୍ରତିହତ କରିବାରେ ପୋଲିସ ବିଫଳ ହୋଇଥିବାବେଳେ ଲୋୟର ପିଏମ୍‌ଜିରେ ଦୀର୍ଘ ସମୟ ଧରି ଭାଜପା ନେତ୍ରୀଙ୍କ ସହ ମୁହାଁମୁହିଁ ହୋଇଛି। ତେବେ ଧସ୍ତାଧସ୍ତି ବେଳେ ପୋଲିସ ମହିଳା ନେତ୍ରୀ ଓ କର୍ମଚାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏଥିରେ ଜଣେ ମହିଳା କର୍ମୀ ଆହତ ହୋଇଥିବାବେଳେ ପୋଲିସ ୫୦ରୁ ଊର୍ଦ୍ଧ୍ୱ ଜଣଙ୍କୁ ଗିରଫ କରି ପରେ ଛାଡ଼ି ଦେଇଥିବା ଜଣାପଡିଛି। ତେବେ ଏହି ଘଟଣାକୁ ନେଇ ମାଷ୍ଟରକ୍ୟାଣ୍ଟିନ ଛକରୁ ଲୋୟର ପିଏମ୍‌ଜି ଦେଇ ସଚିବାଳୟ ପର୍ଯ୍ୟନ୍ତ ପ୍ରାୟ ୩ଘଣ୍ଟା ଧରି ଏକପ୍ରକାର ରଣକ୍ଷେତ୍ର ପାଲଟିଥିଲା।

ମହିଳାଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଚୁଡି ସଂଗ୍ରହ କରାଯାଇଥିଲା। ସୋମବାର ସକାଳେ ଭାଜପା ମହିଳା କର୍ମୀମାନେ ପିପିଲି ପୀଡିତାଙ୍କ ଘରକୁ ଯାଇ ତାଙ୍କ ମା'ଙ୍କଠାରୁ ଚୁଡି ସଂଗ୍ରହ କରିଥିଲେ।




ଭାଜପା ମହିଳା ମୋର୍ଚ୍ଚା ନେତ୍ରୀମାନେ ଲାଲ୍ ଚୁଡ଼ି ଧରି ସଚିବାଳୟ ଆଡ଼କୁ ଶୋଭାଯାତ୍ରାରେ ଯାଉଛନ୍ତି।

ଦିନ ପ୍ରାୟ ୧୧ଟାରେ ରାଜ୍ୟ ଭାଜପା କାର୍ଯ୍ୟାଳୟରୁ ଶୋଭାଯାତ୍ରା ବାହାରିଥିଲା। ରାଜ୍ୟର ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ କର୍ମୀ ଏଥିରେ ସାମିଲ ହୋଇଥିବାରୁ ପୋଲିସ ସୁରକ୍ଷାକୁ କଡାକଡି କରିଥିଲା। ମୁଖ୍ୟମନ୍ତ୍ରୀଙ୍କୁ ଚୁଡି ପିନ୍ଧାଇବା ପାଇଁ ନବୀନ ନିବାସ ଯିବାକୁ ପ୍ରଥମେ ଭାଜପା ମହିଳା ମୋର୍ଚ୍ଚାର ଯୋଜନା ଥିଲା। ହେଲେ ପୋଲିସର ବ୍ୟାପକ ପ୍ରସ୍ତୁତିକୁ ଦେଖି ରଣନୀତି ବଦଳି ଯାଇଥିଲା। ନବୀନ ନିବାସ ଆଡକୁ ନ ଯାଇ ମାଷ୍ଟରକ୍ୟାଣ୍ଟିନ ଛକରୁ ପିଏମ୍‌ଜି ଛକ ଦେଇ ସଚିବାଳୟ ଅଭିମୁଖେ ବାହାରିଥିଲେ। ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତି ପରିଡାଙ୍କ ନେତୃତ୍ୱରେ ଏହି ବିଶାଳ ରାଲିରେ ଏମ୍‌ପି ରୂପା ଗାଙ୍ଗୁଲି, ଉପାସନା ମହାପାତ୍ର, ଅନୁ ଚୌଧୁରୀ, ପିଙ୍କି ପ୍ରଧାନ, ମହେଶ୍ୱତା ରାୟ, ଲେଖାଶ୍ରୀ ସାମନ୍ତସିଂହାରଙ୍କ ସମେତ ବହୁ ନେତ୍ରୀ ଓ କର୍ମୀ ସାମିଲ ହୋଇଥିଲେ। ବାଟରେ ସେମାନଙ୍କୁ ପୋଲିସ ଅଟକାଇବାରୁ ଅନ୍ୟ ଏକ ଟିମ୍ ଚକମା ଦେଇ ସଚିବାଳୟ ୪ ନମ୍ବର ଗେଟରେ ପହଞ୍ଚି ଯାଇଥିଲା। ସେଠାରେ ପୋଲିସ କର୍ଡନ ଭାଙ୍ଗି ସେମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସଚିବାଳୟ ଗେଟରେ ଚୁଡି ବାନ୍ଧିଥିଲେ। ଏପଟେ ପୋଲିସ ଅଟକାଇବାରେ ବିଫଳ ହେବା ପରେ ଲୋୟର ପିଏମ୍‌ଜିରେ ବଳ ପ୍ରୟୋଗ କରିଦେଇଥିଲା। ପୋଲିସ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। କିନ୍ତୁ ମହିଳାମାନେ ବ୍ୟାରିକେଡକୁ ଭାଙ୍ଗିବା ସହ ପୋଲିସ ଉପରକୁ ନାଲିଚୁଡି ଓ ପାଣି ପାଉଚ୍ ଫିଙ୍ଗିଥିଲେ। ଜଣେ ପୋଲିସ ଅଫିସର ମହିଳାମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବାରୁ ସେଠାରେ ପ୍ରତିବାଦ ଆହୁରି ତୀବ୍ର ହୋଇଥିଲା। ଏହି ସମୟରେ ଜଣେ ମହିଳା କର୍ମୀ ଆହତ ହୋଇଥିଲେ। ପୋଲିସ ମହିଳାଙ୍କୁ ମାଡ ମାରିଥିବା ଅଭିଯୋଗ ଆସିବା ପରେ ଉତ୍ତେଜନା ବଢ଼ିଯାଇଥିଲା। ପୋଲିସର ଏଭଳି କାର୍ଯ୍ୟକୁ ସେମାନେ ନିନ୍ଦା କରିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ଆହତ ମହିଳାଙ୍କୁ ଉଦ୍ଧାର କରାଯାଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶେଷରେ ପୋଲିସ ୫୦ରୁ ଊର୍ଦ୍ଧ୍ୱ ଭାଜପା ମହିଳା କର୍ମୀଙ୍କୁ ଗିରଫ କରି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା।

ଏ ନେଇ ଏମ୍‌ପି ରୂପା ଗାଙ୍ଗୁଲି କହିଛନ୍ତି, ନାଲି ଚୁଡି ମହିଳାଙ୍କୁ ସଶକ୍ତ କରିଥାଏ। ତେଣୁ ମହିଳାମାନଙ୍କୁ ତାଙ୍କ ସରକାର ସୁରକ୍ଷା ଦେଇପାରୁ ନ ଥିବାରୁ ନବୀନ ବାବୁଙ୍କୁ ଚୁଡି ପିନ୍ଧାଇବା ପାଇଁ ଏପରି କାର୍ଯ୍ୟକ୍ରମ କରାଯାଇଛି। ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତୀ ପରିଡା କହିଛନ୍ତି, ମହିଳାମାନଙ୍କୁ ସୁରକ୍ଷା ବଦଳରେ ଏଠାରେ ବଳାତ୍କାର ଓ ହତ୍ୟାର ଶିକାର ହେବାକୁ ପଡୁଛି। ରାଜ୍ୟ ସରକାର ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡାଉଛନ୍ତି। ପ୍ରତିବାଦରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ମହିଳାଙ୍କଠାରୁ ସଂଗ୍ରହ କରାଯାଇଥିବା ଚୁଡିକୁ ମୁଖ୍ୟମନ୍ତ୍ରୀ ପିନ୍ଧି ସଶକ୍ତ ହୁଅନ୍ତୁ। ପିପିଲି ଘଟଣାରେ ସିବିଆଇ ତଦନ୍ତ କରା ନ ଗଲେ ଆନ୍ଦୋଳନକୁ ଜୋର୍‌ଦାର କରାଯିବ ବୋଲି ସେ କହିଛନ୍ତି।

ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ସୁମିତ୍ରା ଜେନା କହିଛନ୍ତି, ଭାଜପା ବହୁ ପଛରେ ଏପରି କଲା। ଆମ ଦାବି ଅନୁଯାୟୀ ମନ୍ତ୍ରୀ ପ୍ରଦୀପ ମହାରଥୀ ଇସ୍ତଫା ଦେଲେ। ସରକାର ସଚେତନ ନୁହନ୍ତି। ଆଗକୁ କଂଗ୍ରେସ ବିଧାନସଭା ଘେରାଉ କରିବ ବୋଲି ସେ କହିଛନ୍ତି। ବିଜେଡି ମୁଖପାତ୍ର ପ୍ରତାପ ଦେବ କହିଛନ୍ତି, ଭାଜପା ପାଖରେ କୌଣସି ପ୍ରସଙ୍ଗ ନାହିଁ। ନାରୀ ନିର୍ଯାତନାକୁ ଭାଜପା ଆଳ କରିବା ହାସ୍ୟାସ୍ପଦ ଓ ନିନ୍ଦନୀୟ ଘଟଣା। ଚୁଡି କ'ଣ ଦୁର୍ବଳତାର ଲକ୍ଷଣ? ନିଜର ଦୁର୍ବଳତାକୁ ଭାଜପା ମହିଳା ମୋର୍ଚ୍ଚା ପଦାରେ ପରିପ୍ରକାଶ କରୁଛି ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଦୁଇ ଦିନ ତଳେ ଭାଜପା ମହିଳା ମୋର୍ଚ୍ଚା ଶାସକ ଦଳର ନେତା ଓ ବିଧାୟକଙ୍କ ଘର ଗେଟରେ ନାଲିଚୁଡି ବାନ୍ଧିଥିଲେ। ସେତେବେଳେ ଗୋଇନ୍ଦା ପୋଲିସ ଖବର ପାଇବାରେ ବିଫଳ ହୋଇଥିଲା, ଆଜି ମଧ୍ୟ ବିଫଳତା ବାରି ହୋଇପଡିଥିଲା।

## ଶାଢ଼ି ବନ୍ଧାଇଲେ ମୁଦିରସ୍ତ

ପୁରୀ ଅଫିସ,୨୧।୧

ପବିତ୍ର ପୁଷ୍ୟାଭିଷେକ ଅବସରରେ ସୋମବାର ଶ୍ରୀନଅରରେ ଶାଢି ବନ୍ଧା ଅନୁଷ୍ଠିତ ହୋଇଛି। ମୁଦିରସ୍ତ ଭାବେ ଆଦିତ୍ୟ ନାରାୟଣ ମୁଦିରସ୍ତ (୧୫ବର୍ଷ) ଶାଢି ବନ୍ଧାଇଛନ୍ତି। ମୁଦିରସ୍ତଙ୍କ ଶାଢି ବନ୍ଧାଇବା ପାଇଁ ପ୍ରଥମେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ପଇତାଲାଗି ପରେ ଦେବାର୍ଚ୍ଚନା ଏବଂ ପୁଷ୍ପାଞ୍ଜଳି ସରିଥିଲା। ଏହାପରେ ମୁଦିରସ୍ତ ଶାଢି ବନ୍ଧାଇବା ପାଇଁ ଗଜପତିଙ୍କ ଗାଦି ନିକଟରେ ଉପସ୍ଥିତ ହୋଇଥିଲେ। ଗଜପତିଙ୍କ ଶ୍ରୀହସ୍ତରୁଆଁ ଶାଢି ରାଜଗୁରୁ ଦେବୀପ୍ରସାଦ ରାଜଗୁରୁ ଏବଂ ସୁଧାଂଶୁ ରାଜଗୁରୁ ଶ୍ରୀନଅର ସିଂହଦ୍ୱାରରେ ପାଟଶାଣୀଙ୍କୁ ବାନ୍ଧିବା ପାଇଁ ପ୍ରଦାନ କରିଥିଲେ। ପାଟଶାଣୀ ଶ୍ୟାମସୁନ୍ଦର ଚ୍ୟାଉପଟ୍ଟନାୟକ ମୁଦିରସ୍ତଙ୍କ ମସ୍ତକରେ ଶାଢି ବାନ୍ଧିଥିଲେ। ମୁଦିରସ୍ତ ଗାଦି ଘର ନିକଟକୁ ଆସି ଗଜପତିଙ୍କୁ ପ୍ରଣାମ କରିଥିଲେ। ନିଷ୍ଠା ଏବଂ ଏକାଗ୍ରତାର ସହ ସମର୍ପଣଭାବ ରଖି ମହାପ୍ରଭୁଙ୍କ ସେବା କରିବା ପାଇଁ ଗଜପତି ମହାରାଜା ମୁଦିରସ୍ତଙ୍କୁ ପରାମର୍ଶ ଦେଇଥିଲେ। ଗଜପତି ମହାରାଜାଙ୍କ ପ୍ରତିନିଧି ହେଉଛନ୍ତି ମୁଦିରସ୍ତ। ଏହା ଏକ ନାବାଳକ ସେବା। ଗଜପତିଙ୍କ ଅନୁପସ୍ଥିତିରେ ମୁଦିରସ୍ତ ମହାପ୍ରଭୁଙ୍କ ସମସ୍ତ ସେବା କରିପାରିବେ। ନକ୍ଷତ୍ର ବନ୍ଦାପନା, ସର୍ବାଙ୍ଗ, ଚନ୍ଦନଲାଗି, ମଙ୍ଗଳାର୍ପଣ ଏମିତି ଅନେକ ଯାନିଯାତ୍ରାରେ ମୁଦିରସ୍ତ ସେବା କରିଥାନ୍ତି।

## ବୃଦ୍ଧଙ୍କୁ ଦଳିଦେଲା ଦନ୍ତା

ପରଜଙ୍ଗ, ୨୧।୧(ଡି.ଏନ.ଏ.)

ଢେଙ୍କାନାଳ ବନଖଣ୍ଡ ମହାବିରୋଡ ରେଞ୍ଜ ଡିହଡୋଳ ଫରେଷ୍ଟ ସେକ୍ସନ ସାଆଦା ପଞ୍ଚାୟତ ବାଇଗିଣିଆ ଗ୍ରାମର ଚିତ୍ତରଞ୍ଜନ ପାଣି(୫୮) ସୋମବାର ଦନ୍ତା ଆକ୍ରମଣରେ ପ୍ରାଣ ହରାଇଛନ୍ତି। ଏହାକୁ ନେଇ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ଦେଖାଦେଇଛି। ସୂଚନା ମୁତାବକ, ଚିତ୍ତରଞ୍ଜନ ଅପରାହ୍ନରେ ଘରୁ ବରକଟା ନିକଟରେ ଥିବା ପୋଖରୀକୁ ଯାଉଥିବା ବେଳେ ଏକ ଦନ୍ତା ହାବୁଡରେ ପଡ଼ିଥିଲେ। ସେ ସେଠାରୁ ଦୌଡି ଆସୁଥିବାବେଳେ ଦନ୍ତାଟି ଶୁଣ୍ଢରେ ଟେକି ତଳେ କଚାଡି ଦେବା ସହ ପାଦରେ ଦଳି ଦେଇଥିଲା। ସେହି ସମୟରେ ଉପସ୍ଥିତ ସ୍ଥାନୀୟ ଲୋକେ ଏହା ଦେଖିଥିଲେ ହେଁ ହାତୀକୁ ଘଉଡାଇପାରି ନ ଥିଲେ।

**ପ୍ରଦୀପ ହତ୍ୟା ମାମଲା**

## ସରପଞ୍ଚଙ୍କ ସମେତ ୧୦ଜଣଙ୍କୁ ଆଜୀବନ କାରାଦଣ୍ଡାଦେଶ

**ଆଠଗଡ଼,୨୧।୧(ସ୍ୱ.ପ୍ର.):** କଟକ ଜିଲା ଟିଗିରିଆ ଥାନା ଅଧୀନ ଗଦାଧରପୁର ଗ୍ରାମରେ ଗତ ୫।୪।୨୦୧୨ରେ ଘଟିଥିବା ପ୍ରଦୀପ ହତ୍ୟା ମାମଲାର ସୋମବାର ରାୟ ପ୍ରକାଶ ପାଇଛି। ଆଠଗଡ଼ ଅତିରିକ୍ତ ଜିଲା ଦୌରାଜଜ୍ ଅମୃତ ରଞ୍ଜନ ନନ୍ଦ ଏହି ମାମଲାର ବିଚାର କରି ଜଣେ ସରପଞ୍ଚଙ୍କ ସମେତ ୧୦ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ସୂଚନାଯୋଗ୍ୟ, ଗ୍ରାମର ପ୍ରଦୀପ ରାଉତ ଘଟଣା ଦିନ ସକାଳ ୯ଟାରେ ରାମନବମୀ ବ୍ରତ ପାଳନ ନିମନ୍ତେ ସ୍ଥାନୀୟ ରଘୁନାଥ ମନ୍ଦିରକୁ ଯାଉଥିଲେ। ଏହି ସମୟରେ ପୂର୍ବ ଶତ୍ରୁତାକୁ ନେଇ ସେହି ଗ୍ରାମର କାର୍ତ୍ତିକ ରାଉତ ଓ ଦିବାକର ରାଉତ ତାଙ୍କୁ ରାସ୍ତାରେ ଅଟକାଇ ଆକ୍ରମଣ କରିଥିଲେ। ସେମାନଙ୍କୁ ସରପଞ୍ଚ ଶରତ ସ୍ୱାଇଁ, ବିଶ୍ୱନାଥ ମହାପାତ୍ର, ବିଜୟ ମହାପାତ୍ର, କାଳନ୍ଦୀ ରାଉତ, ସନ୍ତୋଷ ରାଉତ, ପବିତ୍ର ରାଉତ, ରୂପ ମହାପାତ୍ର ଓ ଶତ୍ରୁଘ୍ନ ସହଯୋଗ କରିଥିଲେ। ପ୍ରଦୀପଙ୍କୁ ଉପରୋକ୍ତ ଅଭିଯୁକ୍ତମାନେ ଖଣ୍ଡା, ଭୁଜାଲି ଓ ଠେଙ୍ଗାରେ ଆକ୍ରମଣ କରିବା ପରେ ମୁମୂର୍ଷୁ ଅବସ୍ଥାରେ ଛାଡ଼ି ପଳାଇଥିଲେ। ଖବର ପାଇ ଟିଗିରିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରଦୀପଙ୍କୁ ଉଦ୍ଧାର କରି ଟିଗିରିଆ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ତାଙ୍କୁ ଆଠଗଡ଼ ଉପଖଣ୍ଡ ସରକାରୀ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାପରେ ପ୍ରଦୀପଙ୍କ ଭାଉଜ ସତ୍ୟଭାମା ଟିଗିରିଆ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ନଂ–୫୭/୧୨ରୁଜୁ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ପରେ ଆଠଗଡ଼ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ଏସଟି ୨୩୬/୧୩ ଓ ଏସଟି ୯୧/୧୫ ମତେ ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇଥିଲା। ସରକାରଙ୍କ ପକ୍ଷରୁ ଅତିରିକ୍ତ ସରକାରୀ ଓକିଲ ଶରତ କୁମାର ଦାଶ ମାମଲା ପରିଚାଳନା କରୁଥିଲେ।

**ଖେଳ ଖବର**

## ସେମିରେ ଜାଗୃତି, ବିହାରିଲାଲ




ଅତିଥିଙ୍କଠାରୁ ୱାଲଟର ଟପୋ ପୁରସ୍କାର ଗ୍ରହଣ କରୁଛନ୍ତି।

ପୁରୁଣା ଭୁବନେଶ୍ୱର, ୨୧।୧(ଡି.ଏନ.ଏ.)

ସ୍ଥାନୀୟ ପୋଖରୀପୁଟ ଖେଳପଡ଼ିଆରେ ଚାଲିଥିବା ବିହାରିଲାଲ ଜେନା ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟର ସୋମବାର ଖେଳାଯାଇଥିବା ଦୁଇଟି କ୍ୱାର୍ଟର ଫାଇନାଲରେ ଜାଗୃତିକ୍ରିକେଟକ୍ଲବଏବଂବିହାରିଲାଲଫାଇଟର୍ସବିଜୟୀହୋଇ ସେମିଫାଇନାଲରେ ପହଞ୍ଚିଛନ୍ତି। ପ୍ରଥମ ମ୍ୟାଚଟି ରାମେଶ୍ୱର ସ୍ପୋର୍ଟିଂ ଏବଂ ଜାଗୃତି କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଟସ ଜିତି ରାମେଶ୍ୱର ବ୍ୟାଟିଂ ନେଇଥିଲା। ଦଳ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୧୭ରନ ସଂଗ୍ରହ କରିଥିଲା ଜବାବରେ ଜାଗୃତି କ୍ରିକେଟ କ୍ଲବ ୧୮.୨ ଓଭରରେ ୪ ଉଇକେଟ ହରାଇ ୧୧୮ରନ ସଂଗ୍ରହ କରି ନେଇଥିଲା। ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ବିହାରିଲାଲ ଫାଇଟର୍ସ ଏବଂ କ୍ରାଉନ କ୍ରିକେଟ କ୍ଲବ ମଧ୍ୟରେ ମୁକାବିଲା ହୋଇଥିଲା । ଟସ୍ ଜିତି କ୍ରାଉନ ୧୮ ଓଭରରେ ସମସ୍ତ ଉଇକେଟ ହରାଇ ୧୧୭ରନ କରିଥିଲା। ଜବାବରେ ବିହାରୀଲାଲ ୧୧.୨ ଓଭରରେ ୩ ଉଇକେଟ ହରାଇ ୧୨୧ରନ ସଂଗ୍ରହ କରି ବିଜୟଲାଭ କରିଥିଲା । ଦୁଇଟି ମ୍ୟାଚ ବିଜୟୀ ଦଳର ଯଥାକ୍ରମେ କାର୍ତ୍ତିକ ବିଶ୍ୱାଳ ଓ ୱାଲଟର ଟପୋ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ଅତିଥିଭାବେ ରବିରାଜଗୁରୁ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## କଳିଙ୍ଗ ଟାଇଗର ବିଜୟୀ




ଅମିତ୍ ବେହେରାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

ପୁରୁଣା ଭୁବନେଶ୍ୱର, ୨୧।୧(ଡି.ଏନ.ଏ.)

ସ୍ଥାନୀୟ ବାଙ୍କୁଆଳ ଖେଳପଡ଼ିଆରେ ଚାଲିଥିବା ଜଗବନ୍ଧୁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ମ୍ୟାଚରେ ଖୋର୍ଦ୍ଧାର କଳିଙ୍ଗ ଟାଇଗର ବିଜୟୀ ହୋଇଛି। ମ୍ୟାଚ୍‌ଟି କଳିଙ୍ଗ ଟାଇଗର ସହ ନଁପୁଟ କ୍ରିକେଟ୍ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି କଳିଙ୍ଗ ଟାଇଗର ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୫୧ରନ ସଂଗ୍ରହ କରିଥିଲା। ଜବାବରେ ନଁପୁଟ କ୍ରିକେଟ ଦଳ ୨୦ ଓଭରରେ ୧୨୪ରନ କରି ସମସ୍ତ ଉଇକେଟ ହରାଇଥିଲା। ସାମାଜିକ କର୍ମୀ ଦୀପକ ପାଢୀ ଅତିଥିଭାବେ ଯୋଗଦେଇ ବିଜୟୀ ଦଳର ଅମିତ୍ ବେହେରାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ସୁଦର୍ଶନ ସାମନ୍ତରାୟ ମ୍ୟାଚ ପରିଚାଳନା କରିଥିଲେ।

## ଶାମପୁର ପ୍ରିମିୟର ଲିଗ୍: କମାଣ୍ଡୋ ଚାମ୍ପିୟନ

ଫୁଲନଖରା, ୨୧।୧ (ଡି.ଏନ୍.ଏ.)

କଟକ ମହାନଗର ନିଗମ୫୬ ନମ୍ବର ୱାର୍ଡ ଅନ୍ତର୍ଗତ ରଣଜିତ୍ ଖେଳ ପଡିଆରେ ଗତ ୩ ଦିନ ଧରି ଚାଲିଥିବା ଶାମପୁର ପ୍ରିମିୟର ଲିଗ୍ ଉଦ୍‌ଯାପିତ ହୋଇଯାଇଛି। ସୋମବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ କମାଣ୍ଡୋ ଏକାଦଶ ପ୍ରତିପକ୍ଷ ତେନଜର ଏକାଦଶକୁ ହରାଇ ଚାମ୍ପିୟନ ହୋଇଛି। ଟସ୍ ଜିତି କମାଣ୍ଡୋ ୧୦ ଓଭରରେ ୯୪ ରନ ସଂଗ୍ରହ କରିଥିଲା। ଜବାବରେ ତେନଜର ୮୮ ରନରେ ଅଲଆଉଟ ହୋଇ ପରାସ୍ତ ହୋଇଥିଲା । ଫଳରେ କମାଣ୍ଡୋ ୮ ରନରେ ବିଜୟୀ ଟାଇଟଲ ଜିତିଥିଲା। ସ୍ଥାନୀୟ କର୍ପୋରେଟର ସଂଜୟ କୁମାର ବରାଳ ମୁଖ୍ୟ ଅତିଥିରୂପେ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ଏହି ଲିଗ୍‌ରେ ୪ଟି ଦଳ ଅଂଶଗ୍ରହଣ କରିଥିଲେ। ସେହିପରି ବିଜୁ ଯୁବବାହିନୀ କୋଷାଧକ୍ଷ ରଞ୍ଜନ ମହାନ୍ତି ସମ୍ମାନୀତ ଅତିଥି ରୂପେ ଯୋଗ ଦେଇଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ଦୀପକ ମହାନ୍ତି ଓ ମ୍ୟାନ ଅଫ୍ ଦି ସିରିଜ ଭାବେ କୀର୍ତ୍ତି ଚରଣ ମହାରଣା ପୁରସ୍କୃତ ହୋଇଥିଲେ। ଆଶୁତୋଷ ମହାରଣା ଓ ଅନୋଜ କୁମାର ମହାରଣା ଅମ୍ପାୟର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ସନାତନ ମହାରଣା, ନିଶିକାନ୍ତ ମହାରଣା, ପଦ୍ମଲୋଚନ ଓଝା, ହାଡିବନ୍ଧୁ ମହାରଣା, ପ୍ରମୋଦ ଦାସ, ପ୍ରକାଶ ଦାସ, ଆନନ୍ଦ କୁମାର ମଲିକ ଓ ଶୁଭମ ମହାରଣା ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।



ଚାମ୍ପିୟନ୍ କମାଣ୍ଡୋ ଦଳ ଟ୍ରଫି ସହ।

**ODISHA HYDRO POWER CORPORATION LIMITED**
OFFICE OF THE SENIOR GENERAL MANAGER (ELECTRICAL): Balimela Hydro Electric Project, Post: Balimela, Dist: Malkangiri (Odisha), Pin: 764051, Phones: 06861-232581 (0)/ 232641 (R), Fax: 06861-232541, E-Mail: <unit.head_balimela@yahoo.com>
REGD OFFICE: ODISHA HYDRO POWER CORPORATION LIMITED
(A Government of Odisha Undertaking)
Odisha State Police Housing & Welfare Corporation Building, Vanivihar, Chouk, Janapath, Bhubaneswar-22, Tel: 91-0674-2542983, 2542802, 25425526, 2542826, Fax: 254102, GRAM: HYDROPOWER, E-Mail: ohpc.co@gmail.com/ md@ohpcltd.com, WEB: www.ohpcltd.com
No. BHEP: Tech-13 (H)-8 / 388 /Dtd. 19.01.2019
**NOTICE INVITING TENDER NO. P-13 (H) / 36/ 2018-19 / DATED 19.01.2019**
**No.CAD-1305:-** Sealed tenders are invited for supply of Computer Peripherals from authorized dealers for the following.

| Sl. No. | Description of materials | Estimated Cost | Cost of tender paper (Non-refundable) in Rs. | EMD in shape of DD only (Refundable) in Rs. | Period of availability of tender at OHPC website | Last date & Time of receipt of Tender | Date & Time of opening of bid |
|---|---|---|---|---|---|---|---|
| 1 | 2 | | 3 | 4 | 5 | 6 | 7 |
| 1. | Supply of Computer Peripherals | Rs . 1,48,742/- | 708/- (600/- + GST @18%) | @1% of the quoted value | 22.01.2019 to 05.02.2019 | 05.02.2019 upto 12.00 hrs. | 05.02.2019 at 12.30 hrs. |

For details of the tender documents, terms & conditions please visit our website www.ohpcltd.com.
04019/11/0104/1819
Sd./- Senior General Manager (Electrical) BHEP, Balimela

DADLS-250
**ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ** ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା
ତା:୨୩।୦୧।୨୦୧୯ ସ୍ଥାନ: ଜୟଦେବ ଭବନ
**ବକ୍ସି ଜଗବନ୍ଧୁଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ** ଉପଲକ୍ଷେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା
ତା:୨୪।୦୧।୨୦୧୯ ସ୍ଥାନ: ଗୀତଗୋବିନ୍ଦ ସଦନ
**ପ୍ରବନ୍ଧ ପ୍ରତିଯୋଗିତା** ସମୟ: ପୂର୍ବାହ୍ନ ଘ.୧୧.୩୦ମି.
ପ୍ରଥମ ବର୍ଗ (ପଞ୍ଚମରୁ ସପ୍ତମ ଶ୍ରେଣୀ)
ଦ୍ୱିତୀୟ ବର୍ଗ (ଅଷ୍ଟମରୁ ଦଶମ ଶ୍ରେଣୀ)
ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)
**ବକ୍ତୃତା ପ୍ରତିଯୋଗିତା** ସମୟ: ଅପରାହ୍ନ ଘ.୧.୩୦ମି.
ପ୍ରଥମ ବର୍ଗ (ପଞ୍ଚମରୁ ସପ୍ତମ ଶ୍ରେଣୀ)
ଦ୍ୱିତୀୟ ବର୍ଗ (ଅଷ୍ଟମରୁ ଦଶମ ଶ୍ରେଣୀ)
ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)
- ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ ସେମାନେ ନିର୍ଦ୍ଧାରିତ ସମୟର ଏକଘଣ୍ଟା ପୂର୍ବରୁ ଆସି ନାମ ପଞ୍ଜୀକରଣ କରାଇବେ।
- ପ୍ରତିଯୋଗିତା ଆରମ୍ଭର ଏକଘଣ୍ଟା ପୂର୍ବରୁ ପ୍ରତିଯୋଗିତାର ବିଷୟବସ୍ତୁ ପ୍ରଦାନ କରାଯିବ।
- ପ୍ରତିଯୋଗିତା କେବଳ ଓଡ଼ିଆ ଭାଷାରେ ଅନୁଷ୍ଠିତ ହେବ।
- ପ୍ରବନ୍ଧ ପ୍ରତିଯୋଗିତା ପାଇଁ ଉତ୍ତର ଖାତା ଯୋଗାଇ ଦିଆଯିବ। ପ୍ରତିଯୋଗୀମାନେ ସାଙ୍ଗରେ ପରିଚୟପତ୍ର / ପ୍ରଧାନଶିକ୍ଷକ / ପ୍ରଧାନଶିକ୍ଷୟିତ୍ରୀ/ ଅଧ୍ୟକ୍ଷ / ଅଧ୍ୟକ୍ଷାଙ୍କ ଅନୁମତିପତ୍ର ଆଣିବା ଆବଶ୍ୟକ।
- ପ୍ରତ୍ୟେକ ବର୍ଗରୁ ତିନିଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ତା୨୩।୦୧।୨୦୧୯ରିଖ ଦିନ ଆୟୋଜିତ ପ୍ରତିଯୋଗିତା ପାଇଁ ସେହିଦିନ ସନ୍ଧ୍ୟା ୬ଘଟିକା ସମୟରେ ଏବଂ ତା୨୪।୦୧।୨୦୧୯ରିଖ ପାଇଁ ସେହିଦିନ ସନ୍ଧ୍ୟା ୬ଘଟିକା ସମୟରେ ଜୟଦେବ ଭବନଠାରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ସଭାରେ ପ୍ରଦାନ କରାଯିବ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ
15001/13/0549/1819

# TAHASIL OFFICE BANGIRIPOSI

## LAND ACQUISITION OFFICER AND COMPETENT AUTHORITY NH- 18 PROJECT, BANGIRIPOSI, DIST- MAYURBHANJ

## PUBLIC NOTICE

ଜାତୀୟ ରାଜପଥ ଆଇନ୍ ୧୯୫୬ (Act 48 of 1956) ର ଧାରା-୩ (କ) ଉପଧାରା-୩ (୧) ମୁତାବକ ଯେହେତୁ, ଭାରତ ସରକାର ସଡ଼କ ଓ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ଦ୍ୱାରା ଜାତୀୟ ରାଜପଥ ନଂ-୧୮ର ରାଜ୍ୟର ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ବାଙ୍ଗିରିପୋଷି ତହସିଲର ଗହ୍ମାପୁର, ଜଗନ୍ନାଥଖୁଂଟା, କେନ୍ଦୁଡିଆ ଓ ଉଚ୍ଚଡ଼ିଆ ଗ୍ରାମ (ଝାରପୋଖରିଆ, ବାରିପଦା, ବାଲେଶ୍ୱର ସେକ୍ସନ)ର ସଂପ୍ରସାରଣ ନିମନ୍ତେ କେନ୍ଦ୍ର ସରକାରଙ୍କ ବ୍ୟୟରେ ନିମ୍ନ ତଫସିଲଭୁକ୍ତ ଜମିକୁ ସାର୍ବଜନୀନ ଉଦ୍ଦେଶ୍ୟରେ ଅଧିଗ୍ରହଣ କରିବା ଆବଶ୍ୟକ ହେଉଅଛି । ଯେହେତୁ ଜାତୀୟ ରାଜପଥ ଆଇନ ୧୯୫୬ ( ୧୯୫୬ର ୪୮ ନଂ ଆଇନ୍)ର ଧାରା ୩ (କ)ର ଉପଧାରା ଅନୁଯାୟୀ କେନ୍ଦ୍ର ସରକାର ତାଙ୍କ ଅଧିସୂଚନା ନଂ S.O. 6275 (E) ତା. ୨୧.୧୨.୨୦୧୮ ଦ୍ୱାରା ପ୍ରୋକ୍ତ ଉଦ୍ଦେଶ୍ୟରେ ପ୍ରକାଶ କରିଅଛନ୍ତି । ଏତଦ୍ୱାରା ତଫସିଲଭୁକ୍ତ ଜମିର ସତ୍ୱବାନ ବ୍ୟକ୍ତି, ଭୂମିମାଲିକ, ସ୍ୱାର୍ଥ ଥିବା ବ୍ୟକ୍ତିମାନଙ୍କୁ ଜଣାଇ ଦିଆଯାଉଛି ଯେ, ଏହି ଅଧିସୂଚନା ପ୍ରକାଶିତ ହେବାର ୨୧ (ଏକୋଇଶ) ଦିନ ମଧ୍ୟରେ ଉପରୋକ୍ତ ଉଦ୍ଦେଶ୍ୟରେ ବ୍ୟବହାର ନିମନ୍ତେ ଯଦି କୌଣସି ଆପତ୍ତି ଥାଏ ତାହାଲେ ସେ ନିଜେ କିମ୍ବା ତାଙ୍କ ଦ୍ୱାରା ବିଧିପୂର୍ବକ କ୍ଷମତାପନ୍ନ ବ୍ୟକ୍ତିଙ୍କ ଦ୍ୱାରା କାରଣ ସହ ଲିଖିତ ଭାବେ ତହସିଲଦାର ତଥା ଭୂ-ଅର୍ଜନ ଅଧିକାରୀ, ଜାତୀୟ ରାଜପଥ ପ୍ରକଳ୍ପ ନଂ. ୧୮, ବାଙ୍ଗିରିପୋଷି, ଜିଲ୍ଲା ମୟୂରଭଞ୍ଜଙ୍କ କାର୍ଯ୍ୟାଳୟ ଠିକଣାରେ ଉପରୋକ୍ତ ଆଇନର ଧାରା-୩ (ଗ)ର ଉପଧାରା (୧) ଅନୁସାରେ ଆପତ୍ତି ଦରଖାସ୍ତ ଦାଏର କରିପାରିବେ । ଏ ସମ୍ପର୍କରେ ଧାରା ୩ (ଗ)ର ଉପଧାରା (୨) ଅନୁଯାୟୀ କ୍ଷମତାପନ୍ନ ପ୍ରାଧିକାରୀଙ୍କ ଆଦେଶ ଚୂଡ଼ାନ୍ତ ବିବେଚିତ ହେବ ।

ଉକ୍ତ ଜମିର ଏକ ନକ୍ସା ଓ ଅନ୍ୟାନ୍ୟ ବିଶଦବିବରଣୀ ତହସିଲଦାର ତଥା ଭୂଅର୍ଜନ ଅଧିକାରୀ ତଥା କ୍ଷମତାପନ୍ନ ପ୍ରାଧିକାରୀ, ଭୂଅର୍ଜନ ପ୍ରକୋଷ୍ଠ (ଜାତୀୟ ରାଜପଥ) ଏନ୍.ଏଚ୍.-୧୮ ବାଙ୍ଗିରିପୋଷିଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ସର୍ବସାଧାରଣଙ୍କ ନିରୀକ୍ଷଣ କରିବା ନିମନ୍ତେ ଲଭ୍ୟ ହେଉଅଛି ।

**ସ୍ୱା: ତହସିଲଦାର ତଥା ଭୂଅର୍ଜନ ଅଧିକାରୀ**
**ତଥା କ୍ଷମତାପନ୍ନ ପ୍ରାଧିକାରୀ,**
**ଜାତୀୟ ରାଜପଥ-୧୮ ପ୍ରକଳ୍ପ, ବାଙ୍ଗିରିପୋଷି**

## MINISTRY OF ROAD TRANSPORT AND HIGHWAYS

## NOTIFICATION

**New Delhi, the 21st December, 2018**

**S.O: 6275 (E).**—In exercise of the powers conferred by sub-section (1) of section 3A of the National Highways Act, 1956 (48 of 1956) (hereinafter referred to as the said Act), the Central Government, after being satisfied that for the public purpose, the land, the brief description of which is given in the schedule below, is required for building (widening/Two-lane with paved shoulder/four laning etc.), maintenance, management and operation of National Highway No.18, on the stretch of land from Km.1.5 to Km. 7 (At- Bangiriposi, Po.- Bangiriposi, P/S- Bangiriposi, Dist.- Mayurbhanj) in the district of MAYURBHANJ in the State of ODISHA, hereby declares its intention to acquire such land.

Any person interested in the said land may, within twenty-one days from the date of publication of this notification in the Official Gazette, object to the use of such land for the aforesaid purpose under sub-section (1) of section 3C of the said Act.

Every such objection shall be made to the Competent Authority, namely, Competent Authority of Land Acquisition in writing and shall set out the grounds thereof and the Competent Authority shall give the objector an opportunity of being heard, either in person or by a legal practitioner, and may, after hearing all such objections and after making such further enquiry, if any, as the Competent Authority thinks necessary, by order, either allow or disallow the objections.

Any order made by the Competent Authority under sub-section (2) of section 3C of the said Act shall be final.

The land plans and other details of the land covered under this notification are available and can be inspected by the interested person at the aforesaid office of the Competent Authority.

**SCHEDULE**

**Brief description of the land to be acquired, with or without structure, falling NH 18 in the stretch of land from NH 18 (At- Bangiriposi, Po.- Bangiriposi, P/S- Bangiriposi, Dist.- Mayurbhanj) in the district of MAYURBHANJ in the State of ODISHA.**

**State : ODISHA District : MAYURBHANJ**

| Sl. No. | Survey/Plot Number | Type of land | Nature of Land | Area (in Local Unit) | Area (in Hectare) |
|---|---|---|---|---|---|
| **TALUK : BANGIRIPOSI** | | | | | |
| **VILLAGE : GAMHAPUR** | | | | | |
| 1 | 332/795 | Private | Sarad I | 0.0040469 (Hectare) | 0.0040469 |
| 2 | 391 | Private | Sarad I | 0.0023877 (Hectare) | 0.0023877 |
| 3 | 392/794 | Private | Gharabari | 0.0004046 (Hectare) | 0.0041279 |
| 4 | 419 | Private | Sarad I | 0.0004046 (Hectare) | 0.0149737 |
| 5 | 422 | Private | Sarad I | 0.0004046 (Hectare) | 0.0112100 |
| 6 | 443 | Private | Sarad I | 0.0040874 (Hectare) | 0.0040874 |
| 7 | 444 | Private | Sarad I | 0.0042493 (Hectare) | 0.0042493 |
| 8 | 448 | Private | Sarad I | 0.0031971 (Hectare) | 0.0031971 |
| 9 | 450 | Government | Patharabani | 0.0012140 (Hectare) | 0.0012140 |
| 10 | 593 | Private | Sarad III | 0.0008093 (Hectare) | 0.0008093 |
| 11 | 594 | Private | Sarad III | 0.0040469 (Hectare) | 0.0040469 |
| 12 | 596 | Government | Rasta | 0.0182112 (Hectare) | 0.0182112 |
| 13 | 598 | Private | Sarad II | 0.0036422 (Hectare) | 0.0036422 |
| 14 | 660 | Private | Sarad II | 0.0035613 (Hectare) | 0.0035613 |
| 15 | 661 | Private | Sarad III | 0.0404694 (Hectare) | 0.0404694 |
| 16 | 662 | Private | Sarad II | 0.0028329(Hectare) | 0.0028329 |
| 17 | 663 | Private | Sarad II | 0.0084986 (Hectare) | 0.0084986 |
| 18 | 664 | Private | Sarad II | 0.0307568 (Hectare) | 0.0307568 |
| **VILLAGE :JAGANNATHKHUNTA** | | | | | |
| 1 | 1007 | Private | Sarad II | 0.2590044 (Hectare) | 0.2590044 |
| 2 | 1008 | Private | Sarad II | 0.0404694 (Hectare) | 0.0404694 |
| 3 | 1010 | Government | Asu Dofasali | 0.0283286 (Hectare) | 0.0283286 |
| 4 | 1020 | Private | Sarad II | 0.1821125(Hectare) | 0.1821125 |
| 5 | 1021 | Private | Sarad II | 0.1295022 (Hectare) | 0.1295022 |
| 6 | 1024 | Private | Sarad II | 0.0566572 (Hectare) | 0.0566572 |
| 7 | 1025 | Private | Sarad II | 0.1052205 (Hectare) | 0.1052205 |
| 8 | 1031 | Private | Sarad II | 0.1456900 (Hectare) | 0.1456900 |
| 9 | 1031/2556 | Private | Sarad II | 0.0566572 (Hectare) | 0.0566572 |
| 10 | 1032 | Private | Sarad II | 0.0526103 (Hectare) | 0.0526103 |
| 11 | 1035 | Private | Sarad II | 0.1011736 (Hectare) | 0.1011736 |
| 12 | 1036 | Private | Sarad II | 0.0323755 (Hectare) | 0.0323755 |
| 13 | 1037 | Private | Sarad II | 0.0647511 (Hectare) | 0.0647511 |
| 14 | 1041 | Private | Sarad I | 0.0768919 (Hectare) | 0.0768919 |
| 15 | 1042 | Government (Bhanda) | Jalasaya I | 0.1456900 (Hectare) | 0.1456900 |
| 16 | 1043 | Government Rail Line Pakha) | Patharabani | 0.0242817 (Hectare) | 0.0242817 |
| 17 | 1044 | Private | Sarad I | 0.1254553 (Hectare) | 0.1254553 |
| 18 | 1044/2601 | Private | Sarad I | 0.1456900 (Hectare) | 0.1456900 |
| 19 | 1044/2602 | Private | Sarad I | 0.0323755 (Hectare) | 0.0323755 |
| 20 | 1045 | Government | Sarad I | 0.0242817 (Hectare) | 0.0242817 |
| 21 | 1046 | Private | Sarad I | 0.1133144 (Hectare) | 0.1133144 |
| 22 | 1047 | Private | Sarad I | 0.1537839 (Hectare) | 0.1537839 |
| 23 | 1047/3009 | Private | Sarad I | 0.1214083 (Hectare) | 0.1214083 |
| 24 | 1064 | Government (Bhanda) | Jalasaya I | 0.0283286 (Hectare) | 0.0283286 |
| 25 | 1438 | Government (Kachha Rasta) | Rasta | 0.0647511 (Hectare) | 0.0647511 |
| 26 | 1442 | Government (Kachha Rasta) | Rasta | 0.0647511 (Hectare) | 0.0647511 |
| 27 | 1443 | Private | Sarad II | 0.2144881 (Hectare) | 0.2144881 |
| 28 | 1444 | Private | Sarad II | 0.0526103 (Hectare) | 0.0526103 |
| 29 | 1445 | Private | Sarad II | 0.0080938 (Hectare) | 0.0080938 |
| 30 | 1446 | Private | Sarad II | 0.0283286 (Hectare) | 0.0283286 |
| 31 | 263/2501 | Private | Sarad I | 0.0016188 (Hectare) | 0.0016188 |
| 32 | 327 | Private | Sarad I | 0.0008093 (Hectare) | 0.0008093 |
| 33 | 328 | Private | Sarad I | 0.0016188 (Hectare) | 0.0016188 |
| 34 | 331/2628 | Private | Sarad I | 0.0008093 (Hectare) | 0.0008093 |
| 35 | 334 | Private | Sarad I | 0.0028329 (Hectare) | 0.0028329 |
| 36 | 350 | Private | Sarad I | 0.0012140 (Hectare) | 0.0012140 |
| 37 | 252 | Private | Sarad I | 0.0016188 (Hectare) | 0.0016188 |
| 38 | 353 | Private | Sarad I | 0.0004046 (Hectare) | 0.0004046 |
| 39 | 361 | Private | Sarad I | 0.0008093 (Hectare) | 0.0008093 |
| 40 | 380 | Private | Sarad I | 0.0016188 (Hectare) | 0.0016188 |
| 41 | 420 | Private | Sarad I | 0.0004046 (Hectare) | 0.0004046 |
| 42 | 422 | Private | Sarad I | 0.0016188 (Hectare) | 0.0016188 |
| 43 | 424 | Private | Sarad II | 0.0647511 (Hectare) | 0.0647511 |
| 44 | 428 | Private | Sarad I | 0.0008093 (Hectare) | 0.0008093 |
| 45 | 437 | Private | Sarad I | 0.0008093 (Hectare) | 0.0008093 |
| 46 | 438 | Private | Sarad I | 0.0016188 (Hectare) | 0.0016188 |
| 47 | 438/2545 | Private | Sarad I | 0.0728450 (Hectare) | 0.0728450 |
| 48 | 439 | Private | Sarad II | 0.0016188 (Hectare) | 0.0016188 |
| 49 | 583 | Private | Sarad II | 0.0012141 (Hectare) | 0.0012141 |
| 50 | 611/2680 | Private | Sarad II | 0.1092675 (Hectare) | 0.1092675 |
| 51 | 611/2681 | Private | Sarad II | 0.2468636 (Hectare) | 0.2468636 |
| 52 | 615 | Private | Sarad II | 0.0012141 (Hectare) | 0.0012141 |
| 53 | 628 | Private | Sarad II | 0.0004046 (Hectare) | 0.0004046 |
| 54 | 629 | Private | Sarad II | 0.0036422 (Hectare) | 0.0036422 |
| 55 | 939 | Private | Sarad II | 0.0040469 (Hectare) | 0.0040469 |
| 56 | 940 | Private | Sarad II | 0.0016188 (Hectare) | 0.0016188 |
| 57 | 940/2530 | Private | Sarad II | 0.0028323 (Hectare) | 0.0028323 |
| 58 | 941 | Private | Sarad II | 0.0032375 (Hectare) | 0.0032375 |
| 59 | 943 | Private | Sarad II | 0.0105220 (Hectare) | 0.0105220 |
| 60 | 948 | Private | Sarad II | 0.0012140 (Hectare) | 0.0012140 |
| **VILLAGE : KENDUDHIA** | | | | | |
| 1 | 83 | Private | Sarad II | 0.0080938 (Hectare) | 0.0080938 |
| 2 | 84 | Private | Sarad II | 0.0242816 (Hectare) | 0.0242816 |
| **VILLAGE : UNCHADIHA** | | | | | |
| 1 | 1038 | Private | Sarad I | 0.1011736 (Hectare) | 0.1011736 |
| 2 | 1039 | Private | Sarad I | 0.0485633 (Hectare) | 0.0485633 |
| 3 | 1039/1278 | Private | Sarad I | 0.0809388 (Hectare) | 0.0809388 |
| | | | **Total** | **3.6484** | **3.6484** |

**[F.No. NHAI/BOT/11012/58/2005/Pt./LA/NHI-5/Notifications/3a/3A]**

**RAJESH GUPTA, DY. SECY**

# ସାଙ୍ଗିଆ ପରିବର୍ତ୍ତନ

– ଡା. ସରୋଜିନୀ ଷଡ଼ଙ୍ଗୀ

**ନିଜ ସାଙ୍ଗିଆକୁ କିଏ ବା ଭଲ ନ ପାଏ । କାରଣ ନାଁ ପରେ ଏହା ବି ମଣିଷର ପରିଚୟ ପାଲଟିଥାଏ। ତେବେ ପୁରୁଷମାନଙ୍କ କ୍ଷେତ୍ରରେ ଏହା ଶୈଶବରୁ ଆରମ୍ଭ କରି ଜୀବନର ଶେଷ ସମୟ ଯାଏ ଅପରିବର୍ତ୍ତିତ ରହିଥିବା ବେଳେ ମହିଳାଙ୍କ କ୍ଷେତ୍ରରେ ଅନେକ ସମୟରେ ଏହା ବଦଳି ଯାଇଥାଏ...**







ନିଜ ନାଁ ପରେ ସାଙ୍ଗିଆ ହିଁ ମଣିଷକୁ ଦେଇଥାଏ ଏକ ସ୍ୱତନ୍ତ୍ର ପରିଚୟ, ସ୍ୱାଭିମାନ ଓ ସ୍ୱତନ୍ତ୍ର ଆତ୍ମବିଶ୍ୱାସ । ନାଁ ନ କହିଲେ ବି ଅନେକେ ନିଜ ସାଙ୍ଗିଆ ଦ୍ୱାରା ଚିହ୍ନଟ ହୋଇଥାନ୍ତି, ଯାହା ତାଙ୍କୁ ପାରିବାରିକ, ସାମାଜିକ ତଥା କର୍ମକ୍ଷେତ୍ରରେ ଏକ ଭିନ୍ନ ସ୍ୱତନ୍ତ୍ରତା ଦେଇଥାଏ । ନିଜ ସାଙ୍ଗିଆକୁ ସମସ୍ତେ ଭଲ ପାଇଥାନ୍ତି । ତେବେ ପୁରୁଷମାନଙ୍କ କ୍ଷେତ୍ରରେ ଏହା ଶୈଶବରୁ ଆରମ୍ଭ କରି ଜୀବନର ଶେଷ ସମୟ ଯାଏଁ ଅପରିବର୍ତ୍ତିତ ରହିଥିବା ବେଳେ ମହିଳାମାନଙ୍କ କ୍ଷେତ୍ରରେ ଅନେକ ସମୟରେ ଏହା ବଦଳି ଯାଇଥାଏ ।

"ସବୁବେଳେ ଝୁଲୁଥାଏ ପରିଚୟ ପତ୍ରଟିଏ ଝିଅର ଗଳାରେ । କେତେବେଳେ ପିତା ପୁଣି କେତେବେଳେ ପତି ଆଉ ପୁଣି କେତେବେଳେ ପୁଅଟିର ମାର୍ଫତରେ ରହିଥାଏ ନାରୀଟିଏ ।" ତେବେ ସାଙ୍ଗିଆ ପରିବର୍ତ୍ତନ କେତେ ଜରୁରୀ ? ଜନ୍ମ ହେବା ପରଠାରୁ ପିଲା ଦିନରୁ ନିଜ ପିତାଙ୍କର ସାଙ୍ଗିଆରେ ଝିଅଟିଏ ନାମିତ ହୋଇଥାଏ ଏବଂ ବାପଘରର ଏଇ ସାଙ୍ଗିଆଟିକୁ ନାଁ ପଛରେ ଯୋଡି ଦେଲା ପରେ ତାକୁ ସ୍ୱର୍ଗ ଦି' ଅଙ୍ଗୁଳି ଭଳି ଲାଗିଥାଏ । ବେଳେ ବେଳେ ବାପଘରର ନାମ, ସାଙ୍ଗିଆ ଓ ଗୋତ୍ର ତା'ର ଏତେ ପ୍ରିୟ ହୋଇଥାଏ ଯେ' ସେ ଶାଶୁଘରେ ରହି ମଧ୍ୟ ବାପଘର ସାଙ୍ଗିଆକୁ ସାରା ଜୀବନ ଭୁଲି ପାରେ ନାହିଁ । ପିଲା ଦିନୁ ଝିଅଟି ବାପାଙ୍କ କେୟାର ଅଫ୍‌ରେ ଥିବା ବେଳେ ଯୌବନରେ ସ୍ୱାମୀ, ପୌଢ଼ ବୟସରେ ପୁଅ ଏବଂ ବେଳେ ବେଳେ ନାତି ନାତୁଣୀଙ୍କର କେୟାର ଅଫ୍‌ରେ ମଧ୍ୟ ସେ ଚିହ୍ନିତ ହୋଇଥାଏ ।

ବେଳେ ବେଳେ ଏମିତି ମଧ୍ୟ ପରିସ୍ଥିତି ଉପୁଜିଥାଏ, ଯେଉଁଠାରେ ଝିଅଟିଏ ବିବାହ ପରେ ଘର ସଂସାର ଓ ସନ୍ତାନ ସନ୍ତତିଙ୍କର ଜଞ୍ଜାଳରେ ପଡ଼ି ଅମୁକର ସ୍ତ୍ରୀ, ଅମୁକର ବୋହୂ, ଅମୁକର ମା' ବୋଲି ପରିଚୟଟିଏ ପାଇଥାଏ ଏବଂ କାମ କରୁ କରୁ ସକାଳ ପାହି ରାତି ହୋଇଯାଏ ସିନା ନିଜକୁ ମନେ ପକାଇବା ପାଇଁ ସେ ଆଦୌ ସମୟ ପାଏ ନାହିଁ । ସାଙ୍ଗିଆ କଥା ଛାଡ଼ନ୍ତୁ ତା' ନିଜ ନାଁ ମଧ୍ୟ ନାରୀଟିଏ ବେଳେବେଳେ ଭୁଲିଯାଏ ।

ତେବେ ବିବାହ ପରେ ସାଙ୍ଗିଆ ପରିବର୍ତ୍ତନ ପାଇଁ କାହିଁକି ନାରୀଟିକୁ ବାଧ୍ୟ କରାଯାଏ ? ଆମ ଦେଶରେ ବୈଦିକ ଯୁଗରୁ ଆରମ୍ଭ କରି ଆଧୁନିକ ଯୁଗ ଯାଏ ସବୁ ସ୍ଥାନରେ ପିତୃକୈନ୍ଦ୍ରିକ ପରିବାରକୁ ଗୁରୁତ୍ୱ ଦିଆଯାଏ, ଯେଉଁଠି ପିତାଙ୍କୁ, ସ୍ୱାମୀଙ୍କୁ ତଥା ପୁରୁଷ ଓ ଗୁରୁଜନମାନଙ୍କୁ ସମ୍ମାନ କରାଯାଏ ଏବଂ ପରିବାରର ମୁଖ୍ୟ ଭାବେ ବିବେଚନା କରାଯାଏ । ତେଣୁ ତାଙ୍କରି ସାଙ୍ଗିଆ ହିଁ ପୁଅ ଝିଅ ସମସ୍ତେ ନେଇଥାନ୍ତି । ବିବାହ ପରେ ଝିଅ ଅନ୍ୟ ଏକ ଗୋତ୍ର ଓ ଅନ୍ୟ ଏକ ପରିବାରର ବୋହୂ ହୋଇ ଚାଲିଯାଏ ଏବଂ ମନକୁମନ ତା ସାଙ୍ଗିଆ ବଦଳିଯାଏ । କିନ୍ତୁ ଏବେ ଯୁଗ ବଦଳି ଯାଇଛି, ବଦଳି ଯାଇଛି ସମ୍ପର୍କର ପରିଭାଷା ଏବଂ ବଦଳି ଯାଇଛି ଝିଅଟି ସାକ୍ଷର ହେବା ପରେ କର୍ମଜୀବୀ ଭାବେ କାମ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ଖୋଜି ପାଇବା ।

ଏବେ ନାରୀଟିଏ ପୁରୁଷମାନଙ୍କ ସହ ତାଳ ମିଳାଇ ପାଠପଢ଼ା କ୍ଷେତ୍ରଠାରୁ ଆରମ୍ଭ କରି ଚାକିରି କ୍ଷେତ୍ରରେ ସମାନ ସ୍ଥାନ ଓ ଅଧିକାର ପାଇବାକୁ ହକ୍‌ଦାର ହୋଇ ପାରୁଛି । ଅନେକ କ୍ଷେତ୍ରରେ ଏଇ ସ୍ୱାତନ୍ତ୍ର୍ୟତା ବଜାୟ ରଖିବା ଲାଗି ସେ ସାଙ୍ଗିଆ ପରିବର୍ତ୍ତନ କରିବାକୁ ଚାହୁଁନାହିଁ । କାଳେ ଏହା ପରିବର୍ତ୍ତନ କଲେ ତାକୁ କେହି ଚିହ୍ନିପାରିବେ ନାହିଁ, ତା'ର ପଦମର୍ଯ୍ୟାଦାରେ ଆଞ୍ଚ ଆସିବ କିମ୍ବା ନିଜ ଆତ୍ମମର୍ଯ୍ୟାଦା ବଳି ପଡିଯିବ, ନିଜର ନିଜତ୍ୱ ହଜିଯିବ ଇତ୍ୟାଦି ଇତ୍ୟାଦି । ଆଉ କେତେକ କ୍ଷେତ୍ରରେ ସେ ଏତେଦିନ ଧରି ପରିଚୟ ପାଇ ଆସିଥିବା କୁମାରୀ ନାଁଟିକୁ ହଜେଇ ଦେବାକୁ ମଧ୍ୟ ଚାହେଁ ନାହିଁ । ସେଥିପାଇଁ ଅନେକ ନାରୀ ନିଜ ନାଁ ଓ ସାଙ୍ଗିଆ ପରିବର୍ତ୍ତନ କରନ୍ତି ନାହିଁ । ଏହାଛଡ଼ା ମାଟ୍ରିକ ପରୀକ୍ଷା ତଥା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ରରେ ନିଜ ବାପଘର ନାଁ ଓ ସାଙ୍ଗିଆ ଥାଏ, ସାଙ୍ଗିଆ ବଦଳେଇଲେ ସାର୍ଟିଫିକେଟ୍ ମଧ୍ୟ ନୂଆ ନାଁରେ ବଦଳାଇବାକୁ ପଡିଥାଏ ତେଣୁ କେତେକ ସ୍ଥଳରେ ଅସୁବିଧା ହୋଇଥାଏ ।

ତେବେ ପ୍ରଶ୍ନ ଉଠେ, ଯେଉଁଠି ସ୍ୱାମୀ, ଶାଶୁ, ଶ୍ୱଶୁର ଓ ଅନ୍ୟାନ୍ୟ ଗୁରୁଜନମାନେ ସାଙ୍ଗିଆ ପରିବର୍ତ୍ତନ ପାଇଁ ଏକଦମ୍ ଜୋର୍ ଜବରଦସ୍ତି କରନ୍ତି ଓ ନାରୀଟିଏ ନିଜ ଅନିଚ୍ଛା ସତ୍ତ୍ୱେ ସାଙ୍ଗିଆ ପରିବର୍ତ୍ତନ କରିବାକୁ ବାଧ୍ୟ ହୁଏ । ଅପରପକ୍ଷରେ ଯେଉଁ ଝିଅ ବାହାଘର ଆଗରୁ ବାପାଙ୍କୁ ନିଜର ଗୁରୁଜନ ଭାବରେ ମାନୁଥାଏ, ଶାଶୁଘରେ ମଧ୍ୟ ସ୍ୱାମୀ ଓ ଶ୍ୱଶୁରଙ୍କୁ ଗୁରୁଜନ ଭାବେ ଶ୍ରେୟତା ଦେଇଥାଏ, ସେ ସ୍ଥିତିରେ ତାଙ୍କ ସାଙ୍ଗିଆ ଅନୁସାରେ ନାରୀଟିର ସାଙ୍ଗିଆ ପରିବର୍ତ୍ତନ କଲେ ସେ କିଛି ଅସୁବିଧା ଅନୁଭବ କରେ ନାହିଁ ବରଂ ସେ ଏହି ପରମ୍ପରାକୁ ଆଦରରେ ଆପଣେଇ ନେଇଥାଏ । କେବଳ ସାଙ୍ଗିଆ ପରିବର୍ତ୍ତନ କଲେ ତ ନିଜତ୍ୱ ହଜିଯାଏ ନାହିଁ ବା ସିଏ ନିଜକୁ ହଜାଇ ଦିଏ ନାହିଁ ବରଂ ଏକ ବଳିଷ୍ଠ ବ୍ୟକ୍ତିତ୍ୱରେ ସେ ଉଜ୍ଜ୍ୱଳ ହୋଇଥାଏ ।

ତେବେ ଗୋଟିଏ କଥା ମନେ ରଖିବାକୁ ହେବ, ଗୋଟିଏ ବ୍ୟକ୍ତି ବିଶେଷ ସେ ନାରୀ ହେଉ କି ପୁରୁଷ ତା'ର ନାଁ ଓ ତା'ର ବ୍ୟକ୍ତିତ୍ୱରେ ହିଁ ସେ ଚାରିଆଡ଼େ ଚିହ୍ନଟ ହୋଇଥାଏ, ତା'ର ଯଶ, କୀର୍ତ୍ତି, ଜ୍ଞାନ ଓ ଗରିମାରେ ବଡ଼ ହୋଇଥାଏ । ତା ପାଇଁ ଜରୁରୀ ହୁଏ ନାହିଁ ସାଙ୍ଗିଆ , କେବଳ ନାଁ ହିଁ ତା' ପାଇଁ ଯଥେଷ୍ଟ । ତେଣୁ ସାଙ୍ଗିଆ ପରିବର୍ତ୍ତନ କିଛି ବଡକଥା ନୁହେଁ କି ନିଜତ୍ୱ ହରାଇବାର ମାପକାଠି ନୁହଁ ଏହା କେବଳ ନୂତନ ପୋଷାକ ପରିବର୍ତ୍ତନ କରିବା ଭଳି ଏକ ଚମତ୍କାର ବେହରଣଟିଏ ମାତ୍ର । ନାରୀଟିଏ ତା'ର ନିଜସ୍ୱ ବ୍ୟକ୍ତିତ୍ୱରେ, ନିଜସ୍ୱ ସତ୍ତାରେ, ନିଜର ଚମତ୍କାରିତାରେ ଓ ସୁନ୍ଦର ନାଁଟିରେ ଚିର ଜାଜ୍ଜ୍ୱଲ୍ୟମାନ ହୋଇ ରହିଥାଏ । ସାଙ୍ଗିଆ ପରିବର୍ତ୍ତନ ଏକ ନିମିତ୍ତ ମାତ୍ର ।

– ଲିଙ୍କ୍‌ରୋଡ, କଟକ
ମୋ–୯୪୩୭୦୫୫୦୦୭



# ଫିଟ୍ ରଖେ ଯୋଗାସନ

- ଯୋଗ କରିବା ସମୟରେ ବିଭିନ୍ନ ଯୋଗମୁଦ୍ରା ଏବଂ ଶ୍ୱାସକ୍ରିୟା ମଧ୍ୟରେ ସାମଞ୍ଜସ୍ୟ ଯୋଗୁ ଶରୀରର ରକ୍ତ ସଞ୍ଚାଳନ ପ୍ରକ୍ରିୟା ସୁଚାରୁରୂପେ ହୋଇଥାଏ । ଫଳରେ ଶରୀରରେ ଅମ୍ଳଜାନ ଏବଂ ପୋଷକ ତତ୍ତ୍ୱ ଭଲ ଭାବେ ପହଞ୍ଚିବା ଯୋଗୁ ତ୍ୱଚା ଏବଂ ଅନ୍ତଃ ଅଙ୍ଗଗୁଡିକ ମଧ୍ୟ ସୁସ୍ଥ ରହିଥାଏ ।
- ନିୟମିତ ଯୋଗାସନ ମାନସିକ ସନ୍ତୁଳନ ରକ୍ଷା କରିଥାଏ । ଫଳରେ ମସ୍ତିଷ୍କର କାର୍ଯ୍ୟଦକ୍ଷତା ବୃଦ୍ଧି ହୋଇଥାଏ । ଚିଡିଚିଡା ପଣ, ଅବସାଦ ଆଦି ଦୂର ହୋଇ ମାନସିକ ଶାନ୍ତି ମିଳିଥାଏ ।
- ଶରୀରରେ ହରମୋନ୍ ପରିବର୍ତ୍ତନ ଯୋଗୁ ବିଶେଷ କରି ଋତୁସ୍ରାବ ବିରତି ପରେ ହେଉଥିବା ସ୍ୱାସ୍ଥ୍ୟ ସମସ୍ୟା ଦୂର କରିବାରେ ଯୋଗାସନ ସାହାଯ୍ୟ କରିଥାଏ । ଶରୀରରେ ନମନୀୟତା ଏବଂ ଶକ୍ତି ବୃଦ୍ଧିପାଉଥିବାରୁ ପିଠି, ଆଣ୍ଠୁ ଗଣ୍ଠି, ବେକ ଆଦି ସ୍ଥାନରେ ହେଉଥିବା ଯନ୍ତ୍ରଣା ଶୀଘ୍ର ଭଲ ହୋଇଯାଇଥାଏ ।
- ବିଭିନ୍ନ ଯୋଗାସନ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟର ଉନ୍ନତି କରିବା ସହ ମଣିଷକୁ ନୀରୋଗ, ଗତିଶୀଳ ଏବଂ ଖୁସି ରଖିଥାଏ ।
- ବର୍ତ୍ତମାନ ମେଦବହୁଳତା ପାଲଟିଛି ଅଧିକାଂଶ ମହିଳାଙ୍କ ଲାଗି ଏକ ବଡ ସମସ୍ୟା । ଏଥିଯୋଗୁ ଡାଇବେଟିସ୍, ରକ୍ତଚାପ ଭଳି ସମସ୍ୟା କମାଇ ଫିଟ୍ ରଖିବା ଲାଗି ଯୋଗାସନ କରିବା ବେଶ୍ ଲାଭଦାୟକ ।
- ଯୋଗାସନ କରିବାଦ୍ୱାରା ହାର୍ଟ ଏବଂ ଧମନୀ ସୁସ୍ଥ ରହିଥାଏ । ଅପରପକ୍ଷେ ରକ୍ତ ସଞ୍ଚାଳନ ଭଲ ଭାବେ ହେବା କାରଣରୁ ମଧ୍ୟ ହୃଦ୍‌ରୋଗ ଆଶଙ୍କା କମିଥାଏ ।
- ନିୟମିତ ଯୋଗାଭ୍ୟାସ କଲେ ଦୃଷ୍ଟିଶକ୍ତି ଏବଂ ପାଚନଶକ୍ତି ବୃଦ୍ଧି ପାଇଥାଏ ।
- ଏହା ମାଂସପେଶୀଗୁଡିକୁ ଶକ୍ତି ପ୍ରଦାନ କରିବା ସହ ମେଦ ହ୍ରାସ ଏବଂ ପତଳା ଶରୀରକୁ ବଳିଷ୍ଠ କରିଥାଏ ।
- ମାସିକ ଋତୁସ୍ରାବ ସମୟରେ ଯନ୍ତ୍ରଣା କମାଇବାରେ ମଧ୍ୟ ଯୋଗାସନ ଫଳପ୍ରଦ । କେବଳ ଏତିକି ନୁହେଁ ନିୟମିତ ଯୋଗ କରିବା ଦ୍ୱାରା ସ୍ତନକର୍କଟ ଆଶଙ୍କା ମଧ୍ୟ କମିଥାଏ ।
- ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢାଇଥାଏ । ଏହା ନିଦ୍ରାହୀନତା ସମସ୍ୟା ଭୋଗୁଥିବା ମହିଳାଙ୍କ ଲାଗି ଅତି ଉତ୍ତମ ।
- ଯୋଗ କରିବା ଦ୍ୱାରା ଚର୍ମ ଚିକ୍କଣ ଏବଂ ସୁନ୍ଦର ରହିବା ସହ କେଶ ମଜଭୁତ ରହିଥାଏ । ଶରୀର ଗଠନକୁ ସୁଠାମ କରିଥାଏ ।

*ଦୈନିକ ଯୋଗାସନ କରିବା ମହିଳାଙ୍କ ଲାଗି ବେଶ୍ ଲାଭପ୍ରଦ। ଏହା ଶରୀରକୁ ଫିଟ୍ ଏବଂ ରୋଗମୁକ୍ତ ରଖିବାରେ ସାହାଯ୍ୟ କରିଥାଏ। ଆସନ୍ତୁ ଜାଣିବା ଏହାର ବିଭିନ୍ନ ଉପକାରିତା ସମ୍ପର୍କରେ...*



ଖାଦ୍ୟ ରୁଚି

# କଡ଼ାଇ ମଶ୍ରୁମ୍

## ଆବଶ୍ୟକ ସାମଗ୍ରୀ

୨୦୦ ଗ୍ରାମ୍ ବଟନ୍ ମଶ୍ରୁମ୍, ୧/୨ କପ୍ କଟା ହୋଇଥିବା କ୍ୟାପ୍ସିକମ୍, ୧ ଟିସ୍ପୁନ୍ ଧନିଆ, ଗୋଟିଏ ଶୁଖିଲା ଲାଲ୍ ଲଙ୍କା(ମଞ୍ଜି ବାହାର କରି ୩–୪ ଖଣ୍ଡ ହୋଇଥିବା), ଗୋଟିଏ ଗୁଜୁରାତି, ୧/୨ ଇଞ୍ଚ ଡାଲଚିନି ଖଣ୍ଡ, ଗୋଟିଏ ବଡ ପିଆଜ କଟା ହୋଇଥିବା, ୨ଟି ଟମାଟୋ କଟା ହୋଇଥିବା, ୧ ଟିସ୍ପୁନ୍ ଅଦା ରସୁଣ ପେଷ୍ଟ, ୧/୨ ଟିସ୍ପୁନ୍ ଲାଲ୍ ଲଙ୍କା ପାଉଡର, ଚିମୁଟାଏ ହଳଦୀ ଗୁଣ୍ଡ, ୧/୨ ଟିସ୍ପୁନ୍ କସ୍ତୁରୀ ମେଥି, ୧/୪ କପ୍ କ୍ଷୀର, ୧/୨ କପ୍ ପାଣି, ୧.୫ ଟେବ୍‌ଲସ୍ପୁନ୍ ତେଲ, ୧ ଟେବ୍‌ଲସ୍ପୁନ୍ ବଟର, ଲୁଣ ସ୍ୱାଦାନୁସାରେ ।

## ପ୍ରସ୍ତୁତି ପ୍ରଣାଳୀ

ମଶ୍ରୁମ୍‌କୁ ଭଲ ଭାବେ ଧୋଇ କାଟି ଦିଅନ୍ତୁ । ଚୁଲାରେ କଡେଇ ବସାଇ ୧/୨ ଟେବ୍‌ଲସ୍ପୁନ୍ ତେଲ ଗରମ କରି ସେଥିରେ କଟା ମଶ୍ରୁମ୍ ପକାଇ ୩–୪ ମିନିଟ୍ ଭାଜନ୍ତୁ । ସେଥିରେ କଟା କାପ୍ସିକମ୍ ଏବଂ ଲୁଣ ପକାଇ ଭାଜନ୍ତୁ । ମଶ୍ରୁମ୍‌ରୁ ପାଣି ଶୁଖିଯିବା ଏବଂ କ୍ୟାପ୍ସିକମ୍ ନରମ ହୋଇଯିବା ଯାଏ ଭାଜନ୍ତୁ । ଏହାକୁ ଏକ ପ୍ଲେଟ୍‌ରେ କାଢି ଦିଅନ୍ତୁ । କଡେଇରେ ୧ ଟେବ୍‌ଲସ୍ପୁନ୍ ତେଲ ଗରମ କରି ସେଥିରେ ଧନିଆ, ଶୁଖିଲା ଲଙ୍କା, ଗୁଜୁରାତି ଏବଂ ଡାଲଚିନି ପକାଇ ଭାଜନ୍ତୁ । ଭାଜି ହୋଇଗଲେ ସେଥିରେ କଟା ପିଆଜ, ଅଦା ରସୁଣ ପେଷ୍ଟ ପକାଇ ଭାଜନ୍ତୁ । ଏହା ହାଲୁକା ଲାଲ୍ ହେବା ପରେ କଟା ଟମାଟୋ ଏବଂ ଲୁଣ ପକାଇ ନରମ ହେବାଯାଏ ଭାଜନ୍ତୁ । ଗ୍ୟାସ୍ ବନ୍ଦ କରି କିଛି ସମୟ ଛାଡି ଦିଅନ୍ତୁ । ଥଣ୍ଡା ହୋଇଯିବା ପରେ ଏହାକୁ ଗ୍ରାଇଣ୍ଡ କରିଦିଅନ୍ତୁ ।

ପୁନର୍ବାର ଗ୍ୟାସ୍‌ରେ କଡେଇ ବସାଇ ସେଥିରେ ଏକ ଚାମଚ ବଟର ଗରମ କରନ୍ତୁ । ସେଥିରେ ଗ୍ରାଇଣ୍ଡ ହୋଇଥିବା ପେଷ୍ଟ, ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ ପକାଇ ଘାଣ୍ଟନ୍ତୁ । ୨ମିନିଟ୍ ପର୍ଯ୍ୟନ୍ତ ଏହାକୁ ଘାଣ୍ଟିବା ପରେ ସେଥିରେ ପୂର୍ବରୁ ଭାଜି ରଖିଥିବା ମଶ୍ରୁମ୍ ଏବଂ କ୍ୟାପ୍ସିକମ୍ ପକାଇ ୨–୩ ମିନିଟ୍ ଭଲ ଭାବେ ଗୋଳାନ୍ତୁ । ସେଥିରେ ଦେଢ କପ୍ ପାଣି ଦେଇ ୪–୫ ମିନିଟ୍ ଫୁଟାନ୍ତୁ । ବହଳିଆ ହେବା ପରେ ସେଥିରେ ୧/୪ କପ୍ କ୍ଷୀର ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ । ଶେଷରେ ଉପରେ କସ୍ତୁରୀ ମେଥି ପକାଇ ଗୋଳାନ୍ତୁ ଏବଂ ଗ୍ୟାସ୍ ବନ୍ଦ କରିଦିଅନ୍ତୁ । ପ୍ରସ୍ତୁତ ହୋଇଗଲା କଡେଇ ମଶ୍ରୁମ୍ । ଏହାକୁ ପରଟା, ବଟର ନାନ୍ ଆଦି ସହିତ ଖାଇବାର ମଜା ନିଅନ୍ତୁ ।

ସୌନ୍ଦର୍ଯ୍ୟ

**ଶୀତଦିନେ ଅଧିକାଂଶ ଗାଧୋଇବା ଲାଗି ଗରମ ପାଣି ବ୍ୟବହାର କରିଥାନ୍ତି। ଯଦିଓ ଏହା ଆରାମଦାୟକ, ହେଲେ ଏଥି ଯୋଗୁ ତ୍ୱଚା ଡ୍ରାଏ ହେବା, ଫାଟିବା ଏବଂ କଳା ପଡିବା ସମସ୍ୟା ଦେଖା ଦେଇଥାଏ। ତେଣୁ କେଉଁ ଉପାୟ ଆପଣାଇଲେ ଆପଣ ଗରମ ପାଣିରେ ଗାଧେଇବାର ସୁବିଧା ନେବା ସହ ପୂର୍ବ ପରି ତ୍ୱଚାର ଗ୍ଲୋ ରକ୍ଷା କରିପାରିବେ, ଜାଣି ରଖନ୍ତୁ ସେ ସମ୍ପର୍କରେ...**

# ଶୀତରେ ବି ରହିବ ଗ୍ଲୋ





➢ ସାବୁନ ବଦଳରେ ଲିକ୍ୱିଡ୍ ବଡି ୱାଶ୍ ବ୍ୟବହାର କରନ୍ତୁ । ବର୍ତ୍ତମାନ ଶୀତଦିନ ଲାଗି ବିଭିନ୍ନ କମ୍ପାନୀର ମଶ୍ଚରାଇଜର ବେସ୍‌ଡ ସାୱାର୍ ଜେଲ୍ ମଧ୍ୟ ଉପଲବ୍ଧ, ଯାହା ମଧ୍ୟ ଆପଣଙ୍କ ତ୍ୱଚାକୁ ଡ୍ରାଏ ହେବାକୁ ଦେବ ନାହିଁ ।

➢ ଏହି ଦିନେ ସପ୍ତାହରେ ଅତନ୍ତଃ ଦୁଇଥର ବେସନ ଏବଂ କ୍ଷୀର ପ୍ୟାକ୍ ଲଗାନ୍ତୁ । ଗାଧୋଇବା ପୂର୍ବରୁ ଏହି ପ୍ୟାକ୍‌କୁ ସାରା ଶରୀରରେ ଲଗାଇ କିଛି ସମୟ ରଖିବା ପରେ ସାବୁନ ବଦଳରେ କେବଳ ପାଣିରେ ହାଲୁକା ରଗଡି ଧୋଇ ଦିଅନ୍ତୁ । ଏହା ତ୍ୱଚାର ଡ୍ରାଏନେସ୍ ଦୂର କରି ଗ୍ଲୋ ବଢାଇବା ସହ ରଙ୍ଗ ସଫା କରିବାରେ ସାହାଯ୍ୟ କରିବ ।

➢ ଯଦି ଆପଣ ଗାଧୋଇବାର ଅଧଘଣ୍ଟା ପୂର୍ବରୁ ଦେହରେ ଭଲ ଭାବେ ତେଲ ମସାଜ କରିବେ ତେବେ ତ୍ୱଚା ଆଦୌ ରୁକ୍ଷ ହେବ ନାହିଁ ।

➢ କ୍ଷୀରରେ ଅଧିକ ପରିମାଣରେ ମଶ୍ଚରାଇଜିଂ ତତ୍ତ୍ୱ ଭରି ରହିଛି, ଯାହାକି ତ୍ୱଚାର ଡ୍ରାଏନେସ୍ ଦୂର କରିବା ସହ ରଙ୍ଗ ମଧ୍ୟ ଗୋରା କରାଇଥାଏ । ତେଣୁ ଏକ ତୁଳା ସାହାଯ୍ୟରେ କ୍ଷୀର ନେଇ ମୁହଁ ଏବଂ ଦେହରେ ଭଲ ଭାବେ ଘଷି ଘଷି ଲଗାନ୍ତୁ । କିଛିସମୟ ରଖିବା ପରେ ଗାଧେଇ ପଡନ୍ତୁ ।



❝ ଭାରତୀୟ ଅଟୋମୋବାଇଲ ଶିଳ୍ପ ନିରନ୍ତର ଭିତ୍ତିରେ ଅଭିବୃଦ୍ଧି ହାସଲ କରୁଥିବା ବେଳେ ନୂତନତ୍ୱ ସହ ଆଗକୁ ବଢୁଛୁ।
– କେନିଚି ଆୟୁକାୱାୟା, ପରିଚାଳନା ନିର୍ଦ୍ଦେଶକ, ମାରୁତି ସୁଜୁକି ଇଣ୍ଡିଆ



❝ ଗୁଣବତ୍ତାଯୁକ୍ତ ପ୍ରଡକ୍ଟ ଦ୍ୱାରା ଗତ ୫ ଦଶନ୍ଧି ଧରି ଗ୍ରାହକଙ୍କ ବିଶ୍ୱାସ ଜିଣିବାକୁ ସକ୍ଷମ ହୋଇଛୁ।
– ସୁଦିପ ଶାହ, ମୁଖ୍ୟ ମାର୍କେଟିଂ ଅଧିକାରୀ, ଆମ୍‌ୱେ ଇଣ୍ଡିଆ

## ସଂକ୍ଷେପରେ

### ଚଳିତ ବର୍ଷରୁ ଭାରତର ଜିଡିପି ବୃଦ୍ଧି ପାଇବ: ଆଇଏମ୍‌ଏଫ୍



**ୱାଶିଂଟନ,୨୧-୧:** ଭାରତୀୟ ଅର୍ଥନୀତି ଅଭିବୃଦ୍ଧି(ଜିଡିପି) ହାର ଚଳିତ ବର୍ଷ ୭.୫% ତଥା ୨୦୨୦ରେ ୭.୭ ପ୍ରତିଶତ ରହିବ ବୋଲି ଅନୁମାନ କରାଯାଉଛି। ଅନ୍ତରାଷ୍ଟ୍ରୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍) ସୋମବାର ଏ ସଂକ୍ରାନ୍ତରେ ଏକ ରିପୋର୍ଟ ଜାରି କରିଛି। ଏଥିରେ କୁହାଯାଇଛି ଯେ, ଚଳିତବର୍ଷଠାରୁ ଭାରତର ଜିଡିପି ହାର ବୃଦ୍ଧି ପାଇବ। ଏଥିରେ କୁହାଯାଇଛି ଯେ, ଚାଇନା ତୁଳନାରେ ଭାରତର ଜିଡିପି ୧% ଅଧିକ ରହିବ। ଅପରପକ୍ଷରେ ଚାଇନାର ଜିଡିପି ୨୦୧୯ ଓ ୨୦୨୦ରେ ୬.୨% ରହିବାର ସମ୍ଭାବନା ରହିଛି। ଆଇଏମ୍‌ଏଫ୍ ରିପୋର୍ଟରେ କୁହାଯାଇଛି ଯେ, ବିଶ୍ୱରେ ଭାରତର ଅର୍ଥନୀତି ସବୁଠାରୁ ଦ୍ରୁତ ରହିବ। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ହ୍ରାସ ପାଇବା ତଥା ମୁଦ୍ରାସ୍ଫୀତି ଚାପ କମିବା କାରଣରୁ ମୁଦ୍ରାନୀତି କୋହଳ ରହିବ।

### ପଲିସିଧାରୀଙ୍କୁ କିସ୍ତିରେ ମିଳିପାରେ ଦୁର୍ଘଟଣା-ସ୍ୱାସ୍ଥ୍ୟ ବୀମା ଦାବି

**ନୂଆଦିଲ୍ଲୀ,୨୧-୧:** ଦୁର୍ଘଟଣା ଓ ଲାଭ ଆଧାରିତ ସ୍ୱାସ୍ଥ୍ୟ ବୀମାର ଦାବି କରିଥିବା ପଲିସିଧାରୀଙ୍କୁ ସମ୍ପୃକ୍ତ ବୀମା କମ୍ପାନୀ ଏକତ୍ର ବୀମାରାଶି ଦେବା ବଦଳରେ କିସ୍ତିରେ ପ୍ରଦାନ କରିବ। ବୀମା କରିବା ବେଳେ ପଲିସିଧାରୀ ଏ ସମ୍ପର୍କରେ ସେମାନଙ୍କ ଇଚ୍ଛା ଜଣାଇପାରିବେ। ଏଭଳି ଏକ ସୁପାରିସ ସ୍ୱତନ୍ତ୍ର କମିଟି ପକ୍ଷରୁ କରାଯାଇଛି। ବୀମା ନିୟନ୍ତ୍ରକ ଆଇଆର୍‌ଡିଏଆଇ ଏହାକୁ ଗ୍ରହଣ କଲେ ନୂଆ ନିୟମ ଖୁବଶୀଘ୍ର ଲାଗୁ ହୋଇଯିବ। ଏକାଧିକ ସାଧାରଣ/ସ୍ୱାସ୍ଥ୍ୟ ବୀମା କମ୍ପାନୀଗୁଡ଼ିକ ପଲିସିଧାରୀଙ୍କୁ ଏଭଳି ସୁବିଧା ଦେବା ଲାଗି ଇଚ୍ଛା ପ୍ରକାଶ କରିଛନ୍ତି।

### ଆଇଡିବିଆଇ ବ୍ୟାଙ୍କର ୫୧% ଶେୟାର କିଣିଲା ଏଲ୍‌ଆଇସି

ନୂଆଦିଲ୍ଲୀ,୨୧-୧

ଆଇଡିବିଆଇ ବ୍ୟାଙ୍କର ୫୧% ଶେୟାରକୁ ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) କ୍ରୟ କରିଛି। ଫଳରେ ଏଲ୍‌ଆଇସି ଦ୍ୱାରା ଆଇଡିବିଆଇ ବ୍ୟାଙ୍କ ଅଧିଗ୍ରହଣ ପ୍ରକ୍ରିୟା ଶେଷ ହୋଇଛି। ଏହା ସହ ଏଲ୍‌ଆଇସି ନୂଆ କରି ବ୍ୟାଙ୍କିଙ୍ଗ ଶିଳ୍ପରେ ପ୍ରବେଶ କରିଛି। ବର୍ତ୍ତମାନ ଆଇଡିବିଆଇ ଏକ ଘରୋଇ ବ୍ୟାଙ୍କରେ ପରିଣତ ହେବା ସହ ଦେଶରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ପରିମାଣ ୨୦କୁ ଖସିଛି। ବ୍ୟାଙ୍କରେ ରହିଥିବା ସରକାର ତାଙ୍କର ଅଧିକାଂଶ ଅଂଶଧନକୁ ଏଲ୍‌ଆଇସିକୁ ହସ୍ତାନ୍ତର କରିଛନ୍ତି। ଏହି ଡିଲ୍ ସମ୍ପର୍କରେ ଜୁନ୍ ୨୦୧୮ରେ ନିଷ୍ପତ୍ତି ହୋଇଥିଲା। ଏହାଦ୍ୱାରା ଉଭୟ ପକ୍ଷଙ୍କ ଲାଗି ସୁଯୋଗ ସୃଷ୍ଟି ହେବା ସହ ଗ୍ରାହକ ଅଂଶୀଦାର ଏବଂ କର୍ମଚାରୀଙ୍କ ହିତ ସାଧନ ହୋଇ ପାରିବ ବୋଲି ଆଇଡିବିଆଇ ବମ୍ବେ ଷ୍ଟକ ଏକ୍ସଚେଞ୍ଜକୁ ରେଗୋଲେଟରୀ ଫାଇଲିଂରେ ସୂଚନା ଦେଇଛି।

# ଦେଶର ୯ ଧନୀଙ୍କ ନିକଟରେ ୫୦% ଲୋକଙ୍କ ସମ୍ପତ୍ତି

**ନୂଆଦିଲ୍ଲୀ,୨୧-୧**

## ୨୦୧୮ରେ ଦୈନିକ ବଢ଼ିଛି ୨୨୦୦କୋଟି ଟଙ୍କା



'ଧନୀ ଦିନକୁ ଦିନ ଧନୀ ହେଉଛି' ଏହା ଆଜିକାଲି ଏକ ପ୍ରଚଳିତ ବାକ୍ୟ ହୋଇଛି। କିନ୍ତୁ ରିପୋର୍ଟ କହୁଛି, ଏହା ସମ୍ପୂର୍ଣ୍ଣ ସତ। ଏଥିରେ କୁହାଯାଇଛି ଯେ, ଗତବର୍ଷ ଦେଶରେ ଥିବା କୋଟିପତିଙ୍କ ସମ୍ପତ୍ତିରେ ଦୈନିକ ୨୨୦୦ କୋଟି ଟଙ୍କା ବୃଦ୍ଧି ପାଇଛି। ଦେଶର ୧ ପ୍ରତିଶତ ଲୋକଙ୍କ ସମ୍ପତ୍ତି ଗତବର୍ଷ ୩୯ ପ୍ରତିଶତ ହିସାବରେ ବଢ଼ିଛି। ଅକ୍ସଫାମ୍ ପକ୍ଷରୁ ଏକ ରିପୋର୍ଟ ପ୍ରକାଶ କରି କୁହାଯାଇଛି ଯେ, ଭାରତର ପ୍ରାୟ ୫୦% ଲୋକଙ୍କ ସମ୍ପତ୍ତି ମାତ୍ର ୯ ଜଣ କୋଟିପତିଙ୍କ ନିକଟରେ ରହିଛି। ରିପୋର୍ଟରେ କୁହାଯାଇଛି ଯେ, ୫୦ ପ୍ରତିଶତ ଲୋକଙ୍କ ସମ୍ପତ୍ତି ୩ ପ୍ରତିଶତ ହିସାବରେ ଗତ ବର୍ଷ ବଢ଼ିଛି। ସେହିପରି ବିଶ୍ୱରେ ରହିଥିବା କୋଟିପତିଙ୍କ ସମ୍ପତ୍ତି ଦୈନିକ ୧୨% ହାରରେ ବଢ଼ିଛି। ଅନ୍ୟପକ୍ଷରେ ବିଶ୍ୱରେ ରହିଥିବା ଗରିବଙ୍କ ସମ୍ପତ୍ତି ୧୧ ପ୍ରତିଶତ ହ୍ରାସ ପାଇଛି। ଏଥିରେ କୁହାଯାଇଛି ଯେ, ଭାରତର ମୋଟ୍ ଜନସଂଖ୍ୟାର ୧୦ ପ୍ରତିଶତ ଅର୍ଥାତ୍ ୧୩.୬ କୋଟି ଗରିବ ଯିଏ କି, ଏବେ ସୁଦ୍ଧା ଋଣୀ ରହିଥିବା ଜଣାପଡ଼ିଛି। ସୂଚନାଥାଉ କି, ଡାଭୋସ୍‌ରେ ବିଶ୍ୱ ଆର୍ଥିକ ଫୋରମ୍ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଅକ୍ସଫାମର ରିପୋର୍ଟ ବିଶେଷ ଗୁରୁତ୍ୱ ବହନ କରୁଛି। ରିପୋର୍ଟରେ କୁହାଯାଇଛି ଯେ, ବିଶ୍ୱର ପ୍ରାୟ ୨୬ ଜଣଙ୍କ ନିକଟରେ ୩.୮ ବିଲିୟନ ଲୋକଙ୍କଠାରୁ ଅଧିକ ସମ୍ପତ୍ତି ରହିଛି। ଗତ ବର୍ଷ ଏହା ୪୪ ଥିଲା। ଉଦାହରଣ ସ୍ୱରୂପ ଆମାଜନ ପ୍ରତିଷ୍ଠାତା ଜେଫ୍ ବେଜୋସ୍‌ଙ୍କ ନିକଟରେ ୧୧୨ ବିଲିୟନ ଡଲାର ସମ୍ପତ୍ତି ରହିଛି, ଯାହାକି ଇଥିଓପିଆ ଭଳି ଦେଶର ମୋଟ୍ ସ୍ୱାସ୍ଥ୍ୟ ବଜେଟ୍ ସହ ସମାନ। ସେହିପରି ଭାରତରେ ୧୦ ପ୍ରତିଶତ ଲୋକଙ୍କ ନିକଟରେ ଦେଶର ୭୭.୪% ସମ୍ପତ୍ତି ରହିଛି। ଏମାନଙ୍କ ଭିତରୁ ୧ ପ୍ରତିଶତଙ୍କ ନିକଟରେ ୫୧.୫୩ ପ୍ରତିଶତ ସମ୍ପତ୍ତି ରହିଥିବା ଜଣାପଡ଼ିଛି। ସେହିପରି ୬୦ ପ୍ରତିଶତ ଲୋକଙ୍କ ନିକଟରେ ମାତ୍ର ୪.୮% ସମ୍ପତ୍ତି ରହିଛି। ଏହାଛଡ଼ା ୨୦୧୮ରୁ ୨୦୨୨ ମଧ୍ୟରେ ଭାରତରେ ଦୈନିକ ୭୦ ଜଣ ଧନୀ ବଢ଼ିବେ। ୨୦୧୮ରେ ଦେଶରେ ପ୍ରାୟ ୧୮ ନୂଆ ଧନୀ ସୃଷ୍ଟି ହୋଇଥିଲେ। ବର୍ତ୍ତମାନ ମୋଟ୍ ଧନୀଙ୍କ ସଂଖ୍ୟା ୧୧୯ରେ ପହଞ୍ଚିଛି। ସେମାନଙ୍କ ନିକଟରେ ୨୮ ଲକ୍ଷ କୋଟି ଟଙ୍କାର ମୋଟ୍ ସମ୍ପତ୍ତି ରହିଥିବା ଜଣାପଡ଼ିଛି।

# ନେକ୍ସନର ଲେଭଲ୍ ନେକ୍ସ ଏସ୍‌ୟୁଭି ଆଣିଲା ଟାଟା




**ଭୁବନେଶ୍ୱର,୨୧-୧**

ଗ୍ରାହକଙ୍କ ପରିବର୍ତ୍ତିତ ଏସ୍‌ୟୁଭି ଚାହିଦାକୁ ଧ୍ୟାନରେ ରଖି ପ୍ରମୁଖ କାର ନିର୍ମାତା ଟାଟା ମୋଟର୍ସ ପକ୍ଷରୁ ଏହାର ଅନ୍ୟତମ ଲୋକପ୍ରିୟ ମଡେଲ ନେକ୍ସନର 'ଲେଭଲ ନେକ୍ସ ଏସ୍‌ୟୁଭି'କୁ ପ୍ରସ୍ତୁତ କରାଯାଇଛି। ଏହି ମଡେଲରେ ଗ୍ରାହକମାନେ ଲେଭଲ୍ ନେକ୍ସ ଡିଜାଇନ ପାଇ ପାରିବେ। ଏହା ସ୍ପୋର୍ଟସ କପ୍ ସହ ଏସ୍‌ୟୁଭି ଅନୁଭୂତି ଦେବ। ପ୍ରୋଜେକ୍ଟର ହେଡ୍ ଲ୍ୟାମ୍ପ, ପଛ ସ୍ଲିଟ୍ ଏଲ୍‌ଇଡି ଲ୍ୟାମ୍ପ ମଡେଲଟିକୁ ଡିଜାଇନଯୁକ୍ତ କାର ଭାବେ ପରିଗଣିତ କରୁଛି। ଏଥିରେ ସୋନିକ୍ ସିଲଭର ଡୁଆଲ ଟୋନ୍ ରୁଫ କଲର, ଆକର୍ଷଣୀୟ ଇଣ୍ଟେରିୟର, ଟ୍ରି ଟୋନ୍ ଡ୍ୟାସ୍ ବୋର୍ଡ, ଗ୍ରାଣ୍ଡ ସେଣ୍ଟ୍ରାଲ କନ୍‌ସୋଲ ରହିଛି। ଯାନଟିର ଗ୍ୟାଜେଟ ତଥା ଟେକ୍ନୋଲୋଜି ସାମିଲ ରହିଛି। ନେକ୍ସ ଜେନ୍ କନେକ୍ଟିଭିଟି, ଇନ୍‌ଫୋଟେନମେଣ୍ଟ ସିଷ୍ଟମ, ଭଏସ୍ ଆଲର୍ଟ ସିଷ୍ଟମ, ପାର୍କିଂ ବ୍ରେକ୍ ଆଲର୍ଟ ସିଷ୍ଟମ, ଡୋର୍ ଓପନ ୱାର୍ନିଂ, ସିଟ୍ ବେଲ୍ଟ ରିମାଇଣ୍ଡର ଲୋ ଫୁଏଲ ୱାର୍ନିଂ ଭଳି ସୁବିଧା ଏଥିରେ ଦିଆଯାଇଛି।

ଏହାବାଦ ଲେଭଲ ନେକ୍ସ ପର୍‌ଫରମାନ୍ସ ମଧ୍ୟରେ ଶକ୍ତିଶାଳୀ ରେଭୋଟର୍କ ଡିଜେଲ ଇଞ୍ଜିନ ଏବଂ ରେଭୋଟ୍ରନ ପେଟ୍ରୋଲ ଇଞ୍ଜିନ ସ୍ଥାନିତ ହୋଇଛି। ଇକୋ, ସିଟି ,ସ୍ପୋର୍ଟ, ଭଳି ମଲ୍ଟି ଡ୍ରାଇଭ ମୋଡ୍ ଗ୍ରାହକ ପାଇ ପାରିବେ। ଗ୍ରାହକଙ୍କ ନିରାପତ୍ତା ପଦକ୍ଷେପକୁ ଧ୍ୟାନରେ ରଖି କମ୍ପାନୀ ଏଥିରେ ଡୁଆଲ୍ ଫ୍ରଣ୍ଟ ଏୟାରବ୍ୟାଗ, ଏବିଏସ୍ ସହ ଇବିଡି, ରିଜର୍ଭ ପାର୍କିଂ ଆସିଷ୍ଟ, ଆଡ୍‌ଜଷ୍ଟ ହୋଇ ପାରୁଥିବା ସିଟ୍ ବେଲ୍ଟ ସୁବିଧା କରିଛି। ସେହିଭଳି ଆରାମ ପାଇଁ ଏଥିରେ ପୁସ୍ ବଟନ୍ ଷ୍ଟାର୍ଟ, ଇଲେକଟ୍ରିକ ପାୱାର ଷ୍ଟିଅରିଂ, ଡୁଆଲ ପାଥ୍ ସସ୍‌ପେନଶନ, ସୁବିଧାଜନକ ଡ୍ରାଇଭ ସୁବିଧା, ସ୍ପେଶିୟସ କ୍ୟାବିନ ଭଳି ଅନ୍ୟାନ୍ୟ ଅତ୍ୟାଧୁନିକ ବୈଶିଷ୍ଟ୍ୟ ଗ୍ରାହକ ଲାଭ କରି ପାରିବେ ବୋଲି କମ୍ପାନୀ ପ୍ରକାଶ କରିଛି।

# ବୋକା ବନିଗଲା ଆୟକର ବିଭାଗ

## ୫୦୦୦ କୋଟିର କ୍ରେଡିଟ ନେଇଗଲେ ଟିକସଦାତା

**ନୂଆଦିଲ୍ଲୀ,୨୧-୧**




- ସେଲ୍‌ଫ ଆସେସ୍‌ମେଣ୍ଟ ଟିକସ ପ୍ରଦାନ ଦର୍ଶାଇଲେ
- ଆଦାୟ ପାଇଁ ଆୟକର ବିଭାଗର ବଢ଼ିଛି ଚିନ୍ତା
- ରିଟର୍ନ ପ୍ରୋସେସିଂ ପାଇଁ କ୍ରେଡିଟ ଫେରାଇବାକୁ କୁହାଯାଉଛି
- ଗତବର୍ଷର ଆୟକର ରିଟର୍ନ ପ୍ରୋସେସିଂ ନ ହେବା କାଳ ହେଲା

ଆୟକର ବିଭାଗକୁ ସମ୍ପୂର୍ଣ୍ଣ ବୋକା ବନାଇଛନ୍ତି ଟିକସଦାତା। ସେମାନେ ନିଜର ବକେୟା ତ ଦେଲେନି ବରଂ ସେଲ୍‌ଫ ଆସେସ୍‌ମେଣ୍ଟ ଟ୍ୟାକ୍ସ ପ୍ରଦାନ କରିଛନ୍ତି ଦର୍ଶାଇ ୫୦୦୦ କୋଟି ଟଙ୍କାର କ୍ରେଡିଟ ହାସଲ କରିଛନ୍ତି। ଏଭଳି ଟିକସଦାତାଙ୍କ ଉପରେ ଆୟକର ବିଭାଗର ଏବେ ଏହି ଟଙ୍କା ବକେୟା ହେଲାଣି। ଏବେ ସେମାନଙ୍କଠାରୁ ଏତେ ଅଧିକ ଅର୍ଥ ଆଦାୟ କରିବା ନେଇ ବିଭାଗର ଚିନ୍ତା ବଢ଼ିଯାଇଛି। ବକେୟା ଆଦାୟ ପାଇଁ ବିଭାଗ ସେହି ସମସ୍ତ ଟିକସଦାତାଙ୍କ ପିଛା ଛାଡୁନି।

ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଯେ, ଆୟକର ବିଭାଗ ଗତବର୍ଷର ଆୟକର ରିଟର୍ନ ପ୍ରୋସେସିଂ କରିପାରି ନାହିଁ। ଏହି କାରଣରୁ ଟିକସଦାତାମାନେ ଉକ୍ତ ଟଙ୍କା କ୍ରେଡିଟ ଦର୍ଶାଇ ନେଇଯାଇପାରିଲେ। ଏବେ ବିଭାଗୀୟ ଅଧିକାରୀମାନେ ଟିକସଦାତାଙ୍କ ସହ ଯୋଗାଯୋଗ ରକ୍ଷା କରୁଛନ୍ତି। ଜଣେ ଅଧିକାରୀ କହିଛନ୍ତି ଯେ, କ୍ରେଡିଟ ନେଇଥିବା ଏଭଳି ଟିକସଦାତାଙ୍କୁ ବାରମ୍ବାର ରିମାଇଣ୍ଡର ପଠାଯାଉଛି। ଟିକସ ରିଟର୍ନର ପ୍ରୋସେସିଂ ପାଇଁ କ୍ରେଡିଟ ଫେରସ୍ତ ଅତ୍ୟନ୍ତ ଆବଶ୍ୟକ ବୋଲି କୁହାଯାଉଛି। ଏମାନଙ୍କ ମଧ୍ୟରୁ କେତେକ ଟିକସଦାତା ସେଲ୍‌ଫ ଆସେସ୍‌ମେଣ୍ଟ ଟ୍ୟାକ୍ସ ବାବଦରେ ନେଇଥିବା କ୍ରେଡିଟ ଫେରାଇବାକୁ ରାଜି ହୋଇଛନ୍ତି। ତେବେ ଆଜିର କମ୍ପ୍ୟୁଟର ଯୁଗରେ ସବୁ କିଛି ହାତପାହାନ୍ତରେ ଥିବା ସତ୍ତ୍ୱେ ଟିକସଦାତାମାନେ ବକେୟା ପ୍ରଦାନ ନ କରି କ୍ରେଡିଟ ନେଲେ କିପରି ବୋଲି ଟିକସ ବିଶେଷଜ୍ଞମାନେ ପ୍ରଶ୍ନ କରିଛନ୍ତି। ଅଧିକାରୀଙ୍କ କହିବାନୁଯାୟୀ ଟିକସ ରିଟର୍ନ ଦାଖଲ କଲା ବେଳେ ବ୍ୟାଙ୍କ ଚାଲାଣ ସହିତ ସାଧାରଣତଃ ବିଏସ୍‌ଆର୍ ନମ୍ବର ଯୋଡାଯାଇଥାଏ। ଆୟକର ବିଭାଗର ଟିକସ ପ୍ଲାଟଫର୍ମରେ ଦେୟର ବିବରଣୀ ଦେଖାଯାଇଥାଏ। ଅତୀତରେ ଏଭଳି ଜାଲିଆତି ହୋଇଥାଇପାରେ, କିନ୍ତୁ ବିଭାଗ ଏବେ ଇଲେକ୍ଟ୍ରୋନିକ ଫାଇଲିଂ ଲାଗି ଟେକ୍ନୋଲୋଜି ବ୍ୟବହାର କରୁଛି। ଏଣୁ ଗଡ଼ବଡ଼ ସହଜରେ ଧରି ହେବା କଥା ବୋଲି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଉଲ୍ଲେଖଥାଉ କି, ଚଳିତ ଆର୍ଥିକ ବର୍ଷ ଲାଗି ପ୍ରତ୍ୟକ୍ଷ ଟିକସ ଆଦାୟ କମିବାର କାରଣ ଖୋଜୁ ଖୋଜୁ ଉକ୍ତ ତ୍ରୁଟି ଧରାପଡ଼ିଛି। ଅନ୍ୟପକ୍ଷରେ ଏଭଳି କାର୍ଯ୍ୟଧାରା ଦ୍ୱାରା ଜିଏସ୍‌ଟି ପ୍ରଦାନରେ ଅନିୟମିତତା ହୋଇଥାଇପାରେ ବୋଲି ସରକାର ମନେକରୁଛନ୍ତି। ଏନେଇ ଅଧିକ ଖୋଳତାଡ଼ କରିବାକୁ କୁହାଯାଇଛି।

# ବଜେଟ ଉପସ୍ଥାପନ କରିବେ ଜେଟ୍‌ଲୀ

## ଶୁକ୍ରବାର ସନ୍ଧ୍ୟାରେ ଫେରୁଛନ୍ତି



**ନୂଆଦିଲ୍ଲୀ,୨୧-୧**

କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଫେବୃୟାରୀ ପହିଲାରେ ଅନ୍ତରୀଣ ତଥା ତାଙ୍କର ଶେଷ ବଜେଟ୍ ଉପସ୍ଥାପନ କରିବେ। ଆସନ୍ତା ଶୁକ୍ରବାର ସନ୍ଧ୍ୟାରେ ସେ ଆମେରିକାରୁ ଫେରିବେ ବୋଲି ଜଣେ ବରିଷ୍ଠ ସରକାରୀ ଅଧିକାରୀ ସୋମବାର ପ୍ରକାଶ କରିଛନ୍ତି। ୬୬ ବର୍ଷୀୟ ଜେଟ୍‌ଲୀ ଗତ ୧୩ରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଆମେରିକା ଯାଇଛନ୍ତି। ୨୦୧୮ ମେ'ରେ ତାଙ୍କର କିଡନୀ ଟ୍ରାନ୍ସପ୍ଲାଣ୍ଟ ହୋଇଥିଲା। ବଜେଟ ପାଖେଇ ଆସୁଥିବା ବେଳେ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଅଚାନକ ଆମେରିକା ଗସ୍ତକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଯାଇଥିଲା। ଜେଟ୍‌ଲୀ ଏନ୍‌ଡିଏ ସରକାରଙ୍କ ଶେଷ ବଜେଟ୍ ଉପସ୍ଥାପନ କରିପାରିବେ ନାହିଁ ବୋଲି ଚର୍ଚ୍ଚା ଜୋର୍ ଧରିଥିଲା।

# ସାମ୍‌ସଙ୍ଗ ପକ୍ଷରୁ ଏକ୍ସିନସ୍ ୭ ସିରିଜ୍

**ଗୁରୁଗ୍ରାମ,୨୧-୧**

ସେମିକଣ୍ଡକ୍ଟର ଟେକ୍ନୋଲୋଜି କ୍ଷେତ୍ରରେ ପ୍ରମୁଖ କମ୍ପାନୀ ସାମସଙ୍ଗ ପକ୍ଷରୁ ଏକ୍ସିନସ୍ ୭ ସିରିଜ ୭୯୦୪ ମୋବାଇଲ ପ୍ରୋସେସର ବଜାରକୁ ଆସିଛି । ଏଥିରେ ପରିବର୍ଦ୍ଧିତ ମଲ୍ଟିମିଡିଆ ସପୋର୍ଟ ରହିଛି। ଏହା ମଧ୍ୟମ ଶୃଙ୍ଖଳାର ସ୍ମାର୍ଟଫୋନରେ ହାଇଏଣ୍ଡ ମଲ୍ଟିମିଡ଼ିଆ କ୍ଷମତା ପ୍ରଦାନ କରିବାକୁ ସକ୍ଷମ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ସ୍ମାର୍ଟଫୋନରେ ନିମ୍ନଳ ୱେବ ବ୍ରାଉଜିଂ ଏବଂ ଆପ୍ ଲଞ୍ଚିଂ ପାଇଁ ଏହା ଫାଷ୍ଟ ଅକ୍ଟାକୋର ପରଫରମାନ୍ସ ପ୍ରଦାନ କରିଥାଏ। ସେହିଭଳି ଦ୍ରୁତ ନେଟୱର୍କ ସ୍ପିଡ ଏବଂ କମ୍ ପାୱାରରେ ମଲ୍ଟିଟାସ୍କିଂ ସୁବିଧା ରହିଥିବା କମ୍ପାନୀ କହିଛି। ଗ୍ରାହକଙ୍କୁ ବିଶ୍ୱସ୍ତରୀୟ ସେବା ପ୍ରଦାନ ଦିଗରେ କାର୍ଯ୍ୟକ୍ରମ ଜାରି ରହିଥିବା କମ୍ପାନୀର ସେଲ୍‌ସ ମାର୍କେଟିଂ ବରିଷ୍ଠ ନିର୍ଦ୍ଦେଶକ ଏବଂ ମୁଖ୍ୟ ରାଜୀବ ସେଠୀ କହିଛନ୍ତି।

# ଜେନାପୁରଠାରେ ରହିବ ଭୁବନେଶ୍ୱର–କେନ୍ଦୁଝରଗଡ଼ ଫାଷ୍ଟ ପାସେଞ୍ଜର

**ଭୁବନେଶ୍ୱର,୨୧-୧**

ଜେନାପୁର ରେଳଷ୍ଟେଶନ ଉପରେ ନିର୍ଭର କରୁଥିବା ଯାତ୍ରୀଙ୍କ ପାଇଁ ଖୁସି ଖବର। ଯାତ୍ରୀଙ୍କର ଦୀର୍ଘଦୀନର ଦାବିକୁ ପୂରଣ ହେବାକୁ ଯାଉଛି। ଜାନୁୟାରୀ ୨୬ଠାରୁ ଜେନାପୁର ଷ୍ଟେଶନଠାରେ ଭୁବନେଶ୍ୱର–କେନ୍ଦୁଝରଗଡ–ଭୁବନେଶ୍ୱର ଫାଷ୍ଟ ପାସେଞ୍ଜର ପରୀକ୍ଷାମୂଳକ ଭାବେ ଛଅ ମାସ ପାଇଁ ରହଣି ବ୍ୟବସ୍ଥା କରିବାକୁ ସ୍ଥିର କରାଯାଇଥିବା ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି। ଧାର୍ଯ୍ୟ ଦିନଠାରୁ କେନ୍ଦୁଝର ଭୁବନେଶ୍ୱର ଫାଷ୍ଟ ପାସେଞ୍ଜର ଜେନାପୁରଠାରେ ପୂର୍ବାହ୍ନ ୯.୩୩ ମିନିଟରେ ପହଞ୍ଚି ୯.୩୫ ମିନିଟରେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିବ। ଫେରିବା ବାଟରେ ଭୁବନେଶ୍ୱର କେନ୍ଦୁଝରଗଡ ଫାଷ୍ଟ ପାସେଞ୍ଜର ଅପରାହ୍ନ ୫.୪୮ ମିନିଟରେ ପହଞ୍ଚି ୫.୪୯ ମିନିଟରେ କେନ୍ଦୁଝରଗଡ ଅଭିମୁଖେ ଯାତ୍ରା କରିବ।

■ ଏନ୍‌ଜିଟିକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# ଫକ୍ସୱାଗନ ମାମଲାର ସୀମା ବଢ଼ାଅ

**ନୂଆଦିଲ୍ଲୀ,୨୧-୧**

ଜର୍ମାନ କାର୍ ନିର୍ମାତା ଫକ୍ସୱାଗନ ନିଜୀ ଗାଡ଼ିରେ ଏକ ଡିଭାଇସ୍ ଲଗାଇ ଧୂଆଁ ନିର୍ଗମନ ନିୟମ ଉଲ୍ଲଂଘନ କରିଥିବା ପ୍ରମାଣିତ ହୋଇଛି। ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି) ଏ ସଂକ୍ରାନ୍ତରେ ୧୦୦ କୋଟି ଟଙ୍କାର ଜରିମାନା ଆଦାୟ ନିର୍ଦ୍ଦେଶ ଦେଇସାରିଛନ୍ତି। ଫକ୍ସୱାଗନ ମାମଲାର ପରିସରକୁ ବଢ଼ାଇ ଅନ୍ୟ କାର୍ ନିର୍ମାତାଙ୍କ ସମ୍ପର୍କରେ ଯାଞ୍ଚ କରିବାକୁ ସୁପ୍ରିମକୋର୍ଟ ସୋମବାର ଏନ୍‌ଜିଟିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଚାରପତି ଡି.ୱାଇ.ଚନ୍ଦ୍ରଚୂଡ଼ ଓ ବିଚାରପତି ହେମନ୍ତ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ନିର୍ଦ୍ଦେଶ ଦେଇଥିବା ବେଳେ ଫକ୍ସୱାଗନ ପକ୍ଷରୁ ବରିଷ୍ଠ ଓକିଲ ଅଭିଷେକ ମନୁ ସିଂଘଭି ଯୁକ୍ତି ଦର୍ଶାଇଥିଲେ ଯେ, ଏକମାତ୍ର ତାଙ୍କ ମହକିଲ କମ୍ପାନୀକୁ ନିୟମ ଉଲ୍ଲଂଘନ ନେଇ ଦୋଷ ଦିଆଯାଉଛି। ଫକ୍ସୱାଗନ ଦେଶର ନିୟମ ପାଳନ କରିବାକୁ ଯାଇ ଇତିମଧ୍ୟରେ ୧୦୦ କୋଟି ଜରିମାନା ଦାଖଲ କରିସାରିଛି।

# ବଜାଜର ନୂଆ ବ୍ରାଣ୍ଡ ପରିଚୟ ଉନ୍ମୋଚନ




**ନୂଆଦିଲ୍ଲୀ,୨୧-୧**

ବଜାଜ ଅଟୋ ଲିମିଟେଡ ପକ୍ଷରୁ ନୂଆ ବ୍ରାଣ୍ଡ ପରିଚୟ 'ଦି ୱାର୍ଲଡ୍‌ସ ଫେଭରାଇଟ ଇଣ୍ଡିଆନ' ଉନ୍ମୋଚନ କରାଯାଇଛି। ଏକ ସ୍କୁଟର ନିର୍ମାତାରୁ ୧୭ ବର୍ଷ ମଧ୍ୟରେ ବିଶ୍ୱ ସ୍ତରୀୟ ମୋଟର ସାଇକେଲ ମହାଶକ୍ତିରେ ପରିବର୍ତ୍ତିତ ହେବାର ନାଟକୀୟ ପରିବର୍ତ୍ତନକୁ ପ୍ରତିଫଳିତ କରିବାକୁ ଏହା ଆରମ୍ଭ ହୋଇଛି। ୨୦୦୧ରେ ଏହି ଯାତ୍ରା ଚାକନ କାରଖାନାରୁ ପଲସର ଉତ୍ପାଦନ ସହ ଆରମ୍ଭ ହୋଇଥିଲା। ଏହି ମଡେଲ ବର୍ତ୍ତମାନ ବିଶ୍ୱରେ ଏକ ନୂଆ ବଜାର ସୃଷ୍ଟି କରିଛି। ନୂତନତ୍ୱ ଆଣିବା ଦିଗରେ କମ୍ପାନୀ ନିବେଶ କରିଛି। କମ୍ପାନୀର ମଡେଲଗୁଡ଼ିକୁ ବିଶ୍ୱର ୭୦ ଦେଶର ଗ୍ରାହକ ବେଶ୍ ପସନ୍ଦ କରିଛନ୍ତି। ରପ୍ତାନୀ ହେଉଥିବା ପ୍ରତି ୩ ମୋଟର ସାଇକେଲ ମଧ୍ୟରୁ ୨ଟିରେ ବଜାଜ ବ୍ୟାଜ୍ ସହ ଦେଶର ଦୁଇ ଚକିଆ ନିର୍ମାଣ କ୍ଷେତ୍ରରେ ଏହା ଏକ ଅଗ୍ରଣୀ କମ୍ପାନୀ ହୋଇପାରିଛି। କମ୍ପାନୀର ୪୦% ରାଜସ୍ୱ ବିଶ୍ୱ ବଜାରରୁ ଆସୁଛି। ବିଗତ ୧୦ ବର୍ଷରେ ଏହା ୧୩ ବିଲିୟନ ଡଲାର ରାଜସ୍ୱ ଲାଭ କରିଛି। ୨୦୧୮ରେ ଏହାର ଅନ୍ତର୍ଜାତୀୟ ବିକ୍ରି ୨ ନିୟୁତ ୟୁନିଟ ଟପିଛି। ଡିଜାଇନ,ପ୍ରଯୁକ୍ତି, ଗୁଣାତ୍ମକ ମାନ ଏବଂ ଗ୍ରାହକ ସନ୍ତୁଷ୍ଟି ନେଇ ପ୍ରତିବଦ୍ଧତା ରହିଥିବା କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ରାଜୀବ ବଜାଜ ସୂଚନା ଦେଇଛନ୍ତି।

# ହାଲ୍‌ୱା ସେରିମନି ସହ ବଜେଟ ବହି ଛପା ଆରମ୍ଭ

**ନୂଆଦିଲ୍ଲୀ,୨୧-୧**

କେନ୍ଦ୍ର ସରକାର ଫେବୃୟାରୀ ପହିଲାରେ ତାଙ୍କର ଶେଷ ବଜେଟ ଉପସ୍ଥାପନ କରିବାକୁ ଯାଉଛନ୍ତି। ବଜେଟ୍ ବହି ଛାପିବା ଲାଗି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୋମବାର ହାଲ୍‌ୱା ସେରିମନି ପାଳନ କରାଯାଇଛି। ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଅସୁସ୍ଥତା କାରଣରୁ ଆମେରିକାରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କ ଅନୁପସ୍ଥିତିରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ଶିବ ପ୍ରତାପ ଶୁକ୍ଲା ଏହି ସେରିମନି ପାଳନର ନେତୃତ୍ୱ ନେଇଥିବା ବେଳେ ଅନ୍ୟତମ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପି.ରାଧାକ୍ରିଷ୍ଣନ, ଅର୍ଥ ସଚିବ ସୁଭାଷ ଗର୍ଗଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।



## କାହିଁକି ପାଳନ କରାଯାଏ ଏହି ସେରିମନି

ଭାରତୀୟ ପରମ୍ପରା ଅନୁଯାୟୀ, ମିଠା ଖାଇ କୌଣସି ଶୁଭ କାର୍ଯ୍ୟ ଆରମ୍ଭ କରାଯାଏ ବୋଲି ପ୍ରଚଳିତ ରହିଛି। ହାଲ୍‌ୱା ସେରିମନି ସେଭଳି ଏକ ପରମ୍ପରା ଯାହା ଅର୍ଥ ମନ୍ତ୍ରଣାଳୟ ପାଳନ କରିଆସୁଛି। ଏହି ସେରିମନି ପାଳନ ହେବା ପରେ ବଜେଟ୍ ପୁସ୍ତକ ଛାପିବା ଲାଗି ଅର୍ଥ ମନ୍ତ୍ରଣାଳୟର ପାଖାପାଖି ୧୦୦ କର୍ମଚାରୀ ନର୍ଥ ବ୍ଲକ୍‌ର ବେସ୍‌ମେଣ୍ଟରେ ଥିବା ଛାପାଖାନାରେ ଦିନ ରାତି କାମରେ ଲାଗିଥାନ୍ତି। ଅନ୍ୟ ଅର୍ଥରେ କହିବାକୁ ଗଲେ ବଜେଟ୍‌କୁ ସମ୍ପୂର୍ଣ୍ଣ ଗୋପନୀୟ ରଖିବା ପାଇଁ ଏଭଳି ବ୍ୟବସ୍ଥା ଆପଣାଯାଇଥାଏ। ଏହି ସମୟରେ କର୍ମଚାରୀମାନେ ସେମାନଙ୍କ ପରିବାରଠାରୁ ଦୂରେଇ ରହିଥାନ୍ତି ଏବଂ ସେମାନଙ୍କ ଉପରେ ୨୪ଘଣ୍ଟା ନଜର ରଖାଯାଏ। ସଂସଦରେ ବଜେଟ୍ ଉପସ୍ଥାପନ ପରେ ହିଁ ସେମାନେ ବାହାରକୁ ଆସିପାରନ୍ତି। ସାଧାରଣତଃ ବଜେଟ୍ ଉପସ୍ଥାପନ ପୂର୍ବରୁ ଅର୍ଥମନ୍ତ୍ରୀ ହିଁ ହାଲ୍‌ୱା ସେରିମନି ପାଳନର ନେତୃତ୍ୱ ନେଇଥାନ୍ତି। ଚଳିତଥର ଏହାର ବ୍ୟତିକ୍ରମ ହୋଇଛି। ଆଗକୁ ଲୋକ ସଭା ନିର୍ବାଚନ ଥିବାରୁ ଏନ୍‌ଡିଏ ସରକାର ଅନ୍ତରୀଣ ବଜେଟ୍ ଉପସ୍ଥାପନ କରିବାକୁ ଯାଉଛନ୍ତି।

# ନେପାଳରେ ୧୦୦ ଟଙ୍କା ଉପରେ ଭାରତୀୟ ନୋଟ୍ ବ୍ୟାନ୍

**କାଠମାଣ୍ଡୁ,୨୧-୧**

ଏଣିକି ନେପାଳରେ ୧୦୦ ଟଙ୍କା ଉପରେ ଉଚ୍ଚମୂଲ୍ୟର ଭାରତୀୟ ଟଙ୍କା ଚଳିବ ନାହିଁ। ନେପାଳ ରାଷ୍ଟ୍ର ବ୍ୟାଙ୍କ ୨୦୦୦, ୫୦୦ ଓ ୨୦୦ ଟଙ୍କିଆ ଭାରତୀୟ ନୋଟ୍‌କୁ ବ୍ୟାନ୍ କରିଛି। ଏଥିଯୋଗୁ ନେପାଳକୁ ବୁଲିବାକୁ ଯାଉଥିବା ଭାରତୀୟ ପର୍ଯ୍ୟଟକ ଓ ସାଧାରଣ ନେପାଳବାସୀ ଅସୁବିଧାରେ ପଡ଼ିବେ। କେନ୍ଦ୍ରୀୟ ବ୍ୟାଙ୍କର ବକ୍ତବ୍ୟକୁ ଉଦ୍ଧାର କରି କାଠମାଣ୍ଡୁ ପୋଷ୍ଟ କହିଛି ଯେ, ଉଚ୍ଚ ମୂଲ୍ୟର ଭାରତୀୟ ନୋଟକୁ ରଖିବା ଅଥବା ବ୍ୟବହାର କରିବା ବେଆଇନ ହେବ। ନୂଆ ନିୟମ ଅନୁଯାୟୀ ନେପାଳ ନାଗରିକ ୨୦୦, ୫୦୦ ଓ ୨୦୦୦ ଟଙ୍କିଆ ଭାରତୀୟ ନୋଟ୍ ନେଇ ଭାରତକୁ ଯାଇପାରିବେ। କିନ୍ତୁ ଅନ୍ୟ ଦେଶରୁ ଭାରତୀୟ ନୋଟ୍ ନେପାଳକୁ ଆଣିପାରିବେ ନାହିଁ। ତେବେ ୧୦୦ ଟଙ୍କା ଭିତରେ ଭାରତୀୟ ନୋଟ୍ ପ୍ରଚଳନ ଉପରେ କୌଣସି କଟକଣା ନାହିଁ ବୋଲି ରାଷ୍ଟ୍ର ବ୍ୟାଙ୍କ ସ୍ପଷ୍ଟ କରିଛି।



ଅଷ୍ଟ୍ରେଲିଆନ ଓପନରେ ମିଲୋସ ରାଓନିକଙ୍କ ବିପକ୍ଷ ମ୍ୟାଚର ପରାଜୟଜନିତ ଯନ୍ତ୍ରଣା ଭୁଲିବା ଲାଗି ମୁଁ ମୋ ର୍ୟାକେଟକୁ ଖଣ୍ଡ ଖଣ୍ଡ କରିଦେଇଥିଲି ।

–ଆଲେକ୍ଜାଣ୍ଡର ଜେଭରେଭ, ଜର୍ମାନ ଟେନିସ ଖେଳାଳି

ୟୁଏସ୍ ଓପନ୍‌ରେ ଚମକପ୍ରଦ ବିଜୟ ପରେ ନିଜ ଦେଶକୁ ଫେରିବା ବେଳେ ପ୍ରଶଂସକଙ୍କ ଭିଡ଼କୁ ଏଡାଇବା ଲାଗି ମୋତେ ୱିଗ୍ ଓ ସନ୍‌ଗ୍ଲାସ ବ୍ୟବହାର କରିବାକୁ ହୋଇଥିଲା ।

–ନାଓମି ଓସାକା, ଜାପାନ ଟେନିସ ଖେଳାଳି



## ସଂକ୍ଷେପରେ

### ପାଣ୍ଡ୍ୟା-ରାହୁଲ ପ୍ରଭାବ

## ବ୍ୟବହାରିକ ପରାମର୍ଶ କାର୍ଯ୍ୟକ୍ରମ

**ନୂଆଦିଲ୍ଲୀ, ୨୧।୧ (ପି.ଟି.):** ମହିଳାଙ୍କ ଉପରେ ବିବାଦୀୟ ମନ୍ତବ୍ୟ ପରେ କ୍ରିକେଟର କେ.ଏଲ୍. ରାହୁଲ ଏବଂ ହାର୍ଦ୍ଦିକ ପାଣ୍ଡ୍ୟା ଅଡୁଆରେ ପଡ଼ିଛନ୍ତି। ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତ୍ତି ନ ଘଟେ ସେଥିଲାଗି ପ୍ରଶାସକ କମିଟି (ସିଓଏ) ଭାରତୀୟ ଟିମ୍ ପାଇଁ ବ୍ୟବହାରିକ ପରାମର୍ଶ କାର୍ଯ୍ୟକ୍ରମ ପ୍ରଚଳନ ଲାଗି ବିଚାର କରୁଛି। ରାହୁଲ ଓ ପାଣ୍ଡ୍ୟା ଇତିମଧ୍ୟରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଦ୍ୱାରା ସସ୍‌ପେଣ୍ଡ ହୋଇସାରିଛନ୍ତି। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଜଣେ ଅମ୍ବୁଡ୍‌ସମ୍ୟାନ ଏହି କ୍ରିକେଟରଦ୍ୱୟଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ପ୍ରସ୍ତାବିତ କାର୍ଯ୍ୟକ୍ରମରେ ସମସ୍ତ ବୟସ ବର୍ଗର ଜାତୀୟ ଦଳ ଏବଂ ଏ' ଦଳକୁ ସାମିଲ କରାଯିବ। ଭାରତୀୟ ସିନିୟର ଦଳ ସହିତ ଇମର୍ଜିଂ ଏ' ଦଳ ଏବଂ ୧୯ ବର୍ଷରୁ କମ୍ ଦଳର ଖେଳାଳିମାନଙ୍କୁ ନ୍ୟାଶନାଲ କ୍ରିକେଟ ଏକାଡେମୀ (ଏନସିଏ)ଠାରେ ବ୍ୟବହାରିକ ପରାମର୍ଶ କାର୍ଯ୍ୟକ୍ରମରେ ସାମିଲ ହେବାକୁ ପଡ଼ିବ। ଏଥିରେ ଜଣେ ପ୍ରଫେସନାଲ ଖେଳାଳିଙ୍କ ବ୍ୟବହାର ଆଚରଣ କିଭଳି ହେବା ଉଚିତ ବିଭିନ୍ନ ଦିଗରୁ ସେମାନଙ୍କୁ ଉପଯୁକ୍ତ ପରାମର୍ଶ ଦିଆଯିବ ବୋଲି ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

## ଏଟିପି ମାନ୍ୟତାରେ ଟପ୍-୫ରୁ ଖସିଲେ ଫେଡରର

**ମେଲବୋର୍ନ, ୨୧।୧:** ଅଷ୍ଟ୍ରେଲିଆନ ଓପନ୍‌ର ରାଉଣ୍ଡ-୧୬ରେ ପରାଜୟବରଣ କରିବା ସୁଇଜରଲାଣ୍ଡ ଟେନିସ ତାରକା ରୋଜର ଫେଡରର ପାଇଁ ମହଙ୍ଗା ପଡ଼ିଛି। ରବିବାର ଖେଳାଯାଇଥିବା ପ୍ରି-କ୍ୱାର୍ଟର ଫାଇନାଲରେ ଡିଫେଣ୍ଡିଂ ଚାମ୍ପିୟନ ଫେଡରର ଗ୍ରୀକର ଷ୍ଟିଫାନୋସ ସିତ୍‌ସିପାସଙ୍କଠାରୁ ହାରିଯାଇଥିଲେ। ଫଳରେ ବିଶ୍ୱ ପୁରୁଷ ସିଙ୍ଗଲ୍ସ ମାନ୍ୟତାରେ ଫେଡରର ଟପ୍-୫ରୁ ବାହାର ହୋଇଛନ୍ତି। ସଦ୍ୟ ପ୍ରକାଶିତ ଏଟିପି ମାନ୍ୟତାରେ ଏହି ସୁଇସ୍ ତାରକା ୩ଟି ପାହାଚ ତଳକୁ ଖସି ୬ଷ୍ଠ ସ୍ଥାନରେ ରହିଛନ୍ତି। ଜର୍ମାନୀର ଆଲେକ୍ସଜାଣ୍ଡର ଜେଭରେଭ ୩ୟ ସ୍ଥାନକୁ ଉଠିଛନ୍ତି। ଅଷ୍ଟ୍ରେଲିଆନ୍ ଓପନ୍‌ର ୨ୟ ରାଉଣ୍ଡରେ ପରାଜୟବରଣ କରିଥିଲେ ମଧ୍ୟ ଦକ୍ଷିଣ ଆଫ୍ରିକାର କେଭିନ ଆଣ୍ଡରସନ ଗୋଟିଏ ସ୍ଥାନ ଉପରକୁ ଉଠି ଟପ୍-୫ରେ ରହିଛନ୍ତି।

### ଏପ୍ରିଲରେ ଓସିଏ ଘରୋଇ ଟୁର୍ନାମେଣ୍ଟ

# ଦୁଇଦିନିଆ ହେବ କଳାହାଣ୍ଡି କପ୍

**କଟକ ଅଫିସ, ୨୧।୧**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ହେବାକୁ ଥିବା ଆଗାମୀ ଘରୋଇ ଟୁର୍ନାମେଣ୍ଟଗୁଡ଼ିକର ଖେଳ ସୂଚୀ ଘୋଷଣା କରାଯାଇଛି। ଆସନ୍ତା ଏପ୍ରିଲରୁ ୧୬ ବର୍ଷରୁ କମ୍ ବାଳକ ଆନ୍ତଃ ଜିଲା, ୧୯ ବର୍ଷରୁ କମ୍ ବାଳକ ଆନ୍ତଃ ଜିଲା, ଆନ୍ତଃ ଜିଲା ମହିଳା ଓ କଳାହାଣ୍ଡି କପ୍ ଆରମ୍ଭ ହେବ। ପ୍ରଥମ ଥର ନିମନ୍ତେ କଳାହାଣ୍ଡି କପ ମ୍ୟାଚ୍ ଗୁଡ଼ିକ ଦ୍ୱି-ଦିବସୀୟ କରାଯାଇଛି। ସିନିୟର ମହିଳା ଟୁର୍ନାମେଣ୍ଟକୁ ବାଦ ଦେଇ ଅନ୍ୟ ଦୁଇଟି ଯାକ ଟୁର୍ନାମେଣ୍ଟ ମଧ୍ୟ ଏହି ପର୍ଯ୍ୟାୟରେ କରାଯିବ। ତେବେ କେବଳ ଲିଗ୍ ପର୍ଯ୍ୟାୟ ଦ୍ୱି-ଦିବସୀୟ ହେବାକୁ ଥିବା ବେଳେ ସୁପର ଲିଗ୍ ଓ ନକଆଉଟ ପର୍ଯ୍ୟାୟ ମ୍ୟାଚ ଏକଦିବସୀୟ ବିଶିଷ୍ଟ ହେବ ବୋଲି ଓସିଏ ପକ୍ଷରୁ ସୂଚନା ଦିଆଯାଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଦ୍ୱାରା ବିଭିନ୍ନ ବୟସ ବର୍ଗରେ ହେଉଥିବା ଟୁର୍ନାମେଣ୍ଟର ଫର୍ମାଟରେ ଓଡ଼ିଶା ଖେଳାଳିଙ୍କୁ ତାଲିମ କରିବା ଉଦ୍ଦେଶ୍ୟରେ ଦୁଇଦିନିଆ ମ୍ୟାଚ୍‌ର ଯୋଜନା ହୋଇଛି ବୋଲି ଓସିଏର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ରବିବାର ମଧ୍ୟାହ୍ନରେ ଓସିଏ କାର୍ଯ୍ୟକାରୀ କମିଟି ପକ୍ଷରୁ ଏ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା ।

ଏପ୍ରିଲ ୨ ତାରିଖରୁ ଓସିଏର ଘରୋଇ ଟୁର୍ନାମେଣ୍ଟ ଆରମ୍ଭ ହେବ। ୨ରେ ୧୬ ବର୍ଷରୁ କମ୍ ବାଳକ ଆନ୍ତଃ ଜିଲା ଟୁର୍ନାମେଣ୍ଟ ହେବାକୁ ଥିବା ବେଳେ ୧୫ରୁ ୧୯ ବର୍ଷରୁ କମ୍ ବାଳକ ଆନ୍ତଃ ଜିଲା, ୨୦ରୁ ସିନିୟର ମହିଳା ଆନ୍ତଃ ଜିଲା ଓ ୨୫ରୁ କଳାହାଣ୍ଡି କପ୍ ହେବ। କଟକର ବିଭିନ୍ନ ଭେନ୍ୟୁରେ ମ୍ୟାଚଗୁଡ଼ିକ ଖେଳାଯିବ। ମ୍ୟାଚ୍ ସୂଚୀ ଓ ନିୟମ ସମ୍ପର୍କରେ ଖୁବ୍‌ଶୀଘ୍ର ଓସିଏ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ ପାଇବ। ଦଳଗୁଡ଼ିକ ପ୍ରବେଶ ଦେୟ ଦାଖଲର ଶେଷ ତାରିଖ ଫେବୃୟାରୀ ୨୦ ଧାର୍ଯ୍ୟ କରାଯାଇଛି। ମାର୍ଚ୍ଚ ୩ ତାରିଖ ସୁଦ୍ଧା ଭାଗ ନେବାକୁ ଥିବା ଦଳଗୁଡ଼ିକ ସେମାନଙ୍କ ଖେଳାଳି ତାଲିକା ପଠାଇବେ। ଅତିବେଶିରେ ୨୫ଜଣ ଖେଳାଳିଙ୍କ ନାମ ଗୋଟିଏ ଟୁର୍ନାମେଣ୍ଟ ନିମନ୍ତେ ପଞ୍ଜୀକରଣ କରିପାରିବେ। ଅରିଜିନାଲ ଜନ୍ମଗତ ପ୍ରମାଣପତ୍ର ସମେତ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ନିକଟରେ ହୋଇଥିବା ସତ୍ୟପାଠ ଓ ବିଭିନ୍ନ ଆବଶ୍ୟକୀୟ ସାର୍ଟିଫିକେଟ ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି। ୧୬ ବର୍ଷରୁ କମ୍ ଟୁର୍ନାମେଣ୍ଟରେ ଭାଗ ନେବାକୁ ଥିବା ଖେଳାଳିଙ୍କ ଜନ୍ମ ୨୦୦୩ ସେପ୍ଟେମ୍ବର ୧ ତାରିଖ କିମ୍ବା ଏହା ପରେ ହୋଇଥିବା ଆବଶ୍ୟକ। ସେହିପରି ୧୯ ବର୍ଷରୁ କମ ଟୁର୍ନାମେଣ୍ଟରେ ଭାଗ ନେବାକୁ ଥିବା ଖେଳାଳିଙ୍କ ଜନ୍ମ ୨୦୦୦ ମସିହା ସେପ୍ଟେମ୍ବର ୧ ତାରିଖ କିମ୍ବା ଏହା ପରେ ହୋଇଥିବା ଆବଶ୍ୟକ ବୋଲି ମାପଦଣ୍ଡ ସ୍ଥିର କରାଯାଇଛି ।

# ବୋର୍ଡ ସଭାପତି ଏକାଦଶ ବିଜୟୀ

**ତ୍ରିଭେନ୍ଦ୍ରମ, ୨୧।୧**

ଭାରତ ଗସ୍ତରେ ଆସିଥିବା ଇଂଲଣ୍ଡ ଲାୟନ୍ସ କ୍ରିକେଟ ଦଳ ବିପକ୍ଷ ଉଭୟ ୱାର୍ମଅପ୍ ମ୍ୟାଚ୍ (ଏକଦିବସୀୟ)କୁ ବୋର୍ଡ ସଭାପତି ଏକାଦଶ ଦଳ ଜିତିନେଇଛି। ରବିବାର ଖେଳାଯାଇଥିବା ୨ୟ ଦିନିକିଆ ମ୍ୟାଚ୍‌କୁ ଇଶାନ କିଶାନଙ୍କ ନେତୃତ୍ୱାଧୀନ ବୋର୍ଡ ସଭାପତି ଏକାଦଶ ଦଳ ୫ ଉଇକେଟ୍‌ରେ ଜିତିଥିଲା। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ଲାୟନ୍ସ ୨୨.୩ ଓଭରରେ ମାତ୍ର ୧୦୪ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଘରୋଇ ଦଳ ପକ୍ଷରୁ ପଙ୍କଜ ଜୈଶୱାଲ ଓ ନବଦୀପ୍ ସାଇନି ୪ଟି ଲେଖାଏ ଉଇକେଟ୍ ନେଇଥିଲେ। ବାମହାତୀ ଓଡ଼ିଆ ସ୍ପିନର ଏହି ମ୍ୟାଚ୍‌ରେ ଗୋଟିଏ ଓଭର ବୋଲିଂ କରି ୧୨ ରନ ବ୍ୟୟ କରିଥିଲେ। ଜବାବରେ ବୋର୍ଡ ସଭାପତି ଦଳ ଦୀପକ ହୁଡାଙ୍କ ୩୬* ଓ ଇଶାନଙ୍କ ୩୪ ରନ ବଳରେ ୫ ଉଇକେଟ୍ ହରାଇ ମ୍ୟାଚ୍‌କୁ କବ୍‌ଜା କରିନେଇଥିଲା। ପୂର୍ବରୁ ଖେଳାଯାଇଥିବା ପ୍ରଥମ ଦିନିକିଆ ଅଭ୍ୟାସ ମ୍ୟାଚ୍‌ରେ ମଧ୍ୟ ବୋର୍ଡ ସଭାପତି ଦଳ ବିଜୟ ହାସଲ କରିଥିଲା। ଆଲେକ୍ସ ଡାଭିସଙ୍କ ଶତକ ବଳରେ ଇଂଲଣ୍ଡ ଲାୟନ୍ସ ୫୦ ଓଭରରେ ୬ ଉଇକେଟ୍ ହରାଇ ୨୫୫ ରନ କରିଥିଲା। ବୋର୍ଡ ସଭାପତି ଏକାଦଶ ଓପନର୍ ଋତୁରାଜ ଗାଏକୱାଡ (୧୧୦)ଙ୍କ ଶତକ ଓ ରିକି ଭୁଇଙ୍କ ଅପରାଜିତ ୯୩ ରନ ବଳରେ ୬ ଉଇକେଟ୍ ହରାଇ ସଂଗ୍ରହ କରିନେଇଥିଲା। ଏହି ମ୍ୟାଚ୍‌ରେ ମଧ୍ୟ ଓଡ଼ିଆ ସ୍ପିନର ପପୁ ୬ ଓଭରରେ ୩୬ ରନ ବ୍ୟୟ କରି ଗୋଟିଏ ଉଇକେଟ ନେଇଥିଲେ।

---

## GOVERNMENT OF ODISHA
### OFFICE OF THE EXECUTIVE ENGINEER, RURAL WORKS DIVISION, NABARANGPUR

eerwngp@rediffmail.comPhone No. 06858-222023

No.1444-O

Letter No.322 Date: 19.01.2019

### E-PROCUREMENT NOTICE

| | | |
|---|---|---|
| Name of the work | : | Road & Building works |
| Total No of works | : | 6 (Six) Nos. |
| Approx. Estimated Cost | : | Rs. 10.62 lakhs to Rs. 44.24 lakhs |
| Class of Contractor- | : | "A" "B", "B" "C" and "C" "D" Class Contractor |
| Period of Completion | : | 06 (Six) & 09 (Nine) Calendar Months |

| Procurement Officer | Bid-Identification No. | No. of Works | Availability of tender on-line for bidding From | To | Date and time of opening of Tender |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Rural Works Division-I, Nabarangpur | EERWNGP - Online - 05/2018-19 | 6 (Six) Nos. | 29.01.2019 at 10.00 AM | 07.02.2019 up to 03.00 PM | 08.02.2019 at 11.00 AM |

For Details can be seen from the Government website www.tendersorissa.gov.in

25092/11/0009/1819 **Sd./- Executive Engineer, Rural Works Division, Nabarangpur**

---

## OFFICE OF THE EXECUTIVE ENGINEER, R.W.S.S DIVISION, SONEPUR
**TELEPHONE NO.06654-220259, email-dwsm_snpr@nic.in**
### GOVT. OF ODISHA E-PROCUREMENT NOTICE
**BID IDENTIFICATION NO. 19/ 2018-19.**

No. 1442-O: The Executive Engineer, RWS&S Division, Sonepur on behalf of Governor of Odisha invites Percentage bid through e-Procurement in double cover system according to norm of e- Procurement system in on-line mode for the work " Const. of OHT, Const. of Pump Chamber, SV Chamber, laying of PVC/HDPE/ G.I Pipe, Compound Wall including Maintenance of the project in different blocks under Subarnapur District

| | |
|---|---|
| 1 | Nature of Work- Different PWS Schemes of Sonepur District. |
| 2 | Total No. of Work-09nos |
| 3 | Tender Paper Cost- Rs.6000/- to Rs.10000/- |
| 4 | Value of Work- Rs.42.84 lakhs to Rs.70.96 lakhs. |
| 5 | Class of Contractor- 'B'& "A" |
| 6 | Period of Completion- 300 days.( Refer DTCN available in the website Tendersorissa.gov.in ) |

| Procurement Officer | Bid-Identification No. | Availability of tender on-line for bidding | | Last date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial bid |
| Executive Engineer RWSS Division Sonepur | Notification No. 19 of 2018-19 | Dt. 28.01.19 10.00 AM. | 11.02.19 upto 5.00PM | Dt.08.02.19 up to 5.00PM | 12.02.19 at 12.00 hours | To be announced later. |

25037/11/0025/1819 **Sd/- Executive Engineer, RWSS Division, Sonepur.**

---

## ODISHA UNIVERSITY OF AGRICULTURE AND TECHNOLOGY
**BHUBANESWAR - 751 003**

Acd-III-I-22/2011-19 No. 130/ UAT Dt. 21.01.2019

### SHORT TENDER CALL NOTICE

Sealed Tenders are invited from the manufacturer / reputed registered Jewellers having GST No. for supply of Gold Medals (118 Nos approximate) for 38th Convocation of OUAT, Bhubaneswar. The detailed specifications / terms and conditions are available in OUAT website (ouat.nic.in). The last date for receipt of tender paper is on 30.01.2019 upto 12.00 (noon).

**Sd./- REGISTRAR**

---

## ODISHA HYDRO POWER CORPORATION LTD.
**OFFICE OF THE SENIOR GENERAL MANAGER (ELECTRICAL)**
**UPPER KOLAB H.E. PROJECT**
**At/P.O. - BARINIPUT , DIST.: KORAPUT (ODISHA) -764006**

Telephone : - 06854 - 242 001 (O) FAX: - 06854 - 242 038
Email id : sgmel_ukhep@ohpcltd.com, CIN : U40101OR1995SGC003963

### Tender Call Notice No. :
### UKHEP : 33/2018-19 Dated : 19.01.2019

No. CAD-1304: Sealed Tenders are invited from the Manufacturer / Authorised dealer / Reputed Agency (having experience in similar type of work) only in two part bids (Technical Bid & Price Bid) for supply of the following material to Upper Kolab Hydro Electric Project, Bariniput.

| Sl. No. | Name of the Work | Cost of Tender Paper in Rs. | EMD in Rs. |
|---|---|---|---|
| 1 | Supply & Installation of alternative power supply inside the Administrative Building and Erector's Hostel, UKHEP, Bariniput | 4720/- (Rs. 4000/- + 18% GST) (Non refundable) | 1% of quoted value. |

The sale of Tender Paper will be from : 29.01.2019 to 13.00 Hrs. of 12.02.2019
The last date & time of receipt of tender: Upto 16.00 Hrs. of 12.02.2019
The date and time of opening of Technical Bid : At. 16.30 Hrs. of 12.02.2019
The date of opening of Price Bid will be intimate later on to the technically qualified bidders. For details of tender documents, Terms & Conditions, Eligibility criteria and downloading please visit our website www.ohpcltd.com.

**Unit Head, Upper Kolab HEP,**
**OHPC Limited, Bariniput**

04002/11/0085/1819

---

## OFFICE OF THE DIVISIONAL FOREST OFFICER, PHULBANI FOREST DIVISION

**No. 240** **Dated 18.01.2019**

### QUOTATION CALL NOTICE

**No.145-MM:-** Sealed Quotation is invited from the authorized suppliers/ agencies for supply of following Uniform items of Phulbani Forest Division for the financial year 2018-19.

| Sl. No. | Name of Items |
|---|---|
| 1 | Khaki Cloth |
| 2 | Rain Coat |
| 3 | Web belt |
| 4 | Brown Leather belts |
| 5 | Thunder whistle with Khaki Cord |

Term and Condition. (1)The sealed quotation papers containing price of each items shall be received in the Office of the undersigned by Regd. Post/ Speed Post or by hand upto 01.00 P.M. of 30.01.2019 and the quotation paper will be opened in presence of the quotationer on the same date at 03.30 P.M. (2) The quotationer should produce a sample of each items before the Purchase Committee on 30.01.2019. (3) Xerox copy of VAT/GST clearance certificate should be enclosed with the quotation. (4) Supply of Uniform item should be made within 15 days of receipt of supply order.

The undersigned reserves the right to cancel or reject any of the quotation without assigning any reason thereof.

Copy to Notice Board.

**Phulbani** **Sd./- Divisional Forest Officer**
**Dt. 18.01.2019** **Phulbani Forest Division**
**08098/11/0009/1819**

---

## GOVERNMENT OF ODISHA
### OFFICE OF THE EXECUTIVE ENGINEER : GANJAM (R&B) DIVISION NO.I BERHAMPUR
**Phone/Fax : (0680) 2233683,**
**email : eernb1_bam@yahoo.com**

No. 1152-B

### Invitations for Bids (IFB) (e-Procurement)
**Bid Identification No. E.E. (R&B)- BAM-81/2018-19**
**No. 458/ Dated : 19.01.2019**

The Executive Engineer, Ganjam (R&B) Division No.1, Berhampur on behalf of Governor of Odisha invites percentage rate bid in double cover system in ONLINE MODE for construction of Works detailed below from eligible contractors.

| | | | |
|---|---|---|---|
| 1. | Nature of work | : | Building Work |
| 2. | No. of works | : | 1 (One) No. |
| 3. | Tender Cost | : | 10,000/- |
| 4. | Class of Contractor | : | "B" Class and "A" Class |
| 5. | Date & Time of sale & receipt of Bids | : | From 28.01.2019 10.00 AM to 04.02.2019 up to 4.00 PM |
| 6. | Date of Opening of Bid | : | 05.02.2019 at 11.30 A.M. |
| 7. | The Bidders have to participate in ONLINE bidding only. Further details can be seen from the website http://tendersodisha.gov.in. | | |

**Sd./- Executive Engineer**
**Ganjam(R&B) Division No.I,**
**Berhampur**

34109/11/0031/1819

---

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, SUNDARGARH
**REQUEST FOR PROPOSAL FOR SUPPLY & INSTALLATION OF CCTV CAMERA / OTHER ACCESSORIES RELATED TO CCTV & MAINTENANCE OF CCTV CAMERA**

No. 172 DHHSNG Date: 21.01.2019

**No. 804-E:-** The interested Agency / Firms are requested to submit RFP for Supply & Installation of CCTV Camera / other accessories related to CCTV & maintenance of CCTV camera. The Agency / firms must be a registered license for above work / Valid GST / TAN / PAN / Experience of working in the related field for minimum of three years / local CP Plus authorized firm / agency / dealer will be given preference. The proposal will be send through Speed Post / Regd. Post in the address of CDM&PHO CUM DISTRICT MISSION DIRECTOR, SUNDARGARH which is to be submitted on or before dt.08.02.19. The RFP must be superscribed in the envelop as "Application for Supply & Installation of CCTV camera / other accessories related to CCTV & maintenance of CCTV camera at DHH, Sundargarh". The authority reserves right for cancellation / modifications of the selection without assigning any reason thereof.

*Sd./-*
*Chief District Medical & Public Health Officer*
*Sundargarh*

10100/11/0074/1819

---

## OFFICE OF THE EXECUTIVE ENGINEER, RWS&S DIVISION, BARIPADA
Tel. No. 06792-254029, Fax No. 06792-259464
E-Mail: eerwss_bpd@rediffmail.com, eerwss_bpd@ori.nic.in

CAD-1300

### Govt. of Odisha e-Procurement Notice
**Bid Identification No.37 of 2018-19, Date:19.01.2019**

1. Nature of the work : Construction of Perculation/ Intake Well for Rural Piped Water Supply Projects under different Programme (6 packages) Single cover.
2. Estimated Cost : 8.91 lakh to 17.21 lakh.
3. Period of Completion : 120days.
4. Date and time of availability of bid document in portal : 11 hour of 28.01.2019 to 02.02.2019 upto 17 hours.
5. Last Date / Time for receipt of bids in the portal : 17 hours of 02.02.2019
6. Name and address of the O.I.T. : Executive Engineer, RWS&S Division, Baripada
7. Date & Time for Opening of Tender : 04.02.2019 at 11.00AM
8. Corrigendum and addendum if any shall only be published in the above website http://www.tenderodisha.gov.in

Further details can be seen from the e-procurement portal: "https://tendersodisha.gov.in"

*Sd./- Executive Engineer*
*RWS&S Division, Baripada*

25014/11/0023/1819

---

## OFFICE OF THE EXECUTIVE ENGINEER, RWS&S DIVISION, ROURKELA
At/PO- Panposh, Rourkela-4, Dist- Sundargarh
Phone- 8280408065, e-mail id-eerwssrkl@gmail.com

1446-O

### Govt. of Odisha "e" Procurement Notice
**Bid Identification No. 14 of 2018-19 Dt. 18.01.2019**

1. Executive Engineer, RWS&S Division, Rourkela on behalf of Governor of Odisha invites bids from bidders registered with the Odisha State Government and bidders of equivalent Grade / Class registered with Central Government (CPWD) / MES / Railways for the works detailed in the table below on turnkey basis (i.e. with design and execution). The bidders may submit bids for any or all of the Pipe Water Supply works.
2. Nature of work : Rural Piped Water Supply Schemes.
3. No. of Tender : 03 Nos.
4. Tender Cost : Rs. 10000/-
5. Class of Contractor : 'B', 'A', & 'Special' class (As annexed)
6. Date and Time of availability of bid document in the portal : Dt. 26.01.2019 at 11.00AM to Dt. 05.02.2019 upto 5.00PM
7. Date of Opening of Technical Bid : Dt. 07.02.2019 at 11.00AM
8. Date of opening of Financial Bid : To be intimated after Technical evaluation of the Bidder
9. Period of completion : Sl no. 1 (11 months), 2 (6 months), & 3 (3 months), As annexed

The bidders have to participate in online bidding only. Further details and any type of corrigendum can be seen from the Govt. website http://www.tendersodisha.gov.in.

The authority reserves the right to reject any or all the tenders without assigning any reason thereof.

*Sd./- 18.1.19, Executive Engineer*
*RWS&S Division, Rourkela*

25038/11/0014/1819

---

## ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ
ପ୍ଲଟ ନଂ.-୪, ଚୁନୁକୋଳି, ଶୈଳେଶ୍ରୀବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୧
Together, Let us light up our lives
ଇ-ମେଲ୍: orierc@rediffmail.com ୱେବ୍‌ସାଇଟ୍:www.orierc.org

### ସର୍ବସାଧାରଣ ବିଜ୍ଞପ୍ତି
**କେସ୍ ନଂ. ୬୯/୨୦୧୮**

**ଆର୍ଥିକ ବର୍ଷ ୨୦୧୯-୨୦ର ସମୁଦାୟ ଆବଶ୍ୟକ ପୁଞ୍ଜି ଏବଂ ବିଦ୍ୟୁତ୍ ଉତ୍ପାଦନ ଦର ନିର୍ଦ୍ଧାରଣ ନିମନ୍ତେ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଦାଖଲ କରିଥିବା ଦରଖାସ୍ତର ଶୁଣାଣି ।**

ଏହା ଅବଗତ କରାଯାଉଅଛି ଯେ, ଆର୍ଥିକ ବର୍ଷ ୨୦୧୯-୨୦ର ସମୁଦାୟ ଆବଶ୍ୟକ ପୁଞ୍ଜି ଏବଂ ବିଦ୍ୟୁତ୍ ଉତ୍ପାଦନ ଦର ସମ୍ବନ୍ଧରେ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଦ୍ୱାରା ତା.**୧୬.୧୨.୨୦୧୮**ରିଖରେ ଇଂରାଜୀ ଏବଂ ଓଡ଼ିଆ ଦୈନିକ ସମ୍ବାଦପତ୍ରରେ ପ୍ରକାଶିତ ହୋଇଥିବା ସାଧାରଣ ବିଜ୍ଞପ୍ତି ଉପରେ **ତା.୦୪.୦୨.୨୦୧୯ରିଖ** ପୂର୍ବାହ୍ନ **୧୧.୦୦** ସମୟରେ ଆୟୋଗଙ୍କ ଭୁବନେଶ୍ୱର ସ୍ଥିତ ପ୍ଲଟ ନଂ.-୪, ଚୁନୁକୋଳି, ଶୈଳେଶ୍ରୀବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୧ କାର୍ଯ୍ୟାଳୟର ଶୁଣାଣି କକ୍ଷରେ ଏହି ଦରଖାସ୍ତର ଗ୍ରହଣୀୟତା ସମ୍ବନ୍ଧରେ ଶୁଣାଣି କରାଯିବ । ଉପରୋକ୍ତ ଦରଖାସ୍ତ ଉପରେ ନିମ୍ନ ପ୍ରଦତ୍ତ ସଂସ୍ଥା / ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଦାଖଲ ହୋଇଥିବା ଆପତ୍ତି / ପ୍ରସ୍ତାବ ଆୟୋଗଙ୍କ ଦ୍ୱାରା ଶୁଣାଣି ପାଇଁ ଗ୍ରହଣ କରାଯାଇଅଛି ।

ଉଭୟ ଦରଖାସ୍ତକାରୀ (ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ) ଏବଂ ଯେଉଁ ସଂସ୍ଥା / ବ୍ୟକ୍ତି ବିଶେଷଙ୍କ ଆପତ୍ତି / ପ୍ରସ୍ତାବ ଆୟୋଗଙ୍କ ଦ୍ୱାରା ଗ୍ରହଣ ହୋଇଅଛି ସେମାନଙ୍କୁ ଏତଦ୍ୱାରା ନିର୍ଦ୍ଦେଶ ଦିଆଯାଉଅଛି ଯେ, ସେମାନେ ନିଜେ କିମ୍ବା ସେମାନଙ୍କ ପ୍ରାଧିକୃତ ପ୍ରତିନିଧି କିମ୍ବା ବିଧିବଦ୍ଧ ଆଇନ ଅନୁଯାୟୀ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ (**duly constituted attorney**) ମାଧ୍ୟମରେ ଉପରୋକ୍ତ ତାରିଖ, ସମୟ ଏବଂ ସ୍ଥାନରେ ଆୟୋଗଙ୍କ ସମ୍ମୁଖରେ ଶୁଣାଣି ପାଇଁ ଉପସ୍ଥିତ ହେବେ ।

**ଆୟୋଗଙ୍କର ନିର୍ଦ୍ଦେଶାନୁଯାୟୀ**

**ତା. ୨୧.୦୧.୨୦୧୯** **ସ୍ୱା/- ସଚିବ**

**ବି.ଦ୍ର.:** ଉପରୋକ୍ତ ସାଧାରଣ ବିଜ୍ଞପ୍ତି ସହିତ ଯେଉଁ ସଂସ୍ଥା ଓ ବ୍ୟକ୍ତି ବିଶେଷମାନଙ୍କର ଆପତ୍ତି/ପ୍ରସ୍ତାବ ଆୟୋଗଙ୍କ ଦ୍ୱାରା ଶୁଣାଣି ପାଇଁ ଗୃହିତ ହୋଇଅଛି, ସେମାନଙ୍କର ନାମ ଓ ତାଲିକା ଆୟୋଗଙ୍କ ୱେବସାଇଟ୍ **www.orierc.org** ରେ ମଧ୍ୟ ଉପଲବ୍ଧ ।

| କ୍ର.ନଂ. | ସଂସ୍ଥା/ବ୍ୟକ୍ତିବିଶେଷଙ୍କ ନାମ ଓ ଠିକଣା |
|---|---|
| ୧. | **ଶ୍ରୀ ଆନନ୍ଦ କୁମାର ମହାପାତ୍ର**, ପାୱାର ଆନାଲିଷ୍ଟ ପିତା: ଶ୍ରୀ ଯତିନ୍ଦ୍ରନାଥ ମହାପାତ୍ର, ପ୍ଲଟ୍ ନମ୍ବର - ୬୩୯/ ୧୦୨୧, ଲକ୍ଷ୍ମୀ ବିହାର, ବାସୁଆଘାଇ, ବଡଗଡ, ଟଙ୍କପାଣି ରୋଡ, ଥାନା: ବଡଗଡ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା- ୭୫୧୦୦୨ |
| ୨. | **ମେସର୍ସ ଗ୍ରୀଡକୋ ଲିମିଟେଡ୍**, ଜନପଥ, ଭୁବନେଶ୍ୱର-୭୫୧୦୨୨ |
| ୩. | **ଶ୍ରୀ ରମେଶ ଚନ୍ଦ୍ର ଶତପଥୀ, ସେକ୍ରେଟାରି,** ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆନ୍ ଲେବର୍ ଓ ସଭାପତି ଉପଭୋକ୍ତା ମହାସଙ୍ଘ, ପ୍ଲଟ୍ ନଂ. - ୩୦୨ (ବି), ବେହେରାସାହି, ନୟାପଲ୍ଲୀ, ଭୁବନେଶ୍ୱର - ୭୫୧ ୦୧୨ |
| ୪. | **ଶ୍ରୀ ଅଲେଖ ଚନ୍ଦ୍ର ମଲ୍ଲିକ,** ପିତା: ଶ୍ରୀ ହରେ କୃଷ୍ଣ ମଲ୍ଲିକ, ପ୍ଲଟ୍ ନଂ.- ୩୩୫, ସିଟି ଗାର୍ଡେନ୍, ରଘୁନାଥପୁର, ଭୁବନେଶ୍ୱର-୭୫୧୦୧୩ |
| ୫. | **ଶ୍ରୀ ଆର.ପି. ମହାପାତ୍ର,** ଅବସରପ୍ରାପ୍ତ ମୁଖ୍ୟ ଯନ୍ତ୍ରୀ ଓ ସଭ୍ୟ (ଜେନ୍.), ପ୍ଲଟ୍ ନଂ.-୭୭୫ (ପି), ଲେନ୍-୩, ଜୟଦେବ ବିହାର, ଭୁବନେଶ୍ୱର - ୭୫୧ ୦୧୩ |

See Career Appointment on every Wednesday & Saturday

---

## ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ
ପ୍ଲଟ୍ ନଂ.୪, ଚୁନକୋଳି, ଶୈଳଶ୍ରୀ ବିହାର,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୨୧
Together, Let us light up our lives
ଇ-ମେଲ୍: orierc@rediffmail.com, ୱେବ୍‌ସାଇଟ୍: www.orierc.org

### ସର୍ବସାଧାରଣ ବିଜ୍ଞପ୍ତି
**୨୦୧୮ ର କେସ୍ ନଂ.୭୧**

**ବିଦ୍ୟୁତ୍ ଆଇନ୍ ୨୦୦୩ ଅନ୍ତର୍ଗତ ଧାରା ୬୨ ଓ ୬୪ ଏବଂ ଆନୁସଙ୍ଗିକ ବ୍ୟବସ୍ଥା ତଥା ଓଇଆରସି (ସରାବରାହ ଶୁଳ୍କ ନିର୍ଦ୍ଧାରଣ ସର୍ତ୍ତାବଳୀ) ବିନିୟମ, ୨୦୧୪ ଅନୁଯାୟୀ ଓପିଟିସିଏଲ୍‌ର ଆର୍ଥିକ ବର୍ଷ ୨୦୧୯-୨୦ ନିମନ୍ତେ ସମୁଦାୟ ରାଜସ୍ୱ ଆବଶ୍ୟକତା ଏବଂ ସରବରାହ ଶୁଳ୍କ ଆବେଦନ ପତ୍ରର ଶୁଣାଣି ।**

ଦୈନିକ ଇଂରାଜୀ ଏବଂ ଓଡ଼ିଆ ସମ୍ବାଦପତ୍ରରେ ଆର୍ଥିକ ବର୍ଷ ୨୦୧୯-୨୦ ନିମନ୍ତେ ସମୁଦାୟ ରାଜସ୍ୱ ଆବଶ୍ୟକତା ଏବଂ ସରବରାହ ଶୁଳ୍କ ସମ୍ବନ୍ଧରେ ଓପିଟିସିଏଲ୍ ଦ୍ୱାରା ୧୬.୧୨.୨୦୧୮ରେ ପ୍ରକାଶିତ ସର୍ବସାଧାରଣ ବିଜ୍ଞପ୍ତି ଅନୁଯାୟୀ ଏହି ବିଜ୍ଞପ୍ତି ମାଧ୍ୟମରେ ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ଆବେଦନପତ୍ରର ସ୍ୱିକୃତି ଓ ଶୁଣାଣି **ତା.୦୬.୦୨.୨୦୧୯ ରିଖ ପୂର୍ବାହ୍ନ ୧୧.୦୦ ଘଟିକାରେ ଆୟୋଗଙ୍କ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟ ପ୍ଲଟ୍ ନଂ. ୪, ଚୁନକୋଳି, ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର - ୭୫୧୦୨୧ରେ ଶୁଣାଣି କକ୍ଷରେ ଅନୁଷ୍ଠିତ** ହେବ । ଓପିଟିସିଏଲ୍ ର ଉପରୋକ୍ତ ଆବେଦନପତ୍ର ସମ୍ବନ୍ଧରେ ଏହି ନୋଟିସ୍‌ରେ ଦର୍ଶାଯାଇଥିବା ଅନୁଷ୍ଠାନ / ବ୍ୟକ୍ତିବିଶେଷଙ୍କ ଦ୍ୱାରା ଦାଖଲ କରାଯାଇଥିବା ଅଭିଯୋଗ / ପ୍ରସ୍ତାବ ଆୟୋଗଙ୍କ ଦ୍ୱାରା ଶୁଣାଣି ନିମନ୍ତେ ଗ୍ରହଣ କରାଯାଇଛି ।

ଉଭୟ ଆବେଦନକାରୀ (ଓପିଟିସିଏଲ୍) ଏବଂ ଅନୁଷ୍ଠାନ / ବ୍ୟକ୍ତିବିଶେଷ, ଯେଉଁମାନଙ୍କ ଅଭିଯୋଗ / ପ୍ରସ୍ତାବ ଆୟୋଗଙ୍କ ଦ୍ୱାରା ଶୁଣାଣି ନିମନ୍ତେ ଗ୍ରହଣ କରାଯାଇଛି, ସେମାନେ ଆୟୋଗଙ୍କ ସମ୍ମୁଖରେ ବ୍ୟକ୍ତିଗତ ଭାବେ କିମ୍ବା ନିଜର ସ୍ୱୀକୃତିପ୍ରାପ୍ତ ପ୍ରତିନିଧି କିମ୍ବା ନିଯୁକ୍ତ ଆଟର୍ଣ୍ଣି ମାଧ୍ୟମରେ ଉପରୋକ୍ତ ତାରିଖ, ସମୟ ଓ ସ୍ଥାନରେ ଉପସ୍ଥିତ ରହିବା ପାଇଁ ଏତଦ୍ୱାରା ନିର୍ଦ୍ଦେଶ ଦିଆଯାଉଛି ।

**ଆୟୋଗଙ୍କ ନିର୍ଦ୍ଦେଶକ୍ରମେ**

**ତା.୨୧.୦୧.୨୦୧୯ରିଖ** **ସ୍ୱା/- ସମ୍ପାଦକ**

**ବି.ଦ୍ର.:** ଉପରୋକ୍ତ ସର୍ବସାଧରଣ ବିଜ୍ଞପ୍ତି ଓ ତତ୍ ସହିତ ଯେଉଁ ଅନୁଷ୍ଠାନ / ବ୍ୟକ୍ତିବିଶେଷଙ୍କ ଅଭିଯୋଗ / ପ୍ରସ୍ତାବ ଆୟୋଗଙ୍କ ଦ୍ୱାରା ଶୁଣାଣି ନିମନ୍ତେ ଗ୍ରହଣ କରାଯାଇଛି, ତାହାର ତାଲିକା ଓଇଆରସି ର ୱେବ୍‌ସାଇଟ୍ **www.orierc.org** ରେ ମଧ୍ୟ ଉପଲବ୍ଧ ।

| | ୨୦୧୮ର କେସ୍ ନଂ ୭୧ (ଓପିଟିସିଏଲ୍) |
|---|---|
| ୧. | ଶ୍ରୀ ଏମ୍. ଭି. ରାଓ, ମେସର୍ସ ଫେରୋ ଆଲଏସ୍ କର୍ପୋରେସନ୍ ଲିମିଟେଡ୍, ଜିଡି-୨/୧୦, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର - ୭୫୧୦୨୩। |
| ୨. | ମେସର୍ସ ଉତ୍କଳ ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରୀ ଲିମିଟେଡ, ଏନ୍-୬, ଆଇଆରସି ଭିଲେଜ୍, ନୂଆପଲ୍ଲୀ, ଭୁବନେଶ୍ୱର-୭୫୧୦୧୫। |
| ୩. | ଶ୍ରୀ ଆନନ୍ଦ କୁମାର ମହାପାତ୍ର, ପାୱାର ଆନାଲିଷ୍ଟ, ପି : ଜତିନ୍ଦ୍ରନାଥ ମହାପାତ୍ର, ପ୍ଲଟ ନଂ.୬୩୯/୧୦୨୧, ଲକ୍ଷ୍ମୀ ବିହାର, ବାସୁଆଘାଇ, ବଡ଼ଗଡ଼, ଟଙ୍କପାଣି ରୋଡ଼, ଥାନା- ବଡ଼ଗଡ଼, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା - ୭୫୧୦୦୨। |
| ୪. | ମେସର୍ସ ସ୍ୱାଇଁ ଆଣ୍ଡ ସନ୍‌ସ ପାୱାର ଟେକ୍ ପ୍ରାଇଭେଟ୍ ଲିମିଟେଡ୍, କେ-୮/୮୨, କଳିଙ୍ଗ ନଗର, ଘାଟିକିଆ, ଭୁବନେଶ୍ୱର-୭୫୧୦୨୯। |
| ୫. | ମେସର୍ସ କନ୍‌ଫେଡେରେସନ୍ ଅଫ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ, ଓଡ଼ିଶା (ସିସିପିପିଓ), ଏନ୍-୩-୧୬୦, ଆଇଆରସି ଭିଲେଜ୍, ନୂଆପଲ୍ଲୀ, ଭୁବନେଶ୍ୱର - ୭୫୧୦୧୫। |
| ୬. | ନର୍ଥ ଓଡ଼ିଶା ଚାମ୍ବର ଅଫ୍ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରି (ଏନ୍‌ଓସିସିଆଇ), ଗଣେଶ୍ୱରପୁର ଶିଳ୍ପାଞ୍ଚଳ, ଜାନୁଗଞ୍ଜ, ବାଲେଶ୍ୱର - ୭୫୬୦୧୯। |
| ୭. | ଶ୍ରୀ ରମେଶ ଚନ୍ଦ୍ର ଶତପଥୀ, ସେକ୍ରେଟାରୀ, ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଇଣ୍ଡିଆନ୍ ଲେବର ଏବଂ ଅଧ୍ୟକ୍ଷ ଉପଭୋକ୍ତା ମହାସଂଘ, ପ୍ଲଟ୍ ନଂ.୩୦୨(ବି), ବେହେରାସାହି, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨। |
| ୮. | ଶ୍ରୀ ଆର. ପି. ମହାପାତ୍ର, ଅବସରପ୍ରାପ୍ତ ଚିଫ୍ ଇଂଜିନିୟର ଓ ମେମ୍ବର (ଜେନେରେସନ), ପ୍ଲଟ ନଂ.୭୭୫(ପି), ଲେନ୍ - ୩, ଜୟଦେବ ବିହାର, ଭୁବନେଶ୍ୱର-୭୫୧୦୧୩। |

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୨ ଜାନୁୟାରୀ, ୨୦୧୯



## ସଂକ୍ଷେପରେ

### ଖେଳାଳିଙ୍କୁ ମୁଣ୍ଡନ ପାଇଁ କହିବା ତିନି ଜଣିଆ କମିଟି ତଦନ୍ତ କରିବ

**କୋଲକାତା, ୨୧।୧ (ପି.ଟି.):** ଏକ ମ୍ୟାଚ ହାରିବା ପରେ ରାଜ୍ୟ ୧୯ ବର୍ଷରୁ କମ୍ ଖେଳାଳିଙ୍କୁ ମୁଣ୍ଡନ ପାଇଁ କୁହାଯାଇଥିବା ଘଟଣାର ତଦନ୍ତ ପାଇଁ ଏକ ୩ ଜଣିଆ କମିଟି ଗଠନ କରାଯିବ। ବେଙ୍ଗଲ ହକି ଆସୋସିଏଶନ (ବିଏଚ୍ଏ) ସମ୍ପାଦକ ସପନ ବାନାର୍ଜୀ ସୋମବାର ସୂଚନା ଦେଇଛନ୍ତି। ଜବଲପୁରଠାରେ ଜାତୀୟ ଜୁନିୟର ଚାମ୍ପିୟନଶିପ୍ (ଡିଭିଜନ-ବି) କ୍ୱାର୍ଟରଫାଇନାଲରେ ବେଙ୍ଗଲର ୧୯ ବର୍ଷରୁ କମ୍ ଦଳ ନାମଧାରୀ ଏକାଦଶଠାରୁ ୧୦୫ ଗୋଲରେ ପରାସ୍ତ ହୋଇଯାଇଥିଲା। ପ୍ରଥମାର୍ଦ୍ଧ ଖେଳପରେ କୋଚ୍ ଆନନ୍ଦ କୁମାର କୁଆଡେ ଖେଳାଳିମାନଙ୍କୁ କହିଥିଲେ ମ୍ୟାଚରେ ପରାଜିତ ହେଲେ ସେମାନଙ୍କୁ ଲଣ୍ଡା ହେବାକୁ ପଡ଼ିବ। ଦଳର କେତେଜଣ ଖେଳାଳି କହିଛନ୍ତି ସେମାନେ କଲିକତା ଫେରିବା ପରେ ମୁଣ୍ଡନ କରିଥିଲେ। ଅନ୍ୟ କେତେଜଣ କହିଛନ୍ତି, ସେମାନଙ୍କୁ ଏଥିଲାଗି ବାଧ କରାଯାଇଥିଲା। ଖବର ଅନୁସାରେ କେବଳ ଦୁଇ ଜଣଙ୍କୁ ଛାଡ଼ି ୧୮ ଜଣିଆ ୧୯ ବର୍ଷରୁ କମ୍ ଦଳର ଅନ୍ୟ ସମସ୍ତ ଖେଳାଳି ଲଣ୍ଡା ହୋଇଥିଲେ। ଏମାନଙ୍କ ମଧ୍ୟରେ ୧୨ ଜଣ ଖେଳାଳି ହେଉଛନ୍ତି ସଲ୍ଟଲେକ୍ସ୍ଥିତ (ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ) ସାଇର ଇଷ୍ଟର୍ନ ରିଜିଓନାଲ ସେଣ୍ଟରର ଅନ୍ତେବାସୀ। କୋଚ୍ ଜଣକ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି, ମ୍ୟାଚ ବେଳେ ମୁଁ ଖେଳାଳିମାନଙ୍କୁ ଗାଳିଦେଇଥିଲି। ପରେ କିନ୍ତୁ ସେମାନଙ୍କୁ କିଛି କହି ନ ଥିଲି। ମୁଁ କାହିଁକି ଅବା ସେମାନଙ୍କୁ ବାଧ କରିବି। ବରଂ ସେମାନେ ଏପରି କାହିଁକି କଲେ ବୋଲି ପ୍ରଶ୍ନ କରିଥିଲି। ଅନ୍ୟପକ୍ଷରେ ସାଇ ନିର୍ଦ୍ଦେଶକ ମନ୍ମିତ୍ ସିଂ ଗୋଇଣ୍ଡି କହିଛନ୍ତି ଖେଳାଳିମାନଙ୍କ ସହ ଆଲୋଚନା ପରେ ଆବଶ୍ୟକ ପଦକ୍ଷେପ ନେବି।

### ମହିଳା ଫୁଟବଲ: ହଂକଂକୁ ହରାଇଲା ଭାରତ

**ହଂକଂ, ୨୧।୧(ପି.ଟି.):** ହଂକଂ ଗସ୍ତରେ ଯାଇଥିବା ଭାରତୀୟ ମହିଳା ଫୁଟବଲ ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି। ସୋମବାର ଅନୁଷ୍ଠିତ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଭାରତ ୫-୨ ଗୋଲରେ ହଂକଂକୁ ପରାସ୍ତ କରିଛି। ଭାରତ ପକ୍ଷରୁ ଡାଙ୍ଗମେଇ ଗ୍ରେସ୍ ଦୁଇଟି ଗୋଲ ଦେଇ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ସେହିପରି ସଞ୍ଜୁ, ସୁମିତ୍ରା ଓ ରତ୍ନବାଳା ଭାରତ ପାଇଁ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଏହି ବିଜୟ ଭାରତ ପାଇଁ ଐତିହାସିକ ସାବ୍ୟସ୍ତ ହୋଇଛି। ଅପରପକ୍ଷରେ ହଂକଂ ତରଫରୁ ଚେଅଙ୍ଗ ୱାଇ କି ୧୭ତମ ମିନିଟରେ ଗୋଲ ଦେଇଥିଲେ। ସେହିପରି ୭୦ତମ ମିନିଟରେ କର୍ନରୁ ହଂକଂର ଚୁଙ୍ଗ୍ ପୁଇ କି ଗୋଲ ସ୍କୋର କରି ପରାଜୟ ବ୍ୟବଧାନକୁ କମାଇଥିଲେ। ବୁଧବାର ହଂକଂ ବିପକ୍ଷରେ ଭାରତ ତା'ର ଦ୍ୱିତୀୟ ମ୍ୟାଚ ଖେଳିବ।



> ମୁଁ ବାଲ୍ୟକାଳରୁ ଜଣେ ସ୍ପଷ୍ଟବାଦୀ ହୋଇଥିବାରୁ ମୋତେ କେତେକେ ଅହଂକାରୀ ବୋଲି କହିଥାନ୍ତି, ହେଲେ ସେମାନଙ୍କ କଥା ମୋତେ ପ୍ରଭାବିତ କରି ନ ଥାଏ ।
> –ଭିନେଶ ଫୋଗଟ, ଭାରତୀୟ କୁସ୍ତି ଯୋଦ୍ଧା



> ଆସନ୍ତା ସୀମିତ ଓଭର ବିଶିଷ୍ଟ ସିରିଜରେ କେବଳ କୋହଲିଙ୍କ ପଛରେ ନ ପଡ଼ି ଆମକୁ ଭାରତୀୟ ଟପ୍ ଅର୍ଡରକୁ କବଳିତ କରିବାକୁ ପଡ଼ିବ ।
> –ରସ୍ ଟେଲର, ନ୍ୟୁଜିଲାଣ୍ଡର ବରିଷ୍ଠ ବ୍ୟାଟ୍ସମ୍ୟାନ





ମ୍ୟାଚ୍ ବିଜୟ ପରେ ସେରେନା ୱିଲିୟମ୍ସ ଓ ନାଓମି ଓସାକାଙ୍କ ପ୍ରତିକ୍ରିୟା।

## କ୍ୱାର୍ଟରରେ ସେରେନା, ଜୋକୋଭିଚ୍

**ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ୍**

**ମେଲବୋର୍ନ,୨୧।୧(ଏଏଫପି)** ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ ଟୁର୍ନାମେଣ୍ଟରେ ଦୁଇ ଅଭିଜ୍ଞ ଖେଳାଳି ଆମେରିକାର ସେରେନା ଉଇଲିୟମ୍ସ ଓ ନୋଭାକ୍ ଜୋକୋଭିଚ୍‌ଙ୍କ ବିଜୟ ଅଭିଯାନ ଜାରି ରହିଛି। ଅନ୍ୟକେତେକ ସିଡେଡ ଖେଳାଳିଙ୍କ ସହ ଏହି ଦୁଇ ଖେଳାଳି ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ ୧୬ତମ ସିଡ ମାନ୍ୟତା ପାଇଥିବା ସେରେନା ୬-୧, ୪-୬, ୬-୪ ସେଟରେ ଟପ୍ ସିଡ ରୋମାନିଆର ସିମୋନା ହାଲେପଙ୍କୁ ପରାସ୍ତ କରି ୨୪ତମ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲର ନିକଟତର ହୋଇଛନ୍ତି। ମା' ହେବାପରେ ସେରେନାଙ୍କର ଏହା ସର୍ବବୃହତ୍ ବିଜୟ ସାବ୍ୟସ୍ତ ହୋଇଛି। ସେହିପରି ପୁରୁଷ ସିଙ୍ଗଲ୍ସରେ ଟପ୍‌ସିଡ ଜୋକୋଭିଚ୍ ୬-୪, ୬-୭, ୬-୨, ୬-୩ ସେଟରେ ୧୫ତମ ସିଡ୍ ଖେଳାଳି ଡାନିଲ ମେଡଭେଡେଭଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। କ୍ୱାର୍ଟରରେ ଜୋକୋଭିଚ୍ ଜାପାନର କେଇ ନିଶିକୋରୀଙ୍କୁ ଭେଟିବେ।

ପୁରୁଷ ସିଙ୍ଗଲ୍ସର ଅନ୍ୟ ଏକ ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ ଅଷ୍ଟମ ସିଡ କେଇ ନିଶିକୋରୀ ୬-୭, ୪-୬, ୭-୬, ୬-୪, ୭-୬ ମାରାଥନ ସେଟରେ ସ୍ପେନର ପାବ୍ଲୋ କାରେନୋ ବୁଷ୍ଟାଙ୍କୁ ହରାଇ କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ଦ୍ୱିତୀୟ ସିଡ ସ୍ପେନ୍‌ର ରାଫାଲ ନାଡାଲ ୬-୦, ୬-୧, ୭-୬ ସେଟରେ ଚେକ୍ ଗଣରାଜ୍ୟର ଟମାସ ବର୍ଡିଚ୍‌ଙ୍କୁ ହରାଇ କ୍ୱାର୍ଟରକୁ ଉଠିଛନ୍ତି। ନାଡ଼ାଲ କ୍ୱାର୍ଟରରେ ଆମେରିକାର ଫ୍ରାନସେସ୍ ଟିଆଫୋଙ୍କୁ ଭେଟିବେ। ଫ୍ରାନସେସ୍ ୭-୫, ୭-୬, ୬-୭, ୭-୫ ସେଟରେ ୨୦ତମ ସିଡ ଗ୍ରିଗର ଡିମିଟ୍ରୋଭଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ସେହିପରି କାନାଡ଼ାର ମିଲୋସ ରାଓନିକ୍ ଚତୁର୍ଥ ସିଡ ଜର୍ମାନୀର ଆଲେକଜାଣ୍ଡାର ଭେରେଭଙ୍କୁ ୬-୧, ୬-୧, ୭-୬ ସେଟରେ ହରାଇ କ୍ୱାର୍ଟରକୁ ଉଠିଛନ୍ତି। କ୍ୱାର୍ଟରରେ ସେ ଲୁକାସ ପାଓଲିଙ୍କୁ ଭେଟିବେ। ପାଓଲି ଅନ୍ୟ ଏକ ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ ୬-୭, ୬-୪, ୭-୫, ୭-୬ ସେଟରେ ବର୍ନା କୋରିକ୍‌ଙ୍କୁ ହରାଇ, ସ୍ପେନର ରୋବେର୍ଟୋ ବଟିସ୍ତା ଅଗୁଟ ୬-୭, ୬-୩, ୬-୨, ୪-୬, ୬-୪ ସେଟ୍‌ରେ କ୍ରୋଏସିଆର ମାରିନ ସିଲିକଙ୍କୁ ହରାଇ କ୍ୱାର୍ଟରକୁ ଉଠିଛନ୍ତି। ତେବେ ଅଭିଜ୍ଞ ରୋଜର ଫେଡରରଙ୍କ ବିପର୍ଯ୍ୟୟ ଘଟିଛି। ତୃତୀୟ ସିଡ ଫେଡରର ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ ୭-୬, ୬-୭, ୫-୭, ୬-୭ ସେଟରେ ୧୪ତମ ସିଡ ଗ୍ରୀସ୍‌ର ଷ୍ଟିଫାନୋସ ସିଟ୍‌ସିପାସଙ୍କଠାରୁ ପରାସ୍ତ ହୋଇ ବିଦୟ ନେଇଛନ୍ତି।

ମହିଳା ସିଙ୍ଗଲ୍ସରେ ସେରେନା କ୍ୱାର୍ଟର ଫାଇନାଲରେ ସପ୍ତମ ସିଡ୍ ଚେକ୍ ଗଣରାଜ୍ୟର କାରୋଲିନା ପ୍ଲିସ୍କୋଭାଙ୍କୁ ଭେଟିବେ। ପ୍ଲିସ୍କୋଭା ଚତୁର୍ଥ ରାଉଣ୍ଡରେ ୬-୩, ୬-୧ ସେଟରେ ଗାର୍ବାଇନ୍ ମୁଗୁରୁଜାଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ସେହିପରି ଚତୁର୍ଥ ସିଡ ଜାପାନର ନାଓମି ଓସାକା ୪-୬, ୬-୩, ୬-୪ ସେଟରେ ଲାଟଭିଆର ଅନାଷ୍ଟାସିଜା ସେଭାଶୋଭାଙ୍କୁ ହରାଇ କ୍ୱାର୍ଟରକୁ ଉଠିଛନ୍ତି। ତେବେ ଦ୍ୱିତୀୟ ସିଡ ଆଞ୍ଜେଲିକ୍ କର୍ବର ୦-୬, ୨-୬ ସେଟରେ ଆମେରିକାର ଡାନିଏଲେ କଲିନ୍ସଙ୍କଠାରୁ ଚତୁର୍ଥ ରାଉଣ୍ଡରେ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି। ସେହିପରି ଅଭିଜ୍ଞ ରୁଷିଆ ଖେଳାଳି ମାରିଆ ସାରାପୋଭା ୬-୪,୧-୬ ୪-୬ ସେଟରେ ଅଷ୍ଟ୍ରେଲିଆର ଆସେଲେ ବାର୍ଟିଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଚେକ୍ ଗଣରାଜ୍ୟର ପେଟ୍ରା ଭିଟୋଭା ୬-୨, ୬-୧ ସେଟ୍‌ରେ ଆମେରିକାର ଅମାଣ୍ଡା ଆନିସିମୋଭାଙ୍କୁ ହରାଇ କ୍ୱାର୍ଟରକୁ ଉଠିଛନ୍ତି।

## ଅଞ୍ଜଳି, କାଜଲଙ୍କ ଅର୍ଦ୍ଧଶତକ: ଓଡ଼ିଶା ବିଜୟୀ

**କଟକ ଅଫିସ,୨୧।୧:** ରାଜକୋଟର ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନ ଷ୍ଟାଡିୟମରେ ସୋମବାର ଖେଳାଯାଇଥିବା ୨୩ ବର୍ଷରୁ କମ୍ ଟି-୨୦ ଟୁର୍ନାମେଣ୍ଟରେ ଓଡ଼ିଶା ୮୬ ରନରେ ଜମ୍ମୁ କଶ୍ମୀରକୁ ପରାସ୍ତ କରିଛି । ଟୁର୍ନାମେଣ୍ଟର ପ୍ରଥମ ୩ଟି ମ୍ୟାଚ ବିଜୟୀ ହେବା ପରେ ଗତ ମ୍ୟାଚ୍‌ରେ ଓଡ଼ିଶା ୬ ଉଇକେଟରେ ବିଦର୍ଭଠାରୁ ପରାସ୍ତ ହୋଇଥିଲା। ଜମ୍ମୁ-କଶ୍ମୀର ବିପକ୍ଷ ମ୍ୟାଚ୍‌କୁ ସହଜରେ ଜିତି ଓଡ଼ିଶା ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିଛି । ସୁଶ୍ରୀ ଦିବ୍ୟଦର୍ଶନୀଙ୍କ ନେତୃତ୍ୱାଧୀନ ଓଡ଼ିଶା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳ ବିନା ଉଇକେଟରେ ୧୬୦ରନ ସଂଗ୍ରହ କରିଥିଲା ଦୁଇ ଓପନର କାଜଲ ଜେନା ଓ ଅଞ୍ଜଳି ସିଂ ଚମତ୍କାର ବ୍ୟାଟିଂ ପ୍ରଦର୍ଶନ କରିଥିଲେ ଆକ୍ରମଣାତ୍ମକ ଶୈଳୀରେ ବ୍ୟାଟିଂ କରିଥିବା ଓଡ଼ିଶା ୬.୩ ଓଭରରେ ୫୦ରନ ପୂରଣ କରିଥିଲା। ଅଞ୍ଜଳି ୪୨ଟି ବଲରୁ ଓ କାଜଲ ୩୯ଟି ବଲରୁ ଅର୍ଦ୍ଧଶତକ ହାସଲ କରିଥିଲେ। ୧୬ଟି ଚୌକା ବଳରେ ଅଞ୍ଜଳି ଅପରାଜିତ ୯୭ ରନ କରିବା ସହ ଶତକରୁ ଅଳ୍ପକେ ବଞ୍ଚିତ ହୋଇଥିଲେ। କାଜଲ ୫୬ରନରେ ଅପରାଜିତ ଥିଲେ। ୧୬୧ରନର ପିଛା କରି ବ୍ୟାଟିଂ କରିଥିବା ଜମ୍ମୁ କଶ୍ମୀର ୯ ଉଇକେଟ ହରାଇ ୭୪ ରନ କରିଥିଲା। ୭ ରନରେ ପ୍ରଥମ ୩ଟି ଓ ୧୮ ରନରେ ଦଳ ୬ଟି ଉଇକେଟ ହରାଇଥିଲା। ନିମ୍ନକ୍ରମର ବ୍ୟାଟ୍ସଓମ୍ୟାନ ହୁମାଇରା ଫାରୁକ ଦ୍ରୁତ ୪୧ରନ କରିଥିଲେ। ଓଡ଼ିଶା ପକ୍ଷରୁ ବର୍ଷାରାଣୀ ସିଂ ସର୍ବାଧିକ ୩ଟି ଉଇକେଟ ଦଖଲ କରିଥିବା ବେଳେ ଶୁଭ୍ର ନିର୍ଝରିଣୀ ସ୍ୱାଇଁ ଓ ରାଜଶ୍ରୀ ସ୍ୱାଇଁ ୨ଟି ଲେଖାଏ, ସୁଶ୍ରୀ ଦିବ୍ୟଦର୍ଶନୀ, ଲୁଇସା ଦାସ, ଇନ୍ଦ୍ରାଣୀ ଛତ୍ରିଆ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



କାଜଲ ଜେନା ଓ ଅଞ୍ଜଳି ସିଂ।

## ଆନନ୍ଦ ମିଳିତ ଅଗ୍ରଣୀ

**ୱିଜ୍ ଆନ୍ ଜୀ (ନେଦରଲାଣ୍ଡ୍ସ), ୨୧।୧ (ପି.ଟି.):** ଏଠାରେ ଚାଲିଥିବା ଟାଟା ଷ୍ଟିଲ ଚେସ୍ ଟୁର୍ନାମେଣ୍ଟରେ ୫ଥର ବିଶ୍ୱ ଚାମ୍ପିୟନ ବିଶ୍ୱନାଥନ ଆନନ୍ଦ ଆଜରବୈଜାନର ଶାଖ୍ରିୟାର ମାମେଦୟାରୋଭଙ୍କୁ ହରାଇ ଦେଇଛନ୍ତି। ଏହି ବିଜୟ ଦ୍ୱାରା ୮ମ ରାଉଣ୍ଡ ଖେଳ ପରେ ଆନନ୍ଦ ନରୱେର ମାଗ୍ନସ କାର୍ଲସେନଙ୍କ ସହିତ ମିଳିତ ଅଗ୍ରଣୀ ଲାଭ କରିଛନ୍ତି। ଭାରତୀୟ ଖେଳାଳି ବର୍ତ୍ତମାନ ସମ୍ଭାବ୍ୟ ୮ରୁ ୫.୫ ପଏଣ୍ଟ ଅର୍ଜନ କରିପାରିଛନ୍ତି। ଅନ୍ୟପକ୍ଷରେ ବିଶ୍ୱ ଚାମ୍ପିୟନ କାର୍ଲସେନ ୮ମ ରାଉଣ୍ଡରେ ହଙ୍ଗେରୀର ରିଚାର୍ଡ ରାପୋର୍ଟଙ୍କୁ ପରାସ୍ତ କରିଛନ୍ତି। ମିଳିତ ଅଗ୍ରଣୀ ଲାଭ କରିଥିବା ଆନନ୍ଦ ଓ କାର୍ଲସେନଙ୍କଠାରୁ ଅଧା ପଏଣ୍ଟ ପଛରେ ରୁଷିଆର ଇଆନ ନେପମନିଆଚି, ଚାଇନାର ଡିନ୍ ଲିରେନ ଏବଂ ସ୍ଥାନୀୟ ଷ୍ଟାର ଖେଳାଳି ଆନିଶ ଗିରି ରହିଛନ୍ତି। ଆଜରବୈଜାନର ତିମୋର ରାଦ୍‌ଜାବୋଭ ୪.୫ ପଏଣ୍ଟ ସହ ଏକମାତ୍ର ଖେଳାଳି ଭାବେ ୬ଷ୍ଠ ସ୍ଥାନରେ ଅଛନ୍ତି। ଅନ୍ୟଜଣେ ଭାରତୀୟ ଖେଳାଳି ଭିଦିତ୍ ଗୁଜରାଟୀ ୪ପଏଣ୍ଟ ସହ ମିଳିତ ୭ମ ସ୍ଥାନରେ ଅଛନ୍ତି। ୱିଜ୍ ଆନ୍ ଜୀ ଫେଭରାଇଟ୍ ଗ୍ରାଉଣ୍ଡ ହୋଇଥିବାରୁ ଫର୍ମରେ ଥିବା ଆନନ୍ଦଙ୍କଠାରୁ ଭଲ ଆଶା କରାଯାଉଛି।

## କିଲିମାଞ୍ଜାରୋ ଆରୋହଣ ଅଭିଯାନରେ କୁଶ, ଲିପିକା




ଫ୍ଲାଗ୍-ଅଫ୍ ସେରିମନି ଅବସରରେ କୁଶ ଆର୍ଲବ ଓ ଲିପିକା ସେଠ୍।

**ଭୁବନେଶ୍ୱର, ୨୧।୧(କ୍ରୀଡ଼ା ପ୍ରତିନିଧି):** ଆଫ୍ରିକା ମହାଦେଶର ଉଚ୍ଚତମ ଶୃଙ୍ଗ କିଲିମାଞ୍ଜାରୋ (୫,୮୯୫ ମି/୧୯,୩୪୦ ଫୁଟ) ଆରୋହଣ କରିବେ ଓଡ଼ିଶାର ଦୁଇ ପର୍ବତାରୋହି ପ୍ରତିଭା କୁଶ ଆର୍ଲବ ଓ ଲିପିକା ସେଠ୍। ଏହି ଅଭିଯାନରେ କୋରାପୁଟ ଜିଲାର କୁଶ ଓ ବରଗଡ଼ର ଲିପିକା ସୋମବାର ଦକ୍ଷିଣ ଆଫ୍ରିକା ଅଭିମୁଖେ ଯାତ୍ରା କରିଛନ୍ତି। କୁଶ ଓ ଲିପିକାଙ୍କୁ ବିଦାୟ ଜଣାଇବା ପାଇଁ ଏଠାରେ ଏକ ଫ୍ଲାଗ୍ ଅଫ୍ ସେରିମନି ଆୟୋଜନ ହୋଇଥିଲା। ଏଥିରେ ଏସିଆ ପାସିଫିକ୍ ହାବିଟାଟ୍ ସୋସାଇଟି ସମ୍ପାଦକ ଡ. ୱିଲିୟମ ହେନେଜ ଉପସ୍ଥିତ ରହି ଦୁଇ ଉଦୀୟମାନ ପର୍ବତାରୋହୀଙ୍କୁ ଜାତୀୟ ପତାକା ଦେଖାଇ ଶୁଭକାମନା ଜଣାଇଥିଲେ। ଭୁବନେଶ୍ୱର ଜିଲା ଯୁବ ବିଜେଡି ସଭାପତି ଅମରଜିତ ସେନାପତି ଓ ଉପସଭାପତି ସଞ୍ଜିତ ସେନାପତି, ଦିବାକର ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ କିଲିମାଞ୍ଜାରୋ ଆରୋହଣ ଅଭିଯାନ ଚଳିତ ମାସ ୩୦ରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ଏମସିଏଲ ସହଯୋଗରେ ଲିପିକା ଏବଂ ଭୁବନେଶ୍ୱର ସ୍କୁଲ ଅଫ୍ ଆଡ୍‌ଭେଞ୍ଚର୍ସ ସହଯୋଗରେ କୁଶ ଏହି ଅଭିଯାନରେ ବାହାରିଛନ୍ତି। ଲିପିକା ଜବାହର ଇନ୍‌ଷ୍ଟିଚ୍ୟୁଟ ଅଫ୍ ମାଉଣ୍ଟେନରିଂ ପର୍ବତାରୋହଣ ଅନୁଷ୍ଠାନରୁ ଶିକ୍ଷାଲାଭ କରିଛନ୍ତି। ସେ ପୂର୍ବରୁ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଦ୍ୱାରା ପରିଚାଳିତ ବିଜୁ ପଟ୍ଟନାୟକ ହିମାଳୟାନ ଅଭିଯାନ ପ୍ରଥମ ସଂସ୍କରଣର ସଦସ୍ୟଭାବେ ରୁଦୁଗାଇରା (୧୯,୦୯୧ଫୁଟ) ଶୃଙ୍ଗକୁ ସଫଳତାର ସହ ଆରୋହଣ କରିଥିଲେ। ସେହିପରି କୋରାପୁଟ ଜିଲା ଆଦିବାସୀ ସମ୍ପ୍ରଦାୟର କୁଶ ହିମାଳୟାନ ମାଉଣ୍ଟେନରିଂ ଇନ୍‌ଷ୍ଟିଚ୍ୟୁଟ୍‌ରୁ ପ୍ରଶିକ୍ଷଣ ନେଇଛନ୍ତି। କିଲିମାଞ୍ଜାରୋ ଅଭିଯାନରେ ଦେଶ ବିଦେଶରୁ ମୋଟ ୮ ପର୍ବତାରୋହୀ ଭାଗ ନେଉଛନ୍ତି। ସେମାନଙ୍କ ମଧ୍ୟରେ ଭାରତର ୩ ପର୍ବତାରୋହୀ ସାମିଲ।

## ହକି ସିରିଜ୍ ଫାଇନାଲ୍ସ: ଭୁବନେଶ୍ୱରରେ ପୁରୁଷ, ହିରୋସିମାରେ ମହିଳା ଦଳ ଖେଳିବ

**୨୦୨୦ ଟୋକିଓ ଅଲିମ୍ପିକ୍ସର ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ପାଇଁ ଏଫଆଇଏଚ୍ ସିରିଜ ଫାଇନାଲ୍ସ ଚଳିତ ବର୍ଷ ଅନୁଷ୍ଠିତ ହେବ । ଭାରତୀୟ ପୁରୁଷ ଦଳ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଏବଂ ମହିଳା ଦଳ ଜାପାନର ହିରୋସିମାଠାରେ ଏହି ପ୍ରତିଯୋଗିତା ଖେଳିବ ।**

**ଭୁବନେଶ୍ୱର, ୨୧।୧(କ୍ରୀଡ଼ା ପ୍ରତିନିଧି):** ଗତବର୍ଷ ହକି ବିଶ୍ୱକପ କଳିଙ୍ଗ ଷ୍ଟାଡିୟମରେ ସଫଳତାର ସହ ସମ୍ପନ୍ନ ହୋଇଥିବାବେଳେ ଚଳିତ ବର୍ଷ ଏଠାରେ ଅନୁଷ୍ଠିତ ହେବାକୁ ଯାଉଛି ଅନ୍ତର୍ଜାତୀୟ ହକି ଫେଡେରେଶନ(ଏଫଆଇଏଚ୍) ସିରିଜ ଫାଇନାଲ୍ସ। ୨୦୧୯ରେ ହକି ସିରିଜ ଫାଇନାଲ୍ସର ମୋଟ ୩ଟି ଚରଣ ଅନୁଷ୍ଠିତ ହେବ। ପୁରୁଷ ବିଭାଗର ଦ୍ୱିତୀୟ ଚରଣ ଜୁନ ୬ରୁ ୧୬ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଖେଳାଯିବ। ଏଫଆଇଏଚ୍ ପକ୍ଷରୁ ଲାଉସାନେଠାରେ ସୋମବାର ଆନୁଷ୍ଠାନିକଭାବେ ଏହା ଘୋଷଣା କରାଯାଇଛି। ୨୦୨୦ ଅଲିମ୍ପିକ୍ସର ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ପାଇଁ ଏହା କ୍ୱାଲିଫାଇଂ ପ୍ରତିଯୋଗିତାଭାବେ ବିବେଚିତ ହେଉଛି। ଏହି ଟୁର୍ନାମେଣ୍ଟର ଶ୍ରେଷ୍ଠ ୨ଟି ଦଳ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟ ବିବେଚିତ ହେବ। ପ୍ରକାଶ ଯୋଗ୍ୟ ଯେ, ଭୁବନେଶ୍ୱରରେ ଏହି ଟୁର୍ନାମେଣ୍ଟ ହେବ ବୋଲି ଗତ ହକି ବିଶ୍ୱକପ ଅବସରରେ ଅନ୍ତର୍ଜାତୀୟ ହକି ଫେଡେରେଶନ(ଏଫଆଇଏଚ୍) ସଭାପତି ନରିନ୍ଦର ବାତ୍ରାଙ୍କ ଉପସ୍ଥିତିରେ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ୨୦୧୮ ଡିସେମ୍ବର ୧୨ ତାରିଖରେ ଘୋଷଣା କରିଥିଲେ। ଏଥିରେ ଭାରତ, ଜାପାନ, ଦକ୍ଷିଣ ଆଫ୍ରିକା, ମେକ୍ସିକୋ, ପୋଲାଣ୍ଡ, ରୁଷିଆ, ଉଜବେକିସ୍ତାନ ଓ ଆମେରିକା ଭାଗନେବେ। ଏସିଆ କପ୍ ଜିତିଥିବାରୁ ଜାପାନ ଅଲିମ୍ପିକ୍ସ ଯୋଗ୍ୟତା ପାଇ ସାରିଛି। ତେଣୁ ଏଥିରେ ଯଦି ଜାପାନ ଚାମ୍ପିୟନ ହୁଏ କିମ୍ବା ଦ୍ୱିତୀୟ ସ୍ଥାନରେ ରୁହେ ତେବେ ପରବର୍ତ୍ତୀ ସ୍ଥାନରେ ଥିବା ଦଳ ଥ୍ରୁ କରିବା ସମ୍ଭାବନା ରହିଛି। ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ଚଳିତବର୍ଷ ଅକ୍ଟୋବର/ନଭେମ୍ବରରେ ଖେଳାଯିବ। ପୁରୁଷ ଦଳ ଭଳି ଭାରତୀୟ ମହିଳା ଦଳ ମଧ୍ୟ ହକି ସିରିଜ ଫାଇନାଲ୍ସ ଖେଳିବ। ହିରୋସିମାରେ ଜୁନ ୧୫ରୁ ୨୩ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗିତାରେ ଭାରତ, ଚିଲି, ଫିଜି, ମେକ୍ସିକୋ, ପୋଲାଣ୍ଡ, ରୁଷିଆ ଓ ଉରୁଗୁଏ ଭାଗନେବେ।

ପୁରୁଷ ହକି ସିରିଜ ଫାଇନାଲ୍ସର ପ୍ରଥମ ଚରଣ ମାଲେସିଆର କୁଆଲାଲମ୍ପୁରଠାରେ ଅନୁଷ୍ଠିତ ହେବ। ୨୦୧୯ ଏପ୍ରିଲ ୨୬ରୁ ମେ ୪ ପର୍ଯ୍ୟନ୍ତ ହେବାକୁଥିବା ପ୍ରତିଯୋଗିତାରେ କାନାଡ଼ା, ଚାଇନା, ମାଲେସିଆ, ଅଷ୍ଟ୍ରିଆ, ବ୍ରାଜିଲ, ଇଟାଲି, ଭାନୁଆତୁ ଓ ୱେଲ୍ସ ଭାଗନେବେ। ସେହିପରି ତୃତୀୟ ଚରଣ ଜୁନ ୧୫ରୁ ୨୩ ପର୍ଯ୍ୟନ୍ତ ଫ୍ରାନ୍ସର ଲି ଟୌକ୍ୱେଟଠାରେ ଖେଳାଯିବ। ଏଥିରେ ଫ୍ରାନ୍ସ, ଆୟର୍ଲାଣ୍ଡ, ଦକ୍ଷିଣ କୋରିଆ, ଚିଲି, ସିଙ୍ଗାପୁର, ସ୍କଟଲାଣ୍ଡ ଓ ଇଜିପ୍ଟ ଭାଗନେବେ। ଅଲିମ୍ପିକ୍ସରେ ମୋଟ ୧୨ଟି ଦଳ ଅଂଶଗ୍ରହଣ କରିବେ। ମହାଦେଶୀୟ ଟୁର୍ନାମେଣ୍ଟର ଟାଇଟଲ ହାସଲକାରୀ ୬ଟି ଦଳ ସିଧାସଳଖ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ପାଇବେ। ଅନ୍ୟ ୬ଟି ସ୍ଥାନ ପାଇଁ ଏକ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ହେବ। ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟରେ ମଧ୍ୟ ୧୨ଟି ଦଳ ଅଂଶଗ୍ରହଣ କରିବେ। ଏଫଆଇଏଚ୍ ପ୍ରୋ ଲିଗ୍‌ର ଶ୍ରେଷ୍ଠ ୪ଟି ଦଳ, ତିନୋଟି ହକି ସିରିଜ ଫାଇନାଲ୍ସରୁ ୨ଟି ଲେଖାଏ ଦଳ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ପାଇଁ କ୍ୱାଲିଫାଇ କରିବେ। ଅବଶିଷ୍ଟ ୨ଟି ସ୍ଥାନ ପାଇଁ ର୍‍ୟାଙ୍କିଙ୍ଗ୍ ଦେଖାଯିବ। ଯୋଗ୍ୟତା ପାଇ ନ ଥିବା ଦଳଗୁଡ଼ିକ ମଧ୍ୟରୁ ଶ୍ରେଷ୍ଠ ର୍‍ୟାଙ୍କ୍‌ପ୍ରାପ୍ତ ୨ଟି ଦଳ ଏଥିରେ ସାମିଲ ହେବେ। ଏହି ୧୨ଟି ଦଳକୁ ନେଇ ହେବାକୁ ଥିବା ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟରୁ ୬ଟି ଦଳ ଅଲିମ୍ପିକ୍ସ ଯୋଗ୍ୟତା ପାଇବେ। ଏହି ୬ ଦଳ ଏବଂ ମହାଦେଶୀୟ ଟୁର୍ନାମେଣ୍ଟ ବିଜେତା ୬ ଦଳ ଏହିପରି ୧୨ଟି ଦଳ ଅଲିମ୍ପିକ୍ସରେ ଭାଗନେବେ। ଏଫଆଇଏଚ୍ ପ୍ରୋ ଲିଗ୍ ନେଦରଲାଣ୍ଡ୍ସର ଆମଷ୍ଟେଲଭିନଠାରେ ୨୦୧୯ ଜୁନ ୧୯ରୁ ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ବେଲଜିୟମ, ଜର୍ମାନୀ, ଗ୍ରେଟ୍ ବ୍ରିଟେନ, ନେଦରଲାଣ୍ଡ୍ସ, ନ୍ୟୁଜିଲାଣ୍ଡ, ପାକିସ୍ତାନ ଓ ସ୍ପେନ ଭାଗ ନେବାର କାର୍ଯ୍ୟକ୍ରମ ରହିଛି।

**କଳିଙ୍ଗରେ ଖେଳିବେ**

ଭାରତ, ଜାପାନ, ଦକ୍ଷିଣ ଆଫ୍ରିକା, ମେକ୍ସିକୋ, ପୋଲାଣ୍ଡ, ରୁଷିଆ, ଉଜବେକିସ୍ତାନ ଓ ଆମେରିକା ।

FIH SERIES FINALS

## ପୂର୍ଣ୍ଣଚନ୍ଦ୍ର-ଆଲୋକ ସ୍ମାରକୀ କ୍ରିକେଟ: ବମ୍ପକୁଦ ଚାମ୍ପିୟନ

**ଫୁଲନଖରା, ୨୧।୧ (ଡି.ଏନ୍.ଏ.)** କଟକ ସଦର ଉତ୍ତର ଉଷୁମା ଗ୍ରାମରେ ଅନୁଷ୍ଠିତ ପୂର୍ଣ୍ଣଚନ୍ଦ୍ର-ଆଲୋକ ସ୍ମାରକୀ କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ମୂଳକୋଦିଣ୍ଡା ଟିମ୍‌କୁ ପରାସ୍ତ କରି ବମ୍ପକୁଦର ମା ଯୋଗୀଆଣି କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଟସ୍ ଜିତି ବମ୍ପକୁଦ ୧୬ ଓଭରରେ ୬ ଉଇକେଟ୍ ହରାଇ ୧୫୧ ରନ କରିଥିଲା। ଜବାବରେ ମୂଳକୋଦିଣ୍ଡା ୮ ଉଇକେଟ୍ ବିନିମୟରେ ୧୨୨ ରନ କରିବାକୁ ସକ୍ଷମ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ସରପଞ୍ଚ ଯତୀନ୍ଦ୍ର ନାଥ ସାହୁ ମୁଖ୍ୟଅତିଥି ଭାବେ ଏବଂ ଗଣେଶ ଚନ୍ଦ୍ର ସାହୁ ଓ ପ୍ରଣୟ ସାମନ୍ତରାୟ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ବମ୍ପକୁଦର ବୁଲୁ ସ୍ୱାଇଁ ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ଓ ମୂଳକୋଦିଣ୍ଡାର ସରୋଜ ପ୍ରଧାନ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଚାମ୍ପିୟନ ବମ୍ପକୁଦର ଯୋଗୀଆଣି କ୍ରିକେଟ କ୍ଲବକୁ ୧୦ ହଜାର ଟଙ୍କା ଓ ଟ୍ରଫି ଏବଂ ମୂଳକୋଦିଣ୍ଡା ଟିମ୍‌କୁ ୬ ହଜାର ଟଙ୍କା ଓ ଟ୍ରଫି ମୁଖ୍ୟ ଅତିଥି ପ୍ରଦାନ କରିଥିଲେ।



ଚାମ୍ପିୟନ୍ ବମ୍ପକୁଦ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।



1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

### ଜଗମୋହନ ମରାମତି ମାମଲା

# ଏଏସ୍‌ଆଇ ଦେଲା ସତ୍ୟପାଠ

**କଟକ ଅଫିସ, ୨୧।୧**

- ଆମିକସ୍ କ୍ୟୁରି ଦାଖଲ କଲେ ଷ୍ଟାଟସ ରିପୋର୍ଟ
- ଶେଷ ପର୍ଯ୍ୟାୟରେ ୮ ପାର୍ଶ୍ୱମନ୍ଦିର ମରାମତି କାର୍ଯ୍ୟ
- ନାଟମଣ୍ଡପ ସ୍ଥିତି ଜାଣିବା ପାଇଁ ଲଗାଯାଇଛି ସେନ୍‌ସରମ

ପୁରୀ ଶ୍ରୀମନ୍ଦିର ଜଗମୋହନ ମରାମତି ମାମଲା ଉପରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍‌ଆଇ) ପକ୍ଷରୁ ସୋମବାର ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଛି। ସେହିପରି ଏ ସମ୍ପର୍କରେ ଆମିକସ୍ କ୍ୟୁରି ମଧ୍ୟ ହାଇକୋର୍ଟରେ ଷ୍ଟାଟସ୍ ରିପୋର୍ଟ ଦାଖଲ କରିଛନ୍ତି। ଏହି ଅନୁଯାୟୀ ୧୩ଟି ପାର୍ଶ୍ୱ ମନ୍ଦିର ମଧ୍ୟରୁ ୮ଟିର ମରାମତି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ୫ଟିର ମରାମତି କାମ ଖୁବ୍‌ଶୀଘ୍ର ଆରମ୍ଭ କରାଯିବ। ସେହିପରି ନାଟମଣ୍ଡପର ସ୍ଥିତି ଜାଣିବା ନିମନ୍ତେ ସେନ୍‌ସର ଲଗାଯାଇଛି। ସେନ୍‌ସରରୁ ସବିଶେଷ ତଥ୍ୟ ଜାଣିବା ପାଇଁ ୨ ମାସ ସମୟ ଲାଗିବ। ଏହାପରେ ଆଇଆଇଟି ଖଡ଼ଗପୁର, କାନପୁର ଓ ପୁଣେର ବିଶେଷଜ୍ଞମାନେ ରିପୋର୍ଟ ଯାଞ୍ଚ କରିବା ପରେ ଏହି ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ। ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ବିଚାରପତି କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏହାର ଶୁଣାଣି ହୋଇଥିଲା। ଏଏସ୍‌ଆଇର ସତ୍ୟପାଠ ଓ ଆମିକସ୍ କ୍ୟୁରିଙ୍କ ଷ୍ଟାଟସ୍ ରିପୋର୍ଟକୁ ତର୍ଜମା କରିବା ପରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଆସନ୍ତା ମାର୍ଚ୍ଚ ୨୫କୁ ଧାର୍ଯ୍ୟ କରାଯାଇଛି। ସୂଚନାଥାଉକି, ଶ୍ରୀମନ୍ଦିର ଜଗମୋହନରେ ଫାଟ ସୃଷ୍ଟିହେବାକୁ ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ଏହାର ମରାମତି ନିମନ୍ତେ ହାଇକୋର୍ଟଙ୍କ ପକ୍ଷରୁ ଏଏସ୍‌ଆଇଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଡଭୋକେଟ ଡ. ଅଶୋକ କୁମାର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

### ଆଇନଜୀବୀଙ୍କୁ ଷ୍ଟାଇପେଣ୍ଡ ପ୍ରଦାନ ମାମଲା

## ଜବାବ ଦାଖଲ କଲେ ଆବେଦନକାରୀ

**କଟକ ଅଫିସ, ୨୧।୧:** ରାଜ୍ୟରେ ଆଇନ ପେସାରେ ଥିବା ଯୁବ ଆଇନଜୀବୀମାନଙ୍କୁ ଷ୍ଟାଇପେଣ୍ଡ ମିଳୁନାହିଁ। ଏ କ୍ଷେତ୍ରରେ ଅନ୍ୟ ରାଜ୍ୟମାନେ ଆଗୁଆ ଅଛନ୍ତି। ଏହାକୁ ନେଇ ହାଇକୋର୍ଟରେ ଆଡଭୋକେଟ ଦିଲୀପ ମହାପାତ୍ର ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ମାମଲା ସମ୍ପର୍କରେ ଜବାବ ଦାଖଲ କରିବାକୁ ହାଇକୋର୍ଟ ଆବେଦନକାରୀଙ୍କୁ ପୂର୍ବରୁ ଆଦେଶ ଦେଇଥିଲେ। ଏହି ଅନୁଯାୟୀ ଆଡଭୋକେଟ ମହାପାତ୍ର ହାଇକୋର୍ଟରେ ତଥ୍ୟ ସମ୍ବଳିତ ଜବାବ ଦାଖଲ କରିଛନ୍ତି। ଏହି ଅନୁଯାୟୀ ଦେଶର କେତେକ ରାଜ୍ୟରେ ଯୁବ ଆଇନଜୀବୀମାନଙ୍କୁ ସେଠାକାର ସରକାର ଷ୍ଟାଇପେଣ୍ଡ ପ୍ରଦାନ କରୁଥିବା ସେ ଉଲ୍ଲେଖ କରିଛନ୍ତି। କେରଳରେ ଯୁବ ଆଇନଜୀବୀମାନଙ୍କୁ ୫ହଜାର ଟଙ୍କା ମିଳୁଥିବା ବେଳେ ପଣ୍ଡିଚେରୀରେ ୩ହଜାର, ପଶ୍ଚିମବଙ୍ଗରେ ୧ହଜାର ଓ ଝାଡ଼ଖଣ୍ଡରେ ସେଠାକାର ସରକାର ଷ୍ଟାଇପେଣ୍ଡ ରୁଲ୍‌କୁ କାର୍ଯ୍ୟକାରୀ କରିଥିବା କୁହାଯାଇଛି। ସେହିପରି ଆସାମରେ ମଧ୍ୟ ଯୁବ ଆଇନଜୀବୀମାନଙ୍କୁ ୫ହଜାର ଟଙ୍କା ଲେଖାଏ ଷ୍ଟାଇପେଣ୍ଡ ଦେବାକୁ ସେଠାକାର ବାର୍ ଆସୋସିଏଶନ ସରକାରଙ୍କୁ ପ୍ରସ୍ତାବ ଦେଇଛି। ତେଣୁ ଓଡ଼ିଶା ସରକାର ଏଠାକାର ଯୁବ ଆଇନଜୀବୀମାନଙ୍କୁ ଷ୍ଟାଇପେଣ୍ଡ ଦେବା ନିମନ୍ତେ ବ୍ୟବସ୍ଥା କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ନିବେଦନ କରିଛନ୍ତି। ଫେବୃୟାରୀ ୧୮ରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ।

### କୋଣାର୍କ ସୂର୍ଯ୍ୟମନ୍ଦିର ସୁରକ୍ଷା ମାମଲା

## ଜବାବ ଦାଖଲ ପାଇଁ ସମୟ ନେଲା ଏଏସ୍‌ଆଇ

**କଟକ ଅଫିସ, ୨୧।୧**

କୋଣାର୍କ ସୂର୍ଯ୍ୟମନ୍ଦିର ସୁରକ୍ଷା ପ୍ରସଙ୍ଗକୁ ନେଇ ହାଇକୋର୍ଟରେ ରୁଜୁ ହୋଇଥିବା ମାମଲାରେ ଜବାବ ଦାଖଲ ନିମନ୍ତେ ଏଏସ୍‌ଆଇ ସମୟ ଲୋଡ଼ିଛି। ଉତ୍ତରାଖଣ୍ଡର ସେଣ୍ଟ୍ରାଲ ବିଲ୍‌ଡିଂ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ଆକ୍ସନ ପ୍ଲାନ ଉପରେ ଏଏସ୍‌ଆଇ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ସେ ନେଇ ହାଇକୋର୍ଟ ଏଏସ୍‌ଆଇ ମହାନିର୍ଦ୍ଦେଶକଙ୍କଠାରୁ ଜବାବ ମାଗିଥିଲେ। କିନ୍ତୁ ଜବାବ ଦାଖଲ କରିବାରେ ଏଏସ୍‌ଆଇ ମହାନିର୍ଦ୍ଦେଶକ ବିଫଳ ହୋଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଆସନ୍ତା ଫେବୃୟାରୀ ୧୮କୁ ଧାର୍ଯ୍ୟ କରାଯାଇଛି। ଉକ୍ତଦିନ ଢିଜି ଜବାବ ଦାଖଲ କରିବାକୁ କୁହାଯାଇଛି। ସୂଚନାଥାଉକି, ସୂର୍ଯ୍ୟମନ୍ଦିର ଅସୁରକ୍ଷିତ ଥିବାନେଇ ଆଡଭୋକେଟ ଦିଲୀପ ମହାପାତ୍ର ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ଏ ନେଇ ହାଇକୋର୍ଟ ଏଏସ୍‌ଆଇଠାରୁ ଜବାବ ଲୋଡିଥିଲେ।

ସୂଚନାଥାଉ କି, ସୂର୍ଯ୍ୟମନ୍ଦିର ସ୍ଥାୟିତ୍ୱକୁ ନେଇ ଏକ ରିପୋର୍ଟ ପ୍ରସ୍ତୁତ କରିବାକୁ ଏଏସ୍‌ଆଇ ପକ୍ଷରୁ ସେଣ୍ଟ୍ରାଲ ବିଲ୍‌ଡିଂ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌କୁ ଦାୟିତ୍ୱ ଦିଆଯାଇଥିଲା। ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ଅନୁଧ୍ୟାନ କରାଯାଇ ଏଏସ୍‌ଆଇକୁ କେତେକ ପ୍ରସ୍ତାବ ଦିଆଯାଇଛି। ଉକ୍ତ ପ୍ରସ୍ତାବ କେତେ କାର୍ଯ୍ୟକାରୀ କରାଯାଇଛି ତାହାର ସବିଶେଷ ତଥ୍ୟ ହାଇକୋର୍ଟ ମାଗିଥିଲେ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଡଭୋକେଟ ଅଶୋକ କୁମାର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।











କୃଷିରୁ ଯେଉଁ ସମ୍ପଦ ମିଳେ, ତାହା ହିଁ ଜାତିର ପ୍ରକୃତ ସମ୍ପଦ। -ଜନ୍‌ସନ୍



## ସଂକ୍ଷେପରେ

### ବାଳମୁକୁନ୍ଦଙ୍କ ପୀଠରେ ପୌଷପୂର୍ଣ୍ଣିମା



**ତିଗିରିଆ,୨୧ା୧(ଡି.ଏନ.ଏ.):** ତିଗିରିଆ ବ୍ଲକ ନୂଆସଡ଼କସ୍ଥିତ ମୁଣ୍ଡିପାଗୁଳି ପାହାଡ଼ ଉପରେ ଥିବା ବାଳମୁକୁନ୍ଦଙ୍କ ପୀଠରେ ସୋମବାର ପୌଷପୂର୍ଣ୍ଣିମା ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପୀଠରେ ୩ଦିନ ଧରି ଅନୁଷ୍ଠିତ ଆଧ୍ୟାତ୍ମିକ ଓ ଧାର୍ମିକ କାର୍ଯ୍ୟକ୍ରମ ସହିତ ଆୟୋଜିତ ଯଜ୍ଞୋତ୍ସବର ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ଶନିବାର ଭୋରରୁ ଅଧିବାସପରେ ଭାଗବତ ଓ ପାରାୟଣ ଆରମ୍ଭ ହୋଇଥିଲା। ରବିବାର ଭାଗବତ ପାରାୟଣ ହେବା ସହ ସୋମବାର ଗୀତାଯଜ୍ଞ ଅନୁଷ୍ଠିତ ହୋଇଥିଲା। ସବୁଦିନ ପୀଠରେ ଶହଶହ ଶ୍ରଦ୍ଧାଳୁ ବାଳମୁକୁନ୍ଦଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଉଦ୍‌ଯାପନୀ ଦିବସରେ ପଣ୍ଡିତ ବିଶ୍ୱନାଥ ଶତପଥୀଙ୍କ ଦ୍ୱାରା ଭାଗବତ ପାରାୟଣ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ପୋପରା, ପାଞ୍ଚଗାଁ, ନୂଆସଡ଼କ, ଗୋଡ଼ିଝରିଆ, ସୁଦର୍ଶନପୁର, ଅଚଳକୋଟ, ହରିଡ଼ାପଶି, ଶେଷଗାଁ, ତେନ୍ତୁଳିରଗଡ଼ି ସହ ତିଗିରିଆର ବିଭିନ୍ନ ଗ୍ରାମ ଏବଂ ଆଠଗଡ଼ ବ୍ଲକର ସୀମାନ୍ତବର୍ତ୍ତୀ ଗ୍ରାମଗୁଡ଼ିକରୁ ହଜାର ହଜାର ଜନସାଧାରଣଙ୍କ ସମାଗମ ହୋଇଥିଲା।

### ସ୍ୱଚ୍ଛ ଓ ସବୁଜ ଅଦାଲତ ପ୍ରକଳ୍ପ ଉଦ୍‌ଘାଟିତ

**ତିଗିରିଆ,୨୧ା୧(ଡି.ଏନ.ଏ.):** ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ. ଜାଭେରିଙ୍କ ଦ୍ୱାରା ଭିଡିଓ କନଫରେନ୍ସିଂ ମାଧମରେ ତିଗିରିଆ ଅଦାଲତ ପରିସରରେ ସ୍ୱଚ୍ଛ ଓ ସବୁଜ ଅଦାଲତ ପ୍ରକଳ୍ପ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ତିଗିରିଆ ଅଦାଲତ ବିଚାରପତି ସୌଦାମିନୀ ସିଂହ, ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ କୁମାର ପଟ୍ଟନାୟକ, ତିଗିରିଆ ଓକିଲ ସଂଘ ସମ୍ପାଦକ ଶ୍ରୀକାନ୍ତ କୁମାର ସାହୁ, ଆଇନଜୀବୀ ସଞ୍ଜୟ କୁମାର ଦାସ, ସରକାରୀ ଓକିଲ ମଙ୍ଗଳକୃଷ୍ଣ ଦାସ ଓ ଅଦାଲତର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଅଦାଲତ ପରିସରକୁ ସଫାସୁତରା ସହ ଚାରାରୋପଣ କରି ପରିବେଶକୁ ସବୁଜ ରଖିବାକୁ ଆହ୍ୱାନ ଦିଆଯାଇଛି।

### ଦୁଇ ବାଇକ୍ ଆରୋହୀ ଗୁରୁତର

**ସାଲେପୁର,୨୧ା୧(ଡି.ଏନ.ଏ.):** ସାଲେପୁର ଥାନା ଅଧୀନ କଟକ-ଚାନ୍ଦବାଲି ରାସ୍ତାର ମାଛୁଆଡି ଛକରେ ସୋମବାର ସକାଳେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଉଭୟ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ଟାଙ୍ଗୀ ବ୍ଲକ୍ ଗୋବିନ୍ଦପୁର ଗ୍ରାମର ବିଶ୍ୱରଞ୍ଜନ ପରିଡ଼ା(୨୪)ବାଇକ୍ ଯୋଗେ କଟକରୁ କେନ୍ଦ୍ରାପଡ଼ା ଆସୁଥିବାବେଳେ ବିପରୀତ ଦିଗରୁ କେନ୍ଦ୍ରାପଡ଼ା ଜିଲା ଇନ୍ଦୁପୁର ନେତୁଆ ଗ୍ରାମର ଗଣେଶ୍ୱର ବେହେରା (୩୬)କଟକକୁ ଯାଉଥିବା ସମୟରେ ଉଭୟଙ୍କ ମଧ୍ୟରେ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଉଭୟ ଗୁରୁତର ହେବାସହ ବାଇକ୍ ଦୁଇଟି ଭାଙ୍ଗିରୁଜି ଯାଇଥିଲା। ଖବର ପାଇ ସାଲେପୁର ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ସାଲେପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଉଭୟଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଥିଲା। ପୋଲିସ ବାଇକ୍ ୨ଟିକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

### ଅଗ୍ନି ନିରାପତ୍ତା ଦିବସରେ ମକ୍‌ଡ୍ରିଲ୍

**ଆଠଗଡ଼,୨୧ା୧(ସ୍ୱ.ପ୍ର.):** ଆଠଗଡ ବିଶ୍ୱନାଥ ବିଦ୍ୟାପୀଠରେ ସୋମବାର ଜାତୀୟ ଅଗ୍ନି ନିରାପତ୍ତା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆଠଗଡ ଦମକଳ କେନ୍ଦ୍ର ପକ୍ଷରୁ ଅଗ୍ନି ଜନିତ ଦୁର୍ଘଟଣା ଓ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିପନ୍ନଙ୍କୁ କିପରି ଉଦ୍ଧାର କରାଯାଇ ପାରିବ ସେ ନେଇ ବିଦ୍ୟାପୀଠରେ କୌଶଳ ପ୍ରଦର୍ଶିତ ହୋଇଥିଲା। ପ୍ରଧାନଶିକ୍ଷକ ବ୍ରହ୍ମାନନ୍ଦ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଚେତନତା ସଭାରେ ସହକାରୀ ଅଗ୍ନି ନିରାପତ୍ତା ଅଧିକାରୀ ଦୁଷ୍ମନ୍ତ ସ୍ୱାଇଁ ଦୁର୍ଘଟଣା ଓ ଅଗ୍ନିପାତ ସମୟରେ ବିଭାଗୀୟ କର୍ମଚାରୀଙ୍କୁ ସହାୟତା କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଏଥିସହିତ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଆଗ୍ନିକ ପ୍ରକାଶ ଚନ୍ଦ୍ର ନାୟକଙ୍କ ସମେତ ସବ୍ୟସାଚୀ ଦାସ, ପବିତ୍ର ସିଂ, ଜଗବନ୍ଧୁ ଭୋଇ, ହିରଣ୍ୟ ରଣା, ସୁକଦେବ ସିଂ ପ୍ରମୁଖ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ। ସମସ୍ତ ବିଦ୍ୟାର୍ଥୀ ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଜନସ୍ୱାସ୍ଥ୍ୟ ବିଭାଗ ଯୋଗାଉଛି ଦୂଷିତ ଜଳ

**ବାଙ୍କୀ,୨୧ା୧(ସ୍ୱ.ପ୍ର.)**

**ବାଙ୍କୀ ଏନ୍‌ଏସି**
- ରୋଗ ବ୍ୟାପିବା ସମ୍ଭାବନା
- ଶୀଘ୍ର ସ୍ୱଚ୍ଛ ଜଳ ଯୋଗାଇବାକୁ ଦାବି
- ବାଧ ହୋଇ ବ୍ୟବହାର କରୁଛନ୍ତି ସହରବାସୀ



ବାଙ୍କୀ ଏନଏସିରେ ସହରାଞ୍ଚଳ ଜନସ୍ୱାସ୍ଥ୍ୟ ବିଭାଗ ଦୂଷିତ ଜଳ ଯୋଗାଉଛି। ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଭିନ୍ନ ସମୟରେ ପାଇପ୍ ପାଣି ମାଟିଆ ଓ କଳାରଙ୍ଗର ଆସୁଥିବାରୁ ବ୍ୟବହାର ଯୋଗ୍ୟ ହୋଇ ପାରୁନାହିଁ। ଫଳରେ ଅନ୍ୟ କୌଣସି ଉପାୟ ନ ପାଇ ସହରବାସୀ ବାଧହୋଇ ଏହି ଦୂଷିତ ଜଳ ବ୍ୟବହାର କରୁଛନ୍ତି। ଯଦ୍ୱାରା ସହରବାସୀ ଚର୍ମରୋଗ, ଝାଡ଼ାବାନ୍ତି ଓ ଜଣ୍ଡିସ ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା ଦେଖାଯାଇଛି। ଏନଏସି ଅଧୀନ ଶିଶୁଆଠାରେ ନିର୍ମିତ ବୃହତ ପାଣିଟାଙ୍କୀ ସଫା କରାଯାଉଛି ବୋଲି କହି ବିଭାଗୀୟ କର୍ମଚାରୀ ନିଜ ଉପରୁ ଦୋଷ ଛଡ଼ାଇ ଦେଉଛନ୍ତି। ବାଙ୍କୀ ସହରାଞ୍ଚଳ ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ଯନ୍ତ୍ରୀଭାବେ ଶ୍ରୀକାନ୍ତ ମହାରଣା ନିଯୁକ୍ତ ହୋଇଥିଲେ ମଧ ସେ ଏହି କାର୍ଯ୍ୟାଳୟକୁ ସାମୟିକଭାବେ ଆସୁଥିବା ସହରବାସୀ ଅଭିଯୋଗ କରିଛନ୍ତି। ଜଣେ ଅସ୍ଥାୟୀ କର୍ମଚାରୀଙ୍କ ଉପରେ ସମସ୍ତ ଦାୟିତ୍ୱ ନ୍ୟସ୍ତ କରାଯିବା ଫଳରେ ଜଳଯୋଗାଣରେ ଏଭଳି ଅବ୍ୟବସ୍ଥା ହେଉଥିବା ମତ ପ୍ରକାଶ ପାଇଛି। ତେଣୁ ତୁରନ୍ତ ଏହି ସମସ୍ୟାର ସମାଧାନ କରି ସହରବାସୀଙ୍କୁ ସ୍ୱଚ୍ଛ ଜଳ ଯୋଗାଇ ଦେବାକୁ ବାଙ୍କୀ ନଗର ବିଜେଡି ସଭାପତି ତଥା ଆଡ୍‌ଭୋକେଟ୍ ହରେକୃଷ୍ଣ ଦାସଙ୍କ ସମେତ ଅନ୍ୟମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସହରାଞ୍ଚଳ ଜନସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବିଳାସ କୁମାର ବେହେରା କହିଛନ୍ତି, ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ କରାଯିବ। ଅନ୍ୟପକ୍ଷରେ ଘଟଣା ସମ୍ପର୍କରେ ସହରାଞ୍ଚଳ ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ମହାରଣାଙ୍କ ସହ ଯୋଗଯୋଗ କରାଯାଇଥିଲେ ମଧ ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ। ଏବେ ଦେଖିବାକୁ ଅପେକ୍ଷା କେବେ ସମସ୍ୟାର ସମାଧାନ ହୋଇ ସହରବାସୀଙ୍କୁ ସ୍ୱଚ୍ଛ ଜଳ ମିଳୁଛି।





ମନ୍ତ୍ରୀ ପ୍ରତାପ ଜେନା ନରେନ୍ଦ୍ରପୁର-ନଗସପୁର ପୂର୍ତ୍ତ ବିଭାଗ ରାସ୍ତାର ଶିଳାନ୍ୟାସ କରୁଛନ୍ତି।

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

**ନିଶ୍ଚିନ୍ତକୋଇଲି/ନେମାଳ, ୨୧ା୧(ସ୍ୱ.ପ୍ର./ଡି.ଏନ.ଏ.)**

ମାହାଙ୍ଗା ବିଧାୟକ ତଥା ମନ୍ତ୍ରୀ ପ୍ରତାପ ଜେନା ସୋମବାର ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳ ଗସ୍ତ କରି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଜେନା ପ୍ରଥମେ ନରେନ୍ଦ୍ରପୁର-ନଗସପୁର ପୂର୍ତ୍ତ ବିଭାଗ ରାସ୍ତାର ଶିଳାନ୍ୟାସ କରିଥିଲେ। ଏଥିରେ ବ୍ଲକ ଅଧକ୍ଷା ସବିତା ଓଝା, ଜିଲାପରିଷଦ ସଭ୍ୟା ଗୀତାଞ୍ଜଳି ପଣ୍ଡା, ପ୍ରାକ୍ତନ ବ୍ଲକ ଅଧକ୍ଷ ଗିରିଶ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ବିଭାଗୀୟ ଯନ୍ତ୍ରୀ ସାମସୁନ୍ଦର ଦାସ ଓ ରଞ୍ଜନ ବିଶ୍ୱାଳ ଯୋଗଦେଇ ଏହି ରାସ୍ତା ପାଇଁ ୫ କୋଟି ୭୨ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିବା କହିଥିଲେ। ୬.୨୯୨ କି.ମି. ରାସ୍ତା ଲମ୍ବ ଓ ୫.୫୦ ମିଟର ଓସାର ରହିବ। ଏହି କାର୍ଯ୍ୟ ଅଗଷ୍ଟ ଶେଷ ସୁଧା ସରିବ ବୋଲି କୁହାଯାଇଛି। ପରେ ମନ୍ତ୍ରୀ ଜେନା ଶୋଭାଯାତ୍ରାରେ ଝାଡ଼େଶ୍ୱରପୁର ପଞ୍ଚାୟତକୁ ଆସି ୭ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ମହିଳା ମିଶନ ଶକ୍ତି ସଭାଗୃହର ଶିଳାନ୍ୟାସ କରିଥିଲେ। ଆୟୋଜିତ ସଭାରେ ସରପଞ୍ଚ ସୁଜାତା ଦାସ, ସମିତିସଭ୍ୟ ଅନ୍ନଦା ଦାସ, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ବ୍ଲକ ବିଜେଡି ପର୍ଯ୍ୟବେକ୍ଷକ ବିବେକାନନ୍ଦ ସାମନ୍ତରାୟ ଯୋଗ ଦେଇଥିଲେ। ଏହାପରେ ଗୋପୀନାଥପୁର ଗସ୍ତ କରି ୫୦ ହଜାର ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଚାନ୍ଦ ଆଥ୍‌ଲେଟିକ କ୍ଲବର ଶିଳାନ୍ୟାସ କରିଥିଲେ। ଉତ୍ସବରେ ଯୁବନେତା ବିଭୂତି ଭୂଷଣ ଦାସ ଓ ଅଶୋକ ଓଝା ଯୋଗ ଦେଇଥିଲେ। ଶେଷରେ ମନ୍ତ୍ରୀ ଜେନା କୁଶୁମଣ୍ଡଳ ପ୍ରିମିୟମ ଲିଗ କ୍ରିକ୍ରେଟ ଟୁର୍ନାମେଣ୍ଟରେ ଯୋଗଦେଇ ଖେଳାଳିଙ୍କୁ ପୁରସ୍କାର ବିତରଣ କରିଥିଲେ।

## ମା’ଜାଗୁଲାଈ କପ୍ ଫୁଟବଲ୍: ଆଠଗଡ଼ ଚାମ୍ପିୟନ

**ସାଲେପୁର,୨୧ା୧(ଡି.ଏନ.ଏ.)**

ସାଲେପୁର ହାଇସ୍କୁଲ୍ ପଡ଼ିଆରେ ଚାଲିଥିବା ଜିଲାସ୍ତରୀୟ ମା’ଜାଗୁଲାଈ କପ୍ ଫୁଟବଲ୍ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ ଗ୍ୟାଲେଣ୍ଟ କ୍ଲବ୍ କଟକ ଓ ପାଞ୍ଚଗାଁ ଆଠଗଡ଼ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ ବହୁ ସଂଘର୍ଷପୂର୍ଣ୍ଣ ଥିଲା। ଆଠଗଡ଼ ଦଳ ଗ୍ୟାଲେଣ୍ଟ କ୍ଲବ୍ କଟକକୁ ୨-୧ ଗୋଲ୍‌ରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଜାଗୁଲାଇ କ୍ଲବ ସଭାପତି ନିଶିଥ କୁମାର ବଡ଼ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଅତିଥିଭାବେ ଯୁବ ସାମାଜିକ କର୍ମୀ ରମେଶ ଚନ୍ଦ୍ର ବେହେରା, ସଉରୀ ସରପଞ୍ଚ ବସନ୍ତ ଭୂୟାଁ, ସାରସ୍ୱତ ସମାରୋହ ସମିତି ସଭାପତି ଅକ୍ଷୟ ଦାଶ, ଯୁବନେତା ମିହିର ପ୍ରସାଦ ଦାସ ପ୍ରମୁଖ ଯୋଗଦେଇ କ୍ରୀଡ଼ାର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିବା ସହ ଚମ୍ପିୟାନ ଦଳକୁ ଟ୍ରଫି ସହ ୭ହଜାର ଟଙ୍କା ଓ ରନର୍ସଅପ୍ ଦଳକୁ ରନର୍ସ କପ୍ ସହ ୫ ହଜାର ଟଙ୍କା ପ୍ରଦାନ କରିଥିଲେ। ଖବରଦାତା ଅରବିନ୍ଦ ଭୂୟାଁ, ତାରାକାନ୍ତ ନାୟକ, କ୍ରୀଡ଼ାବିତ୍ ସେକ୍ ଗିନି, ଶିକ୍ଷାବିତ୍ ଗୋପବନ୍ଧୁ ଭୂୟାଁ, କୈଳାସ ବେହେରା ପ୍ରମୁଖ ଯୋଗଦେଇ କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ କ୍ଲବ୍‌ର ଜୟନ୍ତ ଦାସ, ଭାସ୍କର ସେଠୀ, ବାଉଁ କାଣ୍ଡି, ମଦନ ଜେନା, ବାମଦେବ ସ୍ୱାଇଁ, ଅଶୋକ ସେଠୀ ଓ ଡଗନ ଭୂୟାଁଙ୍କ ସମେତ କର୍ମକର୍ତ୍ତା ପରିଚାଳନା କରିଥିଲେ। ରେଫରିଭାବେ ପ୍ରଭାକର ବେହେରା, ଜୀବନଜ୍ୟୋତି ନାୟକ ଓ ରସାନନ୍ଦ ସାମଲ ପ୍ରମୁଖ ଯୋଗ ଦେଇଥିଲେ।





ଅତିଥି କୃତୀ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

## ରାଜ୍ୟସ୍ତରୀୟ କ୍ରିକେଟ ଫାଇନାଲରେ ବାଙ୍କୀ

**ବାଙ୍କୀ,୨୧ା୧(ସ୍ୱ.ପ୍ର.)**

ବାଙ୍କୀ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ କଚେରି ପଡ଼ିଆଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟର ପ୍ରଥମ ସେମି ଫାଇନାଲ ମ୍ୟାଚ ସୋମବାର ଅନୁଷ୍ଠିତ ହୋଇଛି। ଏହି ମ୍ୟାଚ ଖୋର୍ଦ୍ଧା କୁମାରବସ୍ତ ଓ ବାଙ୍କୀ ଆଥ୍‌ଲେଟିକ ଆସୋସିଏଶନ ମଧ୍ୟରେ ହୋଇଥିଲା। ଟସ୍ ଜିତି ବାଙ୍କୀ ଆଥ୍‌ଲେଟିକ ଆସୋସିଏଶନ ନିର୍ଦ୍ଧାରିତ ୨୨ ଓଭରରେ ସମସ୍ତ ଉଇକେଟ ହରାଇ ୧୯୬ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବିଶ୍ୱଜିତ୍ ମହାପାତ୍ର ୬୦ରନ୍ ସଂଗ୍ରହ କରିଥିଲେ। ବିପକ୍ଷ ଦଳର ଦିଲୁ ପଣ୍ଡା ୪ଟି ଉଇକେଟ୍ ନେଇଥିଲେ। କୁମାରବସ୍ତ ୧୯୭ ରନର ବିଜୟ ଲକ୍ଷ୍ୟନେଇ ପଡ଼ିଆକୁ ଉହ୍ଲାଇଥିଲା। ଦଳ ସମସ୍ତ ଉଇକେଟ ହରାଇ ୧୭୭ରନ୍ ସଂଗ୍ରହ କରିଥିଲା। ଫଳରେ ବାଙ୍କୀ ଆଥଲେଟିକ୍ ଆସୋସିଏଶନ ଫାଇନାଲକୁ ଉନ୍ନୀତ ହୋଇଥିଲା। ଶୁଭେନ୍ଦୁ ମିଶ୍ର ଖେଳକୁ ପରିଚାଳନା କରିଥିଲେ। ଅନୁଷ୍ଠାନର ସମ୍ପାଦକ ସନ୍ତୋଷ କୁମାର ରଣା ବିଶ୍ୱଜିତ୍ ମହାପାତ୍ରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଘୋଷଣା କରିଥିଲେ।

## ବାପୁଜୀ କପ୍ ଫୁଟ୍‌ବଲ: ସଂଘର୍ଷ କ୍ଲବ ବିଜୟୀ

**ବଡ଼ମ୍ବା,୨୧ା୧(ଡି.ଏନ.ଏ.)**

ବଡ଼ମ୍ବା ବ୍ଲକ ଅଧୀନ ଶଙ୍ଖାମେରୀ ଗ୍ରାମସ୍ଥିତ ବାପୁଜୀ ଫୁଟ୍‌ବଲ ଆସୋସିଏଶନ୍ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ବାପୁଜୀ କପ୍ ଫୁଟବଲ୍ ଟୁର୍ନାମେଣ୍ଟର ସୋମବାର ଦ୍ୱିତୀୟ ଦିବସ ମ୍ୟାଚ ଅନୁଷ୍ଠିତ ହୋଇଛି। ଏହି ମ୍ୟାଚ ଆକା ଫୁଟ୍‌ବଲ୍ ଟିମ୍ କଟକ ଓ ସଂଘର୍ଷ କ୍ଲବ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବାବେଳେ ପ୍ରଥମାର୍ଦ୍ଧରେ ସଂଘର୍ଷ କ୍ଲବ୍‌ର ଜଣେ ଖେଳାଳି ଏକ ଗୋଲ୍ ସ୍କୋର କରିଥିଲେ। ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧରେ ମଧ ସେହି ସଂଘର୍ଷ କ୍ଲବ୍‌ର ଅନ୍ୟ ଜଣେ ଖେଳାଳି ଆକା ବିପକ୍ଷରେ ଏକ ସୁନ୍ଦର ଗୋଲ୍ ସ୍କୋର କରିଥିଲେ। ଫଳରେ ସଂଘର୍ଷ କ୍ଲବ ବିଜୟୀ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମିଶ୍ର ଯୋଗ ଦେଇଥିଲେ। ମଙ୍ଗଳବାର ମ୍ୟାଚ୍ ବାରିପଦା ସ୍ପୋର୍ଟସ୍ ହଷ୍ଟେଲ୍ ଓ କିଶୋର କ୍ଲବ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ।



ତହସିଲଦାରଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

## ସରକାରୀ ଜମିରୁ ଜବରଦଖଲ ହଟାଇବାକୁ ଦାବି

**ନରସିଂହପୁର,୨୧ା୧(ଡି.ଏନ.ଏ.)**

ସରକାରୀ ଜମିରୁ ଜବରଦଖଲ ହଟାଇବାକୁ ନରସିଂହପୁର ବ୍ଲକ ସାଗର ପଞ୍ଚାୟତ ଅଧୀନ ପୁରୁକୁଟିଆ ଗ୍ରାମର ଶତାଧିକ ଗ୍ରାମବାସୀ ତହସିଲଦାର ରାଜକିଶୋର ଜେନାଙ୍କୁ ଦାବିପତ୍ର ଦେଇଛନ୍ତି। ପୁରୁକୁଟିଆ ମୌଜାର କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ସରକାରୀ ଜମିକୁ ଦୀର୍ଘ ଦିନ ହେବ ଜବରଦଖଲରେ ରଖିଛନ୍ତି। ସୋମବାର ଗ୍ରାମବାସୀ ଉକ୍ତ ଜମିରେ ଟ୍ରାନ୍ସଫର୍ମର ବସାଉଥିବାବେଳେ ଜବରଦଖଲକାରୀ ଏହାର ପ୍ରତିବାଦ କରିଥିଲେ। ଫଳରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ତହସିଲଦାରଙ୍କ ନିକଟରେ ପହଞ୍ଚି ତୁରନ୍ତ ଜବରଦଖଲ ହଟାଇବାକୁ ଦାବିପତ୍ର ପ୍ରଦାନ କରିଥିଲେ। ତହସିଲ ପକ୍ଷରୁ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତହସିଲଦାର ଜେନା ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଗ୍ରାମବାସୀ ଫେରି ଯାଇଥିଲେ। ଦାବିପତ୍ର ପ୍ରଦାନ ବେଳେ ଗ୍ରାମ ସଭାପତି ବୈଷ୍ଣବ ମୁଦୁଲି, ସମ୍ପାଦକ ବିଜୟ ମୁଦୁଲି, ଉପସଭାପତି କୁମର ଖଟୁଆ, ସଂସାରୀ ମୁଦୁଲି, ନବ କିଶୋର ମହାକୁଡ, ଶ୍ରୀଧର ସାହୁ ଓ ଭାଗୀରଥି ମୁଦୁଲିଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

## ରାସ୍ତା ଜବରଦଖଲ ଉଚ୍ଛେଦ ଦାବିରେ ଧାରଣା

**ମାହାଙ୍ଗା,୨୧ା୧(ସ୍ୱ.ପ୍ର.)**

ସରକାରୀ ରାସ୍ତାରୁ ଜବରଦଖଲ ଉଚ୍ଛେଦ ଦାବିକରି ମାହାଙ୍ଗା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ୫ ଦିନ ହେବ ଏକ ପରିବାରର ସଦସ୍ୟ ଧାରଣା ଦେଇଛନ୍ତି। ହେଲେ ତହସିଲ ପ୍ରଶାସନ ପକ୍ଷରୁ ଏ ଦିଗରେ ଦୃଷ୍ଟି ଦିଆଯାଉନାହିଁ। ଯାହାଫଳରେ ପରିବାର ସଦସ୍ୟ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, କୁଣ୍ଡି ପଞ୍ଚାୟତ ଅଧୀନ ନନ୍ଦକିଶୋରପୁର ଗ୍ରାମର ତୁଷାର ସାମଲ ରାଜନୈତିକ ଶତ୍ରୁତା, ଷଡଯନ୍ତ୍ର ଓ ପ୍ରଶାସନିକ ନିଷ୍କ୍ରିୟତାର ଶିକାର ହୋଇଥିବା ନେଇ ଫେବୃୟାରୀ ୨୦୧୬ରୁ ରାଷ୍ଟ୍ରପତିଙ୍କ ଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ଜିଲାପାଳଙ୍କୁ ଅବଗତ କରାଇଛନ୍ତି। ହେଲେ କୌଣସି ସୁଫଳ ପାଇ ନାହାନ୍ତି। ସାମଲଙ୍କ ଅଭିଯୋଗ ଅନୁଯାୟୀ ସେହି ଗ୍ରାମର ଜଣେ ବ୍ୟକ୍ତି ଜାଗା ବାଡି ସମସ୍ୟା ନେଇ ତାଙ୍କୁ ହଇରାଣ ହରକତ କରୁଛନ୍ତି। ସମ୍ପୃକ୍ତ ବ୍ୟକ୍ତି ଏକ ସରକାରୀ ରାସ୍ତା ଜବରଦଖଲ କରିଛନ୍ତି। ଯାହାଫଳରେ ତାଙ୍କ ପରିବାର ସଦସ୍ୟ ସେହି ବାଟ ଦେଇ ଯାଇପାରୁନାହାନ୍ତି। ତେଣୁ ତାଙ୍କୁ ନ୍ୟାୟ ନ ମିଳିବାରୁ ସେ ପରିବାର ସହ ଧାରଣାରେ ବସିଛନ୍ତି। ଘଟଣା ସମ୍ପର୍କରେ ତହସିଲଦାର ଦିଲୀପ ମହାରଣା କହିଛନ୍ତି, ଧାରଣାକାରୀ ଯେଉଁ ସରକାରୀ ରାସ୍ତା ଜବରଦଖଲ ନେଇ ଅଭିଯୋଗ କରିଛନ୍ତି, ସେଠାରେ ସେପରି ହୋଇନାହିଁ।

### ହାତୀ ମୃତ୍ୟୁ ତଥ୍ୟ ଲୁଚାଇଲା ବନବିଭାଗ

## ପ୍ରତିବାଦ ଜଣାଇଲେ ଖବରଦାତା

**ନରସିଂହପୁର,୨୧ା୧(ଡି.ଏନ.ଏ.)**

ନରସିଂହପୁର ପଶ୍ଚିମାଞ୍ଚଳ ରେଞ୍ଜ ଅନ୍ତର୍ଗତ ବାଲିକିଆରୀ ସଂରକ୍ଷିତ ଜଙ୍ଗଲରେ ରବିବାର ଏକ ଅସୁସ୍ଥ ହାତୀର ମୃତ୍ୟୁ ଘଟିଥିଲା। ତେବେ ଏକଥା ବନ ବିଭାଗ କାହାକୁ ନ ଜଣାଇ ହାତୀଟିକୁ ପୋତି ଦେଇଥିଲା। ଘଟଣା ଜଣାପଡ଼ିବା ପରେ ଅଞ୍ଚଳର ଖବରଦାତାମାନେ ବନ ବିଭାଗକୁ ଯୋଗାଯୋଗ କରିଥିଲେ। ହେଲେ ବନଖଣ୍ଡ ଅଧିକାରୀଙ୍କ ବିନା ନିର୍ଦ୍ଦେଶରେ କୌଣସି କର୍ମଚାରୀ ତଥ୍ୟ ଦେବେନାହିଁ ବୋଲି ମନା କରିଥିଲେ। ଏହାକୁ ନେଇ ଅଞ୍ଚଳର ଖବରଦାତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏଭଳି ଘଟଣାକୁ ବନ ବିଭାଗ କାହିଁକି ଲୁଚାଇଲା ବୋଲି ତାକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସମସ୍ତ ଖବରଦାତା ତଥାଗତ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ପଶ୍ଚିମାଞ୍ଚଳ ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିଥିଲେ। ଖବରଦାତା ପ୍ରମୋଦ ରାଉତ, ଦେବଦତ୍ତ ମଳୟ କୁମାର ବରାଳ, ଭୂପେନ ଦାସ, ସୁରେଶ ମହାନ୍ତି, ଅଜୟ ପଣ୍ଡା, ରମେଶ ଚନ୍ଦ୍ର ପାଢ଼ୀ, ବିଜୟ ସୁବୁଦ୍ଧି, ସ୍ୱପ୍ନେଶ୍ୱର ମହାଳିକ ଓ ଦେବୀପ୍ରସାଦ ରଥ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ଏ ସମ୍ପର୍କରେ ବନ ବିଭାଗ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ।

## ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମ

**ମାହାଙ୍ଗା,୨୧ା୧(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ଅଧୀନ ଗୋତରା ପଞ୍ଚାୟତ ବିଜୁ ଯୁବବାହିନୀ ପକ୍ଷରୁ ସୋମବାର ଅସୁଲପୁର ବଜାରଠାରେ ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଙ୍ଗୀତ, ନୃତ୍ୟ ଓ ଅଭିନୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକଭାବେ ଅମୂଲ୍ୟ ଷଡ଼ଙ୍ଗୀ, ପ୍ରମୋଦ ବେହେରା, ରବୀନ୍ଦ୍ର କୁମାର ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ବିଜୁ ଯୁବବାହିନୀ ସଭାପତି ସଚ୍ଚିଦାନନ୍ଦ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥିଭାବେ ଶରତ ନାୟକ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ମୁଖ୍ୟବକ୍ତା ଶଲ୍ୟ ସାହୁ, ସମ୍ମାନିତ ଅତିଥି ଖବରଦାତା ଶଶିଭୂଷଣ ଷଡ଼ଙ୍ଗୀ, ରତ୍ନାକର ସାହୁ, ସରପଞ୍ଚ ରବୀନ୍ଦ୍ର ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ସାମାଜିକ କର୍ମୀ ରତ୍ନାକର ସାହୁଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁବବାହିନୀର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମରେ ଜଣେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

## ରାଜାଧିରାଜ ବେଶରେ ଦର୍ଶନ ଦେଲେ ଅଚ୍ୟୁତାନନ୍ଦ

**ନେମାଳ,୨୧ା୧(ଡି.ଏନ.ଏ.)**

**ପଦ୍ମବନ ପୀଠରେ ପୁଷ୍ୟାଭିଷେକ ଉତ୍ସବ**



ବିଭିନ୍ନ ବେଶରେ ଅଚ୍ୟୁତାନନ୍ଦ।

- ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ
- ସନ୍ଧ୍ୟା ଆଳତି ସମୟରେ ପ୍ରବଳ ଗହଳି

ନେମାଳ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପଦ୍ମବନ ପୀଠରେ ସୋମବାର ପୁଷ୍ୟାଭିଷେକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରଭାତରୁ ଚୁଆ, ଚନ୍ଦନ, ଅଗୁର, କର୍ପୂର ଆଦି ଶୁଭାଶିତ ଜଳରେ ପ୍ରଭୁଙ୍କ ସ୍ନାନ ମାର୍ଜନା କରାଯାଇ ଚନ୍ଦନ ତୁଳସୀ ଲାଗି କରାଯାଇଥିଲା। ପରେ ପ୍ରଭୁଙ୍କ ମସ୍ତକରେ ରୁପାର ମୁକୁଟ ସମର୍ପଣ କରାଯିବା ସହ ମଙ୍ଗଳଆଳତୀ ଓ ପହିଲି ନୈବେଦ୍ୟ ସମର୍ପଣ କରାଯାଇଥିଲା। ମଧାହ୍ନରେ ଏକ ବିରାଟ ପଗଡ଼ିକୁ ଶ୍ରଦ୍ଧାଳୁ କୁଞ୍ଜବିହାରୀସ୍ଥିତ ଜଗନ୍ନାଥ ମନ୍ଦିରରୁ ପୂଜାର୍ଚ୍ଚନା କରି ଆଣିଥିଲେ। ପରେ ତାହାକୁ ଦଧିବାମନ, ମା’ ତାରିଣୀ, ମା’ମଙ୍ଗଳା ଓ ପୀଠ ବେଢ଼ା ପରିକ୍ରମା କରାଇ ଶେଷରେ ଗୋପୀନାଥଙ୍କ ନିକଟରେ ସମର୍ପଣ କରି ପ୍ରଭୁଙ୍କ ମସ୍ତକରେ ଲାଗି କରିଥିଲେ। ଏହି ବେଶ ଦର୍ଶନ କରିବା ପାଇଁ ବିଭିନ୍ନ ପ୍ରାନ୍ତରୁ ହଜାରହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପଗଡ଼ି ଆସିବା ସମୟରେ ରାସ୍ତାର ଉଭୟ ପାର୍ଶ୍ୱରେ ଶ୍ରଦ୍ଧାଳୁ ଧୂପ, ଦୀପ ଓ ନୈବେଦ୍ୟ ଦେଇ ପୂଜାର୍ଚ୍ଚନା କରିଥିଲେ। ପ୍ରଭୁଙ୍କ ସନ୍ଧ୍ୟା ଆଳତୀ ସମୟରେ ପ୍ରବଳ ଗହଳି ଲାଗି ରହିଥିଲା। ପରେ ଅଷ୍ଟଗୁଜରୀ, ଭାଗବତ ପାଠ କରାଯିବା ସହ ଫୁଲର ଟାହିଆ ମସ୍ତକରେ ଲାଗି କରାଯାଇଥିଲା। ଫଳମୂଳ, ପିଠାପଣା ଓ ନାନାଦି ଭୋଗ ସହ ଅଧର ପଣା ନୈବେଦ୍ୟ ଅର୍ପଣ କରାଯାଇଥିଲା। ମହାପୁରୁଷଙ୍କ ରଚିତ ମାଳିକା, ଭଜନ କୀର୍ତ୍ତନ ନାମ ସଙ୍କୀର୍ତ୍ତନ ସହ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉତ୍ସବକୁ ଶ୍ରୀଶ୍ରୀ ଗୋପୀନାଥ ଜୀଉ ଓ ମହାପୁରୁଷ ଅଚ୍ୟୁତାନନ୍ଦ ପରିଷଦ ଟ୍ରଷ୍ଟ ପକ୍ଷରୁ ପରିଚାଳନା କରାଯାଇଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୨ ଜାନୁୟାରୀ, ୨୦୧୯



କ୍ରୋଧ ଆସିଗଲେ ବୁଦ୍ଧିମାନ ପୁରୁଷମାନେ ସର୍ବଦା ପରିଣାମ ବିଚାର କରନ୍ତି ଏବଂ ଲାଭର ସମ୍ଭାବନା ଦେଖିଲେ ନିଜର କର୍ତ୍ତବ୍ୟ ଉପରେ ଚିନ୍ତା କରନ୍ତି।
- କନ୍‌ଫୁସିୟସ



## ଆଜି କ'ଣ କେଉଁଠି

କଟକ
- ନେତାଜୀଙ୍କ ସ୍ମୃତିରେ ବିଶାଳ ରକ୍ତଦାନ ଶିବିର, ସେଲିବ୍ରେଶନ ମଣ୍ଡପ, ମହାନଦୀ ବିହାର, ସକାଳ ୮ଟା।
- ପାଣି ପଞ୍ଚାୟତ ରଥର ଉଦ୍‌ଘାଟନୀ ଉତ୍ସବ, ଜିଲାପାଳଙ୍କ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା।
- ନ୍ୟୁ ଷ୍ଟିୱାର୍ଟ ସ୍କୁଲର ୨୬ତମ ବାର୍ଷିକ ଦିବସ, ସ୍କୁଲ ପରିସର, ମିଶନ ରୋଡ୍, ଅପରାହ୍ନ ୫ଟା ୩୦।
- ଥିଏଟର ମୁଭ୍‌ମେଣ୍ଟ ପକ୍ଷରୁ ବିଶ୍ୱ ନାଟ୍ୟମେଳା ଓ ଜାତୀୟ ନାଟ୍ୟ ନୃତ୍ୟ ପ୍ରତିଯୋଗିତାର ୩ୟ ସନ୍ଧ୍ୟା, କଳା ବିକାଶ କେନ୍ଦ୍ର, ଅପରାହ୍ନ ୫ଟା ୩୦।
- ବୋର୍ଡ ଅଫ୍ ରେଭିନ୍ୟୁ ବାର୍ ଆସୋସିଏଶନର ଦ୍ୱିତୀୟ ବାର୍ଷିକ ଉତ୍ସବ, ବୋର୍ଡ ଅଫ୍ ରେଭିନ୍ୟୁ କ୍ୟାମ୍ପସ୍, ସନ୍ଧ୍ୟା ୬ଟା।

# ସାନିଟାରି ନାପ୍‌କିନ୍ ଭେଣ୍ଡିଙ୍ଗ ମେଶିନ ସଂଖ୍ୟା ବଢ଼ାଇବ ପୂର୍ବତଟ ରେଳପଥ

**ଭୁବନେଶ୍ୱର,୨୧।୧(ବ୍ୟୁରୋ)**

ମହିଳା ଯାତ୍ରୀଙ୍କ ସୁବିଧା ପାଇଁ ଏଣିକି ଟ୍ରେନ୍‌ଗୁଡ଼ିକରେ ଅଧିକ ସଂଖ୍ୟକ ସାନିଟାରି ନାପ୍‌କିନ୍ ଭେଣ୍ଡିଙ୍ଗ ମେଶିନ ଉପଲବ୍ଧ କରାଇବାକୁ ନିଷ୍ପତ୍ତି ନେଇଛି ପୂର୍ବତଟ ରେଳପଥ। ମହିଳାଙ୍କ ଚାହିଦା ଓ ହୀରାଖଣ୍ଡ ଏକ୍ସପ୍ରେସରେ ସାନିଟାରି ନାପ୍‌କିନ୍ ଭେଣ୍ଡିଙ୍ଗ ମେଶିନ ପ୍ରତି ସେମାନଙ୍କ ସକାରାତ୍ମକ ଅନୁଭୂତିକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି।

ପୂର୍ବତଟ ରେଳପଥ ପକ୍ଷରୁ ଆଗରୁ ୩୬ ଟ୍ରେନ୍‌ରେ ମୋଟ ୯୧ଟି ସାନିଟାରୀ ନାପ୍‌କିନ୍ ଭେଣ୍ଡିଙ୍ଗ ମେଶିନ ଉପଲବ୍ଧ କରାଯାଇଥିଲା। ଏବେ ଏହି ସଂଖ୍ୟା ବୃଦ୍ଧି ପାଇବ। ପୁରୀ, ଭୁବନେଶ୍ୱର ଓ ବିଶାଖାପାଟଣାରୁ ଛାଡୁଥିବା କେତେକ ଗୁରୁତ୍ୱପୂର୍ଣ୍ଣ ଟ୍ରେନ୍ ସହ ଭୁବନେଶ୍ୱର, ବିଶାଖାପାଟଣା ଏବଂ ପୁରୀ ଷ୍ଟେଶନରେ ମଧ ଏହି ମେଶିନ ଲଗାଯାଇଥିଲା। ପୁରୀରୁ ଛାଡୁଥିବା ୧୦ଟି ଟ୍ରେନ୍ ଯଥା ପୁରୁଷୋତ୍ତମ ଏକ୍ସପ୍ରେସ, ପୁରୀ-ଅହମ୍ମଦାବାଦ ଏକ୍ସପ୍ରେସ, ତପସ୍ୱିନୀ ଏକ୍ସପ୍ରେସ, ପୁରୀ-ଦୁର୍ଗ ଏକ୍ସପ୍ରେସ, ଉତ୍କଳ ଏକ୍ସପ୍ରେସ, ଜଗନ୍ନାଥ ଏକ୍ସପ୍ରେସ, ନୀଳାଚଳ ଏକ୍ସପ୍ରେସ, ପୁରୀ-ଚେନ୍ନାଇ ଏକ୍ସପ୍ରେସ, ପୁରୀ-ଆଜମେର ଏକ୍ସପ୍ରେସ, ପୁରୀ-ଶିରିଡ଼ି ଏକ୍ସପ୍ରେସରେ ୩୬ଟି ମେଶିନ ଲଗାଯାଇଛି। ସେହିପରି ଭୁବନେଶ୍ୱରରୁ ଛାଡୁଥିବା ୧୫ଟି ଟ୍ରେନ୍ ଯଥା ହୀରାଖଣ୍ଡ ଏକ୍ସପ୍ରେସ, ରାଜଧାନୀ ଏକ୍ସପ୍ରେସ, ପ୍ରଶାନ୍ତି ଏକ୍ସପ୍ରେସ, ଧାନବାଦ ଗରିବରଥ ଏକ୍ସପ୍ରେସ, ଭବାନୀପାଟଣା ଲିଙ୍କ ଏକ୍ସପ୍ରେସ, ଜନଶତାବ୍ଦୀ ଏକ୍ସପ୍ରେସ, ଭୁବନେଶ୍ୱର-ତିରୁପତି ଏକ୍ସପ୍ରେସ, ବାଙ୍ଗାଲୋର କ୍ୟାଣ୍ଟ ଏକ୍ସପ୍ରେସ, ବଲାଙ୍ଗୀର ଇଣ୍ଟର ସିଟି ଏକ୍ସପ୍ରେସ, ନୂଆଦିଲ୍ଲୀ ଦୁରନ୍ତ ଏକ୍ସପ୍ରେସ, କୃଷ୍ଣରାଜପୁରମ୍ ହମ୍‌ସଫର ଏକ୍ସପ୍ରେସ ଓ ବାଙ୍ଗିରିପୋଷି ଏକ୍ସପ୍ରେସରେ ୨୮ଟି ସାନିଟାରି ନାପ୍‌କିନ୍ ଭେଣ୍ଡିଙ୍ଗ ମେଶିନ ଉପଲବ୍ଧ କରାଯାଇଛି। ବିଶାଖାପାଟଣାରୁ ଛାଡୁଥିବା ୧୧ଟି ଗୁରୁତ୍ୱପୂର୍ଣ୍ଣ ଟ୍ରେନ୍ ଯଥା ସମତା ଏକ୍ସପ୍ରେସ, ଏ.ପି. ଏକ୍ସପ୍ରେସ, ନିଜାମୁଦ୍ଦିନ ଦକ୍ଷିଣ ଲିଙ୍କ ଏକ୍ସପ୍ରେସ, କୋର୍ବା ଏକ୍ସପ୍ରେସ, ବିଶାଖାପାଟଣା-ଏଲ୍‌ଟିଟି ବିଶାଖାପାଟଣା ଏକ୍ସପ୍ରେସ, ହୀରାକୁଦ ଏକ୍ସପ୍ରେସ, ବିଶାଖାପାଟଣା-ଗାନ୍ଧିଧାମ ଏକ୍ସପ୍ରେସ, ବିଶାଖାପାଟଣା-ଦିଘା ଏକ୍ସପ୍ରେସ, ବିଶାଖାପାଟଣା-ଟାଟା ଏକ୍ସପ୍ରେସ, ବିଶାଖାପାଟଣା-ପାରାଦୀପ ଏକ୍ସପ୍ରେସ ଓ ବିଶାଖାପାଟଣା-ଚେନ୍ନାଇ ଏକ୍ସପ୍ରେସର ୨୩ଟି କୋଚରେ ଏହି ମେଶିନ ରହିଛି। ଯାତ୍ରୀମାନେ ୫ ଟଙ୍କିଆ ମୁଦ୍ରାକୁ ମେଶିନରେ ପକାଇ ଗୋଟିଏ ନାପ୍‌କିନ୍ ପାଇପାରୁଛନ୍ତି। ପ୍ରତି ମେଶିନରେ ପ୍ରାୟ ୭୫ଟି ନାପ୍‌କିନ୍ ରଖାଯାଉଛି।



କଟକ କଳାବିକାଶ କେନ୍ଦ୍ର ଅଡିଟୋରିୟମରେ ଥିଏଟର ମୁଭ୍‌ମେଣ୍ଟ ପକ୍ଷରୁ ଅନୁଷ୍ଠିତ ଗ୍ଲୋବାଲ ଥିଏଟର ଫେଷ୍ଟିଭାଲର ସୋମବାର ଦ୍ୱିତୀୟ ସନ୍ଧ୍ୟାରେ ପରିବେଷିତ ମରାଠି ନାଟକର ଏକ ଦୃଶ୍ୟ।

## ୭୩ ଅଭିଯୋଗର ଶୁଣାଣି କଲେ ଜିଲାପାଳ

**କଣ୍ଟାପଡା, ୨୧।୧(ଡି.ଏନ୍.ଏ.)**

କଣ୍ଟାପଡା ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୨୧ ଅଭିଯୋଗ ହୋଇଥିଲା। ସେଥିମଧ୍ୟରୁ ୭୩ଟିର ଶୁଣାଣି ହୋଇଥିବାବେଳେ ଅନ୍ୟ ଅଭିଯୋଗର ସମାଧାନ ପାଇଁ ଜିଲାପାଳ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଡିଓ କେ. ଅଶୋକ କୁମାରଙ୍କ ଅଧକ୍ଷତାରେ ଆୟୋଜିତ ଶିବିରରେ କଟକ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଯୋଗଦେଇଥିଲେ। ଏଥିରେ ୧୦୫ଟି ବ୍ୟକ୍ତିଗତ ଓ ୧୬ଟି ସାମୂହିକ ଅଭିଯୋଗ ଥିଲା। ସାମୂହିକ ଅଭିଯୋଗ ମଧ୍ୟରେ ବରାହୀପୁର ମୌଜାରେ ଦୀର୍ଘଦିନ ହେଲା ଚକକାମ ସରିଥିବାବେଳେ ଚକବଣ୍ଟନରେ ବିଳମ୍ବ ହେଉଛି, ଚଉପଡା ଗୋପୀନାଥ ମଧ୍ୟଇଂରାଜୀ ବିଦ୍ୟାଳୟର ପାଚେରି କାମରେ ଅନିୟମିତତା, ଉଡିଯୋହଳ ପ୍ରାଥମିକ ବିଦ୍ୟାଳୟ ଜମିକୁ ଜବରଦଖଲ କରାଯିବା, ଅଲିଙ୍ଗ ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପ ପାଇଁ ପ୍ରାୟ ୨ବର୍ଷ ହେଲା ୧୦ଲକ୍ଷ ଟଙ୍କା ମଞ୍ଜୁର ସତ୍ତ୍ୱେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ନ ହେବା, ଭୋଦଳ ଗ୍ରାମର ଦଳିତସାହି ରାସ୍ତା, ଷ୍ଟ୍ରିଟଲାଇଟ ଓ ଗୋଷ୍ଠୀଗୃହ ନିର୍ମାଣରେ ଅଣଦେଖା କରାଯିବା ଆଦି ରହିଛି। ଉକ୍ତ ଅଭିଯୋଗର ସମାଧାନ ପାଇଁ ଶିବିରରେ ଉପସ୍ଥିତ ଥିବା ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ୩ ଜଣଙ୍କୁ ଭିନ୍ନକ୍ଷମ ଓ ୨୧ଜଣଙ୍କୁ ଅନ୍ୟାନ୍ୟ ଭତ୍ତା ପ୍ରଦାନ କରାଯାଇଥିଲା। ଏଥିରେ କଟକ ଜିଲା ଗ୍ରାମାଞ୍ଚଳ ଏସ୍‌ପି ମାଧବଚନ୍ଦ୍ର ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ଗଞ୍ଜେଇ ଜବତ : ଜଣେ ଗିରଫ

**ଚୌଦ୍ୱାର, ୨୧।୧(ଡି.ଏନ.ଏ.):** ଚୋରା ଗଞ୍ଜେଇ ବିକ୍ରି କରିବା ଅଭିଯୋଗରେ ଚୌଦ୍ୱାର ପୋଲିସ ସୋମବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ହରିନାଥପୁର ଗ୍ରାମର ପ୍ରକାଶ ରଥ। ପୋଲିସ ସୂଚନା ଅନୁଯାୟୀ, ଦୀର୍ଘଦିନ ହେବ ପ୍ରକାଶ ନିଜ ଘରେ ଚୋରା ଗଞ୍ଜେଇ କାରବାର କରୁଥିଲେ। ଖବରପାଇ ପୋଲିସ ତାଙ୍କ ଘର ଉପରେ ଚଢାଉ କରି ୫ କେଜି ୮୦୦ ଗ୍ରାମ ଗଞ୍ଜେଇ ଜବତ କରିଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ. ୧୭/୧୯) ରୁଜୁ ହୋଇଛି।

## ଚୋରା କୋଇଲା ଟ୍ରକ୍ ଜବତ : ଅଭିଯୁକ୍ତ ଗିରଫ

**ଚୌଦ୍ୱାର, ୨୧।୧(ଡି.ଏନ.ଏ.):** ଚୌଦ୍ୱାର ଥାନା ଅଧୀନ ଧୁମାବତୀ ଛକ ନିକଟରୁ ସୋମବାର ପୋଲିସ ଏକ ଚୋରା କୋଇଲା ବୋଝେଇ ଟ୍ରକ୍ ଜବତ କରିଛି। ଏହି ଘଟଣାରେ ଚାଳକ ମନୋରଞ୍ଜନ ଦାସଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏ ନେଇ ଥାନାରେ ଏକ ମାମଲା(ନଂ.୧୮/୧୯) ରୁଜୁ ହୋଇଛି। ଉକ୍ତ ଟ୍ରକ୍‌ରେ ୨୬ କୁଇଣ୍ଟାଲ ୧୮୦ କେଜି କୋଇଲା ଥିବା ପୋଲିସ ସୂତ୍ରରୁ ଜଣାପଡିଛି। ଢେଙ୍କାନାଳର ଚାଇଁପୁର ଅଞ୍ଚଳରୁ ଉକ୍ତ ଟ୍ରକ୍‌ରେ କୋଇଲା ଚୋରା ଚାଲାଣ ହେଉଥିଲା। ଖବରପାଇ ପୋଲିସ ଧୁମାବତୀ ଛକ ନିକଟରେ ଥିବା ଉକ୍ତ ଟ୍ରକ୍‌କୁ ଅଟକାଇ ଯାଞ୍ଚ କରିବା ପରେ ଏହା ଚୋରା ଚାଲାଣ ହେଉଥିବା ଜଣାପଡିଥିଲା।

## ଭିକାରୀ ମହାନ୍ତି ପ୍ରତିଭା ସମ୍ମାନ ସମାରୋହ

**କଣ୍ଟାପଡା, ୨୧।୧(ଡି.ଏନ୍.ଏ.):** କଣ୍ଟାପଡା ବ୍ଲକ ଅନ୍ତର୍ଗତ ସୁନ୍ଦର ଗ୍ରାମର ସ୍ୱର୍ଗତ ଶିକ୍ଷକ ଭିକାରୀ ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରତିଭା ସମ୍ମାନ ସମାରୋହ ସୋମବାର ସ୍ଥାନୀୟ ସୁନ୍ଦରଗ୍ରାମ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଣ୍ଟାପଡା ପଞ୍ଚାୟତ ସମିତି ଅଧକ୍ଷା ସ୍ମିତାରାଣୀ ସ୍ୱାଇଁ ଏହାକୁ ଉଦ୍‌ଘାଟନ କରିଥିଲେ। ଦଧିଚି ଶିକ୍ଷା ସମୂହ ଅନୁଷ୍ଠାନର ଅଧକ୍ଷ ଡ. ମନୋଜ ଦାଶଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ମାଜିଷ୍ଟ୍ରେଟ ଭାସ୍କର ଚନ୍ଦ୍ର ସାହୁ ମୁଖ୍ୟଅତିଥି, ସାହିତ୍ୟିକ ପ୍ରଶାନ୍ତ ମହାନ୍ତି ମୁଖ୍ୟବକ୍ତା, ସୁନ୍ଦରଗ୍ରାମ ହାଇସ୍କୁଲର ପ୍ରଧାନଶିକ୍ଷକ ଦୁଃଶାସନ ଜେନା, ସରପଞ୍ଚ ଦ୍ୱାରିକା ଦାଶ, ସମିତିସଭ୍ୟ ତ୍ରିଲୋଚନ ବେହେରା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ କୂଳବ୍ରାହ୍ମଣସାଇଲୋ ଉପ୍ରା ବିଦ୍ୟାଳୟର ୬ଜଣ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଆର୍ତ୍ତରଞ୍ଜନ ମହାନ୍ତି ଓ ପନିଭୂଷଣ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ସୋମବାର ଏଆଇଡିଏସ୍‌ଓ ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୀବନୀ ଉପରେ ଆଧାରିତ ଫଟୋଚିତ୍ର ପ୍ରଦର୍ଶନୀକୁ ଛାତ୍ରୀମାନେ ଦେଖୁଛନ୍ତି।

## ଚାକିରି କରାଇଦେବାକୁ କହି ଠକେଇ: ଅଭିଯୁକ୍ତ ଗିରଫ

**କଟକ ଅଫିସ, ୨୧।୧:** ଚାକିରି କରାଇଦେବାକୁ ପ୍ରତିଶ୍ରୁତି ଦେଇ ଟଙ୍କା ଠକିନେବା ଅଭିଯୋଗରେ ବାଦାମବାଡି ପୋଲିସ ଜଣେ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସଦର ଥାନା ଅନ୍ତର୍ଗତ ରାଉତରାୟପୁର ଅଞ୍ଚଳର ବିଜୟ ମାଝି(୩୫)। ପୋଲିସ ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳର ଜୟନ୍ତଲାଲ ତ୍ରିବେଦୀ ନାମକ ଜଣେ ବ୍ୟକ୍ତି ଖବରକାଗଜରେ ବ୍ୟାଙ୍କ ଚାକିରି ପାଇଁ ବାହାରିଥିବା ଏକ ବିଜ୍ଞାପନ ଦେଖି ଉକ୍ତ ନମ୍ବରରେ ଯୋଗାଯୋଗ କରିଥିଲେ। ପରେ ସେ କଟକ ବାଦାମବାଡି ଆସି ବିଜୟଙ୍କୁ ଭେଟିଥିଲେ। ବିଜୟ ତାଙ୍କୁ ୭ ଦିନ ମଧ୍ୟରେ ଚାକିରି କରାଇଦେବାକୁ ପ୍ରତିଶ୍ରୁତି ଦେବା ସହ କାଗଜପତ୍ର ଖର୍ଚ୍ଚ ପାଇଁ ୮ ହଜାର ଟଙ୍କା ଦେବାକୁ କହିଥିଲେ। ଏଥିରେ ରାଜି ହୋଇ ତ୍ରିବେଦୀ ତାଙ୍କୁ ଟଙ୍କା ଦେଇ ଘରକୁ ପଳାଇ ଯାଇଥିଲେ। ଏହାପରେ ସେ ବିଜୟଙ୍କୁ ଯୋଗାଯୋଗ କରିଥିଲେ ମଧ ତାଙ୍କ ଫୋନ୍ ନମ୍ବର ଲାଗି ନ ଥିଲା। ଫଳରେ ଗତ ୧୫ ତାରିଖରେ ସେ ଏ ନେଇ ବାଦାମବାଡି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୦/୧୯) ରୁଜୁ କରିଥିଲା।

## ଡ୍ରିମ୍‌ସ ସ୍କୁଲ ଅଫ ହୋଟେଲ ମ୍ୟାନେଜମେଣ୍ଟର ବାର୍ଷିକ ଉତ୍ସବ




ଅତିଥିଙ୍କ ଗହଣରେ ପୁରସ୍କାର ଗ୍ରହଣ କରିଥିବା ଛାତ୍ରମାନେ।

**କଟକ ଅଫିସ, ୨୧।୧**

ଡ୍ରିମ୍‌ସ ସ୍କୁଲ ଅଫ ହୋଟେଲ ମ୍ୟାନେଜମେଣ୍ଟର ଦ୍ୱିତୀୟ ବାର୍ଷିକ ସାଂସ୍କୃତିକ ଉତ୍ସବ 'ଶୁଭନ୍ତିକା-୨୦୧୯' ସୋମବାର କ୍ୟାମ୍ପସ ପରିସରସ୍ଥ ଜୟଶ୍ରୀ ଅଡିଟୋରିୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ମହେନ୍ଦ୍ର କୁମାର ମଲ୍ଲିକ କହିଥିଲେ, ଆତ୍ମବିଶ୍ୱାସ ଓ କଠିନ ପରିଶ୍ରମ ଦ୍ୱାରା ବିଦ୍ୟାର୍ଥୀମାନେ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବେ। ଏଥିରେ ବିଶିଷ୍ଟ ଅତିଥି ଭାବେ ହାସ୍ୟାଭିନେତା ଦେବୁ ବ୍ରହ୍ମା, ସମ୍ମାନିତ ଅତିଥି ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଅଧକ୍ଷ ପ୍ରମୋଦ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବ୍ୟଙ୍ଗ କବି ସମ୍ପଦ ରଥ, ଅଭିନେତା ତଥା ନିର୍ଦ୍ଦେଶକ ନିଶିକାନ୍ତ କର, 'ଓମ୍‌ଫେଡ'ର ଅବସରପ୍ରାପ୍ତ ଜିଏମ୍ ଏଲ.କେ. ରାୟ ଯୋଗଦେଇଥିଲେ। ଶିକ୍ଷାନୁଷ୍ଠାନର ଅଧକ୍ଷ ଆଶିଷ କୁମାର ସ୍ୱାଇଁ ସ୍ୱାଗତ ସୂଚନା ଓ ଅନନ୍ୟା ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ଟ୍ରଫି ପ୍ରଦାନ କରିଥିଲେ। ଅଧ୍ୟାପକ ଆୟୁଷ କୁମାର ଜେନା ଧନ୍ୟବାଦ ଦେଇଥିଲେ।

■ ପିଠା କାର୍ଯ୍ୟକ୍ରମରେ କାଳିଆ ଯୋଜନାକୁ ଅଣଦେଖା

## ଚୟନ ପ୍ରକ୍ରିୟା ସମ୍ପର୍କରେ ଜାଣି ପାରିଲେନି ଆବେଦନକାରୀ

**କଟକ ସଦର, ୨୧।୧(ଡି.ଏନ.ଏ.)**

କଟକ ସଦର ବ୍ଲକ ଅଧୀନ ୨୩ଟି ପଞ୍ଚାୟତରେ ଗତ ୧ ସପ୍ତାହ ଧରି ଅନୁଷ୍ଠିତ ହୋଇଥିବା ପିଠା କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କାଳିଆ ଯୋଜନାର ବିସ୍ତୃତ ବ୍ୟାଖ୍ୟା କରାଯିବା ପାଇଁ ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ବିଭିନ୍ନ ବ୍ଲକରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ହେଲେ କଟକ ସଦର ବ୍ଲକରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ମିଳିଥିବା ସୂଚନା ଅନୁଯାୟୀ, ପିଠା କାର୍ଯ୍ୟକ୍ରମରେ କାଳିଆ ଯୋଜନାର ସୁପରିଚାଳନା ନିମନ୍ତେ ସମ୍ପୃକ୍ତ ବିଭାଗ ପ୍ରତି ପଞ୍ଚାୟତ ପିଛା ୨୫ ହଜାର ଟଙ୍କା ସ୍ୱତନ୍ତ୍ର ଅନୁଦାନ ପ୍ରଦାନ କରିଥିଲା। ଏହି ଅର୍ଥରେ ତାଲିମପ୍ରାପ୍ତ କୃଷି କର୍ମଚାରୀମାନେ କାଳିଆ ଯୋଜନାରେ ହିତାଧିକାରୀ ମନୋନୟନ ପ୍ରକ୍ରିୟା, କିସ୍ତି ପ୍ରଦାନ, କୃଷି ଶ୍ରମିକ ଚିହ୍ନଟ, ଭାଗଚାଷୀ ଚିହ୍ନଟ ସମ୍ପର୍କରେ ଲୋକମାନଙ୍କୁ ବୁଝାଇବାକୁ କୁହାଯାଇଥିଲା। ଏ ସମ୍ପର୍କରେ କୌଣସି ଗୋଟିଏ ହେଲେ ପଞ୍ଚାୟତରେ ଉପସ୍ଥିତ ଜନତାଙ୍କୁ ସୂଚନା ଦିଆଯାଇନାହିଁ ବୋଲି ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ଉପସଭାପତି ତଥା କଟକ ସଦର ବ୍ଲକ କୃଷକ ନେତା ହୃଷୀକେଶ ଜେନା ସୋମବାର ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଚଳିତମାସ ୧୫ ତାରିଖ ସୁଦ୍ଧା ଏହି ବ୍ଲକର ୨୩ଟି ପଞ୍ଚାୟତରେ ୨୫ ହଜାରରୁ ଊର୍ଦ୍ଧ୍ୱ କାଳିଆ ଫର୍ମ ସଂଗ୍ରହ କରାଯାଇଛି। ଏ ସମ୍ପର୍କରେ ଜାଣିବା ପାଇଁ ସୋମବାରଠାରୁ ବ୍ଲକ କାର୍ଯ୍ୟାଳୟରେ ଆବେଦନକାରୀଙ୍କ ଲମ୍ବା ଧାଡି ଲାଗିଥିବା ଦେଖିବାକୁ ମିଳିଛି। ଅଭିଯୋଗ ସମ୍ପର୍କରେ ବ୍ଲକ ସହକାରୀ କୃଷି ଅଧିକାରୀ ମୋନାଲିସା ବେହେରା କୁହନ୍ତି, କାଳିଆ ଯୋଜନା ସମ୍ପର୍କରେ ପିଠା କାର୍ଯ୍ୟକ୍ରମରେ ଆଲୋଚନା ହୋଇଛି। କିନ୍ତୁ ହିତାଧିକାରୀ ମନୋନୟନ ପ୍ରକ୍ରିୟା ସମ୍ପର୍କିତ ମୂଳପ୍ରଶ୍ନକୁ ସେ ଏଡାଇ ଦେଇଥିଲେ। ଅନ୍ୟପକ୍ଷରେ ବିଡିଓ ଦେବାଶିଷ ପଟ୍ଟନାୟକଙ୍କୁ ପଚାରିବାରୁ ଏହା ଉପରେ କୌଣସି ମତ ଦେବା ପାଇଁ ମନା କରିଥିଲେ। ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଏହା ଉପରେ ଉଚ୍ଚସ୍ତରୀୟ ତଦନ୍ତ କରାଯିବା ପାଇଁ ସାଧାରଣରେ ଦାବି ହେଉଛି ।

## ମୋବାଇଲ ଚୋରି ଅଭିଯୋଗ

**କଟକ ଅଫିସ, ୨୧।୧:** ମୋବାଇଲ ଚୋରି କରିବା ଅଭିଯୋଗରେ ବାଦାମବାଡି ପୋଲିସ ଜଣେ ନାବାଳକଙ୍କୁ ସୋମବାର ଗିରଫ କରି ବାଳସୁଧାର ଗୃହକୁ ପଠାଇଛି। ଗତ ରବିବାର ଛତ୍ରବଜାରରେ ସନ୍ତୋଷ ସେନ୍ ନାମକ ବ୍ୟକ୍ତି ପରିବା କିଣିବାକୁ ଯାଇଥିବାବେଳେ ତାଙ୍କ ମୋବାଇଲ ଚୋରି ହୋଇଥିଲା। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ମାମଲା(ନଂ.୨୧/୧୯) ରୁଜୁ କରିଥିଲା।

## ଆମ୍ବେଦକର ସ୍ମୃତି ପରିଷଦ ପକ୍ଷରୁ ଆର୍‌ଡିସି, ଜିଲାପାଳଙ୍କୁ ଦାବିପତ୍ର

**କଟକ ଅଫିସ, ୨୧।୧**

ଜିଲା ପ୍ରଶାସନ, ଶ୍ରମ ଅଧିକାରୀଙ୍କ ଖାମଖିଆଲି ଓ ବେପରୁଆ ମନୋଭାବ ଯୋଗୁ କଟକ ଜିଲାରେ ବହୁ ଯୋଗ୍ୟ ଶ୍ରମିକ ହିତାଧିକାରୀ ସାଇକେଲ ପାଇବାରୁ ବଞ୍ଚିତ ହେଉଛନ୍ତି। ସାମାଜିକ ସଙ୍ଗଠନ ଆମ୍ବେଦକର ସ୍ମୃତି ପରିଷଦ ପକ୍ଷରୁ ଏଭଳି ଅଭିଯୋଗ ହୋଇଛି। ସୋମବାର ପରିଷଦର ସଭାପତି ସୁକାନ୍ତ ସେଠୀଙ୍କ ନେତୃତ୍ୱରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଆରଡିସି ଓ ଜିଲାପାଳଙ୍କୁ ଏ ସମ୍ପର୍କିତ ସ୍ମାରକପତ୍ର ଦିଆଯାଇଛି। ସ୍ମାରକପତ୍ରରେ ଦର୍ଶାଯାଇଛି, ଶ୍ରମିକ ସଙ୍ଗଠନ ନାମରେ ଗରିବ ଦିନ ମଜୁରିଆଙ୍କୁ ଶ୍ରମିକ ସ୍ୱାସ୍ଥ୍ୟ ବୀମା, ପେନ୍‌ସନ ଓ ମୋ ସାଇକେଲ ଯୋଜନାରେ ସାମିଲ କରିବାକୁ କହି ଲେବର କାର୍ଡ ପିଛା ୫ଶହ ଟଙ୍କା ଆଦାୟ କରାଯାଉଛି। ସେହିପରି କିଛି ଅଞ୍ଚଳର ଆଶା କର୍ମୀମାନେ ମଧ ଲୋକମାନଙ୍କୁ ସାଇକେଲ ଦେବାକୁ କହି ତାଙ୍କଠାରୁ ହଜାର ହଜାର ଟଙ୍କା ଲୁଟିବାରେ ଲାଗିଛନ୍ତି। ତେଣୁ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଲୁଟ୍‌ରେ ସମ୍ପୃକ୍ତ ଥିବା ସରକାରୀ ବାବୁ, ଦଲାଲ୍ ଓ ଆଶା କର୍ମୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ପ୍ରକୃତ ଯୋଗ୍ୟ ଶ୍ରମିକମାନଙ୍କୁ ମୋ ସାଇକେଲ ଯୋଜନାରେ ସାମିଲ କରିବା ପାଇଁ ଦାବି କରାଯାଇଛି।

## ଏନ୍‌ବିଡବ୍ଲ୍ୟୁ ବଳରେ ଅଭିଯୁକ୍ତ ଗିରଫ

**କଟକ ଅଫିସ, ୨୧।୧**

ଜାମିନ ବିହୀନ ଗିରଫ ପରୱାନା(ଏନ୍‌ବିଡବ୍ଲ୍ୟୁ) ବଳରେ ବାଦାମବାଡି ପୋଲିସ ଜଣେ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବାଦାମବାଡି ଥାନା ଅନ୍ତର୍ଗତ ଶଙ୍କରପୁର ଅଞ୍ଚଳର ମନୋଜ ଜେନା। ୨୦୧୭ ମସିହାରେ ଶଙ୍କରପୁର ଅଞ୍ଚଳରେ ହୋଇଥିବା ଏକ ଗଣ୍ଡଗୋଳ ମାମଲାରେ ମନୋଜ ସାମିଲ ଥିଲେ। ଏହି ମାମଲା କୋର୍ଟରେ ବିଚାରାଧୀନ ଥିବାବେଳେ ମନୋଜ କୋର୍ଟରେ ହାଜର ହୋଇ ନ ଥିଲେ। ଫଳରେ କୋର୍ଟ ତାଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ ଜାରି କରି ତାଙ୍କୁ ଗିରଫ ପାଇଁ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ।

## ପାଲା ଗାୟକ ଚକ୍ରଧରଙ୍କୁ ସାବିତ୍ରୀ ପଟ୍ଟନାୟକ ସ୍ମୃତି ସମ୍ମାନ

**କଟକ ଅଫିସ, ୨୧।୧**

ଉତ୍କଳ ସାହିତ୍ୟ ସମାଜର ଦୁଇଦିନିଆ ପାଲା ମହୋତ୍ସବ ଶ୍ରୀରାମଚନ୍ଦ୍ର ଭବନଠାରେ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଇଂ. ରାଜେନ୍ଦ୍ର ନାରାୟଣ ଦାସ ଏହାକୁ ଉଦ୍‌ଘାଟନ କରି କହିଲେ, ଉତ୍କଳୀୟ ସଂସ୍କୃତିର ସୁରକ୍ଷାରେ ପାଲାର ଅବଦାନ ଅବିସ୍ମରଣୀୟ। ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ବିଜୟାନନ୍ଦ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମହୋତ୍ସବରେ ସମ୍ମାନିତ ଅତିଥି ଭାବେ ଡ. ସତ୍ୟ ରାୟ ଯୋଗଦେଇଥିଲେ। ଏହି ଅବସରରେ ବିଶିଷ୍ଟ ପାଲା ଗାୟକ ଚକ୍ରଧର ବାରିକଙ୍କୁ ପ୍ରଥମ ସାବିତ୍ରୀ ପଟ୍ଟନାୟକ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନ ସଙ୍ଗଠନ ସମ୍ପାଦକ ଜୀବନାନନ୍ଦ ଅଧିକାରୀ ସୂଚନା ଓ ସାଧାରଣ ସମ୍ପାଦକ ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ସ୍ୱାଗତ ଭାଷଣ ଦେଇଥିଲେ। ପାଲା ମହୋତ୍ସବ ନିମନ୍ତେ ବରଦା ପ୍ରସନ୍ନ ପଟ୍ଟନାୟକ ସ୍ଥାୟୀ ଆର୍ଥିକ ସହାୟତା ପ୍ରଦାନ କରିଥିବାରୁ ଅଭିନନ୍ଦିତ କରାଯାଇଥିଲା। ମୀନାକ୍ଷୀ ଦେବୀ ମାନପତ୍ର ପାଠ କରିଥିଲାବେଳେ ଉପସଭାପତି ମନୋଜ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।



ମହୋତ୍ସବରେ ପାଲାଗାୟକ ଚକ୍ରଧର ବାରିକଙ୍କୁ ସାବିତ୍ରୀ ପଟ୍ଟନାୟକ ସ୍ମୃତି ସମ୍ମାନ ପ୍ରଦାନ କରାଯାଉଛି।

**ପାଲା ମହୋତ୍ସବ ଉଦ୍‌ଘାଟିତ**




ବିନା ଥଇଥାନ୍‌ରେ ବସ୍ତି ଉଚ୍ଛେଦ ବନ୍ଦ କରିବା ଦାବି ନେଇ ତିନିଘରିଆ କେନାଲ ରୋଡ ବସ୍ତି ବାସିନ୍ଦା ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।



ନେତାଜୀ ଜୟନ୍ତୀ ଉପଲକ୍ଷେ କଟକ ଓଡିଆ ବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟରେ ଓଡ଼ିଶା ଲଳିତକଳା ଏକାଡେମୀ ପକ୍ଷରୁ ଅନୁଷ୍ଠିତ ରାଜ୍ୟସ୍ତରୀୟ ଚିତ୍ରଶିଳ୍ପୀ ଶିବିର।




୭ ଦଫା ଦାବିନେଇ ସୋମବାର ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଛାତ୍ରାବାସ କର୍ମଚାରୀ ସଂଘ ପକ୍ଷରୁ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।



"କ୍ରୋଧ ଆସିଗଲେ ବୁଦ୍ଧିମାନ ପୁରୁଷମାନେ ସର୍ବଦା ପରିଣାମ ବିଚାର କରନ୍ତି ଏବଂ ଲାଭର ସମ୍ଭାବନା ଦେଖିଲେ ନିଜର କର୍ତ୍ତବ୍ୟ ଉପରେ ଚିନ୍ତା କରନ୍ତି।
- କନ୍‌ଫୁସିୟସ



## ସଂକ୍ଷେପରେ

### କ୍ରିକେଟ୍: ପଞ୍ଚମୁଖୀ ଚାମ୍ପିୟନ



**କୃଷ୍ଣପ୍ରସାଦ,୨୧।୧(ଡି.ଏନ.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ମାଲୁଦ ପଞ୍ଚୁଦୋଳ ପଡିଆଠାରେ ରାମକୃଷ୍ଣ ମେମୋରିଆଲ ସ୍ପୋର୍ଟିଂ କ୍ଲବ୍ ଆନୁକୂଲ୍ୟରେ କ୍ରିକେଟ୍ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ସୋମବାର ଉଦ୍‌ଯାପନୀ ଖେଳରେ ପଞ୍ଚମୁଖୀ କ୍ରିକେଟ କ୍ଲବ୍ (ପାରିକୁଦ) ଚାମ୍ପିୟନ ହୋଇଛି। ଇଲେଭେନ୍ ଷ୍ଟାର୍ କ୍ରିକେଟ୍ ଟିମ୍ (ମୋରଡା) ଓ ପଞ୍ଚମୁଖୀ କ୍ରିକେଟ୍ ଟିମ୍ ମଧରେ ମ୍ୟାଚ୍ ହୋଇଥିଲା। ମୋରଡ଼ା ଦଳ ପ୍ରଥମେ ବ୍ୟାଟିଂ କରି ୨୦ ଓଭର୍‌ରେ ୧୩୧ ରନ୍ କରିଥିବାବେଳେ ଜବାବରେ ପଞ୍ଚମୁଖୀ ୧୩୨ ରନ୍ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ବ୍ରହ୍ମଗିରି ବିଧାୟକ ସଞ୍ଜୟ କୁମାର ଦାସବର୍ମା ଖେଳକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଉପାଧକ୍ଷ ପ୍ରଫୁଲ୍ଲ କୁମାର ଜେନା, ଜିଲା ପରିଷଦ ସଭ୍ୟା ପ୍ରଭାତି ପ୍ରଧାନ, ପୁରୀ ଏମ୍‌ପିଙ୍କ ପ୍ରତିନିଧି ଦିଲୀପ କୁମାର ରଣସିଂହ, କ୍ରୀଡାପ୍ରେମୀ ସେକ୍ ନବି ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସରପଞ୍ଚ ରମେଶ ଚନ୍ଦ୍ର ମହାପାତ୍ର, ବିଭୁ ନାରାୟଣ ଜେନା ଖେଳ ପରିଚାଳନା କରିଥିଲେ।

### ଭିଭିପାଟ୍ ଭୋଟିଂ ସଚେତନତା

**ଟାଙ୍ଗୀ(ଖୋର୍ଦ୍ଧା),୨୧।୧(ଡି.ଏନ.ଏ.):** ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ ଟାଙ୍ଗୀ ବ୍ଲକର ୨୬ଟି ପଞ୍ଚାୟତରେ ଚଳିତ ସପ୍ତାହରୁ ଭିଭିପାଟ୍ ଭୋଟିଂ ସମ୍ପର୍କରେ ଭୋଟରଙ୍କୁ ସଚେତନ କରାଯାଉଛି। ଇଭିଏମ୍ ମେଶିନ୍‌ରେ ପ୍ରାର୍ଥୀ, ପ୍ରାର୍ଥୀଙ୍କର ଚିହ୍ନକୁ ଭୋଟର ଭୋଟ ଦେବାବେଳେ ଦେଖିବାର ସୁବିଧା ପାଇପାରିବେ। ବିଭିନ୍ନ ପଞ୍ଚାୟତର ଭୋଟରଙ୍କୁ ସଚେତନ କରାଯାଉଛି। ବ୍ଲକ ସମ୍ପ୍ରସାରଣ ଅଧିକାରୀମାନେ ଏହି ଯନ୍ତ୍ରକୁ ଗ୍ରାମରେ ପ୍ରଦର୍ଶନ କରାଇ ସଚେତନ କରାଉଛନ୍ତି। ଦେଶର ୫ଟି ରାଜ୍ୟରେ ନିର୍ବାଚନ ଶେଷ ହୋଇଥିବାବେଳେ ଇଭିଏମ୍ ସହ ଏହି ଭିଭିପାଟ୍ ମେଶିନ୍ ବ୍ୟବହାର ଦ୍ୱାରା ଭୋଟିଂ ପ୍ରକ୍ରିୟା ଅଧିକ ସ୍ୱଚ୍ଛ ଓ ବିଶ୍ୱାସଯୋଗ୍ୟ ହୋଇ ପାରିବ। ଆଗାମୀ ବିଧାନସଭା ଓ ଲୋକସଭା ସାଧାରଣ ନିର୍ବାଚନରେ ଓଡ଼ିଶାରେ ଏହାର ବ୍ୟବହାର କରାଯିବ ବୋଲି ଜଣାପଡିଛି।

### ଫୁଟ୍‌ବଲ: ଖଣ୍ଡପଡ଼ା ବିଜୟୀ

**ବୋଲଗଡ଼,୨୧।୧(ଡି.ଏନ.ଏ.):** ବୋଲଗଡ଼ ବ୍ଲକ ହାଟବସ୍ତ୍ରସ୍ଥିତ ପଞ୍ଚାୟତ ହାଇସ୍କୁଲ ପଡିଆରେ ମା'ଯୋଗମାୟା ଫୁଟ୍‌ବଲ ଆସୋସିଏଶନ୍ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ କାଳିଆ ମେମୋରିଆଲ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଆୟୋଜିତ ହୋଇଯାଇଛି। ସୋମବାର ୨ୟ ଦିନରେ ରାଜସୁନାଖଳାର ଆର୍‌କେ ଏକାଡେମୀ ଟିମ୍ ଓ ଖଣ୍ଡପଡ଼ା ଫୁଟ୍‌ବଲ ଆସୋସିଏଶନ୍ ଦଳ ମଧରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧରେ କେହି କାହାକୁ ଗୋଲ୍ ଦେଇ ନ ପାରିବାରୁ ଖଣ୍ଡପଡ଼ା ଫୁଟ୍‌ବଲ ଟିମ୍ ଟାଏବ୍ରେକର ମାଧମରେ ୪-୩ ଗୋଲ୍ ବ୍ୟବଧାନରେ ବିଜୟୀ ହୋଇଛି। ସୁଶାନ୍ତ କୁମାର ମିଶ୍ର ଖେଳ ପରିଚାଳନା କରିଥିବାବେଳେ ରମେଶ ଚନ୍ଦ୍ର ପାଇକରାୟ ଓ ସୁକାନ୍ତ ପ୍ରଧାନ ଲାଇନ୍‌ସରେ ସହାୟତା କରିଥିଲେ। କିଶୋର ଯତି ୪ର୍ଥ ରେଫରି ଭାବେ କାର୍ଯ୍ୟ କରିଥିଲେ।

### ଆଜି ୮ମ ପାଞ୍ଚଗଡ଼ ମହୋତ୍ସବ

**ବୋଲଗଡ଼,୨୧।୧(ଡି.ଏନ.ଏ.):** ବୋଲଗଡ଼ ବ୍ଲକ ବଡକୁମାରୀସ୍ଥିତ ନୀଳକଣ୍ଠେଶ୍ୱରଦେବଙ୍କ ମନ୍ଦିର ପରିସରରେ ମଙ୍ଗଳବାର ୮ମ ପାଞ୍ଚଗଡ ମହୋତ୍ସବ-୨୦୧୯ ଶୁଭାରମ୍ଭ ହେବ। ପାଞ୍ଚଗଡ ସାଂସ୍କୃତିକ ପରିଷଦ ପକ୍ଷରୁ ଚଳିତ ୨୨ ଠାରୁ ୨୪ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଅନୁଷ୍ଠିତ ହେବ। ସ୍ଥାନୀୟ କଳା, ସଂସ୍କୃତି ଓ ଐତିହ୍ୟ ସହ ପ୍ରତିଭା ଅନ୍ୱେଷଣ ଉଦ୍ଦେଶ୍ୟ ନେଇ ମହୋତ୍ସବର ପ୍ରସ୍ତୁତି ଆରମ୍ଭ ହୋଇଥିବା କମିଟିର ଅଧକ୍ଷ ଡଃ. ପ୍ରକାଶ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ପ୍ରତି ସନ୍ଧ୍ୟାରେ ବୈଠକ ସହ ମନୋରମ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ଏଥିରେ ଓଡ଼ିଶାର କଳା, ଲୋକନୃତ୍ୟ ଓ ସଙ୍ଗୀତ ଆଦି ଆଦି ପ୍ରଦର୍ଶନ ସହ କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯିବ।

## ଗୃହ ପାଇଁ ଲକ୍ଷ୍ମୀଧରଙ୍କ ଆତ୍ମହତ୍ୟା ଘଟଣା

# ତଦନ୍ତ ପାଇଁ ଥାନା ଦ୍ୱାରସ୍ଥ ହେଲେ ସରପଞ୍ଚ

**ଖୋର୍ଦ୍ଧା ଅଫିସ,୨୧।୧**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ନିରାକାରପୁରସାହିର ଲକ୍ଷ୍ମୀଧର ବେହେରା ଗ୍ରାମୀଣ ଆବାସ ଯୋଜନାରେ ଘରଟିଏ ନ ପାଇ ୧୬ ତାରିଖରେ ଆତ୍ମହତ୍ୟା କରିଥିଲେ। ମୃତ୍ୟୁକୁ ୫ ଦିନ ବିତି ଯାଇଥିବାବେଳେ ଆତ୍ମହତ୍ୟା ପଛର କାରଣକୁ ନିରାକାରପୁର ଥାନା ପୋଲିସ ଉନ୍ମୋଚନ କରିପାରିନାହିଁ। ଉପଜିଲାପାଳ ସରୋଜ ସାହୁ ମଧ ତଦନ୍ତ ରିପୋର୍ଟ ଜିଲାପାଳଙ୍କୁ ହସ୍ତାନ୍ତର କରିନାହାନ୍ତି। ଏଭଳିସ୍ଥଳେ ସ୍ଥାନୀୟ ସରପଞ୍ଚ ହୃଷୀକେଶ ରାଉତରା ପଞ୍ଚାୟତ ବାସିନ୍ଦାଙ୍କ ପକ୍ଷରୁ ଥାନାରେ ସୋମବାର ପହଞ୍ଚି ଲକ୍ଷ୍ମୀଧରଙ୍କ ମୃତ୍ୟୁ ପଛର ରହସ୍ୟକୁ ଉନ୍ମୋଚନ କରିବାକୁ ଅନୁରୋଧ କରିଛନ୍ତି। ସେହିପରି ଏ ଘଟଣାରେ ଯେଉଁମାନେ ଦୋଷୀ ବୋଲି ପ୍ରମାଣିତ ହେବେ, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଦାବି କରିଛନ୍ତି। ତେବେ ତଦନ୍ତରେ ତ୍ୱରାନ୍ୱିତ ଓ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ନିରାକାରପୁରକୁ ସମ୍ପୂର୍ଣ୍ଣ ଅଚଳ କରି ଦିଆଯିବ ବୋଲି ସରପଞ୍ଚଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି। ଅନ୍ୟପକ୍ଷେ ଲକ୍ଷ୍ମୀଧରଙ୍କୁ ଯିଏ ଲାଞ୍ଚ ମାଗିଛି, ଯେଉଁମାନେ ଉସୁକାଉଥିଲେ ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ। ଆତ୍ମହତ୍ୟା ଘଟଣାକୁ ରାଜନୀତି ରୂପ ଦେବା ବନ୍ଦ କରି ପଞ୍ଚାୟତରେ ଶାନ୍ତି ଫେରାଇ ଆଣିବାକୁ ଭାରପ୍ରାପ୍ତ ଥାନା ଅଧିକାରୀଙ୍କୁ ସରପଞ୍ଚ ଅନୁରୋଧ କରିଛନ୍ତି। ଏ ଅବସରରେ ସରପଞ୍ଚଙ୍କ ନେତୃତ୍ୱରେ ବଡବଜାରଠାର ଶୋଭାଯାତ୍ରା ବାହାରି ଭାରପ୍ରାପ୍ତ ଥାନା ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି।

### କାର୍ଯ୍ୟାନୁଷ୍ଠାନ ନ ହେଲେ ଅଚଳ ହେବ ନିରାକାରପୁର



ଥାନା ଅଧିକାରୀଙ୍କୁ ସରପଞ୍ଚ ଓ ଅନ୍ୟମାନେ ସ୍ମାରକପତ୍ର ଦେଉଛନ୍ତି।

### ମୃତ୍ୟୁ ପରେ ବଦଳିଗଲା ମାନଦଣ୍ଡ

ପ୍ରଧାନମନ୍ତ୍ରୀ ଆବାସ, ବିଜୁ ପକ୍କାଘର ପରି ଗ୍ରାମୀଣ ଆବାସ ଯୋଜନାରେ କେଉଁମାନେ ସାମିଲ ହୋଇପାରିବେ ସେନେଇ ସ୍ୱତନ୍ତ୍ର ମାନଦଣ୍ଡ ରହିଛି। ତେବେ ଗ୍ରାମୀଣ ଆବାସ ଯୋଜନାରେ ଘର ପାଇବାକୁ ଯୋଗ୍ୟ ବିବେଚିତ ନ ହେଲେ ହିତାଧିକାରୀ ହୋଇପାରିବ ନାହିଁ। ଲକ୍ଷ୍ମୀଧରଙ୍କ ଘର ତିତ୍‌ଲି ବାତ୍ୟାରେ ଭାଙ୍ଗି ଯାଇଥିଲା। ପୂର୍ବରୁ ଲକ୍ଷ୍ମୀଧର ଠିକ୍ ସମୟରେ ଚାଳ ଛପର କରି ପାରି ନ ଥିବାରୁ ଘରଟି ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିଲା। ତାଙ୍କର ଯେଉଁ ୨ଟି ଆଜବେଷ୍ଟସ ଘର ରହିଛି ତାହା ମାଟି କାନ୍ଥରେ ଭଙ୍ଗାରୁଜା ଘର। ଭଙ୍ଗା ଆଜବେଷ୍ଟସ ଘର ଯୋଗୁ ଲକ୍ଷ୍ମୀଧର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇ ପାରି ନ ଥିଲେ। ପୁଣି ବିଜୁ ପକ୍କାଘର ତାଙ୍କ ପାଇଁ ମଧ ବନ୍ଦ ଥିଲା। ତେବେ ମୃତ୍ୟୁ ପରେ ପିଠା ଯୋଜନାରେ କାର୍ଯ୍ୟାଦେଶ ଦିଆଗଲା। ଯଦି ତିତ୍‌ଲିରେ କ୍ଷତି ଯୋଗୁ ବିଜୁ ପକ୍କାଘର ଯୋଜନାରେ କାର୍ଯ୍ୟାଦେଶ ମିଳିଲା। ଅନ୍ୟପକ୍ଷେ ଜୀବିତ ସମୟରେ ଯଦି ନିୟମ ନ ଥିଲା, ମୃତ୍ୟୁ ପରେ ଅନୁକମ୍ପା ଦେଖାଇବା କେତେଦୂର ଠିକ୍। ଲକ୍ଷ୍ମୀଧରଙ୍କ ପରିବାରକୁ ଗ୍ରାମୀଣ ଆବାସ ଯୋଜନାରେ ସାମିଲ କରାଇ କାର୍ଯ୍ୟାଦେଶ ବହୁ ପୂର୍ବରୁ ଦେବାର ଥିଲା। ଯଦି ଏହା କରାଯାଇ ନ ଥିଲା ଏଥିରେ କିଏ ବାଧକ ସାଜିଥିଲା ତା'ର ବି ତଦନ୍ତ କରାଯିବା ଦରକାର ବୋଲି ବିରୋଧୀଙ୍କ ପକ୍ଷରୁ କୁହାଯାଉଛି।

## ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର ଘଟଣା

# ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

**କୃଷ୍ଣପ୍ରସାଦ,୨୧।୧(ଡି.ଏନ.ଏ.)**

ଜଣେ ହଷ୍ଟେଲ ଛାତ୍ରୀଙ୍କୁ ବଳାତ୍କାର ଘଟଣାରେ ସୋମବାର ପୁରୀ ଜିଲା କୃଷ୍ଣପ୍ରସାଦ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ଓ ଅନ୍ୟ ଜଣେ ବାଳ ଅପରାଧୀଙ୍କୁ ଜୁଭେନାଇଲ୍ ଜଷ୍ଟିସ୍ କୋର୍ଟ ପଠାଇ ଦିଆଯାଇଛି। ଅଭିଯୁକ୍ତ ହେଲେ ଉକ୍ତ ଗ୍ରାମର ବଦ୍ରିନାଥ ପ୍ରଧାନ (୨୫)। ପୀଡିତାଙ୍କ ମାଆ କୃଷ୍ଣପ୍ରସାଦ ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ କ୍ରମେ କେସ୍ ନଂ ୪/୧୯ ଓ ୩୪୧, ୩୨୩, ୩୫୪ ଓ ୩୪ ଆଇପିସିରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୋଗ ଅନୁଯାୟୀ, ୧୦ମ ଶ୍ରେଣୀ ଛାତ୍ରୀ ଜଣକ ବିଦ୍ୟାଳୟର ହଷ୍ଟେଲରେ ରହି ପାଠ ପଢୁଥିଲେ। ଜାନୁୟାରୀ ୧୦ ତାରିଖ ସନ୍ଧ୍ୟା ସମୟରେ ସେ ବିଦ୍ୟାଳୟ ନିକଟ ବିଲକୁ ପରିସ୍ରା କରିବାକୁ ଯାଇଥିବା ବେଳେ ବଳାତ୍କାରର ଶିକାର ହୋଇଥିଲେ। ତେବେ ଛାତ୍ରୀ ଜଣକ ପାଟି କରିବାରୁ ଅଭିଯୁକ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରେ ଅଭିଯୁକ୍ତଙ୍କ ଚପଲ ରହିଯାଇଥିଲା। ସେହି ଚପଲରୁ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇ ଥାନାରେ ଅଭିଯୋଗ ହୋଇଥିଲା।

## ବଳାତ୍କାର ଅଭିଯୁକ୍ତ ଯୁବକଙ୍କୁ ଜେଲ

**ଖୋର୍ଦ୍ଧା ଅଫିସ,୨୧।୧**

ନବମ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର ଅଭିଯୋଗରେ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ କୁମାରବସ୍ତର ଦୀପକ ହାତୀ(୨୦)ଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଦୀପକଙ୍କୁ ୧୪ ଦିନ ପାଇଁ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦିଆଯାଇଛି।

ପ୍ରାପ୍ତ ସୂଚନା ଅନୁସାରେ, ୧୧ ତାରିଖରେ ଟାଙ୍ଗିଆପଡା ଅଞ୍ଚଳର ନବମ ଶ୍ରେଣୀର ଜଣେ ଛାତ୍ରୀଙ୍କୁ ଦୀପକ ଅପହରଣ କରି ନେଇ ଓଡଗାଁ ଆଦର୍ଶ ଥାନା ଶାଳିଆ ନିକଟସ୍ଥ ସରଗପଲ୍ଲୀ ଗାଁରେ ରଖିଥିଲେ। ପରିବାର ଲୋକ ଖୋଜାଖୋଜି ପରେ ଝିଅର ଟେର ପାଇ ନ ଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଝିଅକୁ ଅପହରଣ କରାଯାଇଥିବା ଜଣାପଡିବା ପରେ ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ଦୀପକଙ୍କୁ ଗିରଫ କରିବା ସହ ଛାତ୍ରୀଙ୍କୁ ଉଦ୍ଧାର କରିଥିଲା। ସୋମବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ଉଭୟଙ୍କୁ ଡାକ୍ତରୀ ମାଇନା କରାଯାଇଥିଲା। ପରେ ଭୁବନେଶ୍ୱରସ୍ଥିତ ଜିଲା ଜଜ୍ କୋର୍ଟରେ ଉଭୟଙ୍କୁ ହାଜର କରାଯାଇଥିଲା। ଛାତ୍ରୀଙ୍କୁ କୋର୍ଟ ନିର୍ଦ୍ଦେଶ ମୁତାବକ ମା'ଙ୍କ ପାଖରେ ରଖାଯାଇଛି। ମଙ୍ଗଳବାର କୋର୍ଟରେ ବୟାନ ରେକର୍ଡ କରାଯିବ ବୋଲି ଜଣାପଡିଛି।

# ପାଠକଙ୍କ ରୁଚି ଅନୁସାରେ ପରିବର୍ତ୍ତନ ଦରକାର

**ଖୋର୍ଦ୍ଧା ଅଫିସ,୨୧।୧**

ଖୋର୍ଦ୍ଧାରୁ ପ୍ରକାଶ ପାଉଥିବା ମାସିକ ପତ୍ରିକା ଆମରିସତ୍ୟ ଓ ଗବେଷଣାମୂଳକ ଇଂଲିଶ ତ୍ରୟମାସିକ ପତ୍ରିକା ପ୍ରଜ୍ଞା ପକ୍ଷରୁ ବୈଠକ ଧଉଳି ଶାନ୍ତିସ୍ତୁପଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉଭୟ ଅନୁଷ୍ଠାନର ପ୍ରତିଷ୍ଠାତା ଡ଼.ପ୍ରମୋଦ ଚନ୍ଦ୍ର ଦାଶଙ୍କ ଅଧକ୍ଷତାରେ କ୍ଷୁଦ୍ର ଗଳ୍ପ ଲିଖନ ଉପରେ ଗୁରୁତ୍ୱ ଦିଆଯିବା ସହ ଓଡ଼ିଆ ପତ୍ର ପତ୍ରିକା ଅଧୟନ ପାଇଁ ପାଠକ ମହଲରେ ସଚେତନତା ଉପରେ ଆଲୋକପାତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଆମରିସତ୍ୟର ସହଯୋଗୀ ସମ୍ପାଦକ ସତ୍ୟବାଦୀ ବଳିଆରସିଂହ, ବିଭୁ ପ୍ରସାଦ ହରିଚନ୍ଦନ ଓ ଜବାହରଲାଲ ସୁବୁଦ୍ଧି ସଞ୍ଚାଳନ କରିଥିଲେ। ସେହିଭଳି ସାହିତ୍ୟରେ କ୍ଷୁଦ୍ରଗଳ୍ପର ସ୍ଥାନ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।



ଧଉଳି ଶାନ୍ତିସ୍ତୁପଠାରେ ଆମରିସତ୍ୟ ଓ ପ୍ରଜ୍ଞା ପକ୍ଷରୁ ଅନୁଷ୍ଠିତ ବୈଠକ।

ଏଥିରେ ପ୍ରମୋଦ କୁମାର ଦାଶ, ଡ଼.ଭୁଜେନ୍ଦ୍ର ନାଥ ପଣ୍ଡା, ପ୍ରଫେସର ଡ. ଲକ୍ଷ୍ମୀଧର ବେହେରା, ପ୍ରଫେସର ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ପୂର୍ବତନ ଅଧକ୍ଷ କୁଞ୍ଜ ବିହାରୀ ମହାନ୍ତି, ଶିବ ସୁନ୍ଦର ପଟ୍ଟନାୟକ, ଡ଼ା ଧନେଶ୍ୱର ସାହୁ, ଡ଼ା. ନନ୍ଦ କିଶୋର ପଟ୍ଟନାୟକ, ମନୋରମା ପାଢୀ, ନିରୁପମା ମହାପାତ୍ର, ବୈକୁଣ୍ଠନାଥ ରାଜଗୁରୁ, ଅଧାପକ ଗୋପାଳକୃଷ୍ଣ ଦାସ ପ୍ରମୁଖ ଆଲୋଚକ ଭାବେ ଯୋଗ ଦେଇଥିଲେ। ସେମାନେ ଏବେକାର ପାଠକଙ୍କର ଅଧିକ ଲେଖା ପଢ଼ିବାକୁ ଧର୍ଯ୍ୟ ନାହିଁ। ଟିଭି ଯୋଗୁ ଖବରକାଗଜ, ବିଭିନ୍ନ ପତ୍ରପତ୍ରିକାର ସଂଖ୍ୟା କମି ଚାଲିଛି। ସାହିତ୍ୟିକ ଅନୁଷ୍ଠାନଗୁଡିକ ଲେଖକଙ୍କ ସହ ପାଠକଙ୍କୁ ସମ୍ମାନିତ କରିବା ଦରକାର ବୋଲି ମତପ୍ରକାଶ ପାଇଛି।

## ଗାଁ ସାଥୀଙ୍କ ରିଲେ ଅନଶନ

**ଖୋର୍ଦ୍ଧା ଅଫିସ,୨୧।୧**

ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗାଁ ସାଥୀଙ୍କ ପକ୍ଷରୁ ସୋମବାର ରିଲେ ଅନଶନ କରାଯାଇଥିଲା। ପ୍ରଦେଶସ୍ତରୀୟ ଟ୍ରେଡ ୟୁନିୟନ ଗାଁ ସାଥୀ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏ ଅନଶନ ହୋଇଛି। ଗାଁ ସାଥୀଙ୍କୁ ମାସିକ ୬ ହଜାର ଟଙ୍କା ପ୍ରୋତ୍ସାହନ ରାଶି, ୧୫୫ ପ୍ରକାରର ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟ ଦେବାର କମିଟି ପକ୍ଷରୁ ଦାବି ଥିଲା। ୨୦୧୮ ନଭେମ୍ବର ୧୬ରେ ସଚିବାଳୟରେ ମନ୍ତ୍ରୀସ୍ତରୀୟ ଆଲୋଚନାରେ ସରକାର ଗାଁ ସାଥୀଙ୍କୁ ମାସିକ ୧୦ ଦିନ ଓ ବର୍ଷକୁ ୧୨୦ ଦିନର କାର୍ଯ୍ୟ ଦେବେ ବୋଲି କହିଥିଲେ। ତେବେ ଆଲୋଚନାକୁ ଅଣଦେଖା କରି ୧୦୦ ଦିନର କାମ ଦେବାକୁ ଏକ ଚିଠି ପ୍ରକାଶ କରିଥିଲେ। ତଥାପି ଏହି କାର୍ଯ୍ୟ ବି ଦେବାରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରିବାରୁ ପ୍ରତିବାଦରେ ରିଲେ ଅନଶନ କରାଯାଇଥିବା ସଭାପତି ସରୋଜ ରଥ ସୂଚନା ଦେଇଛନ୍ତି।





ଜନସମ୍ପର୍କ ପଦଯାତ୍ରାରେ ବିଜେଡି ନେତା ଓ କର୍ମକର୍ତ୍ତା।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

**ଖୋର୍ଦ୍ଧା ଅଫିସ,୨୧।୧**

ବାଣପୁର ବ୍ଲକ ଗାଲୁଆ ପଞ୍ଚାୟତରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି। ଚିଲିକାର ପୂର୍ବତନ ବିଧାୟକ ରଘୁନାଥ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ପଦଯାତ୍ରା ଗାଲୁଆ ପଞ୍ଚାୟତର ମା' ଚିକିରାଇଁ ମନ୍ଦିରଠାରୁ ବାହାରି ଥିଲା। ପଦଯାତ୍ରା ଅବସରରେ ସମସ୍ତ ଗ୍ରାମ ପରିକ୍ରମା କରି ବିଭିନ୍ନସ୍ଥାନରେ ପଥପ୍ରାନ୍ତ ସଭା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କର ଜନହିତକର କାର୍ଯ୍ୟକ୍ରମକୁ ଜନସାଧାରଣଙ୍କୁ ଜଣାଇବା ସହିତ ଓଡିଶା ପ୍ରତି କେନ୍ଦ୍ର ସରକାରଙ୍କର ବୈମାତୃକ ମନୋଭାବକୁ ନେଇ ଏଥିରେ ଅବଗତ କରାଯାଇଥିଲା। ଏହି ପଦଯାତ୍ରାରେ ପର୍ଯ୍ୟବେକ୍ଷକ ଭରତ ସାହୁ, ବ୍ଲକ ଅଧକ୍ଷା ରଞ୍ଜିତା ସେଠୀ, ଜିଲା ପରିଷଦ ସଭ୍ୟ ଡମ୍ବରୁଧର ନାୟକ, ସତ୍ୟନାରାୟଣ ପ୍ରଧାନ, ସରପଞ୍ଚ ରୋଜାଲିନ୍ ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ।

## ଗଢ଼ିଲା ମିଶନ ଶକ୍ତି ରଥ

**କୃଷ୍ଣପ୍ରସାଦ,୨୧।୧(ଡି.ଏନ.ଏ.):** ରାଜ୍ୟ ସରକାର ମହିଳାମାନଙ୍କୁ ଅଗ୍ରାଧିକାର ଦେଉଥିବା ସହ ସେମାନେ କିପରି ସ୍ୱାବଲମ୍ବୀ ହୋଇପାରିବେ ସେନେଇ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ଯୋଜନାଗୁଡିକ ସମ୍ବନ୍ଧରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ସଚେତନତା କରାଇବା ପାଇଁ ପୁରୀ ଜିଲା ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ କୃଷ୍ଣପ୍ରସାଦ ବ୍ଲକରେ ମିଶନ ଶକ୍ତି ରଥ ଶୁଭାରମ୍ଭ ହୋଇଛି। ଏହାକୁ ବ୍ଲକ ମହିଳା ଓ ଶିଶୁ ବିକାଶ ଅଧିକାରିଣୀ ମନୋରମା ଦେବୀ ଉଦ୍‌ଘାଟନ କରିଥିଲେ। ଏହି ରଥ ବ୍ଲକର ୨୧ ପଞ୍ଚାୟତ ପରିକ୍ରମା କରିଥିଲା।

## ପଦ୍ମବାବୁ ଥିଲେ ମାଟିର ମଣିଷ

### ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ, ଶିଶୁ ଉଦ୍ୟାନ ଉଦ୍‌ଘାଟିତ

**ବେଗୁନିଆ,୨୧।୧(ଡି.ଏନ.ଏ.)**

ବେଗୁନିଆ ବ୍ଲକ ଅଞ୍ଚଳର ବହୁ ପ୍ରତିଭାର ଅଧିକାରୀ ତଥା ଏକାଧିକ ଅନୁଷ୍ଠାନର ପ୍ରତିଷ୍ଠାତା ପଦ୍ମଚରଣ ପାଣିଗ୍ରାହୀଙ୍କ ମୃତ୍ୟୁକୁ ଏକ ବର୍ଷ ପୂରିଛି। ପଦ୍ମଚରଣ ସ୍ମୃତି ସଂସଦ ପରିବାର ଓ ଗ୍ରାମବାସୀଙ୍କ ଦ୍ୱାରା ସୋମବାର ତାଙ୍କର ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ କଣ୍ଟାବାଡ ଗ୍ରାମରେ ପାଳିତ ହୋଇଥିଲା। ଏହି ଅବସରରେ ତାଙ୍କର ପ୍ରତିମୂର୍ତ୍ତି ଉନ୍ମୋଚନ ଓ ପଦ୍ମଚରଣ ଶିଶୁ ଉଦ୍ୟାନ ଉଦ୍‌ଘାଟନ କରାଯାଇଥିଲା। ଉତ୍ସବରେ ବାଙ୍କୀ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଉଦ୍‌ଘାଟକ ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ, ମୁଖ୍ୟବକ୍ତା ଭାବେ ଗ୍ରନ୍ଥକାର ଗୁରୁକଲ୍ୟାଣ ମହାପାତ୍ର, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତ କୁମାର ବେହେରା ଏବଂ ସମିତି ସଭ୍ୟ ସୁବାସ ଚନ୍ଦ୍ର ମହାନ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ରମାମଣି ମହାବିଦ୍ୟାଳୟର ଅଧକ୍ଷା ଡ. ରଶ୍ମିଧାରା ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପଦ୍ମବାବୁ ଥିଲେ ଅଞ୍ଚଳର ଜଣେ ମାଟିର ମଣିଷ। ସେ ନିଜ ଉଦ୍ୟମରେ ଏକାଧିକ ଅନୁଷ୍ଠାନକୁ ଗଢି ତୋଳି ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଦିଲୀପ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମାନସ ରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ। ସୂଚନାଥାଉ କି ପାଣିଗ୍ରାହୀ ନିଜ ଉଦ୍ୟମରେ ରୋଗୀଙ୍କ ସେବା ପାଇଁ ଏକ ଡାକ୍ତରଖାନା ନିର୍ମାଣ, ପ୍ରାଣୀ ଚିକିତ୍ସାଳୟ, ୧୯୮୦ ମସିହାରେ ନିଜ ଗ୍ରାମରେ ରମାମଣି ମହାବିଦ୍ୟାଳୟ ନାମକ ଏକ ଶିକ୍ଷାନୁଷ୍ଠାନର ମୂଳଦୁଆ ପକାଇଥିଲେ। ସେହିପରି ଦୈନିକ ଗ୍ରାମୀଣ ବଜାର ଓ ସାପ୍ତାହିକ ପରିବା ହାଟ ଖୋଲିବାରେ ସକ୍ରିୟ ଭୂମିକା ନେଇଥିଲେ। ଖାଲି ସେତିକି ନୁହେଁ ନିଜ ଅଞ୍ଚଳରେ ସେ ବହୁ ଗରିବ ଲୋକମାନଙ୍କ ଦୁଃଖରେ ସାଥୀ ଥିଲେ।





ଶ୍ରାଦ୍ଧ ବାର୍ଷିକୀ ଉତ୍ସବରେ ଉପସ୍ଥିତ ଅତିଥି।

# କଲେଜ ଛାତ୍ରୀଙ୍କ ଆତ୍ମରକ୍ଷା ପ୍ରଶିକ୍ଷଣ

**କୃଷ୍ଣପ୍ରସାଦ,୨୧।୧(ଡି.ଏନ.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର କନ୍ଦାଖାଇ ଜୁନିୟର ବିଜ୍ଞାନ ଓ କଳା ମହାବିଦ୍ୟାଳୟରେ ସୋମବାର ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ନୃସିଂହାନନ୍ଦ ପଣ୍ଡା ଶିବିରକୁ ଉଦ୍‌ଘାଟନ କରି ଛାତ୍ରୀଙ୍କୁ ଶାରୀରିକ ଓ ମାନସିକସ୍ତରରେ ଶକ୍ତିଶାଳୀ ହେବାକୁ ପରାମର୍ଶ ଦେଇଥିଲେ। ଆତ୍ମରକ୍ଷା ପାଇଁ ଛାତ୍ରୀଙ୍କ ପ୍ରଶିକ୍ଷଣ ନିହାତି ଜରୁରୀ ବୋଲି ସେ ମତ ପ୍ରକାଶ କରିଥିଲେ। ଶିବିରରେ ବରିଷ୍ଠ ପ୍ରାଧାପକ ରାଜ କିଶୋର ସାମନ୍ତରାୟ, କୈଳାସ ଚନ୍ଦ୍ର ବାରିକୀ, ମଧୁସୂଦନ ସାହୁ, ଜାତୀୟ ସେବା ସଂସ୍ଥା ପ୍ରୋଗ୍ରାମ ଅଫିସର ଡା. ପ୍ରଭାତ କୁମାର ଆଚାର୍ଯ୍ୟ, ମହାବିଦ୍ୟାଳୟର କ୍ରୀଡା ପ୍ରଶିକ୍ଷକ ରମେଶ ଚନ୍ଦ୍ର ବିଶ୍ୱାଳ, ଅଧାପିକା ସ୍ମିତା ମହାରଣା, ଚନ୍ଦନା ନାୟକ, ଶୈଳବାଳା ବେହୁରା, ବରିଷ୍ଠ କିରାଣି ଦିଲୀପ କୁମାର ଦଳାଇ ପ୍ରମୁଖ ଯୋଗଦେଇଥିଲେ। ଏହା ୧୩ ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ଆୟୋଜକ କହିଛନ୍ତି।

### କନ୍ଦାଖାଇ ଜୁନିୟର ମହାବିଦ୍ୟାଳୟ





ଛାତ୍ରୀମାନେ ଆତ୍ମରକ୍ଷା ତାଲିମ ନେଉଛନ୍ତି।

## ବେଗୁନିଆ ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ

**ବେଗୁନିଆ,୨୧।୧ (ଡି.ଏନ.ଏ.)**

ବେଗୁନିଆ ମହାବିଦ୍ୟାଳୟର ଖେଳପଡିଆଠାରେ ସୋମବାର ୪୧ତମ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଘାଟନ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ କୈଳାସ ଚନ୍ଦ୍ର ମିଶ୍ର ଏହାକୁ ଉଦ୍‌ଘାଟନ କରିଥିବାବେଳେ କ୍ରୀଡା ଅଧାପକ ସୂର୍ଯ୍ୟମଣି ମାଝି ପରିଚାଳନା କରିଥିଲେ। ମହାବିଦ୍ୟାଳୟର ଯୁକ୍ତ ୨ ଓ ଯୁକ୍ତ ୩ ବିଭାଗର ଛାତ୍ରୀଛାତ୍ରଙ୍କୁ ନେଇ ପ୍ରଥମ ଦିବସରେ ଦୌଡ, ଲମ୍ଫଡିଆଁ, ଉଚ୍ଚଡିଆଁ, ଜାଭଲିନ ଥ୍ରୋ, ସାଇକେଲ ରେସ୍ ଆଦି ପ୍ରତିଯୋଗିତା ହୋଇଥିଲା। ଅଧାପକ ସେକ୍ ଇଜାତ ଅହମ୍ମଦ ଓ ଅଧାପିକା ବିଜୟଲକ୍ଷ୍ମୀ ସୁବୁଦ୍ଧି କ୍ରୀଡା ଉତ୍ସବରେ ସହାୟତା କରିଥିଲେ।

## ଐତିହାସିକଙ୍କ ଶ୍ରାଦ୍ଧବାର୍ଷିକୀ

**ଖୋର୍ଦ୍ଧା ଅଫିସ,୨୧।୧**

ଐତିହାସିକ, ସାହିତ୍ୟିକ, ଶିକ୍ଷାବିତ୍ ସ୍ୱର୍ଗତ ମୁରଲୀଧର ପ୍ରଧାନଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ବାସସ୍ଥାନ ଶ୍ରୀରାମନଗରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ କବି ପଦ୍ମଜ ପାଳ, ଐତିହାସିକ ନାରାୟଣ ରାଓ, ଶିକ୍ଷାବିତ୍ ଭୀମସେନ ପ୍ରଧାନ, ପୂର୍ବତନ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ସାହିତ୍ୟିକ ବୈକୁଣ୍ଠନାଥ ରାଜଗୁରୁ, ଦେବପ୍ରସାଦ ମଜୁମଦାର, ଜ୍ଞାନ ରଞ୍ଜନ ଦାଶ, ବୃନ୍ଦାବନ ପଣ୍ଡା, ରଜନୀକାନ୍ତ କର, ଯଦୁମଣି ମିଶ୍ର ପ୍ରମୁଖ ଯୋଗଦେଇ ମୁରଲୀଧରଙ୍କର ସ୍ମୃତିଚାରଣ କରିଥିଲେ। ଖୋର୍ଦ୍ଧା ଓ ଓଡିଶାର ସାହିତ୍ୟ, ଇତିହାସକୁ ନେଇ ମୁରଲୀ ରଚନା କରିଥିବା ୧୮ଟି ଗ୍ରନ୍ଥ ଆଲୋଚନାରେ ସ୍ଥାନ ପାଇଥିଲା।

## ବୋତଲମା ପଞ୍ଚାୟତ: ପିଠା କଳିକୁ ନେଇ ଜନଅସନ୍ତୋଷ

# ସରପଞ୍ଚଙ୍କ ନାମରେ ରୁଜୁ ହେଲା ମାମଲା

**ଖୋର୍ଦ୍ଧା ଅଫିସ/ବେଗୁନିଆ, ୨୧।୧ (ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ବୋତଲମା ପଞ୍ଚାୟତ ଅଞ୍ଚଳରେ ୧୯ ତାରିଖରେ ଅନୁଷ୍ଠିତ ହୋଇଥିବା ପିଠା କାର୍ଯ୍ୟକ୍ରମ ଏକା ସମୟରେ ୨ଟି ମଞ୍ଚକୁ ନେଇ ଜନ ଅସନ୍ତୋଷ କୁହୁଳୁଛି। ଏହି ଘଟଣା ଆଉ ଏକ ଭିନ୍ନ ମୋଡ ନେଇଛି। ଶେଷରେ ସ୍ଥାନୀୟ ସରପଞ୍ଚଙ୍କ ନାମରେ ଜଙ୍କିଆ ଥାନାରେ ଚୋରି ମାମଲା ରୁଜୁ ହୋଇଥିବା ଚର୍ଚ୍ଚା ଜୋର ହେଉଛି। ପୋଲିସ ସୂଚନା ଅନୁସାରେ, ଶନିବାର ବୋତଲମା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ଭରତ ଚରଣ ଛୋଟରାୟଙ୍କ ଅଧକ୍ଷତାରେ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୧୩୧ ଜଣ ଅନ୍ତ୍ୟୋଦୟ ହିତାଧିକାରୀଙ୍କୁ ଜଣ ପିଛା ୪ଟି ଲେଖାଏ ଏଲ୍‌ଇଡି ବଲବ୍ ବଣ୍ଟନ କରାଯାଇଥିଲା। ସେହିପରି ଅନୁରୂପ ଭାବେ ନିକଟସ୍ଥ ଗଜଲକ୍ଷ୍ମୀ ପୂଜା ପଡିଆ ପରିସରରେ ବେଗୁନିଆ ବିଡିଓ ରବିନାରାୟଣ ମାଝିଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ ଉପସ୍ଥିତ ଥିଲେ। ସେଠାରେ ମଧ ୩୦ ଜଣ ଅନ୍ତ୍ୟୋଦୟ ହିତାଧିକାରୀଙ୍କୁ ଜଣ ପିଛା ୪ଟି ଲେଖାଏ ଏଲଇଡି ବଲବ୍ ବଣ୍ଟନ କରାଯାଇଥିଲା। ତେବେ ସରପଞ୍ଚଙ୍କ ସଭାରେ ଅଧିକ ସଂଖ୍ୟାରେ ବଲବ୍ ବଣ୍ଟନ କରାଗଲା। ମାତ୍ର ବିଡିଓଙ୍କ ସଭାରେ କମ ସଂଖ୍ୟାରେ ହୋଇଥିବା ବଲବ୍ ବଣ୍ଟନ ଯୋଗୁ ଇଜ୍ଜତ ପଦାରେ ପଡି ଯାଇଥିଲା। ଈର୍ଷାନ୍ୱିତ ହୋଇ ବେଗୁନିଆ ସେସୁ ବିଭାଗୀୟ ଯନ୍ତ୍ରୀ ବନବିହାରୀ ମଙ୍ଗରାଜ ଜଙ୍କିଆ ଥାନାରେ ଏକ ଅଭିଯୋଗ ଦାଏର କରିଛନ୍ତି। ସଭା କାର୍ଯ୍ୟକୁ ବଲବ ନେଇ ଯାଉଥିବା ବେଳେ ରାସ୍ତାରେ ତାଙ୍କଠାରୁ ସରପଞ୍ଚଙ୍କ ସମେତ ଅନ୍ୟ ୩ ଜଣ ଜୋର ଜବରଦସ୍ତ ବଲବ୍ ଛଡାଇ ଚୋରାଇ ନେଇ ପଳାଇ ଯାଇଥିଲେ ବୋଲି ଅଭିଯୋଗପତ୍ରରେ ଦର୍ଶାଯାଇଛି। ଥାନାରେ ଦଫା ୩୪୧, ୩୫୩, ୩୭୯ ଓ ୩୪ ଆଇପିସିରେ ନଂ. ୬/୧୯ରେ ମାମଲା ରୁଜୁ ହୋଇଛି। ଏ ସଂକ୍ରାନ୍ତରେ ଛୋଟରାୟ କୁହନ୍ତି, ବିଡିଓଙ୍କ ପକ୍ଷରୁ ପିଠା କାର୍ଯ୍ୟକ୍ରମ ପାଇଁ ମୋ ପାଖକୁ ଚିଠି ହୋଇଥିଲା। ଚିଠିକୁ ଆଧାର କରି ଆମ ପକ୍ଷରୁ ପିଠା କାର୍ଯ୍ୟକ୍ରମ କରାଯାଇଥିଲା। ଆମକୁ ପ୍ରଶାସନ ପକ୍ଷରୁ ବଲବ୍ ଯୋଗାଇ ଦିଆଗଲାନାହିଁ। ମାତ୍ର ଆମେ ବଲବ୍ କିଣି ଆଣି ଲୋକଙ୍କୁ ବଣ୍ଟନ କରିଛୁ।



କୃଷିରୁ ଯେଉଁ ସମ୍ପଦ ମିଳେ, ତାହା ହିଁ ଜାତିର ପ୍ରକୃତ ସମ୍ପଦ।
-ଜନ୍‌ସନ୍



## ସଂକ୍ଷେପରେ

### ୨୯ରେ ପରିଚାଳନା କମିଟି ବୈଠକ

ପୁରୀ ଅଫିସ,୨୧।୧: ଆସନ୍ତା ୨୯ ତାରିଖ ଅପରାହ୍ନ ୪ଟାରେ ଅନୁଷ୍ଠିତ ହେବ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ହେବାକୁ ଥିବା ଏହି ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନା ହେବାର ସମ୍ଭାବନା ରହିଛି। ବିଶେଷକରି ମହାପ୍ରସାଦ ଦର ସମ୍ପର୍କରେ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ।
ସେହିପରି ଟିକେଟ ଦର୍ଶନର ବ୍ଲୁ ପ୍ରିଣ୍ଟ ମଧ ବୈଠକରେ ଉପସ୍ଥାପନ ହେବାର ସମ୍ଭାବନା ରହିଛି। ବ୍ରହ୍ମ ବିଭ୍ରାଟ ଘଟଣାରେ ଦ୍ୱିତୀୟ ଥର ପାଇଁ ୯ ଜଣଙ୍କୁ ନୋଟିସ ଜାରି ହେବା ଏବଂ ନୀତି ଶୃଙ୍ଖଳା ନେଇ ଶ୍ରୀମନ୍ଦିର ପ୍ରଶାସନ ବିଭିନ୍ନ ସେବାୟତ ନିଯୋଗକୁ ଚିଠି କରିବା ନେଇ ମଧ ଆଲୋଚନା ହୋଇପାରେ। ଏହାବ୍ୟତୀତ ଡିସେମ୍ବର ୨୮ରେ ଶ୍ରୀମନ୍ଦିରରେ ହୋଇଥିବା ଅଚଳାବସ୍ଥା ପ୍ରସଙ୍ଗ ବି ବୈଠକରେ ସ୍ଥାନ ପାଇପାରେ।

### ମହିଳାଙ୍କୁ ଆକ୍ରମଣ ଅଭିଯୋଗ

କଣାସ,୨୧।୧(ସ୍ୱ.ପ୍ର): କଣାସ ବ୍ଲକ ଅନ୍ତର୍ଗତ ଝାମ୍ପରପୁର ଗ୍ରାମର ଜଣେ ମହିଳାଙ୍କୁ କଣାସ ତହସିଲ କାର୍ଯ୍ୟାଳୟରେ ସରକାରୀ ଓକିଲ ବିକ୍ରମ ନାଥ ଓ ସମ୍ପର୍କୀୟମାନେ ଆକ୍ରମଣ କରିଥିବା ଗଡ଼ିଶାଗୋଡା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଝାମ୍ପରପୁର ଗ୍ରାମର ସୁଭାସିନୀ ପ୍ରହରାଜ ରବିବାର ସକାଳେ ବାରିପଟ କୂଅକୁ ପାଣି ଆଣିବା ପାଇଁ ଯାଇଥିବା ବେଳେ ତାଙ୍କ ବାଉଁଶ ବୁଦାରୁ ସରକାରୀ ଓକିଲ ନାଥ, ରାଉଳ ନାଥ ଓ ଅକ୍ଷୟ ନାଥ ବାଉଁଶ ହାଣୁଥିଲେ। ଆମ ଜାଗାରୁ କାହିଁକି ବାଉଁଶ ହାଣୁଛ ସୁବାସିନୀ ପ୍ରତିବାଦ କରିବାରୁ ଉକ୍ତ ୩ଜଣ ସୁବାସିନୀଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସୁବାସିନୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୮/୧୯) ରୁଜୁ କରିଛି। ଅନ୍ୟପକ୍ଷରେ ଏ ସମ୍ପର୍କରେ ଆଇଆଇସି ଧିରେଜ ଲେଙ୍କା କୁହନ୍ତି, ଅଭିଯୋଗ ପାଇବା ପରେ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି।

### ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଗାଳିଗୁଲଜ ଅଭିଯୋଗ

ନିମାପଡ଼ା,୨୧।୧(ଡି.ଏନ୍.ଏ): ନିମାପଡ଼ା ବ୍ଲକ ଅନ୍ତର୍ଗତ ଝାମ୍ପୁଲାକୁଦ ପ୍ରୋଜେକ୍ଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଶି ସୋମବାର ମଧାହ୍ନରେ ଜଣେ ଯୁବକ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଓ ଅନ୍ୟ ଶିକ୍ଷୟିତ୍ରୀମାନଙ୍କୁ ଗାଳିଗୁଲଜ ସହ ଧମକ ଦେଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ସାହୁ ବ୍ଲକ ଶିକ୍ଷା ଅଧିକାରୀ, ସିଆରସିଙ୍କୁ ଅବଗତ କରିବା ସହ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଉକ୍ତ ଯୁବକଜଣକ ବହୁ ଥର ଏଭଳି ଘଟଣା ଘଟାଇଥିବା ସ୍କୁଲ ପରିଚାଳନା କମିଟିର ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା ଓ ଶିକ୍ଷୟିତ୍ରୀମାନେ କହିଛନ୍ତି। ସମ୍ପୃକ୍ତ ଯୁବକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶିକ୍ଷୟିତ୍ରୀମାନେ ପୋଲିସ ନିକଟରେ ଦାବି କରିଛନ୍ତି।

■ ପାଳିଆ ସେବକଙ୍କୁ ପୁଣି ତାଗିଦ୍ କଲା ମନ୍ଦିର ପ୍ରଶାସନ

# ଧାର୍ଯ୍ୟ ସମୟରେ ନୀତି କର

ପୁରୀ ଅଫିସ,୨୧।୧

■ଇଚ୍ଛାକୃତ ବିଳମ୍ବ ଘଟାଇ କାର୍ଯ୍ୟାନୁଷ୍ଠାନ ପାଇଁ ବାଧ କର ନାହିଁ
■ନିର୍ଘଣ୍ଟ ହେଲା ସାଧାରଣ ଦିନର ନୀତି

ମହାପ୍ରଭୁଙ୍କ ନୀତିକାନ୍ତିରେ ବିଳମ୍ବକୁ ଆଉ କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବ ନାହିଁ। ଇଚ୍ଛାକୃତ ଭାବେ ନୀତିରେ ବିଳମ୍ବ ଘଟାଇ କୌଣସି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମନ୍ଦିର ପ୍ରଶାସନକୁ ବାଧ କରନ୍ତୁ ନାହିଁ। ପାଳିଆ ସେବକଙ୍କ ଉଦ୍ଦେଶ୍ୟରେ ସବୁ ନିଯୋଗର ସଭାପତି ଏବଂ ସମ୍ପାଦକଙ୍କ ନିକଟକୁ ଏମିତି ତାଗିଦ୍‌ପୂର୍ଣ୍ଣ ଚିଠି କରିଛି ଶ୍ରୀମନ୍ଦିର ପ୍ରଶାସନ। ଶ୍ରୀମନ୍ଦିର ନୀତି ପ୍ରଶାସକ ବିଶ୍ୱଜିତ ବିଶ୍ୱାଳଙ୍କ ସ୍ୱାକ୍ଷର ଥିବା ଏହି ଚିଠି ଗତ ୧୯ ତାରିଖରେ ସବୁ ନିଯୋଗ କର୍ମକର୍ତ୍ତାଙ୍କୁ ପଠାଯାଇଛି। ଏଥିସହ ନୂତନ ଭାବେ ନିର୍ଘଣ୍ଟ ହୋଇଥିବା ସାଧାରଣ ଦିନର ନୀତି ସମ୍ପର୍କରେ ମଧ ନିଯୋଗଗୁଡ଼ିକୁ ପଠାଯାଇଥିବା ଜଣାପଡିଛି।

ମନ୍ଦିର ପ୍ରଶାସନ ପକ୍ଷରୁ ଦିଆଯାଇଥିବା ଏହି ଚିଠିରେ ଉଲ୍ଲେଖ କରାଯାଇଛି ଯେ, ସାଧାରଣ ଦିନମାନଙ୍କରେ ମହାପ୍ରଭୁଙ୍କ ନୀତି ସମ୍ପାଦନ କରିବା ପାଇଁ ନୀତି ସବ୍ କମିଟି ଏବଂ ପରିଚାଳନା କମିଟିଙ୍କ ଅନୁମୋଦନକ୍ରମେ ନୀତି ନିର୍ଘଣ୍ଟ ହୋଇଛି। ଏହି ଅନୁସାରେ ନୀତି ସମାପନ କରିବା ଲାଗି ପାଳିଆ ସେବକମାନଙ୍କୁ ସମ୍ପୃକ୍ତ ନିଯୋଗର ସଭାପତି, ସମ୍ପାଦକ ନିର୍ଦ୍ଦେଶ ଦେବାକୁ ଚିଠିରେ କୁହାଯାଇଛି। ଏହି ନୀତି ଯେପରି ବିଳମ୍ବ ନ ହେବ ସେଥିପ୍ରତି ଯଥେଷ୍ଟ ଧ୍ୟାନ ଦେବେ ବୋଲି ସ୍ପଷ୍ଟ କରିଛି ଶ୍ରୀମନ୍ଦିର ପ୍ରଶାସନ। ସାଧାରଣ ଦିନ ପାଇଁ ହୋଇଥିବା ନୀତି ନିର୍ଘଣ୍ଟ ଅନୁଯାୟୀ ଭୋର ସାଢ଼େ ୪ଟାରେ ଦ୍ୱାରଫିଟା, ସାଢ଼େ ୫ରେ ମଙ୍ଗଳ ଆଳତି, ସକାଳ ୭ଟାରେ ଅବକାଶ, ୯ଟାରୁ ୧୦ଟା ମଧରେ ସକାଳ ଧୂପ, ମଧାହ୍ନ ୧୨ଟାରୁ ୧ଟା ମଧାହ୍ନ ଧୂପ, ମଧାହ୍ନ ୧୨ଟା ୫୦ରୁ ୨ଟା ୩୦ ମଧରେ ଦ୍ୱିତିୟ ଭୋଗ ମଣ୍ଡପ, ସନ୍ଧ୍ୟା ୬ଟାରେ ସନ୍ଧ୍ୟା ଆଳତି, ୬ଟା ୩୦ରୁ ରାତି ୮ଟା ମଧରେ ସନ୍ଧ୍ୟା ଧୂପ, ରାତି ୯ଟାରେ ବଡ଼ସିଂହାର ବେଶ ଓ ରାତି ୧୧ଟା ୩୦ରେ ପହୁଡ଼ ହେବାକୁ ଧାର୍ଯ୍ୟ ହୋଇଛି।



ଖବରଦାତା ସମ୍ମିଳନୀରେ ରେଲ୍‌ୱେ ଠିକା ଶ୍ରମିକ ସଂଘର କର୍ମକର୍ତ୍ତାମାନେ।

## ୩୦ରେ ରେଲୱେ ଠିକା ଶ୍ରମିକଙ୍କ ଧାରଣା

ପୁରୀ ଅଫିସ,୨୧।୧

ପୂର୍ବତଟ ରେଳପଥ ଅଧୀନରେ କାର୍ଯ୍ୟରତ ଠିକା ଶ୍ରମିକମାନଙ୍କୁ ରେଲୱେ ଦ୍ୱାରା ନିଯୁକ୍ତ ଠିକାଦାର ଏବଂ କେତେଜଣ କର୍ମଚାରୀ ଶୋଷଣ କରୁଛନ୍ତି। ଏ ସମ୍ପର୍କରେ ରେଳପଥ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଆଣି ଏହାର ପ୍ରତିକାର ନିମନ୍ତେ ଠିକା ଶ୍ରମିକ ଦାବି କରିଥିଲେ ମଧ ଏହାର ସମାଧାନ ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ। ତେଣୁ ଆସନ୍ତା ୩୦ ତାରିଖରେ ପୁରୀ ରେଳ ଷ୍ଟେଶନ କୋଚିଂ ଡିପୋ ସିନିୟର ସିଡିଓଙ୍କ ଅଫିସ ଆଗରେ ଶ୍ରମିକମାନେ ବିକ୍ଷୋଭ ଏବଂ ଗଣଧାରଣା ଦେବେ ବୋଲି ସୋମବାର ନବକଳେବର ରୋଡ ଆଖଣ୍ଡଳମଣି ମନ୍ଦିର ପରିସରରେ ରେଲୱେ ଠିକା ଶ୍ରମିକ ସଂଘ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏଥିସହ ୧୦ ଦଫା ସମ୍ବଳିତ ଦାବିପତ୍ର ରେଲୱେ ଜେନେରାଲ ମ୍ୟାନେଜରଙ୍କୁ ପ୍ରଦାନ କରାଯାଇ ସମସ୍ୟାର ସମାଧାନ ଲାଗି ନିବେଦନ କରାଯିବ ବୋଲି ସଂଘ ସଭାପତି ଶ୍ରୀଧର ମିଶ୍ର, ସାଧାରଣ ସମ୍ପାଦକ ଅଭିମନ୍ୟୁ ଜେନା, ସହ ସମ୍ପାଦକ ସୁରେନ୍ଦ୍ର ଜେନା କହିଛନ୍ତି। ଏହି ଦାବି ମଧରେ ଶ୍ରମ ଆଇନକୁ ଉଲ୍ଲଂଘନ କରି ୮ ଘଣ୍ଟା କାମ ସମୟକୁ ୧୨ ଘଣ୍ଟା ବୃଦ୍ଧି କରିବା, ଶ୍ରମିକମାନଙ୍କୁ ପୋଷାକ, ଜୋତା ଏବଂ ଅନ୍ୟାନ୍ୟ ସେଫ୍‌ଟି ଜିନିଷ ନ ଦେବା ପ୍ରଭୃତି ରହିଛି।



ପୁରୀ ମାରୁତିନଗର ଉନ୍ନୟନ ପରିଷଦ ପକ୍ଷରୁ ସୋମବାର ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖପତ୍ର 'ମାନସ ହଂସ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## କର୍ମ ଦ୍ୱାରା ସିଦ୍ଧିଲାଭ ଶୀର୍ଷକ ଆଲୋଚନାଚକ୍ର

ପୁରୀ ଅଫିସ,୨୧।୧

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ନ୍ୟାୟ ଦର୍ଶନ ଓ ସର୍ବଦର୍ଶନ ଏବଂ ଅଦ୍ୱୈତ ବେଦାନ୍ତ ଦର୍ଶନ ବିଭାଗର ମିଳିତ ଆନୁକୂଲ୍ୟରେ ପଣ୍ଡିତ ନରସିଂହ ବାପୁଜୀ ଦେବଳେ ଶାସ୍ତ୍ରୀଙ୍କ ଶ୍ରାଦ୍ଧ ଦିବସରେ ଏକ ଶ୍ରଦ୍ଧାଞ୍ଜଳି ସଭା ସୋମବାର ଶ୍ରୀବିହାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କର୍ମ ଦ୍ୱାରା ସିଦ୍ଧିଲାଭ ଶୀର୍ଷକ ଆଲୋଚନା ଚକ୍ରରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହରିହର ହୋତା ଅଧ୍ୟକ୍ଷତା କରିଥିଲେ। ଆଲୋଚନାଚକ୍ରକୁ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ନୀଳକଣ୍ଠ ପତି ଉଦ୍‌ଘାଟନ କରି ନରସିଂହ ବାପୁଜୀଙ୍କ ଜୀବନୀ ଦର୍ଶନ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଫେସର ପ୍ୟାରୀ ମୋହନ ପଟ୍ଟନାୟକ, ପ୍ରଫେସର କମଳେଶ ମିଶ୍ର, ପ୍ରଫେସର ପ୍ରଳୟ କୁମାର ନନ୍ଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଡ. ଜୟମାଣିକ୍ୟ ଶାସ୍ତ୍ରୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ୧୦୮ କଳସ ଜଳରେ ସ୍ନାନ କଲେ ଶ୍ରୀଅଲାରନାଥ

ବ୍ରହ୍ମଗିରି,୨୧।୧(ଡି.ଏନ୍.ଏ)



ଶ୍ରୀଅଲାରନାଥଙ୍କ ରାଜାଧିରାଜ ବେଶ।

ପବିତ୍ର ପୌଷ ପୂର୍ଣ୍ଣମୀରେ ସୋମବାର ମହାପ୍ରଭୁ ଶ୍ରୀଅଲାରନାଥଙ୍କୁ ୧୦୮ କଳସ ଜଳରେ ମହାସ୍ନାନ କରାଯାଇଛି। ଶ୍ରୀକ୍ଷେତ୍ର ପରମ୍ପରା ଅନୁଯାୟୀ ଜଗନ୍ନାଥଙ୍କୁ ଦେବସ୍ନାନ ପୂର୍ଣ୍ଣମୀରେ ଦେବସ୍ନାନ କରାଯାଉଥିବା ବେଳେ ମହାପ୍ରଭୁ ଅଲାରନାଥଙ୍କୁ ପୌଷ ପୂର୍ଣ୍ଣମୀରେ ପୁଷ୍ୟାଭିଷେକ କରାଯାଇଥିଲା। ଏନେଇ ରବିବାରଠାରୁ ମହୋଦଧି, ଅର୍ଜୁନେଶ୍ୱର, ଭାର୍ଗବୀନଦୀ, ତ୍ରିବେଣୀ ଘାଟରୁ ପଣ୍ଡା ସେବକ, ପତ୍ରୀସେବକ ଓ ସୁଆର ସେବକଙ୍କ ଦ୍ୱାରା ପଞ୍ଚ ତୀର୍ଥ ଜଳ ସଂଗ୍ରହ ହୋଇ ଚୁଆ, ଚନ୍ଦନ, ଅଗୁରୁ, କସ୍ତୁରୀ, କର୍ପୂର, ଶୁଦ୍ଧ ଘିଅ ମିଶ୍ରିତ କରାଯାଇ ନୀତି ଅନୁଯାୟୀ ମନ୍ତ୍ରପୁତ କରାଯାଇ ରଖାଯାଇଥିଲା। ସୋମବାର ସକାଳେ ଦ୍ୱାର ଖୋଲାଯିବା ପରେ ଅବକାଶ ନୀତି, ବଲ୍ଲଭ, ପହିଲିଭୋଗ, ସକାଳଧୂପ ଓ ଦ୍ୱିପ୍ରହର ଧୂପ ହେବା ପରେ ମନ୍ଦିର ପରିସର ମଧରେ ଥିବା ଶ୍ରୀଚୈତନ୍ୟ ଚକଡାରେ ହୋମ ଅନୁଷ୍ଠିତ ହୋଇଥିଲା। ଅପରାହ୍ନ ୨ଟାରେ ଶ୍ରୀଜୀଉଙ୍କୁ ୧୦୮ କଳସ ମନ୍ତ୍ରପୁତ ପଞ୍ଚତୀର୍ଥ ଜଳରେ ସେବାୟତମାନେ ରତ୍ନସିଂହାସନ ଉପରେ ସ୍ନାନ କରାଇ ଅଭିଷେକ କରିଥିଲେ। ପରେ ମହାପ୍ରଭୁଙ୍କୁ ରାଜାଧିରାଜ ବେଶ କରାଯାଇଥିଲା। ଏହି ପୁଷ୍ୟାଭିଷେକ ଦେଖିବା ପାଇଁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା।

■ ଜିଲାପାଳଙ୍କ ଜନଶୁଣାଣି

# ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବି

ପୁରୀ ଅଫିସ,୨୧।୧

ପିପିଲି ବ୍ଲକ ସରସ୍ୱତୀପୁର ପଞ୍ଚାୟତର ଉତ୍କଳମଣି ସ୍ମୃତି ନୋଡାଲ ଉଚ୍ଚବିଦ୍ୟାଳୟ କୋଠସାହିରେ ଶିକ୍ଷକ ନିଯୁକ୍ତି ନେଇ ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି। ସୋମବାର ଜିଲାପାଳଙ୍କ ଜନ ଶୁଣାଣି ସମୟରେ ବିଦ୍ୟାଳୟ ପରିଚାଳନା ପରିଷଦ ସଦସ୍ୟ, ସ୍ଥାନୀୟ ସରପଞ୍ଚ ଏବଂ ଅଭିଭାବକଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ଦିଆଯାଇଛି। ଏଥିରେ ଦର୍ଶାଯାଇଛି ଯେ, ବର୍ତ୍ତମାନ ବିଦ୍ୟାଳୟର ପୂର୍ଣ୍ଣକାଳୀନ ପ୍ରଧାନଶିକ୍ଷକ ନ ଥିବାବେଳେ ଗଣିତ ଏବଂ ବିଜ୍ଞାନ ପଢାଇବା ପାଇଁ ମଧ ଶିକ୍ଷକଙ୍କ ସଙ୍କଟ ରହିଛି। ତେଣୁ ଆସନ୍ତା ୨୮ ତାରିଖ ସୁଦ୍ଧା ଶିକ୍ଷକ ନିଯୁକ୍ତି ଲାଗି ପଦକ୍ଷେପ ନିଆଯିବାକୁ ଏଥିରେ ଅନୁରୋଧ କରାଯାଇଛି। ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହେବେ ନଚେତ୍ ଗଣଧାରଣା ଦେବେ ବୋଲି ଜଣାଇଛନ୍ତି।

### ସମିତିକୁ ଧାନ କ୍ରୟ ଲାଗି ଅନୁମତି ଦେବାକୁ ଦାବି

କୁଣ୍ଢେଇ ସେବା ସମବାୟ ସମିତି ଦୀର୍ଘବର୍ଷ ହେବ ପ୍ରଶାସନଠାରୁ ଅନୁମତି ପାଇ ଚାଷୀଙ୍କଠାରୁ ଧାନ କ୍ରୟ କରୁଥିଲା। ଚଳିତବର୍ଷ ଏହି ସମିତିକୁ ଧାନ କ୍ରୟ ଲାଗି ଅନୁମତି ଦିଆଯାଇ ନାହିଁ। ଫଳରେ ଚାଷୀମାନେ ସେମାନଙ୍କ ଧାନ ବିକ୍ରି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି କେତେଜଣ ଚାଷୀ ଅର୍ଥର ଆବଶ୍ୟକତା ଦୃଷ୍ଟିରୁ ବେପାରୀଙ୍କୁ ବହୁ କମ୍ ଦାମରେ ଧାନ ବିକ୍ରୟ କରୁଛନ୍ତି। ଏ ନେଇ ଜିଲାପାଳଙ୍କ ଜନ ଶୁଣାଣି ସମୟରେ ସମବାୟ ସମିତି ସଭାପତି କୈଳାସ ଚନ୍ଦ୍ର ସାହୁଙ୍କ ସମେତ ଚାଷୀ ପ୍ରଫୁଲ୍ଲ ମହାପାତ୍ର, କୈଳାସ ସୁବୁଦ୍ଧି, ପୂର୍ଣ୍ଣଚନ୍ଦ୍ର ସାହୁ, ଗଗନ ବିହାରୀ ସାହୁ ଅଭିଯୋଗ କରିଛନ୍ତି। ଏହି ସମିତିକୁ ଧାନ କ୍ରୟ ଲାଗି ଅନୁମତି ଦେବାକୁ ସେମାନେ ଦାବି କରିଛନ୍ତି।

## ଭୁଜାଲିରେ ଆକ୍ରମଣ କରି ନେଇଗଲେ ୪୭ହଜାର

ନିମାପଡ଼ା,୨୧।୧(ଡି.ଏନ୍.ଏ)

ନିମାପଡ଼ା ଥାନା ଅନ୍ତର୍ଗତ ଡିହବାରି ଗ୍ରାମର ପିକ୍‌ଅପ୍ ଭ୍ୟାନ ମାଲିକ ପ୍ରତାପ ମଲ୍ଲିକଙ୍କୁ ଦୁଇ ଜଣ ଦୁର୍ବୃତ୍ତ ଭୁଜାଲିରେ ଆକ୍ରମଣ କରିବା ସହ ୪୭ହଜାର ଟଙ୍କା ନେଇଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଡିହବାରି ଗ୍ରାମର ପ୍ରତାପ ପିକ୍‌ଅପ୍ ଭ୍ୟାନରେ ସିମେଣ୍ଟ ନନ୍ଦ, ପାଇପ ଆଦି ସାମଗ୍ରୀ ଲୋଡ କରି ସ୍ଥାନୀୟ ଜୟଗୁରୁ ଆଶ୍ରମ ନିକଟରେ ରବିବାର ରଖିଥିଲେ। କିଛି ସମୟ ପରେ ଦୁଇଜଣ ଯୁବକ ଗାଡି ନିକଟରେ ପହଞ୍ଚି ପ୍ରତାପଙ୍କୁ ଗାଳିଗୁଲଜ କରିବା ସହ ଭୁଜାଲିରେ ଆକ୍ରମଣ କରିଥିଲେ। ଏହା ସହ ତାଙ୍କ ପାଖରେ ଥିବା ୪୭ହଜାର ଟଙ୍କା ଛଡାଇନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ପ୍ରତାପଙ୍କୁ ପ୍ରଥମେ ନିମାପଡ଼ା ଡାକ୍ତରଖାନା ଓ ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ପ୍ରତାପଙ୍କ ଅଭିଯୋଗକ୍ରମେ ପୋଲିସ ଆକ୍ରମଣକାରୀଙ୍କ ବିରୋଧରେ ଏକ ମାମଲା (ନଂ.୨୯/୧୯)ରୁଜୁ କରି ତଦନ୍ତ ଚଳାଇଛି।

## ଅଗ୍ନିଶମ ସେବା ସଂସ୍ଥାର ସଚେତନତା କାର୍ଯ୍ୟକ୍ରମ



ସଚେତନତା କାର୍ଯ୍ୟକ୍ରମରେ ଅଗ୍ନିଶମ କର୍ମଚାରୀ ଓ ଅନ୍ୟମାନେ।

ନିମାପଡ଼ା,୨୧।୧(ଡି.ଏନ୍.ଏ)

ନିମାପଡ଼ା ଅଗ୍ନିଶମ ସେବା ସଂସ୍ଥା ପକ୍ଷରୁ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଏକ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ ଅଗ୍ନିଶମ ସେବା ସଂସ୍ଥାର ଅଧିକାରୀ ବ୍ରହ୍ମାନନ୍ଦ ମଲ୍ଲିକ, ହାବିଲଦାର ଗଗନ ବିହାରୀ ମହାନ୍ତି, ସନ୍ତୋଷ କୁମାର ବେହେରା, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ହାଂସଦା, ଶିକ୍ଷକ ଜ୍ୟୋତିରଞ୍ଜନ ରଥ, ତ୍ରିଲୋଚନ ବେହେରା, ରଣଜିତ କେଶରୀ ନାୟକ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟକୁ କିଭଳି ଧୈର୍ଯ୍ୟର ସହ ମୁକାବିଲା କରିବା, ଅଗ୍ନିକାଣ୍ଡ ଓ ପାଣିରେ ବୁଡି ଯାଉଥିବା ଲୋକମାନଙ୍କୁ କିଭଳି ଉଦ୍ଧାର କରିବା ନେଇ ଅଗ୍ନିଶମ ସେବା ସଂସ୍ଥାର ଅଧିକାରୀ ମଲ୍ଲିକ ଉପସ୍ଥିତ ଛାତ୍ର ଓ ଶିକ୍ଷକଙ୍କୁ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ଏହା ସହ ପ୍ରାକୃତିକ ବିପର୍ଯ୍ୟୟ ବେଳେ ଭୟଭୀତ ନ ହୋଇ ଧୈର୍ଯ୍ୟର ସହ ମୁକାବିଲା କରିବାକୁ କହିଥିଲେ। ଅଗ୍ନିଶମ କର୍ମଚାରୀମାନେ ଦୁଃସାହସିକ କଳା ପ୍ରଦର୍ଶନ କରି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ସମ୍ପର୍କରେ ଅବଗତ କରାଇଥିଲେ। ଏହି ସଚେତନତା ଶିବିରରେ ଶତାଧିକ ଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦେଇଥିଲେ।

# ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ

କୋଣାର୍କ,୨୧।୧(ଡି.ଏନ୍.ଏ)



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

କୋଣାର୍କସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୧୯ତମ ବାର୍ଷିକୋତ୍ସବ ସୋମବାର ଶିକ୍ଷାକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଘନଶ୍ୟାମ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ବାର୍ଷିକ ଉତ୍ସବରେ କାକଟପୁର ମଙ୍ଗଳା ମହାବିଦ୍ୟାଳୟର ଅଧ୍ୟକ୍ଷ ସନ୍ତୋଷ କୁମାର ମିତ୍ର, ଗୋପ ବ୍ଲକ ଶିକ୍ଷାଧିକାରୀ ବସନ୍ତ କୁମାର ମିଶ୍ର ଓ ଅବସରପ୍ରାପ୍ତ ଶିକ୍ଷାବିତ୍ ସ୍ୱପ୍ନେଶ୍ୱର ସାହୁ, ବିଦ୍ୟାଳୟର ଅଧ୍ୟକ୍ଷ ରଞ୍ଜିତା ଜେନା ପ୍ରମୁଖ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମୁଦୁଲି ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ସମ୍ପାଦକ ଗୁଣନିଧି ମୁଦୁଲି ବିବରଣୀ ପାଠ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥି ସହ ୩ ଜଣ ଅବସରପ୍ରାପ୍ତ ଶିକ୍ଷକ ସ୍ୱପ୍ନେଶ୍ୱର ସାହୁ, ଘନଶ୍ୟାମ ମିଶ୍ର, ସଦାଶିବ ମୁଦୁଲିଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବଳରାମ ପଣ୍ଡା, ଗୋପାଳ ଦାଶ, ସତ୍ୟଜିତ ଛାଟୋଇ, ସୁକାନ୍ତ ପାଣ୍ଡି, ସୁନୀଲ ସାହୁ, ମାନସ ମୁଦୁଲି, ନିରଞ୍ଜନ ମିଶ୍ର, ସସ୍ମିତା ମିଶ୍ର, ଅମିତା ମହାନ୍ତି, କଳ୍ପନା ଛୋଟରାୟ, ସରିତା ଧଳ, ଲକ୍ଷ୍ମୀପ୍ରିୟା ମହାରଣା, ସୁପ୍ରିୟା ନାୟକ, କାମିନୀ ସାହୁ, ସୋନାଲି ସାହୁ, ମିତାଲି ବେହେରା, ରେଣୁବାଳା ଦାସ, ମିତାଲି ପାଢୀ, ସର୍ମିଷ୍ଠା ସ୍ୱାଇଁ, ଜ୍ୟୋତ୍ସ୍ନାରାଣୀ ନାୟକ, ମୋନାଲିସା ପ୍ରଧାନ, ରାଜଶ୍ରୀ ପରିଡା ପ୍ରମୁଖ ଉତ୍ସବକୁ ପରିଚାଳନା କରିଥିଲେ। ଶେଷରେ ଅଧାପକ ବିନୟ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।



ପୁରୀ ମଙ୍ଗଳାମଣ୍ଡପଠାରେ ସୋମବାର ଅନୁଷ୍ଠିତ ୧୯୭୩ ବ୍ୟାଚ୍ ବନ୍ଧୁମିଳନ ଉତ୍ସବରେ ଉପସ୍ଥିତ ପୁରାତନ ଛାତ୍ରଛାତ୍ରୀମାନେ।

# ଗାଁରେ ମହିଳାଙ୍କୁ ଏକଘରିକିଆ

ପୁରୀ ଅଫିସ,୨୧।୧

■ଜାଗାବାଡ଼ି ବିବାଦ
■ଘଣ୍ଟ ବାଡ଼େଇ ଜରିମାନା ଭୟ ଦେଖାଉଛନ୍ତି ମୁଷ୍ଟିମେୟ ବ୍ୟକ୍ତି

ଏକବିଂଶ ଶତାବ୍ଦୀରେ ବି ଏକଘରିକିଆ ରଖିବାର ହୀନ ମାନସିକତା ଅନେକଙ୍କ ମନରୁ ଯାଇନାହିଁ। ରାଜ୍ୟର କୌଣସି ଉପାନ୍ତ ଗାଁ ନୁହେଁ ପୁରୀ ସହର ଉପକଣ୍ଠ ବାଲିଗୁଆଳି ଗ୍ରାମରେ ଏମିତି ଏକ ଘଟଣା ଘଟିଛି। ବାସନ୍ଦ ହୋଇଥିବା ମହିଳା ବୁଇନା ମାଳ ଓ ତାଙ୍କ ପରିବାର ନ୍ୟାୟ ପାଇବା ପାଇଁ ବାରମ୍ବାର ପୋଲିସ ଏବଂ ଜିଲା ପ୍ରଶାସନର ଦ୍ୱାରସ୍ଥ ହେଉଛନ୍ତି। ହେଲେ ସେମାନଙ୍କ କଥା କେହି ଶୁଣୁନାହାନ୍ତି। ଥାନାରୁ ନିରାଶ ହେବା ପରେ ସେ ଏସ୍‌ପି, ଜିଲାପାଳ, ରାଜ୍ୟ ମାନବାଧିକାର କମିଶନଙ୍କୁ ଅବଗତ କରାଇଥିଲେ। ମାନବାଧିକାର କମିଶନ ଜିଲା ପୋଲିସକୁ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପୋଲିସ ପକ୍ଷରୁ ତଦନ୍ତ କରାଗଲା। କିନ୍ତୁ କୌଣସି ସୁଫଳ ନ ମିଳିବାରୁ ବୁଇନା ଏବଂ ତାଙ୍କ ପରିବାର ସୋମବାର ଜିଲାପାଳଙ୍କ ଜନ ଶୁଣାଣିକୁ ଆସି ଅଭିଯୋଗ ପତ୍ର ଦେଇଛନ୍ତି।

ସେ ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି, ଜାଗାବାଡ଼ିକୁ ନେଇ ପଡ଼ୋଶୀଙ୍କ ସହ ତାଙ୍କର ଗତବର୍ଷ ମେ ୨୪ରୁ ବିବାଦ ରହିଛି। ପୁରୀ କୋର୍ଟରେ ଏ ନେଇ କେସ୍ ମଧ ଚାଲିଛି। କେସ୍ କରିବାକୁ ନେଇ ଗାଁର କେତେଜଣ ମୁଷ୍ଟିମେୟ ବ୍ୟକ୍ତି ତାଙ୍କୁ ଧମକ ଚମକ ଦେବା, ଏକଘରିକିଆ ରଖିବା ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ବୁଇନାଙ୍କ ବାସଗୃହ ନ ଥିବାରୁ ସେ ଓ ତାଙ୍କ ସ୍ୱାମୀ ସେହି ଗାଁରେ ଥିବା ତାଙ୍କ ଭାଇ କାଳୁ ପାତ୍ରଙ୍କ ପାଖରେ ରହୁଛନ୍ତି। ସମ୍ପୃକ୍ତ ବ୍ୟକ୍ତିମାନେ ତାଙ୍କ ଭାଇଙ୍କୁ ମଧ ଏକଘରିକିଆ ରଖିବା ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଏପରି କି ସେମାନଙ୍କ ସହ ଯିଏ କଥା ହେବ ସେ ୧୦ ହଜାର ଟଙ୍କା ଜରିମାନା ଦେବ ବୋଲି ଗାଁରେ ଘଣ୍ଟ ବାଡେଇଛନ୍ତି। ଜରିମାନା ଭୟରେ ଗାଁର ଅନ୍ୟ କୌଣସି ଲୋକ ସେମାନଙ୍କ ସହ କଥା ହେଉନାହାନ୍ତି। ଏହି ସମ୍ପର୍କରେ ପେଣ୍ଟକଟା ମେରାଇନ ଥାନାରେ ଅଭିଯୋଗ କରିଥିଲେ ବି ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲାନାହିଁ ବୋଲି ବୁଇନା କହିଛନ୍ତି। କାଳୁ କହିଛନ୍ତି, ଗତ ଦୁଇଦିନ ତଳେ ଗାଁର ଜଣେ ପିଲା ତାଙ୍କ ସହ ପରୀକ୍ଷା ଦେବାକୁ ଯାଇଥିଲେ। ଏହା ଜାଣିବା ପରେ ଗାଁର ସମ୍ପୃକ୍ତ ବ୍ୟକ୍ତିମାନେ ସେହି ପିଲାର ପରିବାରକୁ ଏକଘରିକିଆ କରି ଦେଇଛନ୍ତି।

## ସଂକ୍ଷେପରେ

### ମନୁଷ୍ୟ ଜୀବନ ଏକ ଯଜ୍ଞ

ପୁରୀ ଅଫିସ,୨୧।୧: କ୍ରିୟାଯୋଗ ଆଶ୍ରମ ଆନୁକୂଲ୍ୟରେ ସ୍ଥାନୀୟ ପୌରସଦନ ଠାରେ ତିନି ଦିନ ଧରି ଚାଲିଥିବା ଗୀତା ଜ୍ଞାନ ମହାଯଜ୍ଞ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଯୋଗଦେଇ ପରମହଂସ ପ୍ରଜ୍ଞାନାନନ୍ଦ ଜୀ ମହାରାଜ କହିଲେ ଯେ, ମନୁଷ୍ୟ ଜୀବନ ହେଉଛି ଏକ ଯଜ୍ଞ। ଏହି ଯଜ୍ଞରେ ନିଜର କାମ, କ୍ରୋଧ, ଈର୍ଷାଭାବ ଓ ସ୍ୱାର୍ଥକୁ ଆହୁତି ଦେବାକୁ ହେବ। ଏଥିଲାଗି ପ୍ରତ୍ୟେକ ନିଜର କର୍ତ୍ତବ୍ୟ ସୁଚାରୁ ରୂପେ ପାଳନ କରନ୍ତୁ। କିନ୍ତୁ ଆମେ ନିଜ କର୍ତ୍ତବ୍ୟକୁ ଭୁଲି ନିଜର ଅଧିକାର ସାବ୍ୟସ୍ତ କରୁଛୁ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଡ. ଦୁଷ୍ମନ୍ତ ଜେନା ଓ ତାଙ୍କ ସାଥୀ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ସ୍ୱାମୀ ବିଜ୍ଞାନାନନ୍ଦ ଜୀ ମହାରାଜ ଗୀତା ସମ୍ପର୍କରେ ପ୍ରାରମ୍ଭିକ ଅଭିଭାଷଣ ରଖିଥିଲେ।

### ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ଗୋପ,୨୧।୧(ଡି.ଏନ୍.ଏ): ଛାତ୍ର ଜୀବନ ସବୁଠୁ ଶୃଙ୍ଖଳିତ ସମୟ ବୋଲି ସୋମବାର ପଞ୍ଚସଖା ଭକ୍ତ ବଳରାମ ବିଦ୍ୟାପୀଠ ପରିସରରେ ଆୟୋଜିତ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ପ୍ରଧାନଶିକ୍ଷକ ମହେନ୍ଦ୍ର କୁମାର ପାଢ଼ୀ କହିଛନ୍ତି। ପ୍ରଧାନଶିକ୍ଷକ ପାଢ଼ୀଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ସହକାରୀ ଶିକ୍ଷକ ଜଗବନ୍ଧୁ ସାହୁ, ପ୍ରମିଳା ମୁଦୁଲି, ଗୀତାଞ୍ଜଳି ମିଶ୍ର, ସୁରେନ୍ଦ୍ର କୁମାର ମୁଦୁଲି, ଦୀପକ କୁମାର ସିହ୍ନା ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଏଥିସହ ଛାତ୍ରୀଛାତ୍ରଙ୍କୁ ଆଗାମୀ ମାଟ୍ରିକ୍ ପରୀକ୍ଷାରେ ବିଦ୍ୟାଳୟର ନାଁ ରଖିବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ତପନ କୁମାର ପାଢୀ, ସନ୍ତୋଷ ହାଜରା, ତପନ କୁମାର ବୋଷ ପ୍ରମୁଖ ପରିଚାଳନା କରିଥିଲେ।

### ଭ୍ୟାନ୍ ଧକ୍କାରେ ହସ୍ପିଟାଲ କର୍ମଚାରୀ ଗୁରୁତର

ଭୁବନେଶ୍ୱର,୨୧।୧ (ବ୍ୟୁରୋ)- କ୍ୟାପିଟାଲ ଥାନା ଅନ୍ତର୍ଗତ ଏଜି ଛକରେ ୧୨୦ ବାଟାଲିୟନ ଭ୍ୟାନ୍ ଧକ୍କାରେ କ୍ୟାପିଟାଲ ହସ୍ପିଟାଲର ଜଣେ ଆଟେଣ୍ଡାଣ୍ଟ୍ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ପ୍ରମୋଦ କୁମାର ପଟ୍ଟନାୟକ। ସୂଚନା ଅନୁଯାୟୀ, ପ୍ରମୋଦ ହସ୍ପିଟାଲରୁ କାର୍ଯ୍ୟ ସାରି ରାତି ପ୍ରାୟ ୯ଟାରେ ଏଜି ଛକ ଦେଇ ବାଇକଯୋଗେ ଘରକୁ ଫେରୁଥିଲେ। ଟ୍ରାଫିକ୍ ସିଗ୍‌ନାଲ ବନ୍ଦ ହେବା ସହ ଅନ୍ୟ ଏକ ପାର୍ଶ୍ୱରୁ ଗ୍ରିନ୍ ସିଗ୍‌ନାଲ ଆସିଥିଲା। ଫଳରେ ଉକ୍ତ ପାର୍ଶ୍ୱରୁ ଆସୁଥିବା ୧୨୦ ବାଟାଲିୟନର ଏକ ଭ୍ୟାନ୍ ତାଙ୍କୁ ଧକ୍କା ଦେବାରୁ ମୁଣ୍ଡ ଫାଟି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଘଟଣାକୁ ନେଇ ହସ୍ପିଟାଲରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଦୁଇଟି ଗାଡିକୁ ଜବତ କରି ତଦନ୍ତ କରୁଛି।

### ୩ମହଲାରୁ ଖସି ଶ୍ରମିକ ଗୁରୁତର

କଟକ ରୋଡ,୨୧।୧(ଡି.ଏନ୍.ଏ): ଲକ୍ଷ୍ମୀସାଗର ଥାନା ଅଧୀନ ସନ୍ତୋଷୀ ବିହାରରେ ଏକ ୩ମହଲା ଛାତରୁ ଖସିପଡି ଜଣେ ଶ୍ରମିକ ଗୁରୁତର ହୋଇଛନ୍ତି। ସେ ହେଲେ କଟକ ଜିଲା ନରସିଂହପୁର ଅଞ୍ଚଳର ମିଟୁ ବାରିକ। ପୋଲିସ ସୂଚନା ଅନୁଯାୟୀ ମିଟୁ ଛାତ ଉପରେ ଏକ ବାଉଁଶ ଭାରରେ ଛିଡା ହୋଇ ଇଟା ରଖୁଥିବା ବେଳେ ତଳକୁ ଖସିପଡିଥିଲେ। ଖବରପାଇ ପୋଲିସ ପହଞ୍ଚି ମିଟୁଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ପରେ ଏମ୍‌ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ତଦନ୍ତ ଜାରି ରହିଛି।

■ ସୁଧୁରୁନି ସୁଜାତାନଗରବାସୀଙ୍କ ଦୁଃଖ

# ଜାତୀୟ ରାଜପଥ ଅବରୋଧ ଚେତାବନୀ

**ପୁରୀ ଅଫିସ,୨୧।୧:**

ବାରମ୍ବାର ପ୍ରଶାସନ ନିକଟରେ ଗୁହାରି ଜଣାଉଛନ୍ତି। ପ୍ରଶାସନିକ ଅଧିକାରୀମାନେ ସମାଧାନର ପ୍ରତିଶ୍ରୁତି ଦେଉଛନ୍ତି। ହେଲେ ସମସ୍ୟା ଦିନକୁ ଦିନ ବଢୁଛି ସିନା ହେଲେ ସମାଧାନ ହୋଇପାରୁନି। ଏମିତି ଅଭିଯୋଗ କରିଛନ୍ତି ସୁଜାତାନଗର ବାସିନ୍ଦା। ସୋମବାର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ବାସିନ୍ଦା ଆସି ନିଜ ଅଞ୍ଚଳରେ ବିପର୍ଯ୍ୟସ୍ତ ହୋଇପଡିଥିବା ପରିମଳ ବ୍ୟବସ୍ଥା, ରାସ୍ତାଘାଟ, ପାନୀୟ ଜଳ ସମ୍ପର୍କରେ ଜଣାଇଛନ୍ତି। କିନ୍ତୁ କୌଣସି ନିର୍ଭର ପ୍ରତିଶ୍ରୁତି ମିଳି ନ ଥିବାରୁ ଜାତୀୟ ରାଜପଥ ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି।



ଜିଲାପାଳଙ୍କ ନିକଟକୁ ଅଭିଯୋଗ ଜଣାଇବାକୁ ଆସିଥିବା ସୁଜାତାନଗର ବାସିନ୍ଦା।

ସେମାନଙ୍କ ଅଭିଯୋଗ ମୁତାବକ, ୧ ନମ୍ବର ୱାର୍ଡର ମାଟିତୋଟା ସୁଜାତାନଗର ଖାଲୁଆ ଅଞ୍ଚଳରେ ଅବସ୍ଥିତ। ଏହି ଅଞ୍ଚଳରେ ପ୍ରାୟ ୫୦୦ ପରିବାର ୧୫/୨୦ ବର୍ଷ ଧରି ରହିଆସୁଛନ୍ତି। ପ୍ରତିବର୍ଷ ବର୍ଷା ଦିନରେ ଦେବୀଘାଟ ଦେଇ ଆସୁଥିବା ପୁରୀ ସହରର ନଳାପାଣି ଯମୁନା ନଦୀକୁ ଚାଲିଯାଇଥାଏ। କିନ୍ତୁ ୩୧୬ ନମ୍ବର ଜାତୀୟ ରାଜପଥ (ପୁରୀ ବାଇପାସ୍) ନିର୍ମାଣ ହେବା ପରଠାରୁ ପାଣି ନିଷ୍କାସନ ହୋଇପାରୁ ନାହିଁ। ଜଳ ନିଷ୍କାସନ ଲାଗି କଲଭର୍ଟ ନ ଥିବାରୁ ନଳାପାଣି ମାଟିତୋଟା ଏବଂ ସୁଜାତାନଗର ଅଞ୍ଚଳରେ ପଶୁଛି। ବହୁଦିନ ଧରି ଜଳ ନିଷ୍କାସନ ହେଉ ନ ଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇ ସାହିବାସିନ୍ଦା ବିଭିନ୍ନ ପ୍ରକାର ଚର୍ମରୋଗର ଶିକାର ହେଉଛନ୍ତି। ଏପରି କି ପିଇବା ପାଣିଜନିତ ଅସୁବିଧା ଭୋଗ କରୁଛନ୍ତି।

ଗତ ବର୍ଷା ଦିନରେ ଅଞ୍ଚଳବାସୀ ଦୀର୍ଘଦିନ ଧରି ଜଳବନ୍ଦୀ ଅବସ୍ଥାରେ ରହିଥିଲେ। ଜିଲାପାଳଙ୍କ ସମେତ ପ୍ରଶାସନର ଅନ୍ୟ ଅଧିକାରୀମାନେ ଏହି ଅଞ୍ଚଳ ପରିଦର୍ଶନ କରି ବାସ୍ତବ ସମସ୍ୟା ପରଖିଥିଲେ। ସେତେବେଳେ ଏହି ସମସ୍ୟାର ସମାଧାନ ପାଇଁ ରାସ୍ତାଘାଟ ନିର୍ମାଣ, ଡ୍ରେନେଜ ବ୍ୟବସ୍ଥା, ଗୋଖାସାହିରୁ ଆସୁଥିବା ନଳାପାଣି ନିଷ୍କାସନ ଲାଗି ଡ୍ରେନେଜ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଆଜି ପର୍ଯ୍ୟନ୍ତ ତାହା ପାଳନ କରାଯାଇ ନାହିଁ। କେତେଜଣ ବ୍ୟକ୍ତି ନଳାପାଣି ନିଷ୍କାସନ ରାସ୍ତାରେ ବେଆଇନ ଭାବେ ଗୃହ ନିର୍ମାଣ କରି ଅବରୋଧ କରିଛନ୍ତି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ତେଣୁ ଏ ସବୁର ସମାଧାନ ପାଇଁ ଅଞ୍ଚଳର ସବୁ ଗଳିର ଡ୍ରେନେଜ ଓ ଜାତୀୟ ରାଜପଥ ପାର୍ଶ୍ୱରେ ଏକ ବଡ଼ ଡ୍ରେନ କରାଯାଇ ମଇଳା ପାଣିକୁ କେନାଲ ମାଧ୍ୟମରେ ଛଡାଯିବା ସହିତ ରାସ୍ତାଗୁଡ଼ିକୁ କଂକ୍ରିଟ କରି ଜାତୀୟ ରାଜପଥକୁ ସଂଯୋଗ କରାଯାଉ ବୋଲି ମାଟିତୋଟା ସୁଜାତାନଗରବାସୀ ଦାବି କରିଛନ୍ତି। ୭ ଦିନ ମଧ୍ୟରେ ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ଅଞ୍ଚଳବାସୀ ଜାତୀୟ ରାଜପଥ ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି।



ନୂଆପୋଖରୀଠାରେ ଅନୁଷ୍ଠିତ 'ଜବାବ ମାଗୁଛି ଓଡ଼ିଶା' କାର୍ଯ୍ୟକ୍ରମରେ ଯୋଗଦେଇଥିବା ଭାଜପା କର୍ମୀମାନେ।

### ଭାଜପାର 'ଜବାବ ମାଗୁଛି ଓଡ଼ିଶା' କାର୍ଯ୍ୟକ୍ରମ

**କଣାସ,୨୧।୧(ସ୍ୱ.ପ୍ର):**

କଣାସ ବ୍ଲକ ଅନ୍ତର୍ଗତ ଖଣ୍ଡହତା ଗ୍ରାମପଞ୍ଚାୟତର ନୂଆପୋଖରୀ ଠାରେ ଭାଜପାର 'ଜବାବ ମାଗୁଛି ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସତ୍ୟବାଦୀ ନିର୍ବାଚନମଣ୍ଡଳୀର ଯୁବ ନେତା ଓମ୍ ପ୍ରକାଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରାଜ୍ୟ ମହିଳା ଉପସଭାନେତ୍ରୀ ପିଙ୍କି ପ୍ରଧାନ, ଜିଲା ସଭାପତି ପ୍ରବଞ୍ଜନ ମହାପାତ୍ର, ରାଜ୍ୟ ପୂଜ୍ୟପୂଜା ସଂସଦ ସଭାପତି କୃଷ୍ଣଚନ୍ଦ୍ର ଜଗଦେବ, ନାରୀକେଳ ବୋର୍ଡ ସଦସ୍ୟ ଡ. ବିଶ୍ୱନାଥ ରଥ, ପୂର୍ବତନ ବିଧାୟକ ରମାରଞ୍ଜନ ବଳିୟାରସିଂହ, ଜିଲା ଉପସଭାପତି ବିଶ୍ୱଜିତ ବଡଜେନା, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ଗୋବିନ୍ଦ ଚନ୍ଦ୍ର ସାହୁ ସମେତ ୬ଟି ମଣ୍ଡଳର ସଭାପତି ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଭିନ୍ନ ବିକାଶମୂଳକ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ।

### ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନେଇ ମକ୍‌ଡ୍ରିଲ

**କଣାସ,୨୧।୧(ଡି.ଏନ୍.ଏ):**

ପ୍ରାକୃତିକ ବିପର୍ଯ୍ୟୟ ଓ ଅଗ୍ନିକାଣ୍ଡର ମୁକାବିଲା ସହ ଧନଜୀବନ ଉଦ୍ଧାର କୌଶଳ ନେଇ ଡେଲାଙ୍ଗ ଅଗ୍ନିଶମ ସେବାକେନ୍ଦ୍ର ପକ୍ଷରୁ ସ୍ଥାନୀୟ ମହତାବ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ସୋମବାର ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଅଗ୍ନିଶମ ଅଧିକାରୀ ସନ୍ତୋଷ କୁମାର ଦାଶ, ଜୟରାମ ସାହୁ, ସୁମନ୍ତ ସାହୁ ଓ ଅଶୋକ ପ୍ରମୁଖ ଅଗ୍ନିଶମ କର୍ମଚାରୀମାନେ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ,ଶିକ୍ଷକ ଯୋଗଦେଇଥିଲେ।

■ ଦଶାହ ତୁଠରେ ନାତି ନିଖୋଜ ଘଟଣା

# ୪ ଦିନରେ ପୋଖରୀରୁ ମୃତଦେହ ଉଦ୍ଧାର

**ସାକ୍ଷୀଗୋପାଳ,୨୧।୧ (ସ୍ୱ.ପ୍ର./ଡି.ଏନ୍.ଏ.)**

ସତ୍ୟବାଦୀ ବଜାର ଉପକଣ୍ଠ କମାରସାହିରେ ସୋମବାର ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଜେଜେମା'ଙ୍କ ଦଶାହ ତୁଠରେ ଗାଧେଇବାବେଳେ ଶୁକ୍ରବାରରୁ ନିଖୋଜ ଥିବା ନାତି ଶୁବାଶିଷ ମହାନ୍ତି (୨୭)ଙ୍କ ମୃତଦେହ ସୋମବାର ସକାଳେ ପୋଖରୀରେ ଭାସୁଥିବା ଗ୍ରାମବାସୀ ଦେଖିଥିଲେ। ବିଟେକ୍ ପଢ଼ି ଏକ କର୍ମସଂସ୍ଥାନରେ ନିୟୋଜିତ ତଥା ସ୍ୱର୍ଗତ ଗଗନ ବିହାରୀ ମହାନ୍ତିଙ୍କ ଏକମାତ୍ର ପୁଅର ମୃତଶରୀର ମିଳିବା ପରେ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି। ଅପରପକ୍ଷେ ଏହି ପୋଖରୀର ତୁଠ ନ ଥିବାରୁ ଅଘଟଣ ଘଟିଲା ବୋଲି ସରପଞ୍ଚ ବିଶ୍ୱଜିତ ମହାପାତ୍ର କହିଛନ୍ତି। ପାଖରେ ଥିବା ଏକ ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରର ପିଲାମାନଙ୍କୁ ପୋଖରୀକୁ ନ ଛାଡିବାକୁ ସରପଞ୍ଚ ସତର୍କ କରାଇଛନ୍ତି। ଖବରପାଇ ସତ୍ୟବାଦୀ ଦମକଳ କର୍ମଚାରୀମାନେ ପୋଲିସ ଉପସ୍ଥିତିରେ ପାଣିରେ ଭାସୁଥିବା ଯୁବକଙ୍କ ମୃତଦେହ ଉଦ୍ଧାର କରିଥିଲେ। ଏ ନେଇ ସତ୍ୟବାଦୀ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛି।

ସୂଚନା ଥାଉକି, ଭୁବନେଶ୍ୱରରେ ରହୁଥିବା ଶୁବାଶିଷ ତାଙ୍କ ମା'ଙ୍କ ସହ ଜେଜେମା'ଙ୍କ ଅନ୍ତେଷ୍ଟିକ୍ରିୟାରେ ଯୋଗଦେବାକୁ କମାରସାହିକୁ ଆସିଥିଲେ। ତୁଠ କାର୍ଯ୍ୟ ସହ ପଦ୍ମପୋଖରୀରେ ଗାଧୋଇ ସମସ୍ତେ ଘରକୁ ଫେରିଥିଲେ ମଧ୍ୟ ଶୁବାଶିଷ ଫେରି ନ ଥିଲେ। ତାଙ୍କୁ ଖୋଜିବାକୁ ଯାଇ ପରିବାର ଲୋକେ ପୋଖରୀ ତୁଠରୁ ତାଙ୍କର ମୋବାଇଲ, ହାତଘଣ୍ଟା, ଗାଡିଚାବି ଓ ଚପଲ ପାଇବା ପରେ ପହଁରା ଜାଣି ନ ଥିବାରୁ ଶୁବାଶିଷ ପୋଖରୀରେ ବୁଡି ଯାଇଥିବା ସନ୍ଦେହ ହୋଇଥିଲା। ଦମକଳ କର୍ମଚାରୀ ଓ ଗ୍ରାମର ଯୁବକମାନେ ପୋଖରୀରେ ଖୋଜାଖୋଜି କରି ଯୁବକଙ୍କର ସନ୍ଧାନ ପାଇ ନ ଥିଲେ। ଏନେଇ ପୁଅ ନିଖୋଜ ରହିଥିବା ଏବଂ ଉପରୋକ୍ତ ଘଟଣା ସମ୍ପର୍କରେ ମୃତ ଯୁବକଙ୍କ ମା' ଗୀତାଞ୍ଜଳି ମହାନ୍ତି ସତ୍ୟବାଦୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ପୁଷ୍ୟାଭିଷେକ ହେଲେ ସାକ୍ଷୀଗୋପାଳ

**ସାକ୍ଷୀଗୋପାଳ,୨୧।୧ (ସ୍ୱ.ପ୍ର./ଡି.ଏନ୍.ଏ.)**

ପୌଷ ଶୁକ୍ଳପକ୍ଷ ପୂର୍ଣ୍ଣମୀ ତିଥିରେ ସାକ୍ଷୀଗୋପାଳଙ୍କ ପୁଷ୍ୟା ଭିଷେକ ନୀତି ସୋମବାର ଅନୁଷ୍ଠିତ ହୋଇଯାଇଛି। ଦୈନନ୍ଦିନ ଦେବ ନୀତି ସହ ସୁଗନ୍ଧିତ ଜଳ କଳସ ପାଣିପୂଜା କରାଯିବା ପରେ ରତ୍ନ ସିଂହାସନ ଉପରେ ସାକ୍ଷୀଗୋପାଳ ଓ ଶ୍ରୀରାଧାଙ୍କୁ ନଅ ଘର ପୁଷ୍ପାଳକ ପୂର୍ଣ୍ଣସ୍ନାନ କରାଯାଇଥିଲା। ନୂତନ ବସ୍ତ୍ରଲାଗି, ଅଳଙ୍କାର, ସୁବର୍ଣ୍ଣବଂଶୀ, ଫୁଲରେ ପ୍ରସ୍ତୁତ ଟୋପି, ଚାଦର, ଫୁଲହାର, ଛତି ଓ ତ୍ରାସ ଲାଗି କରାଯାଇଥିଲା। ଯାତ ଭୋଗ ଆଳତି ଉପଚାର ନୀତି ସରିବା ପରେ ଶ୍ରଦ୍ଧାଳୁମାନେ ମନ୍ଦିର ଗମ୍ଭୀରାକୁ ଯାଇ ଠାକୁରଙ୍କ ପୁଷ୍ୟାଭିଷେକ ବେଶ ଦର୍ଶନ କରିଥିଲେ। କୁସୁମ, ମାଣିକ ଚାନ୍ଦ, ରଜନୀଗନ୍ଧା, ସେବତୀ ଓ ଗୋଲାପ ଆଦି ଫୁଲରେ ମାଳି ସେବକମାନେ ଠାକୁରଙ୍କ ଫୁଲଘୋଡ, ଛତିତ୍ରାସ, ଫୁଲମାଳ ପ୍ରସ୍ତୁତ କରିଥିଲେ। ଠାକୁରଙ୍କ ସର୍ବାଙ୍ଗ ଶରୀର ଫୁଲରେ ଆଚ୍ଛାଦିତ କରାଯାଇଥିବାରୁ କେବଳ ଶ୍ରୀମୁଖ ଦର୍ଶନ କରିଥିଲେ। ଏହି ବେଶ ଦେଖିବା ପାଇଁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିବା ବେଳେ ସଭିଏଁ ଠାକୁରଙ୍କ ପାଇଁ ଫୁଲ ଆଣିଥିବା ଦେଖାଯାଇଥିଲା।

## ସାକ୍ଷୀଗୋପାଳଙ୍କ ମନ୍ଦିରରେ ନାମସଂକୀର୍ତ୍ତନ କରୁଛନ୍ତି ଇସ୍କନ ଭକ୍ତ

**ସାକ୍ଷୀଗୋପାଳ,୨୧।୧(ଡି.ଏନ୍.ଏ.)**

ହରିନାମ କୀର୍ତ୍ତନ ଓ ସତସଙ୍ଗରେ ଠାକୁରଙ୍କ ସତ୍ତା ଅନୁଭୂତ ହୋଇ ଶାନ୍ତି ସୌହାର୍ଦ୍ଦ୍ୟ ମିଳିଥାଏ। ବିଦେଶୀ ହୋଇ ବି ଈଶ୍ୱର ବିଶ୍ୱାସରେ ଉଦ୍‌ବୁଦ୍ଧ ଇସ୍କନ ଭକ୍ତ ମଣ୍ଡଳୀ ଭାରତୀୟ ହିନ୍ଦୁ ସଂସ୍କୃତି ଓ ପରାମ୍ପରାକୁ ଆପଣେଇଥିବା ଦେଖାଯାଇଛି। ପୌଷ ପୂର୍ଣ୍ଣମୀ ତିଥି ସାକ୍ଷୀଗୋପାଳଙ୍କ ପୁଷ୍ୟାଭିଷେକ ନୀତି ଅବସରରେ ସୋମବାର ସକାଳୁ ଶ୍ରୀକୃଷ୍ଣ ଚୈତନ୍ୟ ଦିକ୍ଷିତ ୧୨୦ଜଣ ମହିଳା ଓ ପୁରୁଷ ଭକ୍ତ ହାତରେ ଜପାମାଳ, ଧ୍ୱଜା, ଗିନି, କରତାଳ, ହାରମୋନିୟମ, ମୃଦଙ୍ଗ ବାଦ୍ୟର ତାଳେତାଳେ ହରିନାମ କୀର୍ତ୍ତନ କରିଥିଲେ। ମନ୍ଦିର ପ୍ରବେଶ ବାରଣ ଥିବାରୁ ଅରୁଣସ୍ତମ୍ଭ ଓ ସିଂହଦ୍ୱାରରେ ଠାକୁରଙ୍କୁ ସାଷ୍ଟାଙ୍ଗ ପଡ଼ି ବିଦେଶୀ ଭକ୍ତମାନେ ବେଢ଼ା ପରିକ୍ରମା କରିଥିଲେ। ରାଧାକୁଣ୍ଡ, ଶ୍ରାମକୁଣ୍ଡ, ଗୁପ୍ତ ବୃନ୍ଦାବନ ଧାମ ବକୁଳବନର ଶାନ୍ତ ସବୁଜିମା ପରିବେଷ୍ଟନିରେ ପରିଭ୍ରମଣ କରିବା ଅବସରରେ ଗୌର ଗୋବିନ୍ଦ ସ୍ୱାମୀଙ୍କର ଶିଷ୍ୟ ବିଦେଶୀ ଗୁରୁ ମାଧବାନନ୍ଦ ସ୍ୱାମୀ, ପ୍ରଭୁପାଦଙ୍କର ଶିଷ୍ୟ କ୍ରିଷ୍ଣକ୍ଷେତ୍ର ସ୍ୱାମୀ, ଧନୁର୍ଦ୍ଧର ସ୍ୱାମୀ ଓ ଅବସରପ୍ରାପ୍ତ ପ୍ରଫେସର ଡା. ଦେବ ଦାଶ ସାକ୍ଷୀଗୋପାଳଙ୍କ କାହାଣୀ ସମ୍ପର୍କରେ ଭକ୍ତମାନଙ୍କୁ ବୁଝାଇଥିଲେ। ଜଗନ୍ନାଥ ସଂସ୍କୃତି, ହରିନାମ ଓ ହରିକଥା ଆଲୋଚନା କରି ଏହାର ସୁଦୂର ପ୍ରସାର ନିମନ୍ତେ ଭାରତର ବୃନ୍ଦାବନ, ମହାରାଷ୍ଟ୍ର, ଦିଲ୍ଲୀ, ମୁମ୍ବାଇ ସହ ରୁଷିଆ, ଆମେରିକା, ହାଙ୍ଗ୍ରୀ ଓ ବିଭିନ୍ନ ୟୁରୋପୀୟ ମହାଦେଶରୁ ଭକ୍ତମାନେ ଏଥିରେ ସାମିଲ ହୋଇ ଶ୍ରୀକ୍ଷେତ୍ର ଓ ଆଖପାଖରେ ରହିଥିବା ମନ୍ଦିର ମଠ, ଐତିହାସିକ ପୀଠରେ ଶ୍ରୀକୃଷ୍ଣ ଚେତନା ଜାଗରଣ ପାଇଁ କାର୍ଯ୍ୟକ୍ରମ ନେଇଥିବା ଜଣେ ଭାରତୀୟ ଭକ୍ତ ରାହୁଲ ମିଶ୍ର କହିଛନ୍ତି। ଶ୍ରୀମଦ୍ ଭଗବତ ଗୀତା ଅନୁକରଣ କରି ସେମାନେ ନିୟମିତ ୫ଘଣ୍ଟା ହରିନାମ କୀର୍ତ୍ତନ, ୬ ଘଣ୍ଟା ହରିକଥା ଶ୍ରବଣ ଏବଂ ସନ୍ଧ୍ୟାରେ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ସେବନ କରୁଥିବା ଭକ୍ତ ମିଶ୍ର କହିଛନ୍ତି।



ଇସ୍କନ ଭକ୍ତମାନେ ସାକ୍ଷୀଗୋପାଳ ମନ୍ଦିରରେ ସଂକୀର୍ତ୍ତନ କରୁଛନ୍ତି।

## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

**ସାକ୍ଷୀଗୋପାଳ,୨୧।୧(ଡି.ଏନ୍.ଏ.)**

ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ଦୁଇଦିନିଆ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ସୋମବାର ବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଭବମ ପ୍ରଧାନଙ୍କ ଅଧ୍ୟକ୍ଷତାରେ ସତ୍ୟବାଦୀ ଅତିରିକ୍ତ ତହସିଲଦାର ପ୍ରସନ୍ନ କୁମାର ସାମନ୍ତରାୟ ଯୋଗଦେଇ ପତାକା ଉତ୍ତୋଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷକ ବିଜୟ କୁମାର ପରିଡା, ସତ୍ୟବାଦୀ ଦାଶ, ପ୍ରସନ୍ନ କୁମାର ରଥ ତଥା ଅନ୍ୟ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଯୋଗଦେଇଥିଲେ। ଦୌଡକୁଦ, ଜାଭିଲିନ ଥ୍ରୋ ଓ ଶଟପୁଟ ଖେଳ ପ୍ରତିଯୋଗିତାକୁ ବିଦ୍ୟାଳୟର କ୍ରୀଡା ଶିକ୍ଷକ ସୁଚିତ୍ର କୁମାର ଖଟେଇ ପରିଚାଳନା କରିଥିଲେ। ଏହି ଅବସରରେ ସତ୍ୟବାଦୀ ଦମକଳ କେନ୍ଦ୍ରର ଅଧିକାରୀ ମନୋଜ କୁମାର ପାତ୍ର ଓ ହାବିଲଦାର ରୋହି କୁମାର ନାୟକଙ୍କ ସହ ଅଗ୍ନିକମାନେ ପିଲାମାନଙ୍କୁ ଅଗ୍ନି ନିର୍ବାପକ ଓ ଉଚ୍ଚ ସ୍ଥାନରୁ ଉଦ୍ଧାର କାର୍ଯ୍ୟ ଡେମୋନେଷ୍ଟ୍ରେଶନ ଦେଖାଇବା ସହ ଶିକ୍ଷାଦାନ କରିଥିଲେ।

# ବିନା କର୍ମୀରେ ୨ବର୍ଷ ଧରି ଚାଲୁଛି ଅଙ୍ଗନୱାଡ଼ି

**ଗୋପ, ୨୧।୧(ଡି.ଏନ୍.ଏ.)**

ଗୋପ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଅଧୀନ ନାଗପୁର ଗ୍ରାମ ପଞ୍ଚାୟତର ୫ନଂ ଅଙ୍ଗନୱାଡ଼ି କେନ୍ଦ୍ରଟି ଦୀର୍ଘ ଦୁଇ ବର୍ଷ ଧରି ବିନା କର୍ମୀରେ ଚାଲୁଛି। କେନ୍ଦ୍ରରେ କର୍ମୀ ପଦବୀ ଖାଲି ପଡ଼ିବା ଯୋଗୁ ସହାୟିକା ଏହି କେନ୍ଦ୍ରରେ ପାଠ ପଢ଼ାଉଛନ୍ତି। ମାତ୍ର ୪ ଗୋଟି ପିଲାଙ୍କୁ ନେଇ ଏହି କେନ୍ଦ୍ର ଚାଲୁଥିବାବେଳେ କାଗଜପତ୍ରରେ ଏହା ୨୫ରୁ ଊର୍ଦ୍ଧ୍ୱ ଦର୍ଶାଯାଉଥିବା ଅଭିଯୋଗ ହୋଇଛି।

ପ୍ରକାଶ ଯେ, ସରକାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ନୂତନ ଅଙ୍ଗନୱାଡ଼ି ଗୃହ ନିର୍ମାଣ କରୁଥିବାବେଳେ ଏହି ୫ ନମ୍ବର ଅଙ୍ଗନୱାଡ଼ି କେନ୍ଦ୍ର ଗୃହ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଛି। ଉଦ୍‌ଘାଟନର ଦିନ କେଇଟା ପରେ ଚଟାଣରୁ ସିମେଣ୍ଟ ଉଠିଯାଇଥିବାବେଳେ କାନ୍ଥର ବିଭିନ୍ନ ସ୍ଥାନରେ ଫାଟ ଦେଖାଦେଇଛି। କୁନି କୁନି ଛାତ୍ରୀଛାତ୍ରମାନଙ୍କୁ ତୃଣମୂଳସ୍ତରରୁ ଶିକ୍ଷାଦିଆଯାଇ ଉଜ୍ଜ୍ୱଳ ଭବିଷ୍ୟତ ଲକ୍ଷ୍ୟ ନେଇ ଅଙ୍ଗନୱାଡ଼ି କେନ୍ଦ୍ର ଖୋଲାଯାଇଥିବାବେଳେ ବିଭାଗୀୟ କର୍ମଚାରୀଙ୍କ ଦୂରଦୃଷ୍ଟି ଅଭାବରୁ ଏହି କେନ୍ଦ୍ରରେ ଏପରି ଅବ୍ୟବସ୍ଥା ଲାଗି ରହିଛି। ଏ ନେଇ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇପାରୁନାହିଁ। ଏ ସମ୍ପର୍କରେ ଗୋପ ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ପ୍ରତିଭା ଶିଶୁ ଗୋସ୍ୱାମୀଙ୍କୁ ପଚାରିବାରେ ସେ କୁହନ୍ତି, ରାଜନୈତିକ ବିବାଦ ଲାଗି ରହିଥିବାରୁ ଏହି କେନ୍ଦ୍ରରେ ଅଙ୍ଗନୱାଡ଼ି କର୍ମୀ ନିଯୁକ୍ତି ହୋଇପାରୁନାହିଁ। ଚଟାଣ ଫାଟିବା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ପତ୍ର ଲେଖିବେ ବୋଲି କହିଥିଲେ।




ନାଗପୁର ଗ୍ରାମ ପଞ୍ଚାୟତର ୫ନଂ ଥିବା ଅଙ୍ଗନୱାଡ଼ି କେନ୍ଦ୍ର।

# ଜରାଜୀର୍ଣ୍ଣ ଅବସ୍ଥାରେ ସରକାରୀ ବାସଭବନ

## ବିଧାୟକଙ୍କ ନିର୍ଦ୍ଦେଶକୁ ଅଣଦେଖା

**ଗୋପ,୨୧।୧(ଡି.ଏନ୍.ଏ):**

ଗୋପ ବ୍ଲକ ପରିସରରେ ଥିବା ୧୦ରୁ ଊର୍ଦ୍ଧ୍ୱ ସରକାରୀ ବାସଭବନ ଜରାଜୀର୍ଣ୍ଣ ଅବସ୍ଥାରେ ଥିବାବେଳେ ଏହି ବାସଭବନରେ କର୍ମଚାରୀମାନେ ରହୁନାହାନ୍ତି। ଫଳରେ ସରକାରୀ କାର୍ଯ୍ୟ ଠିକ୍ ଭାବେ ହୋଇପାରୁ ନାହିଁ। ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ସମସ୍ତ କର୍ମଚାରୀଙ୍କୁ ବ୍ଲକ ହେଡକ୍ୱାର୍ଟରରେ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ନିର୍ଦ୍ଦେଶକୁ ଅଣଦେଖା କରାଯାଇଥିବା ଅଭିଯୋଗ ହେଉଛି। ପ୍ରକାଶ ଯେ, ଜନସାଧାରଣଙ୍କ ସୁବିଧାକୁ ଆଖି ଆଗରେ ରଖି ସରକାରୀ କର୍ମଚାରୀ ହେଡକ୍ୱାର୍ଟରରେ ରହି କାର୍ଯ୍ୟ କରିବା ପାଇଁ ଗୋପ ବ୍ଲକ ପରିସରରେ ବାସଭବନ ନିର୍ମାଣ କରାଯାଇଥିଲେ ମଧ୍ୟ କର୍ମଚାରୀମାନେ ପୁରୀ, ଭୁବନେଶ୍ୱରରେ ରହୁଛନ୍ତି। କର୍ମଚାରୀମାନେ ଦୂରରେ ରହୁଥିବାରୁ ବିଳମ୍ବରେ କାର୍ଯ୍ୟାଳୟକୁ ଆସୁଛନ୍ତି। ଫଳରେ ଜନସାଧାରଣ ଠିକ୍ ସମୟରେ ସରକାରୀ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାସହ ଉନ୍ନୟନମୂଳକ କାର୍ଯ୍ୟ ଠିକ୍ ସମୟରେ ହେବା ନେଇ ସମସ୍ୟା ଦେଖାଦେଇଛି। କର୍ମଚାରୀମାନେ ସରକାରୀ ବାସଭବନରେ ରହିବା ପାଇଁ ସରକାରୀସ୍ତରରେ ନିର୍ଦ୍ଦେଶ ଥିବାବେଳେ ଏହାକୁ ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ହେଉଥିବାବେଳେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ବିଡିଓଙ୍କ ସମେତ ସମସ୍ତ ସରକାରୀ ବାସଭବନ ଜରାଜୀର୍ଣ୍ଣ ଅବସ୍ଥାରେ ଥିବାବେଳେ ଏହି ଗୃହଗୁଡ଼ିକରେ ଲାଗିଥିବା ଝରକା କବାଟ ସହିତ ଅନ୍ୟାନ୍ୟ ଆସବାବପତ୍ରକୁ ଲୋକମାନେ ନେଇଯାଉଥିବା ଅଭିଯୋଗ ହେଉଛି। ଏଥିପ୍ରତି ପୁରୀ ଜିଲାପାଳ ଏବଂ ବିଧାୟକ ଦାଶ ଦୃଷ୍ଟିଦେବାକୁ ଦାବି ହୋଇଛି। ଏ ସମ୍ପର୍କରେ ଗୋପ ବ୍ଲକ ବିଡିଓ ଦୀପ୍ତିରାଣୀ ଦାସ କୁହନ୍ତି, ମୁଁ ନୂଆକରି ଆସିଛି। ଏ ସମ୍ପର୍କରେ ଦୃଷ୍ଟିଦେବା ସହ ବିଧାୟକ ଓ ସରକାରୀ ନିର୍ଦ୍ଦେଶକୁ କଡ଼ାକଡ଼ି ଭାବେ ପାଳନ କରାଯିବ ବୋଲି ସେ କହିଥିଲେ।



ଜରାଜୀର୍ଣ୍ଣ ହୋଇପଡିଥିବା ସରକାରୀ ବାସଭବନ।